# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୧୯ (୧୬ ପୃଷ୍ଠା) | Bhubaneswar, Tuesday, September 10/2019 | ★★★★★★

୪୫ଶ ଭାଗ ୨୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ନାଡାଲ ଚାମ୍ପିୟନ**

ସ୍ପାନିଶ ଟେନିସ୍ ଷ୍ଟାର ରାଫାଲ ନାଡାଲ ଚତୁର୍ଥ ଥର ୟୁଏସ୍ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

୧୪

୦୨

**କମେଡି ଫିଲ୍ମରେ ମୃଣାଳ ଠାକୁର**

ଉମେଶ ଶୁକ୍ଲା ନିର୍ଦ୍ଦେଶିତ 'ନେକ୍ସଟ ଏ କମେଡି'ରେ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ।



# ବଦଳି ପରେ ତଦନ୍ତ ଚେପା

**ତ୍ରିନାଥ ମହାନ୍ତି**
**ଭୁବନେଶ୍ୱର,୯।୯**

- ଆଇଆଇସି, ଏସିପିଙ୍କ ଦ୍ୱାରା ଗଡ଼ୁଛି ଏକାଧିକ ମାମଲା
- ନ୍ୟାୟ ପାଇପାରୁନାହାନ୍ତି ଲୋକେ

ଥାନାକୁ ଯାଉଥିବା ଅଭିଯୋଗକୁ କେଉଁ ଅଫିସର ବୁଝିବେ ତାହା ସ୍ଥିର କରିଥାନ୍ତି ଆଇଆଇସି। ଏପରିକି ଚୋରି ଓ ଦୁର୍ଘଟଣା ଭଳି ଛୋଟଛୋଟ ମାମଲା ଏଏସ୍ଆଇଙ୍କୁ ଦିଆଯାଉଥିବା ବେଳେ ବଳାତ୍କାର ଓ ଅନ୍ୟ ମାମଲାଗୁଡ଼ିକର ତଦନ୍ତ ଭାର ଏସ୍ଆଇ ନେଇଥାନ୍ତି। କିନ୍ତୁ ଅତି ସମ୍ବେଦନଶୀଳ ମାମଲା ଯଥା ହତ୍ୟା ଓ ବ୍ୟାଙ୍କ୍ ଡକାୟତି ଭଳି ବଡ଼ ବଡ଼ ମାମଲା ଆଇଆଇସି ନିଜେ ତଦନ୍ତ କରିଥାନ୍ତି। ଏପରିକି ଥାନାକୁ ଆସୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ଅଭିଯୋଗର ତଦନ୍ତ ଭାର ଏସିପି ନେବାକୁ ବାଧ୍ୟ। ପୂର୍ବତନ ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା ଏସ୍ପି ଓ ଡିସିପିଙ୍କୁ ଏକ ସର୍କୁଲାର ଜାରି କରିଥିଲେ, ଯେଉଁଥିରେ ଜଣେ ଆଇଆଇସି ମାସକୁ ୩ଟି ମାମଲା ନେବାକୁ ବାଧ୍ୟ। କିନ୍ତୁ ଏବେ କମିଶନରେଟ ପୋଲିସରେ ଦେଖିବାକୁ ମିଳିଛି ଯେ, ବହୁ ଜୋନ୍ ଏସିପି ଏବଂ ଆଇଆଇସିଙ୍କ ଦ୍ୱାରା ଏକାଧିକ ମାମଲା ପଡ଼ିରହିଛି। ଏପରି କି ସେମାନଙ୍କ ମଧ୍ୟରୁ କେତେଜଣ ରାଜଧାନୀରୁ ଅନ୍ୟତ୍ର ବଦଳି ହୋଇ ଚାଲିଗଲେଣି। ସେମାନଙ୍କ ମାମଲା ଏବେ ଆଇଆଇସି ଓ ଏସିପିଙ୍କ ନାମରେ ଗଡୁଛି, ଯେଉଁମାନେ କି ପ୍ରାୟତଃ ପୁରୁଣା ମାମଲାଗୁଡ଼ିକର ତଦନ୍ତ ପ୍ରତି ଆଗ୍ରହ ଦେଖାଉନାହାନ୍ତି।

ମାନବିକ ଅଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ, କେତେଦିନ ଭିତରେ ମାମଲା ତଦନ୍ତ କରି କୋର୍ଟକୁ ଚାର୍ଜସିଟ୍ ଦେବେ ସେମାନଙ୍କ ପାଇଁ କିଛି ଗାଇଡଲାଇନ୍ ନାହିଁ, ଯଦ୍ୱାରା ସେମାନେ ମାସ ମାସ ଧରି ମାମଲା ପକାଇ ରଖୁଛନ୍ତି। ଫଳରେ ସେମାନେ ବଦଳି ହେବାପରେ ମାମଲା ପଡ଼ିରହୁଛି। ଅଭିଯୋଗକାରୀ ନ୍ୟାୟ ପାଇପାରୁନାହାନ୍ତି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି ଯେ,ଏସିପି ଏବଂ ଆଇଆଇସି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲା ନେଉଛନ୍ତି। କିନ୍ତୁ ସେମାନେ ଅଭିଯୁକ୍ତ ଗିରଫ ନ କରି ଆଇନଶୃଙ୍ଖଳା ବ୍ୟସ୍ତତା ଦେଖାଇ ମାମଲାକୁ ଗଡ଼ାଇ ଚାଲୁଛନ୍ତି। ଅନେକ କ୍ଷେତ୍ରରେ ପୋଲିସ ଅଭିଯୁକ୍ତଙ୍କ ସହ ଭିତିରି ଡିଲ୍ କରି ମାମଲାକୁ ଚାପି ରଖୁଛି। ଫଳରେ ସେମାନଙ୍କର ଅନ୍ୟ ଜିଲାକୁ ବଦଳି ହେଲେ ମଧ୍ୟ ମାମଲା ଥାନା ଏସିପି ଓ ଆଇଆଇସି ନାମରେ ଗଡୁଛି।

ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଏସିପି ଓ ଆଇଆଇସିଙ୍କ ଉପରେ ଚାପ ଦେବାଟା ଠିକ୍ ନୁହେଁ। ଗ୍ରାମାଞ୍ଚଳ ପୋଲିସକୁ ମାସକୁ ନିର୍ଦ୍ଦିଷ୍ଟ ମାମଲାର ଚାପ ଦେଲେ ଚଳିବ। କିନ୍ତୁ କଟକ ଓ ଭୁବନେଶ୍ୱରରେ ଏଭଳି କରିହେବ ନାହିଁ। କାରଣ ଏଠାରେ ଆଇନ ଶୃଙ୍ଖଳା ଦାୟିତ୍ୱ ରହୁଥିବାରୁ ମାମଲା ଫଇସଲା କରିବା ସମସ୍ୟା ହେଉଛି। ପଡ଼ି ରହିଥିବା ମାମଲାର ସମାଧାନ କରିବାକୁ ଅଧିକାରୀମାନଙ୍କୁ କୁହାଯିବ।

**ରାଜଧାନୀରେ ପଡ଼ିରହିଥିବା ମାମଲା (୨୦୦୭ରୁ ୨୦୧୮ ମଧ୍ୟରେ)**

| ଥାନା/ଜୋନ୍ | ଆଇଆଇସି | | ଏସିପି | |
|---|---|---|---|---|
| | ମୋଟ ମାମଲା | ପଡ଼ି ରହିଛି | ମୋଟ ମାମଲା | ପଡ଼ି ରହିଛି |
| ଶହୀଦନଗର | ୧୨୦ | ୯୨ | ୮୪ | ୬୦ |
| ବଡ଼ଗଡ଼ | ୭୩ | ୪୦ | ୪୧ | ୨୦ |
| ଲକ୍ଷ୍ମୀସାଗର | ୧୦୫ | ୩୬ | ୨୮ | ୧୨ |
| ବାଲିପାଟଣା | ୧୨୫ | ୧୨ | ୧୩୪ | ୨୩ |
| ବାଲିଅନ୍ତା | ୭୮ | ୨୩ | ୮୮ | ୪୦ |
| କ୍ୟାପିଟାଲ | ୨୪୯ | ୨୧୦ | ୨୧ | ୭ |
| ଖାରବେଳନଗର | ୩୭୦ | ୩୨୫ | ୪୧ | ୩୫ |
| ମହିଳା | ୨୫୨ | ୬୯ | ୫୬ | ୧୩ |
| ଲିଙ୍ଗରାଜ | ୭୭ | ୨୬ | ୫୦ | ୯ |
| ଏୟାରଫିଲ୍ଡ | ୧୨୦ | ୬୩ | ୫୪ | ୫ |
| ଧଉଳି | ୭୮ | ୪୯ | ୩୩ | ୧୦ |
| ଜଟଣୀ | ୧୧୫ | ୬୬ | ୬୨ | ୧୯ |
| ତମାଣ୍ଡୋ | ୬୨ | ୪୨ | ୧୬ | ୭ |
| ଖଣ୍ଡଗିରି | ୧୧୭ | ୪୯ | ୫୮ | ୨୧ |
| ନୟାପଲ୍ଲୀ | ୧୬୮ | ୪୨ | ୫୫ | ୧୮ |
| ଚନ୍ଦ୍ରଶେଖରପୁର | ୧୨୬ | ୮୪ | ୪୯ | ୨୧ |
| ଇନ୍‌ଫୋସିଟି | ୮୨ | ୩୫ | ୧୬ | ୨ |
| ଚନ୍ଦକା | ୯୦ | ୧୮ | ୧୯ | ୩ |
| ନନ୍ଦନକାନନ | ୫୭ | ୫ | ୨୦ | ୪ |
| ମଞ୍ଚେଶ୍ୱର | ୯୩ | ୫୭ | ୫୯ | ୧୯ |

# ବିକ୍ରମ ଭାଙ୍ଗିନି, ଢଳିରହିଛି

**ବେଙ୍ଗାଲୁରୁ/ଚେନ୍ନାଇ,୯।୯**



- ଯୋଗାଯୋଗ ସ୍ଥାପନ ଲାଗି ଉଦ୍ୟମ ଜାରି
- ଅର୍ବିଟର କକ୍ଷ ହ୍ରାସ ବିପଜ୍ଜନକ ହୋଇପାରେ

ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ସୂକ୍ଷ୍ମ ଅବତରଣ କରିବାରେ ବିଫଳ ହୋଇଥିଲେ ହେଁ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଆଶା ହରାଇନାହିଁ। ଏହା ସହ ସଂଯୋଗ ସ୍ଥାପନ ପାଇଁ ବୈଜ୍ଞାନିକମାନେ ଅନବରତ ଉଦ୍ୟମ ଜାରି ରଖିଛନ୍ତି। ସୂକ୍ଷ୍ମ ଅବତରଣ କରି ନ ପାରିବାରୁ ବିକ୍ରମ ଚନ୍ଦ୍ରପୃଷ୍ଠରେ ଢଳି ରହିବା ସହ ରୋଭର ପ୍ରଜ୍ଞାନ ଏହା ଭିତରେ ରହିଯାଇଛି। ତେବେ ବିକ୍ରମ ଅକ୍ଷତ ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହା ସହ ସଂଯୋଗ ସ୍ଥାପନ ପାଇଁ ଅର୍ବିଟରର କକ୍ଷ ହ୍ରାସ ନିମନ୍ତେ କେତେଜଣ ବୈଜ୍ଞାନିକ ଚିନ୍ତା କରୁଥିବାବେଳେ ଏହା ବିପଜ୍ଜନକ ହୋଇପାରେ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଇସ୍ରୋର ପୂର୍ବତନ ଅଧିକାରୀ। ଇସ୍ରୋ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚନ୍ଦ୍ରପୃଷ୍ଠରୁ ଅର୍ବିଟରର ଦୂରତା ୧୦୦ କିଲୋମିଟର ରହିଥିବାବେଳେ ଏହାକୁ ୫୦ କି.ମି.କୁ କମାଇବା କଥା ଚିନ୍ତା କରାଯାଉଛି। ଏହା ହେଲେ ବିକ୍ରମରୁ ଆସୁଥିବା ଅପେକ୍ଷାକୃତ କ୍ଷିଣ ସିଗ୍‌ନାଲକୁ ହୁଏତ ଅର୍ବିଟର ଧରିବାରେ ସକ୍ଷମ ହୋଇପାରେ। ତେବେ ଏହା ଏକ ବିପଜ୍ଜନକ ପ୍ରୟାସ ବୋଲି ପୂର୍ବତନ ଅଧିକାରୀ କହିଛନ୍ତି। ଅର୍ବିଟର ତଳକୁ ଖସିଲେ ମଧ୍ୟ ଏହା ଲ୍ୟାଣ୍ଡରକୁ ପୁନଃକ୍ଷମ କରିପାରିବ ନାହିଁ। ତଳକୁ ଖସାଇବା ପାଇଁ ଅର୍ବିଟର ଭିତରେ ଥିବା ଇଞ୍ଜିନକୁ କାର୍ଯ୍ୟକ୍ଷମ କରିବାକୁ ପଡିବ। ତାହା ହେଲେ ସେଥିରେ ଥିବା ଇନ୍ଧନ ଶୀଘ୍ର ଶେଷ ହେବା ସହ ଅର୍ବିଟରର କାର୍ଯ୍ୟକାଳ ମଧ୍ୟ ହ୍ରାସ ପାଇବ ବୋଲି ସେ କହିଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରୁ ୨.୧ କିଲୋମିଟର ଉଚ୍ଚରେ ଥିବାବେଳେ ଇସ୍ରୋ ଗ୍ରାଉଣ୍ଡ ଷ୍ଟେଶନ ସହ ଏହାର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଅର୍ବିଟର ପଠାଇଥିବା ଫଟୋଚିତ୍ର ଅନୁଯାୟୀ ବିକ୍ରମ ଚନ୍ଦ୍ରପୃଷ୍ଠରେ ନିର୍ଦ୍ଧାରିତ ସ୍ଥାନଠାରୁ ସାମାନ୍ୟ ଦୂରରେ ହାର୍ଡ ଲ୍ୟାଣ୍ଡିଂ କରିଛି ଏବଂ ଅକ୍ଷତ ଅବସ୍ଥାରେ ରହିଛି। ତେବେ ଏହା ଢଳିରହିଥିବା ଇସ୍ରୋର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହା ସହ ସଂଯୋଗ ସ୍ଥାପନ ପାଇଁ ଇସ୍ରୋର ଏକ ଟିମ୍ କାମରେ ଲାଗିଛନ୍ତି।

ଲ୍ୟାଣ୍ଡର ବିକ୍ରମର କାର୍ଯ୍ୟକାଳ ୧୪ ଦିନ ହୋଇଥିବାବେଳେ ଏହା ମଧ୍ୟରେ ଯୋଗାଯୋଗ ସ୍ଥାପନ କରିବା ଲାଗି ଉଦ୍ୟମ ଜାରି ରହିଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ ଶନିବାର କହିଥିଲେ। ଯଦି ସବୁ ଠିକ୍‌ଠାକ୍ ନ ଥାଏ ☞ପୃଷ୍ଠା-୪

■ ନୂଆ ମୋଟରଯାନ ଆଇନ ଲାଗୁ ପ୍ରସଙ୍ଗ

# ୩ମାସ କୋହଳ ହେଲା ନିୟମ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

- ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମିଳିଲା ସମୟ
- ଲୋକଙ୍କୁ ହଇରାଣ ନ କରିବାକୁ ପୋଲିସ, ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ
- ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ



ରାଜ୍ୟରେ ଗତ ୧ତାରିଖରୁ ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ କରାଯିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଏହି ଅସନ୍ତୋଷକୁ ପ୍ରସମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ମୋଟର ଯାନ ଆଇନ ବ୍ୟବସ୍ଥାକୁ ୩ମାସ ପର୍ଯ୍ୟନ୍ତ କୋହଳ କରିବାକୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ଯାନବାହନଗୁଡ଼ିକର ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସଂଶୋଧିତ ମୋଟର ଯାନକୁ କଡ଼ାକଡ଼ି ଲାଗୁ ନ କରି ଲୋକମାନଙ୍କୁ ସଚେତନ କରିବାକୁ ମୁଖ୍ୟମନ୍ତ୍ରୀ ଏନଫୋର୍ସମେଣ୍ଟ ଏଜେନ୍ସି ପୋଲିସ ଓ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଗାଡ଼ି କାଗଜ ପ୍ରସ୍ତୁତ କରିବା ପାଇଁ ଅଧିକ କାଉଣ୍ଟର ଖୋଲିବା ସହ ବିଭିନ୍ନ ସର୍ବସାଧାରଣ ଅନୁଷ୍ଠାନଗୁଡିକରେ କ୍ୟାମ୍ପ ଖୋଲି ଲୋକମାନଙ୍କୁ ପର୍ଯ୍ୟାପ୍ତ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ଲୋକମାନଙ୍କୁ ସଚେତନ କରିବା ସକାଶେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରିବହନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଜୀବନକୁ ବିପଦରେ ପକାଇବା ଭଳି ଗାଡି ନ ଚଳାଇବା ସହିତ ଟ୍ରାଫିକ ନିୟମକୁ ପାଳନ କରିବାକୁ ଯାନବାହନ ଚାଳକଙ୍କୁ ନିବେଦନ କରିଛନ୍ତି।

ରାଜ୍ୟରେ ସେପ୍ଟେମ୍ବର ୧ ତାରିଖରୁ ସଂଶୋଧିତ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ☞ପୃଷ୍ଠା-୪


କଳିଙ୍ଗ ଷ୍ଟାଡିୟମରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି
.........୧୫.........








NECC NATIONAL EGG CO-ORDINATION COMMITTEE | 09.09.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 59 | 105 | 115 |
| CTC | 59 | 105 | 115 |
| DKL | 59 | 105 | 115 |
| BDK | 60 | 106 | 116 |
| BLS | 61 | 107 | 117 |
| ANG | 59 | 105 | 115 |
| BHM | 56 | 101 | 111 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers


**ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍**

# ଭାରତୀୟ ଦଳରେ ଓଡ଼ିଶାର ସ୍ନେହା, ଝିଲ୍ଲୀ



ସ୍ନେହା

**ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)**

ଥାଇଲାଣ୍ଡର ପଟ୍ଟାୟାଠାରେ ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୨୦୨୦ ଟୋକିଓ ଅଲିମ୍ପିକ୍ସର ଯୋଗ୍ୟତା ପର୍ଯ୍ୟାୟ ଇଭେଣ୍ଟଭାବେ ବିବେଚିତ ହେଉଥିବା ଏହି ପ୍ରତିଯୋଗିତା ପାଇଁ ସୋମବାର ଘୋଷିତ ଭାରତୀୟ ମହିଳା ଦଳରେ ଓଡ଼ିଶାର ଝିଲ୍ଲୀ ଦଳବେହେରା ଓ ସ୍ନେହା ସୋରେନ ସ୍ଥାନ ପାଇଛନ୍ତି। ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଝିଲ୍ଲୀ ୪୫ କେଜି ଓ ସ୍ନେହା ୫୫ କେଜି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମହିଳା ଦଳରେ ସ୍ଥାନ ପାଇଥିବା ଅନ୍ୟ ଭାରୋତ୍ତୋଳିକାମାନେ ହେଲେ ପୂର୍ବତନ ଚାମ୍ପିୟନ ମୀରାବାଈ ଚାନୁ(୪୯ କେଜି) ଓ ରାଖି ହାଲଦାର(୬୪ କେଜି)। ପୁରୁଷ ବିଭାଗରେ ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ଗୋଲ୍ଡ ମେଡାଲିଷ୍ଟ ଅଜୟ ସିଂ(୮୧ କେଜି), ଜାତୀୟ ☞ପୃଷ୍ଠା-୪



ଝିଲ୍ଲୀ

**ଆଜିର ସମ୍ପାଦକୀୟ**

**ବାତିଲ ଶୁଭଙ୍କର**

**ଆଜିର ମନ୍ତବ୍ୟ**

"ଜୀବନବ୍ୟାପୀ କ୍ୟାରିଅର କରିବାକୁ ମୁଁ କଂଗ୍ରେସରେ ଯୋଗଦେଇ ନ ଥିଲି।

-ଶଶୀ ଥରୁର୍, ବରିଷ୍ଠ କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ବର୍ଷ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଦେଶରୁ ଚାଉଳ ରପ୍ତାନି ୨୬.୫% ହ୍ରାସ ଘଟି ୩.୧୪ ନିୟୁତ ଟନ୍ ରହିଛି।

- କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ ରପ୍ତାନି ଉନ୍ନତୀକରଣ କର୍ତ୍ତୃପକ୍ଷ

■ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଜାରି

# ଅଗଷ୍ଟରେ ସର୍ବନିମ୍ନସ୍ତରରେ ଗାଡ଼ି ବିକ୍ରି

**ନୂଆଦିଲ୍ଲୀ,୯।୯**

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ମାଡ଼ କମ୍ପାନୀଗୁଡ଼ିକର ଆର୍ଥିକ ସ୍ଥିତିକୁ ତଳିତଳାନ୍ତ କଲାଣି। କ୍ରମାଗତ ଦଶମ ମାସ ହେଲା ଗାଡ଼ି ବିକ୍ରି ହ୍ରାସ ପାଇ ଚାଲିଛି। ଗାଡ଼ି ନିର୍ମାଣକାରୀ ସଂଗଠନ ସିଆମ ପକ୍ଷରୁ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ପାସେଞ୍ଜର ଗାଡ଼ି ବିକ୍ରି ଗତବର୍ଷର ଏହି ଅବଧି ତୁଳନାରେ ଅତ୍ୟନ୍ତ କମ୍ ରହିଛି। ପ୍ରାୟ ସମସ୍ତ କମ୍ପାନୀର ଗାଡ଼ି(ଦୁଇ, ତିନି ଓ ୪ ଚକିଆ) ବିକ୍ରି ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ସିଆମ ତଥ୍ୟ ଅନୁଯାୟୀ, ଅଗଷ୍ଟରେ ପାସେଞ୍ଜର ଗାଡ଼ି ବିକ୍ରି ଗତବର୍ଷ ଅପେକ୍ଷା ୩୧.୫୭ ପ୍ରତିଶତ ହ୍ରାସ ପାଇ ୧,୯୬,୫୨୪ ରହିଛି। ଗତବର୍ଷ ଏହି ସମୟରେ ୨,୮୭, ୧୯୮ ଗାଡ଼ି ବିକ୍ରି ହୋଇଥିଲା। ଗାଡ଼ି ବିକ୍ରିର ଏହା ଦୀର୍ଘ ୨୧ ବର୍ଷର ସର୍ବନିମ୍ନ ସ୍ତର। ୧୯୯୭-୯୮ପରେ ଗାଡ଼ି ବିକ୍ରି ଅଗଷ୍ଟ ମାସରେ ସର୍ବନିମ୍ନ ସ୍ତର ଛୁଇଁଛି। ☞ପୃଷ୍ଠା-୪

## ୧୮ ଦିନ କାମ ବନ୍ଦ କଲା ଅଶୋକ ଲେଲାଣ୍ଡ

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଯୋଗୁ ଚିନ୍ତିତ କମ୍ପାନୀଗୁଡ଼ିକ କାର୍ଯ୍ୟ ସମୟ ହ୍ରାସ କରିବା ଭଳି ଉପାୟ ଆପଣାଇବା ଆରମ୍ଭ କଲେଣି। ମାରୁତି ତା'ର ଗୁରୁଗ୍ରାମ ଓ ମାନେସର ସ୍ଥିତ ଦୁଇଟି ପ୍ଲାଣ୍ଟରେ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେବା ପରେ ଏବେ ହିନ୍ଦୁଜା ଗ୍ରୁପ୍ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ ଚଳିତ ମାସରେ ନିଜର ସମସ୍ତ କାରଖାନାରେ ୫ରୁ ୧୮ ଦିନ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବାକୁ ଯାଉଛି। ଚାହିଦା ହ୍ରାସ ପାଉଥିବାରୁ କାମ ବନ୍ଦ କରିବାକୁ କମ୍ପାନୀ ବାଧ୍ୟ ହୋଇଛି ବୋଲି ଏକ ବିବୃତି ଜାରି କରି କୁହାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କମ୍ପାନୀର ପନ୍ତନଗର କାରଖାନାରେ ସର୍ବାଧିକ ୧୮ ଦିନ କାମ ବନ୍ଦ ରହିବ। ଏହାଛଡ଼ା ଅଲ୍‌ବରରେ ୧୦ ଦିନ, ଭଣ୍ଡାରାରେ ୧୦ ଦିନ, ଏନ୍ନୋରରେ ୧୬ ଦିନ ଏବଂ ହୋସୁର୍ କାରଖାନାରେ ୫ ଦିନ କାର୍ଯ୍ୟବନ୍ଦ ରଖିବାକୁ କମ୍ପାନୀ ନିଷ୍ପତ୍ତି ନେଇଛି। ସୂଚନାଥାଉ କି, ଦେଶର ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଅତ୍ୟନ୍ତ ଗୁରୁତର ହୋଇଛି। ଦେଶର ସର୍ବବୃହତ ଗାଡ଼ି ନିର୍ମାତା ମାରୁତି ଇତିମଧ୍ୟରେ ପ୍ରାୟ ୩ ହଜାର ଅସ୍ଥାୟୀ କର୍ମଚାରୀଙ୍କୁ ଛଟେଇ କରିସାରିଲାଣି। ଅନ୍ୟମାନେ ମଧ୍ୟ ସମାନ ପଦକ୍ଷେପ ନେଉଛନ୍ତି। କାରଖାନାରେ କାମ ବନ୍ଦ କରିବା ପୂର୍ବରୁ ଅଶୋକ ଲେଲ୍ୟାଣ୍ଡ ଚାକିରି ଛାଡ଼ିବା ଲାଗି କର୍ମଚାରୀଙ୍କୁ ପ୍ରସ୍ତାବ ଦେଇଥିଲା। କମ୍ପାନୀ ପକ୍ଷରୁ ସେମାନଙ୍କୁ ସ୍ୱେଚ୍ଛାକୃତ ଅବସର ଯୋଜନା(ଭିଆର୍‌ଏସ୍) ଏବଂ କର୍ମଚାରୀ ପୃଥକ ହେବା ଯୋଜନା(ଇଏସ୍‌ଏସ୍) ଆପଣାଇବାକୁ ପ୍ରସ୍ତାବ ଦିଆଯାଇଛି। ସୂଚନାଥାଉ କି, ଅଶୋକ ଲେଲ୍ୟାଣ୍ଡ ମୁଖ୍ୟତଃ କମର୍ସିଆଲ ଗାଡ଼ି ନିର୍ମାଣ କରିଥାଏ। ଅଗଷ୍ଟରେ କମ୍ପାନୀ ୯୨୩୧ ଗାଡ଼ି ବିକ୍ରି କରିପାରିଥିଲା, ଯାହା କି ପୂର୍ବବର୍ଷ ତୁଳନାରେ ୪୭% କମ୍। ଗତବର୍ଷ ଏହି ସମୟରେ କମ୍ପାନୀ ୧୭,୩୮୬ ଗାଡ଼ି ବିକ୍ରି କରିଥିଲା। କମ୍ପାନୀ ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ, ମଧ୍ୟମ ଏବଂ ଭାରି ବାଣିଜ୍ୟିକ ଗାଡି ବିକ୍ରି ଚଳିତ ମାସରେ ହ୍ରାସ ପାଇ ୫୩୪୯ ରହିଛି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



“ମ୍ୟାଲେରିଆ ନିରାକରଣକୁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି।
- ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



■ ଭାରତୀୟ ସେନାର ଦୃଢ଼ କାର୍ଯ୍ୟାନୁଷ୍ଠାନ

# ପିଓକେରେ ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱଂସ

**ନୂଆଦିଲ୍ଲୀ, ୯।୯**

ଭାରତୀୟ ସେନା କାର୍ଯ୍ୟାନୁଷ୍ଠାନରେ ପିଓକେରେ ଥିବା ପାକ୍ ସେନାର ଏକ ଶିବିର ଓ ଆତଙ୍କବାଦୀଙ୍କ ଲଞ୍ଚ୍‌ପ୍ୟାଡ୍ ଧ୍ୱଂସ ହୋଇଛି। ଆତଙ୍କବାଦୀଙ୍କୁ ଭାରତରେ ଅନୁପ୍ରବେଶ ଲାଗି ପାକିସ୍ତାନ ସେନା ପକ୍ଷରୁ ସୁରକ୍ଷା ଓ ପ୍ରୋତ୍ସାହନ ଦିଆଯାଉଥିଲା। ପିଓକେର ଲୀପା ଉପତ୍ୟକାରେ ଥିବା ପାକିସ୍ତାନର ଗୁପ୍ତ ଆଡ୍ଡା ଉପରେ ସୋମବାର ଭାରତୀୟ ସେନା କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପାକିସ୍ତାନ ସେନା ଶିବିରକୁ ଲାଗିକରି ଏହି ଲଞ୍ଚପ୍ୟାଡ୍‌ଟି ଥିଲା। ପାକ୍ ସେନା ସହାୟତାରେ ଆତଙ୍କବାଦୀମାନେ ଏହିଠାରୁ ସୀମାନ୍ତ ଗ୍ରାମଗୁଡ଼ିକରେ ଆକ୍ରମଣ ଜାରି ରଖିଥିଲେ। ଗୁଳିଗୋଳା ବର୍ଷଣ ଓ ମୋର୍ଟାର ଆକ୍ରମଣ କରି ସେଠାରେ ଆତଙ୍କ ସୃଷ୍ଟି କରୁଥିଲେ।



ପିଓକେରେ ଜମାତ୍-ଇ-ଇସ୍‌ଲାମି ଓ ଅନ୍ୟ ଆତଙ୍କବାଦୀମାନେ କ୍ୟାମ୍ପକରି ଜେହାଦୀଙ୍କୁ ପ୍ରଶିକ୍ଷଣ ଦେଉଥିବା ଜଣାପଡ଼ିଛି। ଏଥିସହ ରାୱଲକୋଟର ତାର୍‌ନୁଟି ଓ ପୋଥିବାଲାରେ ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ପାକ୍ ସେନା ସହାୟତାରେ ଜୈଶ୍-ଇ-ତୋଇବା, ହିଜ୍‌ବୁଲ ମୁଜାହିଦ୍ଦିନ, ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନ ଏଠାରେ ସକ୍ରିୟ ରହିଛନ୍ତି। ନିୟନ୍ତ୍ରଣରେଖା ପାର୍‌ହୋଇ ଏମାନେ ଭାରତରେ ପଶିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗୋଇନ୍ଦା ରିପୋର୍ଟ ମୁତାବକ ପାକ୍ ସେନା ଓ ଆଇଏସ୍‌ଆଇ ପିଓକେରେ ଆତଙ୍କବାଦୀ ଶିବିର ସଂଖ୍ୟା ବୃଦ୍ଧି କରିବା ସହ ଏହାର କାର୍ଯ୍ୟକଳାପ ବଢ଼ାଇବାରେ ଲାଗିଛନ୍ତି। ପିଓକେରେ ପ୍ରାୟ ୧୮ ଆତଙ୍କବାଦୀ ଶିବିର ଓ ଲଞ୍ଚ୍‌ପ୍ୟାଡ୍ କାର୍ଯ୍ୟକ୍ଷମ ରହିଛି। ନିୟନ୍ତ୍ରଣରେଖା ଡେଇଁ ଏମାନେ ଭାରତ ଭିତରକୁ ପ୍ରବେଶ କରିବା ଅପେକ୍ଷାରେ ରହିଛନ୍ତି। ଜମ୍ମୁ-କଶ୍ମୀରରେ ମୁତୟନ ହୋଇଥିବା ଭାରତୀୟ ସେନା ଶିବିର ଓ ବିଭିନ୍ନ ଧର୍ମପୀଠକୁ ଟାର୍ଗେଟ କରିବା ଲାଗି ପାକ୍‌ସେନା ପକ୍ଷରୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ୩୭୦ ଧାରା ଉଚ୍ଛେଦ ହେବା ପରେ ପାକିସ୍ତାନର ଅଭିଯୋଗକୁ ଅନ୍ତର୍ଜାତୀୟ ସମୁଦାୟ କୋଣଠେସା କରିବା ପରେ କଶ୍ମୀରରେ ରକ୍ତ ନଦୀ ବୁହାଇବା ଲାଗି ଆତଙ୍କବାଦୀମାନେ ପ୍ରୟାସ କରୁଥିବା ଜଣାପଡ଼ିଛି। ଭାରତର ଜବାବୀ କାର୍ଯ୍ୟାନୁଷ୍ଠାନ ପାକିସ୍ତାନର ଅସଲ ମୁଖା ଖୋଲିଦେଇଛି।

## ବ୍ୟାଟ୍’ର ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଥିଲା ଭାରତୀୟ ସେନା

**ଜମ୍ମୁ, ୯।୯**

ଭିଡିଓ ଜାରିହେଲା



୩୭୦ ଧାରା ଉଚ୍ଛେଦ ପରେ ହତୋତ୍ସାହିତ ହୋଇପଡ଼ିଥିବା ପାକିସ୍ତାନର ଗୋଟିଏ ପରେ ଗୋଟିଏ ହୀନ ଚକ୍ରାନ୍ତ ପଦାକୁ ଆସୁଛି। ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ପାକିସ୍ତାନର ବ୍ୟାଟ୍ (ବର୍ଡର ଆକ୍ସନ୍ ଟିମ୍) ସ୍କ୍ୱାଡ୍ ଜମ୍ମୁ-କଶ୍ମୀରର କୁପ୍‌ୱାଡ଼ା ଜିଲାର କେରନ୍ ସେକ୍ଟରରେ ଅନୁପ୍ରବେଶ ଲାଗି ପ୍ରୟାସ କରିଥିବାବେଳେ ଭାରତୀୟ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏନେଇ ସୋମବାର ଭିଡିଓ ଜାରି କରାଯାଇଛି। ଭିଡିଓରେ ପାକ୍ ସେନା ଓ ଆତଙ୍କବାଦୀଙ୍କ ମୃତଦେହ ଓ ବ୍ୟାପକ ଅସ୍ତ୍ରଶସ୍ତ୍ର ଦେଖିବାକୁ ମିଳିଛି। ପିଓକେରେ ୧୨ରୁ ଅଧିକ ଆତଙ୍କବାଦୀ ଶିବିର ପାକ୍ ପ୍ରୋତ୍ସାହନରେ ଚାଲିଥିବା ଖବର ମିଳିବା ପରେ ସେନା ସଜାଗ୍ ହୋଇପଡ଼ିଥିଲା। କଶ୍ମୀରକୁ ନେଇ ପାକ୍ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ଓ ଭାରତ ବିରୋଧୀ ହୀନ ଚକ୍ରାନ୍ତକୁ ଆଖିଆଗରେ ରଖି ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣ ପୂର୍ବରୁ ସତର୍କତା ଅବଲମ୍ବନ କରାଯାଇଥିଲା। ବ୍ୟାଟ ଅନୁପ୍ରବେଶ ଉଦ୍ୟମ ବେଳେ ଭାରତୀୟ ସେନା ଏହାର ଦୃଢ଼ ଜବାବ୍ ଦେଇଥିଲା ବୋଲି କୁହାଯାଇଛି।

## ସେନା ଶିବିରରେ ଆକ୍ରମଣ ଲାଗି ଲଶ୍କରର ଯୋଜନା

**ନୂଆଦିଲ୍ଲୀ, ୯।୯**

ଜମ୍ମୁ-କଶ୍ମୀରର ସେନା କ୍ୟାମ୍ପ ଉପରେ ଆକ୍ରମଣ ଲାଗି ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା ଯୋଜନା କରୁଛି। ସାମ୍ବା ଜିଲାର ବାରି ବ୍ରାହ୍ମଣ କ୍ୟାମ୍ପ, ଜମ୍ମୁର ସୁଞ୍ଜୱାନ୍ ଓ କାଲୁଚକ୍ ସେନା ଶିବିର ଉପରେ ଆକ୍ରମଣ କରାଯିବାର ଆଶଙ୍କା ରହିଛି। ୪ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଭାରତ ଭିତରକୁ ପଶି ଆସିଥିବାବେଳେ ସେନାରେ ଏଥିଲାଗି ପ୍ରସ୍ତୁତି ଚଳାଇଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। ସେହିଭଳି ସୋପିଆନ୍ ଅଞ୍ଚଳ ଦେଇ ଅଧିକ ଆତଙ୍କବାଦୀ ଭାରତ ଭିତରକୁ ପଶିବାର ଆଶଙ୍କା ରହିଥିବା ମଧ୍ୟ ଦର୍ଶାଯାଇଛି। ନିୟନ୍ତ୍ରଣରେଖା ନିକଟରେ ଶତାଧିକ ଆତଙ୍କବାଦୀ ଅନୁପ୍ରବେଶ ଅପେକ୍ଷାରେ ରହିଥିବାବେଳେ ଭାରତ ଲାଗି ଏହା ଚିନ୍ତାର କାରଣ ପାଲଟିଛି। ଏଥିସହ ଆଇଏସ୍‌ଆଇ ପକ୍ଷରୁ ଆତଙ୍କବାଦୀଙ୍କୁ ବିଭିନ୍ନ ଧର୍ମପୀଠ ଉପରେ ଆକ୍ରମଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। କଶ୍ମୀରରେ ହିଂସାକାଣ୍ଡ ଭିଆଇବା ଓ ସେଠାକାର ଲୋକଙ୍କ ମନରେ ଧର୍ମକୁ ନେଇ ବିଷ ମଞ୍ଜି ବୁଣିବା ପାକିସ୍ତାନର ଉଦ୍ଦେଶ୍ୟ। ୩୭୦ ଧାରା ଉଚ୍ଛେଦ ପରେ ସ୍ଥିତି ସମ୍ଭାଳିବା ଲାଗି ଜମ୍ମୁ-କଶ୍ମୀରକୁ ଅଧିକ ଫୋର୍ସ ପଠାଯାଇଥିବାବେଳେ ଆତଙ୍କବାଦୀମାନେ ଆଇଏସ୍‌ଆଇର ପ୍ରରୋଚନାରେ ସେନା ଶିବିର ଓ ବିଭିନ୍ନ ଧାର୍ମିକ ସ୍ଥଳକୁ ଟାର୍ଗେଟ କରିପାରନ୍ତି। ଏଥିପାଇଁ ବିଭିନ୍ନ ସ୍ଥାନରେ ସୁରକ୍ଷା ବୃଦ୍ଧି ସହ ସତର୍କ ରହିବା ଲାଗି ପରାମର୍ଶ ଦିଆଯାଇଛି।

## ଆଝାରଙ୍କୁ ମୁକ୍ତ କଲା ପାକ୍

**ନୂଆଦିଲ୍ଲୀ,୯।୯**

କଶ୍ମୀରରେ ଅସ୍ଥିରତା ସୃଷ୍ଟି ଦାୟିତ୍ୱ

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଇସ୍‌ଲାମାବାଦ ଗୋପନରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କୁ ହାଜତରୁ ମୁକ୍ତ କରିଦେଇଛି। କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟ ଚଳାଇ ଅସ୍ଥିରତା



ସୃଷ୍ଟି କରିବାକୁ ତାଙ୍କୁ ମୁକ୍ତ କରାଯାଇଥିବା ଜଣାପଡିଛି। ଜେଇଏମ୍‌ର ଅଣ୍ଡରୱାଟର ଶାଖା ଭାରତରେ ଆକ୍ରମଣ କରିବା ପାଇଁ ତାଲିମ ନେଉଥିବା ସମ୍ପର୍କରେ ଗୋଇନ୍ଦା ବିଭାଗ ନୌସେନାକୁ ସତର୍କ କରାଇଥିଲା। ସମୁଦ୍ର ପଥରେ ଯେପରି ଆତଙ୍କବାଦୀ ଭାରତରେ ପ୍ରବେଶ କରି ନ ପାରନ୍ତି ସେଥିପାଇଁ ନୌସେନା ମୁଖ୍ୟ ଆଡମିରାଲ କରମବୀର ସିଂ ତଟସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୯ ମେ ମାସରେ ଆଝାରଙ୍କୁ ଆତଙ୍କବାଦୀ ଘୋଷଣା କରିଥିଲା ଜାତିସଂଘ। ଭାରତରେ ବିଭିନ୍ନ ଆତଙ୍କବାଦୀ ଆକ୍ରମଣ ସହ ସେ ଜଡିତ।

## ଦକ୍ଷିଣ ଭାରତରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା

**ନୂଆଦିଲ୍ଲୀ, ୯।୯**

ଗୋଇନ୍ଦା ସୂଚନା ପରେ ସେନା ସତର୍କ

ଦକ୍ଷିଣ ଭାରତରେ ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସେନା ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। କେତେକ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଦକ୍ଷିଣ ଭାରତରେ ପଶି ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ସେନାକୁ ସୂଚନା ଦିଆଯାଇଥିଲା। ଗୁଜରାଟ ଉପକୂଳର ସାର୍ କ୍ରିକ୍ ଅଞ୍ଚଳରୁ କେତେକ ପରିତ୍ୟକ୍ତ ବୋଟ୍ ମିଳିବା ପରେ ଏଭଳି ସନ୍ଦେହ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଦକ୍ଷିଣ ଭାରତର ଉପକୂଳ ଅଞ୍ଚଳ ସୁରକ୍ଷା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଲାଗି ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବିପଦକୁ ଆଖି ଆଗରେ ରଖି ପଦକ୍ଷେପ ଗ୍ରହଣ କରାଯାଇଥିବା ସଦର୍ନ କମାଣ୍ଡର ଜେନେରାଲ ଅଫିସର୍ କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍.କେ. ସାଇନା ପ୍ରକାଶ କରିଛନ୍ତି। ଦକ୍ଷିଣ ଭାରତ ସହ ଭାରତ-ପାକ୍ ସୀମାରେ ସେନା ସଜାଗ୍ ରହିଥିବା ସେ ପ୍ରକାଶ କରିଛନ୍ତି।

## କମଲନାଥଙ୍କ ଅଡୁଆ ବଢ଼ିଲା

**ନୂଆଦିଲ୍ଲୀ,୯।୯(ଆଇଏଏନ୍‌ଏସ୍)**

୧୯୮୪ ଦଙ୍ଗା ମାମଲାର ପୁନଃତଦନ୍ତ ହେବ



୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲା ଫାଇଲ ପୁଣି ଥରେ ଖୋଲିବା ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଞ୍ଜୁରୀ ଦେବା ପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ଅଡୁଆ ବଢ଼ିଯାଇଛି। କମଲନାଥଙ୍କ ବିରୋଧରେ ମାମଲା ଚାଲିବ ବୋଲି ଦିଲ୍ଲୀର ଶିରୋମଣି ଅକାଳୀ ଦଳ ବିଧାୟକ ମନିନ୍ଦର ସିଂ ସିର୍ସା ସୂଚନା ଦେଇଛନ୍ତି। କମଲନାଥଙ୍କ ବିରୋଧରେ ମାମଲାର ଫାଇଲ ପୁଣିଥରେ ଖୋଲୁଥିବାରୁ ଅକାଳୀ ଦଳର ଏହା ବଡ଼ ବିଜୟ ବୋଲି ସେ କହିଛନ୍ତି।

ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟି ଅଧ୍ୟକ୍ଷ ଥିବା ସିର୍ସା କହିଛନ୍ତି, କମଲନାଥଙ୍କ ବିରୋଧରେ ଥିବା ଅଭିଯୋଗର ତଦନ୍ତ ଏସ୍‌ଆଇଟି କରିବ। କମଲନାଥ ଶିଖ୍‌ମାନଙ୍କୁ ହତ୍ୟା କରିଥିବା ଘଟଣାରେ ଯେଉଁମାନେ ପ୍ରତ୍ୟକ୍ଷଦର୍ଶୀ ସେମାନେ ନିର୍ଭୟରେ ଆସି ସାକ୍ଷ୍ୟ ଦେବା ପାଇଁ ସିର୍ସା ଟୁଇଟ୍ କରି ଅନୁରୋଧ କରିଛନ୍ତି। କମଲନାଥ ଖୁବ୍‌ଶୀଘ୍ର ଗିରଫ ହେବେ ଓ ସଜ୍ଜନ କୁମାର ଦଶା ଭୋଗିବେ ବୋଲି ଅକାଳୀ ନେତା କହିଛନ୍ତି।

ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ବରିଷ୍ଠ କଂଗ୍ରେସ ନେତା ସଜ୍ଜନ କୁମାର ଆଜୀବନ ଜେଲ୍‌ଦଣ୍ଡ ଭୋଗୁଛନ୍ତି। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ୍ ଅଙ୍ଗରକ୍ଷୀ ହତ୍ୟା କରିବା ପରେ ଦିଲ୍ଲୀ ସମେତ ବିଭିନ୍ନ ସ୍ଥାନରେ ଶିଖ୍ ବିରୋଧୀ ଦଙ୍ଗା ସୃଷ୍ଟି ହୋଇଥିଲା। ଶିଖ୍‌ମାନଙ୍କୁ ନ୍ୟାୟ ଦେବାକୁ ହେଲେ କମଲନାଥଙ୍କୁ ଇସ୍ତଫା ଦେବା ପାଇଁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କୁହନ୍ତୁ ବୋଲି ଅକାଳୀ ନେତା ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱକୁ ନେଇ ଦଳ ଅଧ୍ୟକ୍ଷା ଉଭୟ କମଲନାଥ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଦିଲ୍ଲୀ ଡାକିଛନ୍ତି। ମଙ୍ଗଳବାର ଓ ବୁଧବାର ସେମାନଙ୍କ ସହ ସୋନିଆ ପୃଥକ୍ ଭାବେ ଆଲୋଚନା କରିବେ।

### ଭାଜପାକୁ ଫେରିଲେ କଲ୍ୟାଣ ସିଂ

**ଲକ୍ଷ୍ନୌ, ୯।୯ (ପି.ଟି.)**

ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂ ସୋମବାର ପୁଣି ଭାଜପାରେ ଯୋଗ ଦେଇଛନ୍ତି। ରାଜସ୍ଥାନର ରାଜ୍ୟପାଳ ଭାବେ କାର୍ଯ୍ୟକାଳ



ଶେଷ ହେବା ପରେ ସେ ୟୁପି ଭାଜପା ମୁଖ୍ୟ ସ୍ୱତନ୍ତ୍ର ଦେବ ସିଂଙ୍କ ଉପସ୍ଥିତିରେ ଦଳର ପ୍ରାଥମିକ ସଦସ୍ୟ ପଦ ଗ୍ରହଣ କରିଛନ୍ତି। ତାଙ୍କ ପୁଅ ରାଜବୀର ସିଂ ଏବେ ଏମ୍‌ପି ଓ ନାତି ସନ୍ଦୀପ ସିଂ ଉତ୍ତରପ୍ରଦେଶରେ ମନ୍ତ୍ରୀ ଅଛନ୍ତି। ସାମ୍ବିଧାନିକ ପଦ ଛାଡ଼ିବା ପରେ ଏବେ ବାବ୍ରୀ ମସ୍‌ଜିଦ୍ ମାମଲାରେ ସେ ଛନ୍ଦି ହେବାର ଆଶଙ୍କା ପ୍ରକାଶ ପାଇଛି। ସେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ ୧୯୯୨ରେ ବାବ୍ରୀ ମସ୍‌ଜିଦ୍ ଭଙ୍ଗାଯାଇଥିଲା।

## ଦିନକ ପାଇଁ ପୋଲିସ କମିଶନର ହେଲେ ୫ ଶିଶୁ




**ବେଙ୍ଗାଲୁରୁ,୯।୯**

ବିଭିନ୍ନ ଦୁରାରୋଗ୍ୟରେ ପୀଡ଼ିତ ୫ ଜଣ ଶିଶୁଙ୍କୁ ସୋମବାର ବେଙ୍ଗାଲୁରୁ ପୋଲିସ ଦିନକ ପାଇଁ ପୋଲିସ କମିଶନର ପଦବୀରେ ଅବସ୍ଥାପିତ କରି ସେମାନଙ୍କ ଅଭିଳାଷ ପୂରଣ କରିଛି। ଏଥିସହିତ ପୋଲିସର ଏକ ଭିନ୍ନ ଛବି ସାମନାକୁ ଆସିଛି। ପିଲାମାନଙ୍କୁ ପୋଲିସ କମିଶନର ପୋଷାକ ଦିଆଯିବା ସହ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। କମିଶନର ସେମାନଙ୍କୁ ବେଙ୍ଗାଲୁରୁ ସହରର ପୋଲିସର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦୁରାରୋଗ୍ୟ ବ୍ୟାଧିରୁ ସେମାନଙ୍କୁ ମାନସିକ ସ୍ତରରେ ମୁକ୍ତ କରିବା ଲାଗି ଏହା ଏକ ପ୍ରୟାସ ଥିଲା। ଏଥିପାଇଁ ମେକ୍ ଏ ୱିଶ୍ ଫାଉଣ୍ଡେଶନର ଅନୁରୋଧକୁ ବେଙ୍ଗାଲୁରୁ ପୋଲିସ କମିଶନର ଭାସ୍କର ରାଓ ତୁରନ୍ତ ଗ୍ରହଣ କରିନେଇଥିଲେ।

୪ ପୁଅ ଓ ଜଣେ ଝିଅ ପୋଲିସ ପୋଷାକରେ କମିଶନରଙ୍କ ଅଫିସରେ ପହଞ୍ଚିବା ପରେ ସେମାନଙ୍କୁ ଗାର୍ଡ ଅଫ ଅନର ପ୍ରଦାନ ସହ ଅଫିସରେ ବୁଲାଯାଇଥିଲା ଓ କମିଶନରଙ୍କ ଚୌକିରେ ବସିବା ସୁଯୋଗ ଦିଆଯାଇଥିଲା। ସେମାନେ କେତେକ ନକଲି କାଗଜପତ୍ରରେ ସ୍ୱାକ୍ଷର ମଧ୍ୟ କରିଥିଲେ। ପିଲାମାନଙ୍କୁ ଡଗ୍ ସ୍କ୍ୱାଡ ସହ ପରିଚିତ କରାଯାଇଥିଲା, ଯାହାକୁ ସେମାନେ ଉପଭୋଗ କରିଥିଲେ। ଫଟୋ ସେସନ ପାଇଁ ସେମାନଙ୍କୁ ନକଲି ପିସ୍ତଲ ଓ ହ୍ୟାଣ୍ଡକପ୍ ଦିଆଯାଇଥିଲା। ମେକ୍ ଏ ୱିଶ୍ ଫାଉଣ୍ଡେଶନ୍‌ର ଏହା ଏକ ବଡ଼ ପ୍ରୟାସ ବୋଲି କମିଶନର ରାଓ କହିଛନ୍ତି।

## କଶ୍ମୀରୀଙ୍କ ମାନବାଧିକାର ସୁରକ୍ଷାକୁ ଗୁରୁତ୍ୱ ଦିଅ

**ଜେନିଭା,୯।୯(ପି.ଟି.)**-୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରର ସ୍ଥିତି ଓ ପାକ୍‌ପଟୁ ଦେଖାଦେଇଥିବା ବିପଦକୁ ନେଇ ଜାତିସଂଘ ମାନବାଧିକାର ସୁରକ୍ଷା କମିଶନ (ୟୁଏନ୍‌ଏଚ୍‌ଆର୍‌ସି) ଚିନ୍ତାବ୍ୟକ୍ତ କରିଛନ୍ତି। ଭାରତ ଓ ପାକିସ୍ତାନ କଶ୍ମୀରୀଙ୍କ ମାନବାଧିକାର ସୁରକ୍ଷାକୁ ଗୁରୁତ୍ୱ ଦେବା ଲାଗି ସୋମବାର ୟୁଏନ୍‌ଏଚ୍‌ଆର୍‌ସି ମୁଖ୍ୟ ମିଚେଲେ ବାଚେଲେଟ୍ କହିଛନ୍ତି। କଶ୍ମୀରରେ ଲାଗିଥିବା କଟକଣା ସହ ସ୍ଥାନୀୟ ରାଜନେତାଙ୍କୁ ଅଟକ ରଖାଯାଇଛି। ସୀମାର ଉଭୟ ପଟେ ଉତ୍ତେଜନା ଲାଗି ରହିଛି। ଭାରତ ସରକାର ତୁରନ୍ତ କର୍ଫ୍ୟୁ ହଟାଇ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା

ଭାରତ ଓ ପାକିସ୍ତାନକୁ ୟୁଏନ୍‌ଏଚ୍‌ଆର୍‌ସିର ପରାମର୍ଶ

ଲାଗି ପ୍ରୟାସ କରନ୍ତୁ ବୋଲି ବାଚେଲେଟ୍ କହିଛନ୍ତି। ପାକିସ୍ତାନ ଅଯଥା ଦ୍ୱନ୍ଦ୍ୱରୁ ଦୂରେଇ ରହି ବିବେକହୀନ ମନ୍ତବ୍ୟ ଦେବା ବନ୍ଦକରୁ ବୋଲି ସେ ପ୍ରକାଶ କରିଛନ୍ତି।



ମିଚେଲେ ବାଚେଲେଟ୍

## ‘ପିଓକେ’ରେ ପାକ୍ ବିରୋଧୀ ବିକ୍ଷୋଭ

**ନୂଆଦିଲ୍ଲୀ, ୯।୯ (ପି.ଟି.)**



■ ପୋଲିସ ଉପରକୁ ଢେଲାମାଡ଼
■ ପାକ୍‌ସେନା ଅତ୍ୟାଚାରକୁ ବିରୋଧ
■ ବିଶ୍ୱ ସମୁଦାୟର ହସ୍ତକ୍ଷେପ ଦାବି

ପାକିସ୍ତାନୀ ସେନାର ଅତ୍ୟାଚାର ଯୋଗୁ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ବିଦ୍ରୋହର ନିଆଁ ଜଳିଛି। ସେଠାରେ ରହୁଥିବା ଲୋକେ ଖୋଲାଖୋଲି ଭାବେ ପାକିସ୍ତାନକୁ ବିରୋଧ କରିବା ସହ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଶହ ଶହ ବିକ୍ଷୋଭକାରୀ ପୋଲିସ ଉପରକୁ ଢେଲାମାଡ଼ କରିବା ସହ କେତେକ ଗାଡ଼ିରେ ନିଆଁ ଲଗାଇ ଦେଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ପୋଲିସ ଲାଠିଚାଳନା କରିବାରୁ ପରିସ୍ଥିତି ବିସ୍ଫୋରକ ରୂପ ନେଇଥିଲା। ପାକ୍ ଅଧିକୃତ କଶ୍ମୀରରେ ପାକିସ୍ତାନୀ ସେନା ମାନବାଧିକାର ଉଲ୍ଲଂଘନ କରିବା ସହ ଅତ୍ୟାଚାର ଜାରି ରଖିଛି ବୋଲି ବିକ୍ଷୋଭକାରୀ ଅଭିଯୋଗ କରିଛନ୍ତି। ଏହା ତୁରନ୍ତ ବନ୍ଦ କରାଯିବା ଦରକାର ବୋଲି ପିଓକେବାସୀ ଦାବି କରିଛନ୍ତି। ବିଶ୍ୱ ସମୁଦାୟ ଏହା ଉପରେ ହସ୍ତକ୍ଷେପ ନ କଲେ ପରିସ୍ଥିତି ଉଗ୍ରରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି।

ସୋସିଆଲ ମିଡିଆରେ ଏ ସମ୍ପର୍କିତ ଭିଡିଓ ଭାଇରାଲ ହେବାରେ ଲାଗିଛି। କଶ୍ମୀରରେ ଭାରତ ମାନବାଧିକାର ଉଲ୍ଲଂଘନ କରୁଛି ବୋଲି ପାକିସ୍ତାନ ଅଭିଯୋଗ କରିଆସୁଥିବାବେଳେ ପିଓକେ ସ୍ଥିତି ସବୁ ସତ ଲୋକଲୋଚନକୁ ଆଣିଛି। ପିଓକେର ବିକାଶ ପରିବର୍ତ୍ତେ ବିନାଶ ରଚିଛି। ବେଲୁଚିସ୍ତାନ ଭଳି ପିଓକେରେ ପାକ୍ ବିରୋଧୀ ଆନ୍ଦୋଳନ ବଢ଼ିବାରେ ଲାଗିଛି। ୩୭୦ ଧାରା ଉଚ୍ଛେଦ ପରେ ପିଓକେ ଦଖଲ ଲାଗି ଭାରତ ଚେତାବନୀ ଦେଇଥିବାବେଳେ ସେଠାରେ ପାକ୍ ସେନା ବିରୋଧୀ ପ୍ରଦର୍ଶନ ଭାରତକୁ ଖୋରାକ୍ ଯୋଗାଇଛି। ଜାତିସଂଘ ସାଧାରଣ ଅଧିବେଶନରେ ଭାରତ ଓ ପାକିସ୍ତାନର ପ୍ରଧାନମନ୍ତ୍ରୀ କଶ୍ମୀର ନେଇ ନିଜ ମତ ରଖିବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ ମଞ୍ଚରେ କଶ୍ମୀରକୁ ନେଇ ପାକିସ୍ତାନ ପ୍ରସଙ୍ଗ କରିବାକୁ ଉଦ୍ୟମ କରୁଥିବାବେଳେ ପିଓକେବାସୀଙ୍କ ଉଗ୍ର ପ୍ରଦର୍ଶନ ଚିନ୍ତା ବଢ଼ାଇଦେଇଛି।

### ଜାତିସଂଘରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ

**ଜାତିସଂଘ,୯।୯(ପି.ଟି.)**

ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ବାର୍ଷିକ ଉଚ୍ଚସ୍ତରୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୨୭ରେ ଉଦ୍‌ବୋଧନ ଦେବେ। ଏଥିସହ ପାଖାପାଖି ସପ୍ତାହେ ବ୍ୟାପୀ ନ୍ୟୁୟର୍କ ରହଣି କାଳରେ ସେ ଅନେକ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ପ୍ରସଙ୍ଗରେ ବିଭିନ୍ନ ନେତାଙ୍କ ସହ ଆଲୋଚନା କରିବେ। ୨୦୧୪ରେ ମୋଦି ପ୍ରଥମେ ଜାତିସଂଘ ସାଧାରଣ ପରିଷଦରେ ବିଶ୍ୱ ନେତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ୨୭ ତାରିଖରେ ମୋଦିଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ୟୁଏନ୍‌ଜିଏରେ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମୋଦି ଓ ଇମ୍ରାନ୍‌ଙ୍କ ମଧ୍ୟରେ ସାକ୍ଷାତ ହୋଇପାରେ ବୋଲି କୁହାଯାଉଛି।

### ନେକ୍ସଟ ଏ କମେଡିରେ ମୃଣାଳ

**ମୁମ୍ବାଇ:** ଉମେଶ ଶୁକ୍ଲା ନିର୍ଦ୍ଦେଶିତ ‘ନେକ୍ସଟ ଏ କମେଡି’ରେ ଅଭିନେତ୍ରୀ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିବ। ମରାଠି ଓ ହିନ୍ଦୀ ଫିଲ୍ମରେ ନିଜର କମାଲ୍ ଦେଖାଇ ସାରିଥିବା ମୃଣାଳ କମେଡି ଫିଲ୍ମ ନେଇ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଏଥିରେ ତାଙ୍କ ସହ ରହିଛନ୍ତି ବରିଷ୍ଠ ସିନେ କଳାକାର ପରେଶ ରାୱଲ, ଅଭିମନ୍ୟୁ ଦଶାନି, ଆର୍ଶୀଦ ୱାର୍‌ସି ପ୍ରମୁଖ। ଫ୍ୟାମିଲି ଏଣ୍ଟରଟେନ୍‌ମେଣ୍ଟରେ ଭରି ରହିଛି ଏହି ଫିଲ୍ମ। ସୀମା ପହୱା, ଦିବ୍ୟା ଭଟ୍ଟ ପ୍ରମୁଖ ମଧ୍ୟ ଏଥିରେ ଅଛନ୍ତି। ଘରୋଇ ଦର୍ଶକଙ୍କ ଲାଗି ନିର୍ମାଣ କରାଯାଇଥିବା ଏହି ଫିଲ୍ମରେ ଅନେକ ମେସେଜ୍ ରହିଥିବା ଶୁକ୍ଲା କହିଛନ୍ତି।

‘ଓ ମାଇଁ ଗଡ୍’ ଓ ‘୧୦୨ ନଟ୍ ଆଉଟ୍’ ଭଳି ଫିଲ୍ମ ଦେଇଥିବା ଶୁକ୍ଲା ଫିଲ୍ମଟିର ସଫଳତା ନେଇ ବେଶ୍ ଆଶାବାଦୀ ଥିବା କହିଛନ୍ତି। ପ୍ରଥମେ ନ୍ୟୁଜିଲାଣ୍ଡ ଓ ପରେ ପଞ୍ଜାବରେ ସୁଟିଂ ଶେଷହେବ।



ମୃଣାଳ ଠାକୁର

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



ଝାଡ଼ଖଣ୍ଡର ଧାନ୍‌ବାଦ୍ ଜିଲାରେ ଜଣେ ଚତୁର୍ଥ ଶ୍ରେଣୀରେ ପାଠପଢୁଥିବା ଛାତ୍ରୀଙ୍କୁ ୨ ଜଣ ଶିକ୍ଷକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କାତ୍ରାସ୍ ପୋଷିସଷ୍ଟେଶନରେ ଏତଲା ଦାୟର କରାଯାଇଛି। ଏନେଇ ଧାନ୍‌ବାଦ୍ ଏସ୍‌ଏସ୍‌ପି କିଶୋର କୌଶଳ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ପୀଡ଼ିତାଙ୍କ ଡ଼ାକ୍ତରୀ ମାଇନା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।






# ମଠ ମାନଚିତ୍ରରୁ ହଜିଗଲା ବଡ଼ ଆଖଡ଼ା

**ପୁରୀ ଅଫିସ,୯।୯**



ବଡ଼ ଆଖଡ଼ା ମଠ ଭଙ୍ଗାଯିବା ପରେ ଦୂରରୁ ସ୍ପଷ୍ଟ ଭାବେ ଶ୍ରୀମନ୍ଦିର ଦେଖାଯାଉଛି।

- ରହିଲା ଠାକୁରଙ୍କ ବିଜେସ୍ଥଳୀ, ମହନ୍ତଙ୍କ ବାସସ୍ଥାନ
- ଭଙ୍ଗାଗଲା ୮୫ ବଖରାରୁ ଊର୍ଦ୍ଧ୍ୱ ଘର
- ୭୫ ମିଟର ମଧ୍ୟରେ ଥିବା ମଠ ମହନ୍ତ ଚିନ୍ତିତ
- ଆଜି ହୋଇପାରେ ସାନଛତା ମଠ ଉଚ୍ଛେଦ

ଶ୍ରୀକ୍ଷେତ୍ରର ମଠ ମାନଚିତ୍ରରୁ ହଜିଗଲା ବଡ଼ ଆଖଡା ମଠ। ଶ୍ରୀମନ୍ଦିରର ସୁରକ୍ଷା ଓ ପୁରୀର ବିକାଶ ପାଇଁ ଚାଲିଥିବା ଉଚ୍ଛେଦ ଅଭିଯାନରେ ଲଙ୍ଗୁଳି ଓ ଏମାର ମଠ ପରେ ଧରାଶାୟୀ ହୋଇଛି ବଡ଼ ଆଖଡା ମଠ। ଠାକୁରଙ୍କ ବିଜେସ୍ଥଳୀ ଓ ମହନ୍ତଙ୍କ ଆସ୍ଥାନକୁ ବାଦ୍ ଦିଆଯାଇ ପ୍ରାୟ ୮୫ ବଖରା ଘରକୁ ମାଟିରେ ମିଶାଇ ଦିଆଯାଇଛି। ମଠ ଭଙ୍ଗା କାର୍ଯ୍ୟ ଚାଲିଥିବାରୁ ମହନ୍ତ ହରିନାରାୟଣ ଦାସ ସାମୟିକ ଭାବେ ନୀଳାଚଳ ଭକ୍ତ ନିବାସରେ ରହୁଥିବାବେଳେ ମଠର ବିଦ୍ୟାର୍ଥୀ ଏବଂ ଅନ୍ତେବାସୀଙ୍କ ରହଣି ଲାଗି ଜିଲା ପ୍ରଶାସନ ବ୍ୟବସ୍ଥା କରିଛି। ମଙ୍ଗଳବାର ସାନଛତା ମଠ ଭଙ୍ଗାଯାଇପାରେ। ତେବେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହି ମଠରୁ ଜିନିଷପତ୍ର ଖାଲି କରାଯାଇଛି। ଅନ୍ୟପକ୍ଷରେ ପ୍ରଶାସନର ଏଭଳି ଆଭିମୁଖ୍ୟ ଦେଖି ୭୫ ମିଟର ମଧ୍ୟରେ ରହୁଥିବା ଅନ୍ୟ ମଠର ମହନ୍ତମାନେ ଚିନ୍ତିତ ହୋଇପଡ଼ିଛନ୍ତି। କାହାର ପାଳି କେବେ ପଡୁଛି ତାହାକୁ ନେଇ ସେମାନେ ଦିନ ଗଣୁଛନ୍ତି।

ବଡ଼ ଆଖଡ଼ା ମଠ ଉଚ୍ଛେଦ କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୭୫ ବଖରାରୁ ଊର୍ଦ୍ଧ୍ୱ ଭଙ୍ଗାଯାଇଥିଲା। ତେବେ ସନ୍ଧ୍ୟା ହୋଇଯିବାରୁ ଉଚ୍ଛେଦ ବନ୍ଦ ରହିଥିଲା। ସୋମବାର ସକାଳୁ ପୁଣି ଅଭିଯାନ ଆରମ୍ଭ ହୋଇଥିଲା। ଦ୍ୱିତୀୟ ଦିନରେ ପ୍ରାୟ ୧୨ ବଖରାରୁ ଊର୍ଦ୍ଧ୍ୱ ଘର ସହିତ ଅଧାଭଙ୍ଗା ଅବସ୍ଥାରେ ଥିବା ପିଲର ଏବଂ ଅନ୍ୟାନ୍ୟ ନିର୍ମାଣକୁ ଭାଙ୍ଗିଦିଆଯାଇଛି। ଏହାପରେ ସେହି ସ୍ଥାନରୁ ଅଳିଆ ସଫା କରାଯାଉଛି।

ବଡ଼ ଆଖଡା ମଠରେ ୨ଟି ମନ୍ଦିରକୁ ସୁରକ୍ଷିତ ରଖାଯାଇଛି। ଗୋଟିକରେ ଶ୍ରୀହନୁମାନ ଏବଂ ଅନ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ପୂଜା ପାଉଛନ୍ତି। ଗାଦିଘରେ ମଠର ପ୍ରତିଷ୍ଠାତା ଶ୍ରୀରାମାନନ୍ଦାଚାର୍ଯ୍ୟଙ୍କ ଏକ ପିତ୍ତଳ ବିଗ୍ରହ ଉପାସିତ ହେଉଛନ୍ତି। ତେଣୁ ଏହି ବିଜେସ୍ଥଳୀ ସହିତ ମହନ୍ତ ରହୁଥିବା ଆବାସସ୍ଥଳୀକୁ ପ୍ରଶାସନ ଭାଙ୍ଗି ନାହିଁ। କିନ୍ତୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବାରୁ ମହନ୍ତ ଏବେ ନୀଳାଚଳ ଭକ୍ତ ନିବାସରେ ରହୁଛନ୍ତି। ବିଦ୍ୟାର୍ଥୀ ଓ ମଠ ଅନ୍ତେବାସୀଙ୍କ ପାଇଁ ବାଗେଡ଼ିଆ ଧର୍ମଶାଳାରେ ରହିବାର ବ୍ୟବସ୍ଥା କରିଛି ପ୍ରଶାସନ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ କହିଛନ୍ତି, ରବିବାର ବଡ଼ଆଖଡା ମଠ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାକି ରହିଯାଇଥିବା କେତେକ ନିର୍ମାଣକୁ ସୋମବାର ଭଙ୍ଗାଯାଇଛି। ମଠ ବିଜେସ୍ଥଳୀ, ଗାଦିଘରକୁ ସୁରକ୍ଷିତ ରଖାଯାଇଥିବା ବେଳେ ବ୍ୟବସାୟିକ କୋଠାଗୁଡ଼ିକୁ ଉଚ୍ଛେଦ କରାଯାଇଛି। ମଠ ଭିତରେ ସୁନ୍ଦର ମନ୍ଦିର ଥିଲେ ମଧ୍ୟ ପୂର୍ବରୁ ଭକ୍ତମାନେ ଏହାକୁ ଦେଖିପାରୁ ନ ଥିଲେ। କିନ୍ତୁ ଏବେ ଉଚ୍ଛେଦ ପରେ ଶ୍ରଦ୍ଧାଳୁମାନେ ମଠ ଠାକୁରଙ୍କୁ ମଧ୍ୟ ଦର୍ଶନ କରିପାରିବେ। ୭୫ ମିଟର ବାହାରେ ମଠର ଯେଉଁ ନିର୍ମାଣ ଉଚ୍ଛେଦ କରାଯାଇଛି ତାହା ତିଆରି କରାଯିବ।

ଅପରପକ୍ଷେ ୭୫ ମିଟର ମଧ୍ୟରେ ଥିବା ଅନ୍ୟ ମଠର ମହନ୍ତମାନେ ଚିନ୍ତାରେ ଅଛନ୍ତି। ପ୍ରଶାସନ ପକ୍ଷରୁ ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ମାପଚୁପ କରାଯାଇଥିବାରୁ ମହନ୍ତ ସଂଶୟ ଭିତରେ ରହିଛନ୍ତି। ଏହି ମଠର କିଛି ଅଂଶ ସୁରକ୍ଷିତ ଜୋନରେ ରହିଛି।

# ଭାରତ-ୟୁଏଇ ମିଶି ଅନେକ ମାଇଲଖୁଣ୍ଟ ପୂରଣ କରିଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୯।୯ (ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁଏଇ ରାଷ୍ଟ୍ରପତି ଏଚ୍ଇ ଶିଖ୍ ଖଲିଫା ବିନ୍ ଜାୟଦ୍ ଅଲ୍ ନାହ୍ୟାନଙ୍କ ନେତୃତ୍ୱରେ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଭାରତ ଏବଂ ୟୁଏଇ ମିଶି ଅନେକ ଐତିହାସିକ ମାଇଲଖୁଣ୍ଟକୁ ପୂରଣ କରିଛନ୍ତି। ଉଭୟେ ଏହି ବନ୍ଧୁତ୍ୱକୁ ଆଗକୁ ନେବାସହ ପରସ୍ପର ସହଯୋଗୀ ହୋଇ ଉକ୍ତ କାର୍ଯ୍ୟକୁ ପ୍ରାଥମିକତା ଦେଇ କାମ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପାଞ୍ଚଦିନିଆ ବିଦେଶ ଗସ୍ତରେ ଥିବା ଧର୍ମେନ୍ଦ୍ର ସୋମବାର ୟୁଏଇ ପ୍ରମୁଖ ତୈଳ ଓ ଗ୍ୟାସ୍ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ସହ ସେଠାକାର ଇସ୍ପାତ ଶିଳ୍ପର ଅଧିକାରୀମାନଙ୍କ ସହ ବୈଠକ କରିବାପରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ୟୁଏଇ ପ୍ରମୁଖ ତୈଳ ଓ ଗ୍ୟାସ ଏବଂ ପେଟ୍ରୋଲିୟମ କମ୍ପାନୀର ମୁଖ୍ୟଙ୍କୁ ସାକ୍ଷାତ କରିବା ଅବସରରେ ଉଭୟଙ୍କ ମଧ୍ୟରେ ଉର୍ଜା କ୍ଷେତ୍ରରେ ଭାରତ ଏବଂ ୟୁଏଇ ମଧ୍ୟରେ ଦ୍ୱିପାକ୍ଷିକ ବ୍ୟବସାୟିକ ସହଯୋଗ ଏବଂ ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାବ୍ୟତୀତ ଦୁଇ ଦେଶ ମଧ୍ୟରେ ତୈଳ ଓ ଗ୍ୟାସ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ସହ ୟୁଏଇରେ ଭାରତ ନିଜର ଉପସ୍ଥିତିକୁ ଅଧିକ ଦୃଢ କରିବା ପାଇଁ ଆଲୋଚନା ହୋଇଛି। ଏହି ଅବସରରେ ଦୁବାଇଠାରେ ୟୁଏଇ ଇସ୍ପାତ ଶିଳ୍ପର ପ୍ରତିନିଧି ଏବଂ ଧର୍ମେନ୍ଦ୍ରଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଇସ୍ପାତ କ୍ଷେତ୍ରରେ ଭାରତ ଓ ୟୁଏଇ ମଧ୍ୟରେ ବ୍ୟବସାୟିକ କ୍ଷମତାକୁ ସଫଳ କରିବା ଦିଗରେ ଚର୍ଚ୍ଚା ହୋଇଛି। ଭାରତରେ ଇସ୍ପାତ କ୍ଷେତ୍ରରେ ପୁଞ୍ଜି ନିବେଶ କରିବା ପାଇଁ ୟୁଏଇ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛନ୍ତି।

## ସଂକ୍ଷେପରେ

### ଝରଣା ଘାଟିରେ ପାହାଡ଼ ଧସିଲା

**୫ଘଣ୍ଟା ଗାଡ଼ିମୋଟର ଚଳାଚଳ ବନ୍ଦ**



**ପାରଳାଖେମୁଣ୍ଡି, ୯।୯ (ସ୍ୱ.ପ୍ର.):** ଗଜପତି ଜିଲାର ନୂଆଗଡ ବ୍ଲକ କେରଡାଙ୍ଗଠାରୁ ନୂଆଗଡ ମଧ୍ୟରେ ଥିବା ଝରଣା ଘାଟି ରାସ୍ତାରେ ପାହାଡ଼ ଧସେଇବା ଯୋଗୁ ସୋମବାର ୫ଘଣ୍ଟା ଧରି ନୂଆଗଡରୁ କେରଡାଙ୍ଗ ଗାଡିମୋଟର ଚଳାଚଳ ବନ୍ଦ ରହିଥିଲା। ଗତ କିଛି ଦିନ ଧରି ଲଗାଣ ବର୍ଷା ଯୋଗୁ ମାଟି ପଥର ରାସ୍ତା ଉପରକୁ ଖସି ଆସୁଥିବାର ଦେଖିବାକୁ ମିଳୁଛି। ତେବେ ସୋମବାର ସକାଳୁ ସକାଳୁ ଝରଣା ଘାଟି ରାସ୍ତାରେ ମାଟି ପଥର ଧସିଥିଲା। ମାଟି ଏବଂ ବଡବଡ ପଥର ସବୁ ରାସ୍ତା ଉପରକୁ ଚାଲି ଆସିଥିଲା। ଫଳରେ ଏହି ରାସ୍ତ ଦେଇ କେରଡାଙ୍ଗ, ମାଣିକପୁର, ଭାଲିଆ ସାହି, ରଙ୍ଗମୁଣ୍ଡା, କମଳାପୁର, ପାଳପୁର ଗ୍ରାମକୁ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଉପରୋକ୍ତ ଗ୍ରାମର ଲୋକେ ନୂଆଗଡକୁ ଆସିବାକୁ ହେଲେ ଏହା ହେଉଛି ଏକମାତ୍ର ରାସ୍ତା। ଘାଟିରେ ପାହାଡ଼ ଧସିଥିବା ଖବର ପାଇ ଅଞ୍ଚଳବାସୀ ମିଳିତ ଭାବେ ଗାଡ଼ି ମୋଟର ଯିବାଭଳି ରାସ୍ତା ସଫେଇ କରିଥିଲେ। ଦୀର୍ଘ ୫ ଘଣ୍ଟା ପରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

### ବଢୁଛି ବାଲିମେଳା ଡ୍ୟାମ୍ ଜଳସ୍ତର

**ଚିତ୍ରକୋଣ୍ଡା,୯।୯(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମରେ ଜଳସ୍ତର ବଢ଼ିବାରେ ଲାଗିଛି। କିଛିଦିନ ହେଲା ମାଛକୁଣ୍ଡ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରୁ ୫ଟି ଗେଟ୍ ଖୋଲାଯାଇ ପାଣି ଛଡାଯାଇଥିଲା। ଏହି ଜଳ ଏବେ ବାଲିମେଳା ଡ୍ୟାମରେ ପଶୁଥିବାରୁ ଡ୍ୟାମର ଜଳସ୍ତର ବଢିବାରେ ଲାଗିଛି। ଗତ ୭ତାରିଖ ଅପରାହ୍ନ ସୁଦ୍ଧା ବାଲିମେଳା ଡ୍ୟାମର ଜଳସ୍ତର ୧୪୯୯.୦୯ ଫୁଟ ଥିବାବେଳେ, ୮ ତାରିଖ ଅପରାହ୍ନ ସୁଦ୍ଧା ୧୫୦୦.୦୪ ଫୁଟ ହୋଇଥିଲା। ୯ ତାରିଖ ସୋମବାର ସକାଳେ ଜଳସ୍ତର ୧୫୦୧.୦୭ ଥିବା ବେଳେ ମଧ୍ୟାହ୍ନରେ ବୃଦ୍ଧି ପାଇ ୧୫୦୨.୧୦ ହୋଇଥିଲା। ଏବେ ଜଳଭଣ୍ଡାରର ଜଳପତ୍ତନ ୧୫୦୨.୪୦ ରହିଛି। ସୂଚନାଯୋଗ୍ୟ ଯେ, ବାଲିମେଳା ଡ୍ୟାମର ଜଳଧାରଣ କ୍ଷମତା ୧୫୧୪ ଫୁଟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ସୁଇସ ଗେଟକୁ ଛାଡିଦେଲେ ଅନ୍ୟ କୌଣସି ଗେଟ୍ ବାଲିମେଳା ଡ୍ୟାମ ପ୍ରକଳ୍ପ ପକ୍ଷରୁ ଖୋଲାଯାଇନାହିଁ।

# ଫୁଲୁଛି ନଦୀଜଳ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

- ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ବଢୁଛି
- ୧୨ରୁ ବଢ଼ିବ ବର୍ଷା
- ସ୍ୱାଭାବିକଠାରୁ ଅଧିକ ବର୍ଷିଲାଣି ମୌସୁମୀ

ରାଜ୍ୟର ପ୍ରମୁଖ ନଦୀରେ ବନ୍ୟାଜଳ ଫୁଲିବାରେ ଲାଗିଛି। କେତେକ ନଦୀରେ ବନ୍ୟାଜଳ ବିପଦସଙ୍କେତ ନିକଟରେ ପ୍ରବାହିତ ହେଉଥିବା ବେଳେ ଆଉ କେତେକ ସ୍ଥାନରେ ବନ୍ୟାପାଣି ବଢ଼ି ଚାଲିଛି। ଦିନେ ଦୁଇଦିନରେ ବର୍ଷା ପରିମାଣ ବୃଦ୍ଧି ହେଲେ ବନ୍ୟା ସ୍ଥିତି ଗମ୍ଭୀର ହେବା ସମ୍ଭାବନା ରହିଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟାରେ ୧୩ଟି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୧୨ ତାରିଖରୁ ବର୍ଷା ପରିମାଣ ବୃଦ୍ଧି ପାଇବ। ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର ଏବଂ ପଶ୍ଚିମ ଓଡ଼ିଶାରେ ବର୍ଷା ପରିମାଣ ବୃଦ୍ଧି ପାଇବ। ୧୩ ଏବଂ ୧୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ନଦୀରେ ବନ୍ୟାଜଳ ପୁଣି ଫୁଲିବ ବୋଲି ଅନୁମାନ କରାଯାଉଛି।

ଜଳ ସମ୍ପଦ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ମହାନଦୀ, କୁଶଭଦ୍ରା, ଦେବୀ, ବ୍ରାହ୍ମଣୀ ଏବଂ ସୁବର୍ଣ୍ଣରେଖା ନଦୀର ବନ୍ୟା ଜଳ ବୃଦ୍ଧି ପାଉଥିବା ବେଳେ ବଂଶଧରା, ଋଷିକୁଲ୍ୟା ଓ ବୁଢାବଳଙ୍ଗ ନଦୀର ବନ୍ୟା ଜଳ ସ୍ଥିର ରହିଛି। ମହାନଦୀର ଟିକରପଡା ଓ ନରାଜଠାରେ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ କୁଶଭଦ୍ରାର ନିମାପଡା, ଦେବୀ ନଦୀର ଆଳିପିଙ୍ଗଳ, ବ୍ରାହ୍ମଣୀର ଇନ୍ଦୁପୁର, ସୁବର୍ଣ୍ଣରେଖାର ଜାମଶୋଳାଘାଟ ଓ ରାଜଘାଟଠାରେ ବନ୍ୟାଜଳ ସତର୍କ ସୂଚନା ଉପରେ ପ୍ରବାହିତ ହେଉଛି। ତେବେ ରାଜ୍ୟର ପ୍ରମୁଖ ଜଳଭଣ୍ଡାରଗୁଡିକରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଛି। ହୀରାକୁଦରେ ଜଳସ୍ତର ୬୨୫.୫୪ ଫୁଟ ରହିଥିବା ବେଳେ ରେଙ୍ଗାଳି ୧୨୨.୫୨ ମିଟର, ବାଲିମେଳା ୧୫୦୧.୭ ଫୁଟ, ମାଛକୁଣ୍ଡ ୨୭୪୮.୪ ଫୁଟ, ଅପରକୋଲାବ ୮୫୫.୫ ମିଟର, ଇନ୍ଦ୍ରାବତୀ ଜଳଭଣ୍ଡାରରେ ୬୪୦.୮୩ ମିଟର ଜଳ ସ୍ତର ରହିଛି। ବନ୍ୟାଜଳ ବୃଦ୍ଧି ପାଉଥିଲେ ମଧ୍ୟ ବନ୍ୟା ଆଶଙ୍କା ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।



କଟକ ଜିଲା ବାଙ୍କୀଠାରେ ମହାନଦୀରେ ଆସିଥିବା ବନ୍ୟା ଜଳ।

ରାଜ୍ୟରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ଜୁନ ପହିଲାରୁ ସେପ୍ଟେମ୍ବର ୯ ତାରିଖ ସୁଦ୍ଧା ରାଜ୍ୟରେ ୧୦୦୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୧୦୫୬.୬ ମିଲିମିଟର। ଅର୍ଥାତ ସ୍ୱାଭାବିକଠାରୁ ୫ ମିଲିମିଟର ଅଧିକ ବର୍ଷା ହୋଇଛି। କୋରାପୁଟ ଜିଲାରେ ସ୍ୱାଭାବିକଠାରୁ ୪୪ ପ୍ରତିଶତ ଅଧିକ ବର୍ଷା ହୋଇଥିବା ବେଳେ ମାଲକାନଗିରି ୨୧, କଳାହାଣ୍ଡି ୧୮, କନ୍ଧମାଳ ୧୭, ପୁରୀ ୨୦, ରାୟଗଡା ୧୪, ସୁବର୍ଣ୍ଣପୁର ୧୯, ନବରଙ୍ଗପୁର ୧୧, ବରଗଡ ୧୫, ବୌଦ୍ଧ ୧୮ ଏବଂ ବଲାଙ୍ଗୀର ଜିଲାରେ ୧୮ ମିଲିମିଟର ଅଧିକ ବର୍ଷା ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କଟକ, ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ନୟାଗଡ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଗତ ୪୮ ଘଣ୍ଟା ମଧ୍ୟରେ ଭୁବନେଶ୍ୱରରେ ୩୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୩୪, ସୁନ୍ଦରଗଡ ୧୧, ବାଲେଶ୍ୱର ୪.୪, ତାଳଚେରରେ ୬୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ଶ୍ରୀମନ୍ଦିରରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ

# କଡ଼ ଲେଉଟାଇଲେ ଶୟନ ଠାକୁର

**ପୁରୀ ଅଫିସ, ୯।୯**

ଶ୍ରୀମନ୍ଦିରରେ ସୋମବାର ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ଅନୁଷ୍ଠିତ ହୋଇଛି। କଡ଼ ଲେଉଟାଇଛନ୍ତି ଶୟନ ଠାକୁର। ମଙ୍ଗଳବାର ମହାପ୍ରଭୁଙ୍କ ବାମନ ବେଶ ଏବଂ ଶ୍ରୀନଅରରେ ସୁନିଆଁ ନୀତି ଅନୁଷ୍ଠିତ ହେବ। ସୋମବାର ସନ୍ଧ୍ୟା ଆଳତି ବଢିବା ପରେ ଏକାଦଶୀ ବେଢାକୁ ମଦନମୋହନ ବିଜେ କରିଥିଲେ। ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହେବା ପରେ ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ କାଢି ମଦନମୋହନଙ୍କୁ ପ୍ରଦାନ କରିଥିଲେ। ଏହାପରେ ମଦନ ମୋହନ ପାଲିଙ୍କିରେ ବଡଦେଉଳ ବେଢାରେ ବୁଲିଥିଲେ। ଜୟ ବିଜୟ ଦ୍ୱାରରେ ଏକାଦଶୀ ବନ୍ଦାପନା ପରେ ମଦନମୋହନ ଦକ୍ଷିଣୀଘରକୁ ବିଜେ ହୋଇଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପରେ ପାର୍ଶ୍ୱ ପରିବର୍ତ୍ତନ ନିମନ୍ତେ ଖଟଶେଯ ଘର ଉପରେ ନିଶୁଣି ପକାଯାଇ ଥିଲା। ମୁଦିରସ୍ତ ଏହା ଉପରକୁ ଯାଇ ଦୁଆର ମୁଦ ଭାଙ୍ଗି ଶୟନ ଠାକୁରଙ୍କ ପେଡ଼ାକୁ ଖୋଲିଥିଲେ। ମୁଦିରସ୍ତ ଶୁକ୍ଳ ଫୁଲ ତିନି ଅଞ୍ଜୁଳା ସମର୍ପଣ କଲା ପରେ ଶୟନ ଠାକୁର କଡ଼ ଲେଉଟାଇଥିଲେ। ପୂର୍ବରୁ ଶୟନ କାଳରେ ଠାକୁରଙ୍କ ମୁଖ ଦକ୍ଷିଣ ଦିଗକୁ ଥିବାବେଳେ ପରିବର୍ତ୍ତନ କାଳରେ ମୁଖ ଉତ୍ତର ଦିଗକୁ କରାଯାଇଥିଲା। ମୁଦିରସ୍ତ ବନ୍ଦାପନା କଲା ପରେ ପେଡା ବନ୍ଦ କରି ଦୁଆର ମୁଦ ଦେଇ ତଳକୁ ଓହ୍ଲାଇଥିଲେ। ବଲ୍ଲଭ ବଡ଼ ସିଂହାର ଭୋଗରେ ଠାକୁରଙ୍କ ଲାଗି ହୋଇଥିବା ୬ମୂର୍ତ୍ତି ଅଳଙ୍କାର ଓଲାଗି କରାଯାଇଥିଲା। ଏହାପରେ ଖଟଶେଯ ବିଜେ କରାଇ ମହାପ୍ରଭୁଙ୍କ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ, ଏହି ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ।

# ୨ ମାଓବାଦୀ ଗିରଫ

**ମାଲକାନଗିରି, ୯।୯ (ସ୍ୱ.ପ୍ର.)**





ସୋମବାର ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଜିଲା ଆନନ୍ଦଭାରମ ପୋଲିସ ୨ଜଣ ମାଓବାଦୀ ମିଲିସିୟାଙ୍କୁ ଗିରଫ କରିଛି। ସେମାନେ ହେଲେ କୋରା ସିଦ୍ଦୁରୁ ଓ ବନ୍ତଲା ବେଂଜି ବାବୁ। ଏହି ଦୁଇ ମାଓବାଦୀ ଆନ୍ଧ୍ର ଓଡିଶା-ବର୍ଡର ଜୋନାଲ କମିଟି ସଦସ୍ୟ ବୋଲି ଜଣାପଡିଛି। ଉଭୟଙ୍କ ଘର ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ରାଲେଗାଡ଼ା ଗ୍ରାମରେ।

### ଜଗା ସୁସ୍ଥ, ପୂର୍ବପରି ରହିଛି କାଳିଆ ଅବସ୍ଥା

# କିଛି ମାସ ଚିକିତ୍ସା ପରେ ଜଗା ସ୍କୁଲ ଯିବ

**କଟକ ଅଫିସ, ୯।୯:** କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଶନିବାର କଟକ ଏସ୍‌ସିବି ମେଡିକାଲରେ ପହଞ୍ଚିବା ପରେ ଚିକିତ୍ସା ଆରମ୍ଭ ହୋଇଯାଇଛି। ୧୪ ଜଣିଆ ଡାକ୍ତରୀ ଟିମ୍ ଉଭୟଙ୍କ ଖାଇବା, ଶୋଇବା ସହ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଏସ୍‌ସିବିରେ ପହଞ୍ଚିବା ପରଠାରୁ ଜଗା ସୁସ୍ଥ ଥିବାବେଳେ କାଳିଆର ମାନସିକ ସ୍ଥିତିରେ ସୁଧାର ଆସୁନାହିଁ। ତାକୁ ସୁସ୍ଥ କରିବା ପାଇଁ ଡାକ୍ତରୀ ଟିମ୍ ଲାଗି ପଡ଼ିଛନ୍ତି। ଅନ୍ୟପକ୍ଷରେ ଜଗା ପାଠ ପଢିବା ପାଇଁ ସମର୍ଥ ବୋଲି ଡାକ୍ତରୀ ଟିମ୍ ମତ ଦେଇଛନ୍ତି। ଏହି ଟିମ୍‌ରେ ୨ ଜଣ ଏମ୍‌ସ ଡାକ୍ତର ଅଛନ୍ତି। କାଳିଆର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଟିମ୍‌ର ଚିନ୍ତା ବଢିବାରେ ଲାଗିଛି। କାଳିଆ ଯେପରି ସଂକ୍ରମଣ ରୋଗରେ ଆକ୍ରାନ୍ତ ନ ହୁଏ ସେ ନେଇ ବିଭିନ୍ନ ପ୍ରକାର ପରୀକ୍ଷା ନିରୀକ୍ଷା ଚାଲିଛି। ଏ ନେଇ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସିବିକେ ମହାନ୍ତି କହିଛନ୍ତି, ଜଗା ସୁସ୍ଥ ଥିବାବେଳେ ପାଠ ପଢିବା ପାଇଁ ବିଶେଷଜ୍ଞମାନେ ମତ ଦେଇଛନ୍ତି। କାଳିଆର ଅବସ୍ଥା ପୂର୍ବପରି ରହିଛି। ଆମ ପକ୍ଷରୁ ମଧ୍ୟ ଜଗା ପଢିବାକୁ ମତ ରଖାଯାଇଛି। ଏବେ ତାଙ୍କ ମା'ବାପାଙ୍କ ଉପରେ ପାଠପଢା ନିର୍ଭର କରେ। ଜଗା-କାଳିଆଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ଡା. ସୁଧାଂଶୁ ମିଶ୍ର କହିଛନ୍ତି, କାଳିଆଙ୍କୁ ମଝିରେ ମଝିରେ ଜ୍ୱର ଆସୁଛି। ଆଜି ଦିନରେ ଥରେ ଜ୍ୱର ହୋଇଥିଲା। କିନ୍ତୁ ତାହା ଭଲ ହୋଇଯାଇଛି। ଆଗାମୀ ଦିନରେ ପୁନର୍ବାର ଯେପରି ଜ୍ୱର ନ ହୁଏ ସେ ଦିଗରେ ଦୃଷ୍ଟି ଦିଆଯାଉଛି। କାଳିଆର ପେଟ ବାଟେ ତରଳ ଖାଦ୍ୟ ଖାଇବାକୁ ଦିଆଯାଉଛି। ଏବେ ସେ ସୁସ୍ଥ ଅଛନ୍ତି। ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ଆମ ଟିମ୍ ଦିନରାତି ଚେଷ୍ଟା ଚଳାଇଛନ୍ତି। ଜଗାକୁ ଆମିଷ, ନିରାମିଷ ଖାଦ୍ୟ ଦିଆଯାଉଛି।

### କେନ୍ଦ୍ର ଦ୍ୱିତୀୟ ପାଳି ସରକାରର ୧୦୦ଦିନ ପୂରଣ

# ଓଡ଼ିଶା ଆସି ରିପୋର୍ଟ କାର୍ଡ ଦେଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୯।୯(ବ୍ୟୁରୋ)**




ଖବରଦାତା ସମ୍ମିଳନୀରେ ଜାହାଜ ଚଳାଚଳ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା ଓ ଅନ୍ୟମାନେ।

କେନ୍ଦ୍ରରେ ଭାଜପାର ଦ୍ୱିତୀୟ ପାଳି ସରକାରର ୧୦୦ ଦିନ ପୂରଣ ହୋଇଛି। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଜାହାଜ ଚଳାଚଳ (ସ୍ୱାଧୀନ ଦାୟିତ୍ୱ) ରାଷ୍ଟ୍ରମନ୍ତ୍ରୀ ମନସୁଖ ମାଣ୍ଡଭିୟା ୧୦୦ ଦିନର ସଫଳତା ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସମ୍ପର୍କିତ ରିପୋର୍ଟ କାର୍ଡ ପ୍ରଦାନ କରିଛନ୍ତି। ଏହି ଅବସରରେ ଓଡ଼ିଶାକୁ ଗତ ୧୦୦ଦିନ ମଧ୍ୟରେ ଦିଆଯାଇଥିବା ଅନୁଦାନ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆୟୁଷ୍ମାନ ଭାରତ ଯୋଜନା ଏବଂ ବାତ୍ୟା ପ୍ରଭାବିତ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ଅପରପକ୍ଷରେ ବିରୋଧୀ କିନ୍ତୁ ଓଲଟା କେନ୍ଦ୍ର ଉପରେ ବର୍ଷିଛନ୍ତି।

ମନ୍ତ୍ରୀ ମାଣ୍ଡଭିୟା ସରକାରଙ୍କ ୧୦୦ ଦିନର ଦୃଢ଼ ପଦକ୍ଷେପ ଏବଂ ନିଷ୍ପତ୍ତି ସମ୍ବନ୍ଧୀୟ ଉଲ୍ଲେଖ ରହିଥିବା ଏକ ପୁସ୍ତକ 'ଜନ ସଂଯୋଗ'ର ଉନ୍ମୋଚନ କରିଛନ୍ତି। ସେ କହିଛନ୍ତି ଯେ, ଏହି ସମୟ ମଧ୍ୟରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। "ଫନୀ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଓଡ଼ିଶାକୁ ସର୍ବାଧିକ ସହାୟତା ସ୍ୱରୂପ ୪,୬୭୮.୨୨ କୋଟି ଟଙ୍କାର ମଞ୍ଜୁରି ପ୍ରଦାନ କରାଯାଇଛି। ଫନୀ ଓଡ଼ିଶାକୁ ଛୁଇଁବା ପୂର୍ବରୁ ୩୪୦ କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ବାତ୍ୟା ବିଧ୍ୱସିତ ଅଞ୍ଚଳ ପରିଦର୍ଶନ କରିବା ପରେ ତୁରନ୍ତ ୧୦୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ। ଏହାପରେ ୩୩୩୮.୨୨ କୋଟି ଟଙ୍କାର ଅତିରିକ୍ତ ସହାୟତା ପ୍ରଦାନ କରାଯାଇଥିଲା।" କମ୍ପେନ୍‌ସେଟୋରି ଆଫୋରଷ୍ଟେସନ ଫଣ୍ଡ ମ୍ୟାନେଜମେଣ୍ଟ ଆଣ୍ଡ ପ୍ଲାନିଂ ଅଥୋରିଟି (କାମ୍ପା ଅନୁଦାନ) ଅନ୍ତର୍ଗତ ଓଡ଼ିଶାକୁ ୫୯୩୩.୯୮ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। କେନ୍ଦ୍ର ବଜେଟ ୨୦୧୯-୨୦ରେ ଓଡ଼ିଶା ପାଇଁ ରେଳବାଇ କ୍ଷେତ୍ରରେ ୫୯୯୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ନଦୀ ଜଳପଥର ବିକାଶ ଲାଗି ମହାନଦୀକୁ ଚିହ୍ନଟ କରାଯାଇଥିବା ବେଳେ ବ୍ରାହ୍ମଣୀ ପାଇଁ ମଧ୍ୟ ଡିପିଆର ପ୍ରସ୍ତୁତ ଚାଲିଛି ବୋଲି ସେ କହିଛନ୍ତି। ଗତ ପାର୍ଲାମେଣ୍ଟ ଅଧିବେଶନରେ ୩୦ଟି ବିଲ୍ ପାରିତ ହୋଇଥିବା ବେଳେ ୫୮ଟି ପୁରୁଣା ଆଇନର ବିଲୋପ କରାଯାଇଛି। ସେହିପରି ଦେଶର ପ୍ରତ୍ୟେକ କୃଷକଙ୍କ ବ୍ୟାଙ୍କ ଖାତାରେ ୬ ହଜାର ଟଙ୍କା ଲେଖାଏ ଜମା କରିବା ଲାଗି ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟରୁ ଅବସର ନେଇଥିବା ପ୍ରତ୍ୟେକ କୃଷକଙ୍କ ଲାଗି ମାସିକ ୩ ହଜାର ଟଙ୍କା ପେନ୍‌ସନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି। ସରକାର ମଧ୍ୟ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଏବଂ ଛୋଟ ବ୍ୟବସାୟୀଙ୍କ ଲାଗି ପେନ୍‌ସନ ସୁବିଧା କରିଛନ୍ତି। ଶସ୍ତାରେ ଔଷଧ ପ୍ରଦାନ କରିବା ଲାଗି ଦେଶବ୍ୟାପୀ ୫,୫୦୦ ଜନ ଔଷଧୀ କେନ୍ଦ୍ର ଖୋଲାଯାଇଛି। ଖୁବଶୀଘ୍ର ଆଉ ୩ ଶହ ନୂତନ କେନ୍ଦ୍ର ଖୋଲାଯିବା ଲାଗି ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଅର୍ଥନୈତିକ ମନ୍ଥରତା ସମ୍ବନ୍ଧୀୟ ଏକ ପ୍ରଶ୍ନର ଉତ୍ତର ଦେଇ ମାଣ୍ଡଭିୟା କହିଛନ୍ତି, ଏହା କ୍ଷଣସ୍ଥାୟୀ, ବର୍ତ୍ତମାନ ସମଗ୍ର ବିଶ୍ୱରେ ଅର୍ଥନୈତିକ ଅସ୍ଥିରତା ଜାରି ରହିଛି। ମାତ୍ର ଭାରତ ଉପରେ ଏହାର ପ୍ରଭାବ ଖୁବ କମ୍ ପଡିଛି, ଚଳିତବର୍ଷ ଶେଷ ବେଳକୁ ଭାରତୀୟ ଅର୍ଥନୀତିରେ ସୁଧାର ଆସିବ।

### କଂଗ୍ରେସ, ବିଜେଡି କଲେ ସମାଲୋଚନା

କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି, ଶହେ ଦିନର ସଫଳତା ସମ୍ପର୍କରେ ବଖାଣିବାର ନୈତିକ ଅଧିକାର ଭାଜପାର ନାହିଁ। ସେମାନେ ଯେଉଁସବୁ ଜନବିରୋଧୀ କାର୍ଯ୍ୟ ସବୁ କରୁଛନ୍ତି ତା'ର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ବିଜେଡି ବିଧାୟକ ପ୍ରତାପ ଦେବ କହିଛନ୍ତି, ଓଡିଶାରୁ ଆହୁରି ୩ଟି ମନ୍ତ୍ରୀ ଦିଆଗଲେ ମଧ୍ୟ ରାଜ୍ୟର ବିକାଶ ହୋଇପାରିବନାହିଁ। ଓଡିଶା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟକ୍ରମ ସେମାନେ ହାତକୁ ନେଇ ନାହାନ୍ତି। ଦେଶର ଅର୍ଥନୈତିକ ଅଭିବୃଦ୍ଧି ମୋଦିଙ୍କ ସଫଳତା ବୋଲି ସେ କହିଛନ୍ତି।



ରାଜସ୍ଥାନର ରାଜ୍ୟପାଳ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲ୍‌ରାଜ ମିଶ୍ର ସୋମବାର ଶପଥଗ୍ରହଣ କରିଛନ୍ତି। ରାଜଭବନରେ ଅନୁଷ୍ଠିତ ସମାରୋହରେ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଶ୍ରୀପଥି ରବୀନ୍ଦ୍ର ଭଟ୍ଟ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍ ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟବୃନ୍ଦ, ବିରୋଧୀ ଦଳ ନେତା ଗୁଲାବ ଚାନ୍ଦ କଟାରିଆ ପ୍ରମୁଖ ଉପସ୍ଥିତ ଥିଲେ।


## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ସ୍ୱୟଂ
ପରିବାରବର୍ଗ


ପ୍ରଲିପ୍ତା
ପରିବାରବର୍ଗ


ଅଭିନୀତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚାଷୀ ପଞ୍ଜୀକରଣ ଦେଖିବେ ୧୬ ଅଧିକାରୀ

**ଚଳିତ ବର୍ଷ ନୂଆ ତାଲିକା**
- ୧୦ରୁ ୧୨ତାରିଖ ମଧ୍ୟରେ ବୁଲିବେ ୩୦ ଜିଲା
- ୯ ଲକ୍ଷ ୫୦ ହଜାର ଚାଷୀ ପଞ୍ଜୀକୃତ

ଭୁବନେଶ୍ୱର,୯।୯(ବ୍ୟୁରୋ)

ଧାନ ପଞ୍ଜୀକରଣ କିଭଳି ଚାଲିଛି, ଚାଷୀମାନେ ହଇରାଣ ହରକତ ହେଉଛନ୍ତି କି, ପଞ୍ଜୀକରଣ ତାଲିକାର ଅଗ୍ରଗତି, ତ୍ରୁଟି ଆଦି କାର୍ଯ୍ୟର ତଦାରଖ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗର ୧୬ ଜଣ ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହି ଅଧିକାରୀମାନେ ୩୦ଟି ଜିଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟକୁ ତଦାରଖ କରିବେ। ଏହି ଅଧିକାରୀମାନେ ସେପ୍ଟେମ୍ବର ୧୦ରୁ ୧୨ ତାରିଖ ମଧ୍ୟରେ ଉଦ୍ଦିଷ୍ଟ ଜିଲାର ପ୍ରାଥମିକ ସମବାୟ ସମିତି, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଞ୍ଚାୟତରେ ହେଉଥିବା ଚାଷୀ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରିବେ। ପଞ୍ଜୀକରଣ ସମୟରେ ଚାଷୀ ଦେଇଥିବା ଜମିଜମା ସଂକ୍ରାନ୍ତୀୟ ତଥ୍ୟ ଓ ପଟ୍ଟାଗୁଡିକର ଯାଞ୍ଚ କରିବେ। ପଞ୍ଜୀକୃତ ଚାଷୀଙ୍କର ତାଲିକା ପଞ୍ଚାୟତ, ସମବାୟ ସମିତି ଓ ଧାନ ସଂଗ୍ରହ କେନ୍ଦ୍ରଗୁଡିକରେ ପ୍ରଦର୍ଶନ କରାଯାଇଛି କି ନାହିଁ ସେସବୁର ତନଖି କରିବେ। ଅଗଷ୍ଟ ୩୧ ତାରିଖ ସୁଦ୍ଧା ଚାଷୀ ପଞ୍ଜୀକରଣ ନେଇ ଏକ ତାଲିକା ପ୍ରକାଶ କରାଯାଇଛି। ସେଥିରେ ଯଦି ଚାଷୀଙ୍କର କିଛି ସମସ୍ୟା ରହିଛି ତେବେ ତାହାକୁ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି କି ନାହିଁ। ଅଧିକାରୀମାନେ ଜିଲା ଗସ୍ତ ଶେଷ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ।

ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୯ ଲକ୍ଷ ୫୦ ହଜାର ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଛନ୍ତି। ତେବେ ଚଳିତ ବର୍ଷ ନୂତନ ଚାଷୀ ତାଲିକା ପ୍ରସ୍ତୁତ କରାଯାଉଛି। ବିଗତ ବର୍ଷ ଗୁଡିକରେ ସମବାୟ ସଂସ୍ଥାଗୁଡିକ ପୂର୍ବରୁ ପଞ୍ଜୀକୃତ ହୋଇଥିବା ଚାଷୀ ତାଲିକାକୁ ଧାନ ସଂଗ୍ରହରେ ସାମିଲ କରୁଥିଲେ। ଏଥିଯୋଗୁ ଚାଷୀ ପଞ୍ଜୀକରଣରେ ବହୁ ଜାଲିଆତି ହେଉଥିବା ନେଇ ଅଭିଯୋଗ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନବୀକରଣ ପ୍ରକ୍ରିୟାକୁ ବାତିଲ କରି ନୂତନ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କ୍ଷୁଦ୍ର ଓ ଭାଗଚାଷୀ ଯେପରି ସେମାନଙ୍କ ଧାନ ବିକ୍ରି କରି ପାରିବେ ସେନେଇ ସମସ୍ତ ସହାୟତା ଯୋଗାଇ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଟ୍ରେନ୍‌କୁ ପଥରମାଡ଼
# ଦୁଇବର୍ଷରେ ୨୮ଥର

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଟ୍ରେନ୍ ଉପରକୁ ବିଭିନ୍ନ ସମୟରେ ପଥର ମାଡ଼ ହେଉଛି। ଏଥିଯୋଗୁ ଟ୍ରେନ୍ କ୍ଷତିଗ୍ରସ୍ତ ହେଉଥିବାବେଳେ ଯାତ୍ରୀ ଆହତ ହେଉଛନ୍ତି। ଗତ ଦୁଇବର୍ଷ ମଧ୍ୟରେ ପୂର୍ବତଟ ରେଳପଥରେ ଟ୍ରେନ୍ ଉପରକୁ ପ୍ରାୟ ୨୮ଥର ପଥର ମାଡ଼ ହୋଇଥିବା ଜଣାପଡିଛି। ଅଧିକାଂଶ ଘଟଣାରେ ଛୋଟପିଲା ଓ ଆଉ କିଛି ଘଟଣାରେ ଲୁଟେରା ବା ଅସାମାଜିକ ଲୋକେ ସମ୍ପୃକ୍ତ ଥିବା ଜଣାପଡିଛି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଥିବାବେଳେ ରୋକିବାକୁ ବିକଳ୍ପ ପନ୍ଥା ଆପଣାଇଛି ରେଳପଥ ସୁରକ୍ଷା ବଳ (ଆର୍‌ପିଏଫ୍)। ବିଗତ ଦିନରେ ଯେଉଁ ସ୍ଥାନଗୁଡ଼ିକରେ ପଥର ମାଡ଼ ହୋଇଛି ସେଠାରେ ସଚେତନତା କାର୍ଯ୍ୟକ୍ରମ ଓ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ବିଶେଷକରି ବସ୍ତି ଅଞ୍ଚଳରେ ଏଭଳି ଘଟଣା ସର୍ବାଧିକ ଘଟିଥିବାରୁ ସେସବୁ ଅଞ୍ଚଳରେ ଆର୍‌ପିଏଫ୍ ପକ୍ଷରୁ ଚକୋଲେଟ୍, ବିସ୍କୁଟ ଆଦି ବଣ୍ଟନ କରାଯାଇ ସଚେତନତା ସୃଷ୍ଟି କରାଯାଉଛି। ତଥାପି ପଥରମାଡ଼ ବନ୍ଦ ହେଉ ନ ଥିବାରୁ ନୂଆ ସଚେତନତା ବାର୍ତ୍ତା 'ଟ୍ରେନ୍‌କୁ ଫୋପାଡୁଥିବା ପଥର ଆପଣଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ଆହତ କରିପାରେ' ଜାରି କରାଯାଇଛି। ଏହା ପଥର ଫିଙ୍ଗୁଥିବା ଛୋଟ ପିଲା ହେଉ ଅବା ବ୍ୟକ୍ତି ବିଶେଷଙ୍କ ମନ ଓ ହୃଦୟଙ୍କୁ ନିଶ୍ଚିତ ଆନ୍ଦୋଳିତ କରିବା ସହ ସଚେତନ କରିବ ବୋଲି କୁହାଯାଇଛି।

ରେଳପଥରୁ ମିଳିଥିବା ସୂଚନାନୁସାରେ, ଗତବର୍ଷ ଭୁବନେଶ୍ୱରରେ ୬ଥର, କଟକରେ ୨ ଓ ସମ୍ବଲପୁରରେ ୨ଥର ଟ୍ରେନ୍‌କୁ ପଥର ମାଡ଼ ହୋଇଛି। ଚଳିତ ବର୍ଷ ପୂର୍ବତଟ ରେଳପଥରେ ଏଭଳି ୧୮ ମାମଲା ରିପୋର୍ଟ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଷ୍ଟେଶନରେ ସୁରକ୍ଷାକୁ କଡାକଡି କରାଯିବା ସହ ସୁରକ୍ଷା ବଳ ଏହା ଉପରେ ସ୍ୱତନ୍ତ୍ର ନଜର ରଖିଛି। ପଥର ଫିଙ୍ଗା ନେଇ କୌଣସି ସୂଚନା କିମ୍ବା ଅଭିଯୋଗ ଥିଲେ ହେଲ୍‌ପ୍‌ଲାଇନ ନମ୍ବର ୧୮୨କୁ ଫୋନ କରିବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ସାଧାରଣ ଲୋକଙ୍କୁ ନିବେଦନ କରାଯାଇଛି।

## ଘରୋଇ କଲେଜ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ
# ହତ୍ୟା ଅଭିଯୋଗ ଆଣିଲେ ବାପା

ବଡ଼ମ୍ବା,୯।୯(ଡି.ଏନ.ଏ.): କଟକ ଜିଲା ବଡ଼ମ୍ବା ବ୍ଲକ ଅଧୀନ ବିଧାରପୁରଠାରେ ଥିବା ଏକ ଘରୋଇ କଲେଜ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରଙ୍କ ରବିବାର ରାତିରେ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ସୂର୍ଯ୍ୟକାନ୍ତ ସାମଲ(୧୭)। କଲେଜ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା ବୋଲି କହୁଥିବାବେଳେ ମୃତ ଛାତ୍ରଙ୍କ ବାପା ସୋମବାର ମାଣିଆବନ୍ଧ ଫାଣ୍ଡିରେ ହତ୍ୟା ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ନଂ-୧୮୩/୧୯ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏଥିସହିତ ଘଟଣାସ୍ଥଳରୁ ପୋଲିସ ଏକ ସୁଇସାଇଡ ନୋଟ୍ ଜବତ କରିଛି।

ସୂଚନା ଅନୁସାରେ, ଢେଙ୍କାନାଳ ଜିଲା ବାଲିମୀ ଥାନା ଅଧୀନ ଗାରିଲୋ ଗ୍ରାମର ତାପସ ସାମଲଙ୍କ ପୁଅ ସୂର୍ଯ୍ୟକାନ୍ତ ଚଳିତ ବର୍ଷ ଏଠାରେ ନାମ ଲେଖାଇଥିଲେ। ୨ ମାସ ହେବ ସେ କଲେଜ ହଷ୍ଟେଲରେ ରହୁଥିଲେ। ସବୁକିଛି ଠିକ୍‌ଠାକ୍ ଥିବାବେଳେ ରବିବାର ରାତିରେ ଛାତ୍ରଙ୍କ ମୃତ୍ୟୁ ହୋଇଥିବା କଲେଜ କର୍ତ୍ତୃପକ୍ଷ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଏହାପରେ ଛାତ୍ରଙ୍କ ପରିବାର ଲୋକେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ପରେ ଫାଣ୍ଡିରେ ଅଭିଯୋଗ କରିଥିଲେ। ବଡ଼ମ୍ବା ଥାନା ଓ ମାଣିଆବନ୍ଧ ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ କହିଛନ୍ତି, ଛାତ୍ର ଜଣକ ତାଙ୍କ ରୁମ୍‌ରେ ଏକ ପଙ୍ଖାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ରଙ୍କୁ ପଚାରିବାରେ ସେ କହିଥିଲେ, ପ୍ରାଥମିକ ପର୍ଯ୍ୟାୟରେ ଛାତ୍ରଙ୍କ ମୃତ୍ୟୁ ସମ୍ପର୍କରେ କିଛି ଜଣାପଡ଼ିନାହିଁ। ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ପୋଲିସର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

## ବିକ୍ରମ ଭାଙ୍ଗିନି...

ତେବେ ବର୍ତ୍ତମାନ ସ୍ଥିତିରେ ସଂଯୋଗ ସ୍ଥାପନ କରିବା ବହୁତ କଷ୍ଟକର ବୋଲି ଅନ୍ୟ ଜଣେ ଇସ୍ରୋ ଅଧିକାରୀ କହିଛନ୍ତି। ଯଦି ବିକ୍ରମ ସୂକ୍ଷ୍ମ ଅବତରଣ କରିଥାନ୍ତା ଓ ସବୁ ସିଷ୍ଟମ୍ କାର୍ଯ୍ୟକ୍ଷମ ଥାଆନ୍ତା ତେବେ ଯୋଗାଯୋଗ ପୁନଃ ସ୍ଥାପନ ହୋଇପାରନ୍ତା ବୋଲି ସେ କହିଛନ୍ତି। ତେବେ ଏହା ପୁନଃ କାର୍ଯ୍ୟକ୍ଷମ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନ୍ୟ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସବୁଠୁ ବଡ଼ କଥା ହେଉଛି ବିକ୍ରମର ଆଣ୍ଟିନା ଭୂମି ଆଡ଼କୁ କିମ୍ବା ଅର୍ବିଟର ଆଡ଼କୁ ରହିବା ଆବଶ୍ୟକ। ଏବେ ଆଣ୍ଟିନାକୁ ସଜାଡିବା ସମ୍ଭବ ନୁହେଁ। ଲ୍ୟାଣ୍ଡର ଶକ୍ତି ଉତ୍ପାଦନ କରିପାରୁଛି, କାରଣ ଏହାର ଚାରିପଟେ ସୋଲାର ପ୍ୟାନେଲ ସହିତ ଭିତରେ ବ୍ୟାଟେରି ରହିଛି। ବିକ୍ରମରେ ତିନୋଟି ପ୍ଲେଲୋଡ ଯଥା ରେଡିଓ ଆନାଟୋମି ଅଫ ମୁନ୍ ବାଉଣ୍ଡ ହାଇପରସେନ୍‌ସିଟିଭ୍ ଆୟନୋସ୍ପିୟର ଆଣ୍ଡ ଆଟମୋସ୍ପିୟର (ରମ୍ଭା), ଚନ୍ଦ୍ରର ସର୍ଫେସ୍ ଥର୍ମୋ-ଫିଜିକାଲ ଏକ୍ସପେରିମେଣ୍ଟ (ଚାଷ୍ଟ) ଏବଂ ଇନ୍‌ଷ୍ଟ୍ରୁମେଣ୍ଟ ଫର ଲୁନାର ସିସ୍‌ମିକ୍ ଆକ୍ଟିଭିଟି (ଆଇଏଲ୍‌ଏସ୍‌ଏ) ରହିଛି।

## ଭାରତୀୟ ଦଳରେ...

ଚାମ୍ପିୟନ ଅଚିନ୍ତ ଶେଉଲି(୭୩) ଓ ଜେରେମି ଲାଲରିନୁଙ୍ଗା ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ୭ ଜଣଯାକ ପ୍ରତିଯୋଗୀ ଏବେ ଥାଇଲାଣ୍ଡରେ ଟ୍ରେନିଂ ନେଉଛନ୍ତି।

ମୟୂରଭଞ୍ଜର ସ୍ନେହା ଚଳିତବର୍ଷ ଜାନୁୟାରୀ ୧୦ରେ ପୁଣେରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪୯ କେଜି କାଟେଗୋରିର ୨୧ ବର୍ଷରୁ କମ୍ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ। ୨୦୧୮ରେ ବିଶାଖାପଟନମରେ ଅନୁଷ୍ଠିତ ଜାତୀୟ ସବ୍‌ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ୩ ରୌପ୍ୟ ଏବଂ ନୂଆଦିଲ୍ଲୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସରେ ରୌପ୍ୟ ପଦକ ପାଇଥିଲେ। ୨୦୧୮ ଏପ୍ରିଲ ୨୦ରୁ ୩୦ ପର୍ଯ୍ୟନ୍ତ ଉଜବେକିସ୍ତାନରେ ଅନୁଷ୍ଠିତ ଏସିଆନ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ୨୦୧୭ରେ ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ମହିଳା ୪୮ କେଜିରେ ସେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଖୋର୍ଦ୍ଧାର ଝିଲ୍ଲୀ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ସଫଳତାପରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଭାରତୀୟ ଦଳର ନିୟମିତ ସଦସ୍ୟ ପାଲଟି ଯାଇଛନ୍ତି। ଅନ୍ତର୍ଜାତୀୟ ଇଭେଣ୍ଟ ମଧ୍ୟରେ ସେ ୨୦୧୬ ମାଲେସିଆ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ରୌପ୍ୟ, ୨୦୧୭ରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ୨ ସ୍ୱର୍ଣ୍ଣ, ୨୦୧୮ରେ ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ଏସିଆନ ଜୁନିୟର ଭାରୋତ୍ତୋଳନରେ ରୌପ୍ୟ, ସେହିବର୍ଷ ଉଜବେକିସ୍ତାନରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଏବଂ ୨୦୧୯ ଏପ୍ରିଲରେ ଚାଇନାରେ ଅନୁଷ୍ଠିତ ଏସିଆନ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୫ କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଅଗଷ୍ଟରେ...

ସେହିପରି ବାଇକ ବିକ୍ରି ୩ ବର୍ଷର ସର୍ବନିମ୍ନ ସ୍ତର ଛୁଇଁସାରିଲାଣି। ସିଆମ ପକ୍ଷରୁ ସୋମବାର ଦିଆଯାଇଥିବା ତଥ୍ୟରେ କୁହାଯାଇଛି ଯେ,ଅଗଷ୍ଟରେ ଘରୋଇ ବଜାରରେ କାର୍ ବିକ୍ରି ୪୧.୦୯ ପ୍ରତିଶତ ହ୍ରାସ ପାଇ ୧,୧୫,୯୫୭ ରହିଛି, ଯାହା କି ବର୍ଷକ ପୂର୍ବରୁ ଏହି ସମୟରେ ୧,୯୬,୮୪୭ ଥିଲା। ଏହି ଅବଧିରେ ଦୁଇଚକିଆ ଯାନ ବିକ୍ରି ୨୨.୨୪% କମିଛି ଏବଂ ୧୫,୧୪,୧୯୬ ଗାଡ଼ି ବିକ୍ରି ହୋଇଛି। ବର୍ଷକ ପୂର୍ବରୁ ଏହି ମାସରେ ଦେଶରେ ୧୯,୪୭,୩୦୪ ଦୁଇଚକିଆ ଗାଡ଼ି ବିକ୍ରି ହୋଇଥିଲା। ତନ୍ମଧ୍ୟରୁ କେବଳ ମୋଟର ସାଇକେଲ ବିକ୍ରି ୨୨.୩୩% ହ୍ରାସ ପାଇ ୯,୩୭,୪୮୬ ରହିଛି। ବର୍ଷକ ପୂର୍ବରୁ ୨୦୧୮ ଅଗଷ୍ଟରେ ୧୨,୦୭,୦୦୫ ବାଇକ ବିକ୍ରି ହୋଇଥିଲା। ପ୍ରାପ୍ତ ସୂଚନାନୁଯାୟୀ, ଅଗଷ୍ଟରେ କମର୍ସିଆଲ ଗାଡ଼ି ବିକ୍ରି ୩୮.୭୧ ପ୍ରତିଶତ ହ୍ରାସ ପାଇ ୫୧,୮୯୭ ରହିଛି। ଏଣୁ ସମସ୍ତ ପ୍ରକାର ଗାଡ଼ି ବିକ୍ରିକୁ ହିସାବକୁ ନେଲେ ଅଗଷ୍ଟରେ ମୋଟ ଗାଡ଼ି ବିକ୍ରି ୨୩.୫୫% ହ୍ରାସ ପାଇ ୧୮,୨୧,୪୯୦ ରହିଛି। ପୂର୍ବ ବର୍ଷ ଏହି ସମୟରେ ୨୩,୮୨,୪୫୬ ଗାଡ଼ି ବିକ୍ରି ହୋଇଥିଲା। ସେହିପରି ଭାରି ଯାନ ବିକ୍ରି ୫୪.୩% କମି ୧୫,୫୭୩ରେ ପହଞ୍ଚିଛି। ଅନୁରୂପ ଭାବେ ହାଲୁକା ବାଣିଜ୍ୟିକ ଯାନ ବିକ୍ରି ଗତବର୍ଷ ଅପେକ୍ଷା ୨୮% ହ୍ରାସ ପାଇ ୩୬,୩୨୪ରେ ପହଞ୍ଚିଛି।

## ୩ମାସ କୋହଳ...

କରାଯାଇଛି। ଗାଡିର ଆନୁଷଙ୍ଗିକ କାଗଜପତ୍ର ଓ ଡ୍ରାଇଭିଂ ଲାଇସେନ୍ସ ନ ଥିଲେ ବହୁ ଜରିମାନା ଦେବାକୁ ପଡୁଛି। ଏପରିକି ୫୦ ହଜାର ଟଙ୍କାଯାଏ ମଧ୍ୟ ଜରିମାନା ଆଦାୟ କରାଯାଉଛି। ଏଭଳି ଜୋରଦାର ଧରପଗଡ଼ ସାଙ୍ଗକୁ ଅତ୍ୟଧିକ ଜରିମାନା ଲୋକମାନଙ୍କୁ ଅତିଷ୍ଠ କରିପକାଇଛି। ଏପରି କି ଅନେକଙ୍କ ମଧ୍ୟରେ କୋକୁଆ ଭୟ ଖେଳାଇ ଦେଇଛି। ବିନା କାଗଜ ପତ୍ରରେ ଚାଲୁଥିବା ଅନେକ ଯାନବାହାନକୁ ଲୋକମାନେ ଭୟରେ ବାହାର କରୁ ନ ଥିବା ଦେଖିବାକୁ ମିଳୁଛି। ପ୍ରଦୂଷଣ ଓ ବୀମା ନ ଥିବା ଯାନବାହନ ମାଲିକ ସକାଳ ପାଇବା ମାତ୍ରେ ଲମ୍ବାଧାଡିରେ ଛିଡା ହେଉଛନ୍ତି। ଏହାକୁ ନେଇ ଜନଅସନ୍ତୋଷ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ଗତ ଶନିବାର ଭୁବନେଶ୍ୱର ରାଜମହଲ ଛକରେ ଜନତା ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ମଧ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ବିଭିନ୍ନ ପ୍ରକାର ଘଟଣା ପ୍ରବାହଜନିତ ମାନସିକ ଅସ୍ଥିରତା କାରଣରୁ ଲାଗି ରହିବ। ଅ-ନାମାକ୍ଷର ବ୍ୟକ୍ତି ପରୋକ୍ଷଭାବେ ଶତ୍ରୁତା କରୁଥିବା ଲୋକ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା ଜାରି ରଖିଲେ ଉପକୃତ ହୋଇପାରିବେ। କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବା ସମ୍ଭାବନା ରହିଛି।

**ବୃଷ**
ରାଜନୈତିକ କ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ବ-ନାମାକ୍ଷର ବ୍ୟକ୍ତିମାନେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରିବେ। ଆଗାମୀ କାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହୋଇପାରନ୍ତି।

**ମିଥୁନ**
ବନ୍ଧୁଙ୍କ ପରାମର୍ଶାନୁଯାୟୀ କିଛି ନୂତନ କାମ ଆରମ୍ଭ କରିବା ସକାଶେ ଚେଷ୍ଟା କରିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। ଘ-ନାମାକ୍ଷର ବ୍ୟକ୍ତି ସାଙ୍ଗଠନିକ ସ୍ତରରେ ନେତୃତ୍ୱ ନେଇ କିମ୍ବା ପ୍ରଶାସନିକ ସ୍ତରରେ ଦକ୍ଷତାଭିତ୍ତିକ ପ୍ରଶଂସନୀୟ କାମ କରିବେ।

**କର୍କଟ**
ପ୍ରତ୍ୟେକ ସ୍ତରରେ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବା ଆଶଙ୍କା ଦେଖାଦେବ। ବ୍ୟବସାୟ,ପରିବହନ ,କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସଭାସମିତିରେ ସମସ୍ୟା ସମାଧାନ ହେବ। ପୁଷ୍ୟା ନକ୍ଷତ୍ରର ବୃଦ୍ଧ ପିତାମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

**ସିଂହ**
ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ପାରିବାରିକ ସ୍ଥିରତା ହଠାତ୍ ଆସି ନ ପାରେ। ମ-ନାମାକ୍ଷର ବ୍ୟକ୍ତିମାନେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିପାରନ୍ତି। ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ।

**କନ୍ୟା**
ଆଜି ଆପଣ ଆତ୍ମୀୟସ୍ୱଜନ କିମ୍ବା ପାଖ ପଡ଼ୋଶୀଙ୍କ ଠାରୁ ସହଯୋଗ ଲାଭକରି କାମଟିକୁ ପୂରା କରିପାରିବେ। ପ-ନାମାକ୍ଷର ବ୍ୟକ୍ତିଙ୍କ ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇପାରେ।

**ତୁଳା**
ଏଣୁତେଣୁ ଗୁଡ଼ାଏ କଥା ମନରେ ସ୍ଥାନ ଦେବା କାରଣରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ,ଏଣୁ ମନଟା ସାମୟିକ ଭାବରେ ଗୋଳମାଳିଆ ରହିବ। ସ୍ୱାତୀ ନକ୍ଷତ୍ରର ପରିବାରରେ ସୁଖଶାନ୍ତି ସାଙ୍ଗକୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ।

**ବିଛା**
ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ମନ ବୁଝିଲା ଭଳି କଥା କହି ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ନ-ନାମାକ୍ଷର ବ୍ୟକ୍ତିମାନେ ମନୋରଞ୍ଜନ, ବନ୍ଧୁ ମିଳନ, ଆଲୋଚନା, ସମିତି କିମ୍ବା ଯାତ୍ରା ପାଇଁ ଆଗ୍ରହୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ**
ଯୋଜନାକୁ କାର୍ଯ୍ୟକାରୀ କରିବା ବିଷୟରେ ବନ୍ଧୁଙ୍କ ସହ ଖୋଲାଖୋଲି ଆଲୋଚନା କରିବା ଭଲ ହେବ। ମୂଳା ନକ୍ଷତ୍ରର ବିବାଦୀୟ ଘଟଣା ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି, ସେଥିରେ କିଛି ହେବ ନାହିଁ। ଯାତ୍ରା ସମୟରେ କଥା ଦେଇଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇ ପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ।

**ମକର**
ଅଭାବ ଲାଗି ରହିଥିଲେ ମଧ୍ୟ ଧାରକରଜ କରି କାମ ତୁଲାଇନେବାକୁ ବାଧ୍ୟ ହୋଇପାରନ୍ତି। କାଳେ ଦେବାକୁ ପଡ଼ିବ, ଏହି ବିଷୟ ମନରେ ଚିନ୍ତାକରି ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଶ୍ରବଣା ନକ୍ଷତ୍ର ପରିବାର ଓ ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ୍ ହେବେ। ଯାନବାହନରେ ସତର୍କ ରୁହନ୍ତୁ, ଅନ୍ୟଥା ସମସ୍ୟା ଆସିପାରେ।

**କୁମ୍ଭ**
ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସିବା ଠିକ୍ ହେବନାହିଁ। ଆଜିର ବନ୍ଧୁମିଳନ ପ୍ରକୃଷ୍ଟ ସମୟ କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ। ଶ-ନାମାକ୍ଷର ବ୍ୟକ୍ତିମାନେ କର୍ମକ୍ଷେତ୍ର କିମ୍ବା ଆନୁଷ୍ଠାନିକ କାମରେ ଦୃଢ଼ ପଦକ୍ଷେପ ଗ୍ରହଣ କରି କାମ ହାସଲ କରିବେ।

**ମୀନ**
ଆକସ୍ମିକ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଆପଣଙ୍କ ସକାଶେ କିଛି ଅସୁବିଧା ସୃଷ୍ଟି ହୋଇପାରେ। ବହୁଦିନରୁ ରହିଯାଇଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ରେବତୀ ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ପରିସ୍ଥିତିବଶତଃ ଅନ୍ୟ ବାଟରେ ବ୍ୟୟ ହୋଇଯିବା ସୂଚନା ରହିଛି।

ଆଜି ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର, ସୁନିଆ, ପୁରୀ ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବଙ୍କ ନୂତନ ଅଙ୍କ ଆରମ୍ଭ, ଶ୍ରୀମନ୍ଦିରରେ ବାମନ ଜନ୍ମ, ଶକ୍ରଧ୍ୱଜୋତ୍‌ଥାପନ, ଇନ୍ଦ୍ରଧ୍ୱଜ ପୂଜା, ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ,୧୪୨୭ ସାଲ ପ୍ରବେଶ, ମହରମ ପର୍ବ, ସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ରାଶିନକ୍ଷତ୍ର-ଦିବା ଘ୧୧।୪ମି.ଗତେ ଶ୍ରବଣା/ମକର ରାଶିର ଘାତବାର। ସକାଳ ଘ୬।୫୫ମି. ଗତେ ଘ୮।୩୨ମି. ମଧ୍ୟେ, ଘ୩।୧୦ମି. ଗତେ ଘ୪।୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୫ମି. ମଧ୍ୟେ ଘ୧୦।୧୧ମି. ଗତେ ଘ୧।୫୦ମି. ମଧ୍ୟେ ମାହେନ୍ଦ୍ରବେଳା।


# classifieds Everyday
0674-2580101, 2549302

**real estate**

**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

କଟକ-ଗୋପାଳପୁର ଧାଙ୍କୁଲେଇଠିରୁ 3k.m sqft.250/-, ବାଳକାଟି ବଜାରରୁ 2k.m sqft. 550/- ନଖରା DPS ପାଖରେ 750/- ରେ ଘରବାରି ପ୍ଲଟ ମିଳୁଅଛି। 9348020724, 7978939440. D-66769

2 lacs deposit ଦେଇ Bank loan ମାଧ୍ୟମରେ Bhubaneswarରେ plot କିଣନ୍ତୁ। Registration/ possession ନେଇ ଘର କରନ୍ତୁ। Mob: 8917412076. D-14282

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

Bhubaneswar-Khurda NH Pitapalli Chhakରେ 30', 60' Road, Electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 9777614605, 6371719107. D-14253

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ବିକ୍ରିହେବ। 9178660666. D-14262

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି Sqft 650/- 7008045582, 9692003948. D-14283

**PURCHASE**

Land requires on basis of Outright/ Sharing/ Marketing. 9937816565, 9937568585. D-14284

**ACCOMMODATION**

Wanted 1000-1200sqft. space for office Jaydev Vihar, Nayapalli, Acharya Vihar, Baragada Canal Road, Gautam Nagar, Ratha Road. Call: 9938720683, 9853483658. D-67384

**packers & movers**

Shivam logistic packers movers. Household/ car relocation countrywide. 9777044177, 9338461133. D-14206

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381

Refresh your mind and soul with best therapy at Orchid Salon/Spa. 9937287222. D-66958

**business**

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**astrology**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit before Notary, Puri on 24.08.2007, I Sarita Parija has changed my surname from Parija to Parida. Henceforth, I will be known as Sarita Parida instead of Sarita Parija for all purpose. Sarita Parida, W/o Sushil Chandra Parida, At: Baghasahi, P/o: Sriramchandrapur, P.S.- Satyabadi, Dist: Puri. D-67604

**ନିରୁଦ୍ଦିଷ୍ଟ**



ନାମ: ବବିତା ବେହେରା
ବୟସ: ୨୭
ଉଚ୍ଚତା: ୫ଫୁଟ ୩ଇଞ୍ଚ
ବର୍ଣ୍ଣ: ଶ୍ୟାମଳ ଭାଷା: ହିନ୍ଦୀ
ଯିବାବେଳେ ଧଳା ଶାଢ଼ି ପିନ୍ଧିଥିଲେ, ଚଳିତ ମାସ ୩ ତାରିଖରୁ ନିଖୋଜ ଅଛନ୍ତି। କେହି ସନ୍ଧାନ ପାଇଲେ ନିମ୍ନ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। 9572188004, 9937083634
ଧ-୧୪୨୮୫

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ମଧ୍ୟପ୍ରଦେଶରେ ଲଗାଣ ବର୍ଷା ଯୋଗୁ ଜୀବନଯାତ୍ରା ବ୍ୟାହାତ ହୋଇଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡ଼ିଥିବାବେଳେ ଭୋପାଳର ଏକ ଡ୍ରେନରେ ଦୁଇବର୍ଷର ଶିଶୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଛି। ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ୩୨ଜିଲାରେ ଅଧିକ ବର୍ଷା ହେବ ବୋଲି କୁହାଯାଇଥିବାବେଳେ ସ୍କୁଲଗୁଡ଼ିକୁ ବନ୍ଦ ଘୋଷଣା କରାଯାଇଛି। ଇନ୍ଦିରା ସାଗର ଜଳାଶୟର ୨୦ରୁ ୧୨ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ବନ୍ୟା ପରିସ୍ଥିତି ଦେଖାଦେଇଛି।



## ଜିଲା ଟିଠି
### ବରଗଡ଼

# ରାସ୍ତା ନିର୍ମାଣରେ ତ୍ରୁଟି

ଓଡ଼ିଶାର ସଡ଼କ ଦୁର୍ଘଟଣା ଯେ କେବଳ ଗାଡ଼ି ଚାଳକଙ୍କ ପାଇଁ ହୋଇଥାଏ, ତାହା ନୁହେଁ। ଏଥିରେ ଗାଁ ରାସ୍ତାଠାରୁ ଆରମ୍ଭ କରି ରାଜ୍ୟ ରାଜପଥ, ଜାତୀୟ ରାଜପଥର ମଧ୍ୟ ସହଭାଗିତା ରହିଛି। ଯଦି ପଥ ଠିକ୍ ନୁହେଁ, ତେବେ ଯେତେ ସତର୍କତାରେ ଗାଡ଼ି ଚଳାଇଲେ ମଧ୍ୟ ଦୁର୍ଘଟଣା ଘଟିବା ସ୍ୱାଭାବିକ। ଏହାକୁ କେହି ଏଡ଼ାଇ ପାରିବେ ନାହିଁ। ବରଗଡ଼ ଜିଲା ସୋହେଲାଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ଚାରିଥାକିଆ(ଫୋର୍‌ଲେନ୍) ରାଜପଥ କଥା ଉଦାହରଣ ଭାବେ ନିଆଯାଇପାରେ। ଫୋରଲେନ୍ ହେବା ସତ୍ତ୍ୱେ ୮୮ କି.ମି. ଏହି ରାସ୍ତାରେ ଦୁର୍ଘଟଣା ଥମିବା ନାଁ ନେଉନି। ସଡ଼କ ଦୁର୍ଘଟଣା ଏଠାରେ ନିତିଦିନିଆ ପାଲଟିଛି। ବେପରୁଆ ଗାଡ଼ି ଚାଳନା ଏହାର ଏକ କାରଣ ହୋଇଥିବାବେଳେ ଫୋରଲେନ ରାସ୍ତା ନିର୍ମାଣରେ ତ୍ରୁଟି ମଧ୍ୟ ସେଥିପାଇଁ ଦାୟୀ ବୋଲି ଅଭିଯୋଗ ହୋଇଛି। ଫୋରଲେନ୍ ରାସ୍ତା ନିର୍ମାଣରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ବିଗତଦିନରେ ଖୋଦ୍ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନଏଚଏଆଇ) ଅଧିକାରୀଙ୍କ ସମେତ ଖଡ଼ଗପୁର ଆଇଟିଆଇର ବିଶେଷଜ୍ଞ ଟିମ୍ ଆସି ବିଭିନ୍ନ ସ୍ଥାନରେ ରହିଥିବା ତ୍ରୁଟି ଚିହ୍ନଟ କର ଏଥିରେ ସୁଧାର ଆଣିବାକୁ ପରାମର୍ଶ ଦେଇଥିଲେ। ମାତ୍ର ବର୍ଷ ପରେ ବର୍ଷ ବିତିଯାଉଛି, ହେଲେ କିଛି ବି ସୁଧାର ଆସି ନାହିଁ। ଅନ୍ୟପକ୍ଷେ ଆଇନ ଅନୁଯାୟୀ ସ୍ପିଡ୍ ବ୍ରେକର୍ ପାଇଁ ରାଜପଥ ଉପରେ ହମ୍ପସ୍ ନିର୍ମାଣ କରାଯାଉନି। ହେଲେ ବିଭିନ୍ନ ସ୍ଥାନରେ ହମ୍ପସ ନିର୍ମାଣ କରାଯାଉଛି। ଯାହା କେବଳ ଦୁର୍ଘଟଣାର ବାହକ ସାଜି ନାହିଁ, ପ୍ରଦୂଷଣଠାରୁ ଆରମ୍ଭ କରି ଗାଡ଼ି ପ୍ରତି କ୍ଷତି ପହଞ୍ଚାଇବାରେ ସହାୟକ ହୋଇଛି। ନୂତନ ମୋଟରଯାନ ଆଇନ ଅନୁଯାୟୀ, ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଯେଉଁ ଟୋଲଗେଟ୍‌ଗୁଡ଼ିକରେ ଯାଞ୍ଚ ଚାଲିଛି, ସେଥିମଧ୍ୟରୁ ୫ଟି ବହୁ ପୂର୍ବରୁ ଅବୈଧ ଘୋଷିତ ହୋଇସାରିଛି। ବରଗଡ଼ର ବରାହଗୋଡ଼ା ସମେତ ପିପିଲି, ଚଣ୍ଡିଖୋଲ ନିକଟ ଶେରଗଡ଼, ମଙ୍ଗୁଳି, ପାଣିକୋଇଲି ଟୋଲଗେଟ୍ ପୌରାଞ୍ଚଳର ୧୦କିମି ଦୂରରେ ରହିଛି। ଏହି ଟୋଲଗେଟ୍ ୨ଟି ଟୋଲପ୍ଲାଜାର ୬୦କିମି ଦୂରତାରେ ରହିଛି। ଫଳରେ ୨୦୧୬ରୁ ଏଭଳି ଟୋଲଗେଟ୍ ଅବୈଧ ବୋଲି ଘୋଷିତ ହୋଇସାରିଛି। ଉଭୟ ରାଜ୍ୟ, କେନ୍ଦ୍ର ସରକାର ଏ କଥାକୁ ସ୍ୱୀକାର କରିଛନ୍ତି। ସେହି ଟୋଲପ୍ଲାଜାକୁ ନିର୍ଦ୍ଧାରିତ ଦୂରତ୍ୱକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଏପର୍ଯ୍ୟନ୍ତ ଟୋଲଗେଟ୍‌ଗୁଡ଼ିକ ସ୍ଥାନାନ୍ତର ହୋଇପାରିନାହିଁ। ନିର୍ଦ୍ଦେଶକୁ ବେଖାତିର କରିଥିବା ଟୋଲଗେଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବି ହୋଇନାହିଁ। ନୂଆ ମୋଟରଯାନ ଆଇନ ଅନୁସାରେ ଏବେ ସେହି ଅବୈଧ ଟୋଲଗେଟ୍‌ରେ ପୋଲିସ, ପରିବହନ ବିଭାଗ ଛପି ରହି ଯାଞ୍ଚ ଚଳାଉଛନ୍ତି। ଏଭଳି ଦୋଷ, ଦୁର୍ବଳତାକୁ ଲୁଚାଇବା ପାଇଁ ଲୋକଙ୍କ ଚାପରେ ଏବେ ରାଜ୍ୟ ସରକାର ମୋଟରଯାନ ଆଇନକୁ କୋହଳ କରିଥିବା ମନେ ହେଉଛି।

– ପ୍ରେମାନନ୍ଦ ଖମାରୀ

# ଭାରତରେ ମହିଳାଙ୍କ ଆତ୍ମହତ୍ୟା ଅଧିକ




ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପ୍ରତିବର୍ଷ ସେପ୍ଟେମ୍ବର ୧୦ରେ ସାରା ବିଶ୍ୱରେ ୨୦୦୩ରୁ ପାଳନ କରାଯାଉଛି। ଆନ୍ତର୍ଜାତିକ ଆତ୍ମହତ୍ୟା ନିରୋଧୀ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଘର ମିଳିତ ସହଯୋଗରେ ଏହି ଦିବସ ପାଳନ କରାଯାଉଛି। ବିଶ୍ୱରେ ଆତ୍ମହତ୍ୟା ରୋକିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତିବଦ୍ଧତା ଆଣିବା ଓ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥାଏ ଏହି ଦିବସ। ୨୦୦୩ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ସ୍ଲୋଗାନ ଥିଲା–'ଆତ୍ମହତ୍ୟାକୁ ରୋକାଯାଇପାରିବ'। ସେବେଠାରୁ ୨୦୧୧ ସୁଦ୍ଧା ୪୦ଟି ଦେଶରେ ଆତ୍ମହତ୍ୟା ରୋକିବା ଉପରେ ସଚେତନତା ସୃଷ୍ଟି କରାଯାଇପାରିଥିଲା। ଆତ୍ମହତ୍ୟା ଘଟଣା କ୍ରମଶଃ ବୃଦ୍ଧିପାଇଛି, କିନ୍ତୁ ୩୮ଟି ଦେଶ ଏଯାବତ ଆତ୍ମହତ୍ୟା ରୋକିବା ପାଇଁ ଜାତୀୟସ୍ତରରେ ଯୋଜନା କରିଛନ୍ତି। ୨୦୧୯ରେ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ସ୍ଲୋଗାନ୍ ରହିଛି 'ଆତ୍ମହତ୍ୟା ରୋକିବା ଲାଗି ମିଳିମିଶି କାମ କରିବା'।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରୁ ଜଣାପଡେ ଯେ, ବିଶ୍ୱରେ ୨୦୦୮, ୨୦୧୨ ଓ ୨୦୧୫ ରେ ପୁରୁଷଙ୍କ ତୁଳନାରେ ମହିଳାମାନେ ବେଶି ଆତ୍ମହତ୍ୟା କରିଥିଲେ। ଭାରତରେ ୧୯୯୦ରେ ଆତ୍ମହତ୍ୟା ୨୦.୩ ପ୍ରତିଶତ ରହିଥିଲା ଯାହା ୨୦୧୬ରେ ପହଞ୍ଚିଥିଲା ୩୬.୬ ପ୍ରତିଶତରେ। ସେହିପରି ପୁରୁଷଙ୍କ ଆତ୍ମହତ୍ୟା ପ୍ରତିଶତ ୧୮.୭ ରହିଥିବାବେଳେ ତାହା ୨୦୧୬ରେ ପହଞ୍ଚିଥିଲା ୨୪.୩ ପ୍ରତିଶତରେ। ପୁରୁଷଙ୍କ ତୁଳନାରେ ଭାରତରେ ମହିଳାମାନେ ବେଶି ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟା କରିବାର ବିଭିନ୍ନ କାରଣ ରହିଛି। ଏକ ଆକଳନରୁ ଜଣାଯାଏ, ବିଶ୍ୱରେ ବର୍ଷକୁ ୧୦ ଲକ୍ଷ ଲୋକ ଆତ୍ମହତ୍ୟା କରୁଛନ୍ତି। ଏହା ବିଶ୍ୱରେ ମୋଟ୍‌ରେ ହେଉଥିବା ମୃତ୍ୟୁର ୧.୪ ପ୍ରତିଶତ। ପ୍ରତି ୪୦ ସେକେଣ୍ଡରେ ଜଣେ କିମ୍ବା ଦିନକୁ ୩,୦୦୦ ଜଣ ଆତ୍ମହତ୍ୟା କରୁଛନ୍ତି। ୨୦୦୪ରେ ରହିଥିବା ଏହି ସଂଖ୍ୟା ୨୦୨୦ରେ ୧୫ ଲକ୍ଷରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ସାରା ବିଶ୍ୱରେ ମହିଳାଙ୍କ ଆତ୍ମହତ୍ୟା ହାର ବେଶି । ପୁରୁଷଙ୍କ ଅପେକ୍ଷା ୨–୩ ଗୁଣ ଅଧିକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି ମହିଳାମାନେ । ବିଶ୍ୱରେ ଯେତିକି ଲୋକ ଯୁଦ୍ଧ ଓ ହତ୍ୟା ଯୋଗୁ ମୃତ୍ୟୁର ଶିକାର ହେଉଛନ୍ତି ତା'ଠାରୁ ଅଧିକ ମୃତ୍ୟୁ ହେଉଛି ଆତ୍ମହତ୍ୟା କାରଣରୁ। ଆତ୍ମହତ୍ୟା କରିବାକୁ ୧୫ରୁ ୨୪ ବର୍ଷ ବୟସ ମଧ୍ୟରେ କିଶୋର ଓ ଯୁବକମାନେ ଅଧିକ ଉଦ୍ୟମ କରୁଛନ୍ତି ବୋଲି ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରୁ ଜଣାପଡ଼ିଛି। ବିଶ୍ୱରେ ପ୍ରତିବର୍ଷ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରୁ ୧,୩୫, ୦୦୦(୧୭ ପ୍ରତିଶତ) ଭାରତରେ ହେଉଛି। ବିଶ୍ୱ ଜନସଂଖ୍ୟାର ୧୭.୫ ପ୍ରତିଶତ ଲୋକ ରହୁଥିବା ଦେଶରେ ବିଶ୍ୱର ମୋଟ୍ ଆତ୍ମହତ୍ୟାର ୧୭ ପ୍ରତିଶତ ହେବା ଚିନ୍ତାଜନକ। ବିଶ୍ୱରେ ଯେତିକି ମହିଳା ଆତ୍ମହତ୍ୟା କରୁଛନ୍ତି ତା'ର ୩୭ ପ୍ରତିଶତ ହେଉଛନ୍ତି ଭାରତୀୟ ।

ଆତ୍ମହତ୍ୟା ବୃଦ୍ଧିର ମୁଖ୍ୟ କାରଣଗୁଡିକ ମଧ୍ୟରେ ଦାରିଦ୍ର୍ୟ, ବେକାରି, ପ୍ରିୟଜନଙ୍କୁ ହରାଇବା, ଯୁକ୍ତିତର୍କ, ଆଇନ ତଥା କାର୍ଯ୍ୟ ସମ୍ବନ୍ଧିତ ସମସ୍ୟାରୁ ଏହା ବେଶି ହେଉଛି। ବ୍ୟକ୍ତିଗତ,ସାମାଜିକ, ଆର୍ଥିକ ତଥା ପାରିବାରିକ ସମସ୍ୟା ଆତ୍ମହତ୍ୟାର କାରଣ ପାଲଟୁଛି। ଧନୀ ଦେଶଗୁଡିକରେ ମହିଳାଙ୍କ ତୁଳନାରେ ୩ ଗୁଣ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡିକରେ ପୁରୁଷ– ମହିଳା ଅନୁପାତ କମ୍ ରହିଛି। କିନ୍ତୁ ଆମେରିକାରେ ମହିଳାଙ୍କ ତୁଳନାରେ ୪ ଗୁଣ ପୁରୁଷ ଆତ୍ମହତ୍ୟା କରନ୍ତି ବୋଲି ୨୦୧୬ର କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି। ୨୦୧୮ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟରେ କୁହାଯାଇଛି, ୧୫–୩୯ ବର୍ଷ ବୟସରେ ସାରା ବିଶ୍ୱରେ ଅଧିକ ଆତ୍ମହତ୍ୟା କରୁଛନ୍ତି।

ସାମାଜିକ ଓ ଧାର୍ମିକ ପ୍ରତିବନ୍ଧକ ଆତ୍ମହତ୍ୟାର କାରଣ ହେଉଛି। ବହୁ ଦେଶରେ ଆତ୍ମହତ୍ୟା ଉଦ୍ୟମକୁ ଅପରାଧ ଭାବେ ଗ୍ରହଣ କରାଯାଇଛି। କିନ୍ତୁ ଯିଏ ଏହି ଉଦ୍ୟମ କରୁଛନ୍ତି ଏହାର ମୂଳ କାରଣ କ'ଣ ତାହା ଜାଣି ଆଲୋଚନା ପରିସରକୁ ପ୍ରାୟ ଆଣିବାର ଉଦ୍ୟମ କରାଯାଉନାହିଁ। ଏହାକୁ ପରିବାର ପକ୍ଷରୁ ଏକ କଳଙ୍କ ବୋଲି ବିଚାର କରି ଚାପିଦିଆଯାଉଛି। ଯେଉଁମାନେ ଆଇନ ପରିସରକୁ ଆସୁଛନ୍ତି ତାହା ବି ଫାଇଲ ତଳେ ରହିଯାଉଛି। ଆତ୍ମହତ୍ୟା ଉଦ୍ୟମ କରୁଥିବା ବ୍ୟକ୍ତି ସେମାନଙ୍କ ସମସ୍ୟାର ସମାଧାନ କରିବାକୁ ସାହାଯ୍ୟ ନେବାକୁ ଚାହୁଁ ନ ଥିବାରୁ ସେମାନେ ଯେଉଁ ସାହାଯ୍ୟ ପାଇବା କଥା ତାହା ପାଇପାରୁନାହାନ୍ତି। ଏଣୁ ଆତ୍ମହତ୍ୟା ନିରୋଧୀ ଅଭିଯାନ ବ୍ୟାପକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏହା ସଚେତନତା ଅଭାବରୁ ହିଁ ହେଉଛି। ଏଥିପାଇଁ ଆତ୍ମହତ୍ୟାର କାରଣଗୁଡିକୁ ଠାବ କରାଯାଇଥିଲେ ବି ଏହା ପ୍ରତି ସଚେତନତା ସୃଷ୍ଟି କରିବା ପଥରେ ଥିବା ସାମାଜିକ ପ୍ରତିବନ୍ଧକକୁ ଦୂର କରିବା ଲାଗି ଖୋଲା ଆଲୋଚନାର ଆବଶ୍ୟକତା ରହିଛି।

ଶାରୀରିକ ତଥା ମାନସିକ ସମସ୍ୟା ଯଥା ବିଷାଦ ଆତ୍ମହତ୍ୟାର ଏକ ବଡ଼ କାରଣ ଭାବେ ସାରା ବିଶ୍ୱରେ ଉଭା ହୋଇଛି। ବିଶ୍ୱରେ ୩୦୦ ମିଲିୟନ ଲୋକ ବିଷାଦଗ୍ରସ୍ତ। ଭାରତରେ ମୋଟ ଜନସଂଖ୍ୟାର ୧୩.୭ ପ୍ରତିଶତ ମାନସିକ ସମସ୍ୟାରେ ରହିଛନ୍ତି। ୩୫ ବର୍ଷ ବୟସରୁ କମ୍ ଯୁବକଙ୍କ ମଧ୍ୟରେ ଏହା ବେଶି ଦେଖାଯାଉଛି। ବିଷାଦ ଓ ଅନ୍ୟ କାରଣ ପାଇଁ ଯୋଗୁ ଭାରତରେ ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ବିଶ୍ୱରେ ଅଧିକ ଆତ୍ମହତ୍ୟା କରୁଛନ୍ତି। କୃଷକ ଆତ୍ମହତ୍ୟା ବି ଏକ ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଏହା କେଉଁ କାରଣରୁ ବୃଦ୍ଧିପାଉଛି ଓ କିଭଳି ରୋକାଯାଇପାରିବ ତାହା ଉପରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ଜଣେ ଆତ୍ମହତ୍ୟା କରିବା ପୂର୍ବରୁ ତା ବ୍ୟବହାରକୁ ଜାଣି ତା'ର ପ୍ରତିକାର କ'ଣ କରାଯିବା ଦରକାର ତା'ଉପରେ ବ୍ୟାପକ ଭାବେ ଲୋକମାନଙ୍କୁ ସଚେତନ କରିବା ସହ ଏହାର ବିପଜ୍ଜନକ କାରଣକୁ ଲକ୍ଷ୍ୟ କରି ସୁରକ୍ଷା ଦିଗ ପ୍ରତି ସଚେତନ କରାଯିବା ଆବଶ୍ୟକ। ଏ ସବୁ ଦୃଷ୍ଟିରୁ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ ପାଳନ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

# ନୀତି ଆୟୋଗ ର୍‍ୟାଙ୍କିଙ୍ଗ ଉପରେ ଗୁରୁତ୍ୱ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୯।୯(ବ୍ୟୁରୋ)

ସ୍ୱାସ୍ଥ୍ୟ, ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ବିକାଶକୁ ନେଇ ରାଜ୍ୟଗୁଡିକର ର୍‍ୟାଙ୍କିଙ୍ଗ ପ୍ରସ୍ତୁତ କରାଯାଉଛି। ଯେଉଁ ବିଷୟବସ୍ତୁକୁ ଆଧାର କରି ର୍‍ୟାଙ୍କିଙ୍ଗ ପ୍ରସ୍ତୁତ କରାଯାଉଛି, ସେଗୁଡିକର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାର ନୀତି ଆୟୋଗକୁ ପରାମର୍ଶ ଦେଇଥିବା ଜଣାପଡିଛି। ରାଜ୍ୟଗୁଡିକର ବିଭିନ୍ନ ବିକାଶ କ୍ଷେତ୍ରକୁ ନେଇ ନୀତି ଆୟୋଗ ବିଭିନ୍ନ ସମୟରେ ଭିନ୍ନଭିନ୍ନ ରିପୋର୍ଟ ପ୍ରକାଶ କରୁଥିବା ବେଳେ ରାଜ୍ୟଗୁଡିକୁ ର୍‍ୟାଙ୍କିଙ୍ଗ ମଧ୍ୟ କରୁଛନ୍ତି। ତେବେ ଏହି ସମୟରେ ନିର୍ଦ୍ଦିଷ୍ଟ କିଛି ମାନାଙ୍କକୁ ବିଚାରକୁ ନେବା ଲାଗି ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି। ନିକଟ ଭବିଷ୍ୟତରେ ନୀତି ଆୟୋଗ ପକ୍ଷରୁ ହେଲ୍‌ଦି ପ୍ରୋଗ୍ରେସିଭ୍ ଇଣ୍ଡିଆ ରିପୋର୍ଟ କାର୍ଡ ପ୍ରସ୍ତୁତ କରାଯିବା ସହିତ ରାଜ୍ୟଗୁଡିକର ର୍‍ୟାଙ୍କିଙ୍ଗ କହୁଥିବାବେଳେ ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିଭିନ୍ନ ଦିଗକୁ ଦୃଷ୍ଟି ଦେଇ ନ ଥିବା ବହୁ ଅଧିକାରୀ ଦର୍ଶାଇଥିଲେ। ଏନେଇ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ନୀତି ଆୟୋଗ ସହିତ ଯୋଗାଯୋଗରେ ଥିବା ଜଣାପଡିଛି। ପୂର୍ବରୁ ଅସୀତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ କାର୍ଯ୍ୟ କରିଛନ୍ତି। ଏହି ଅଭିଜ୍ଞତା ଆଧାରରେ ସେ ନୀତି ଆୟୋଗକୁ କହିଥିବା ଜାଣିବାକୁ ମିଳିଛି। ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଓଡିଶା ସର୍ବାଗ୍ରେ ରହିପାରିଛି। ୨୦୧୭–୧୮ରେ ମ୍ୟାଲେରିଆ ନିବାରଣରେ ଓଡିଶା ସବୁଠାରୁ ଆଗରେ ରହିପାରିଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହାକୁ ବହୁ ପ୍ରଶଂସା କରିଛି। କେନ୍ଦ୍ରୀୟ ସଚିବଙ୍କ କହିବାନୁଯାୟୀ ୨୦୧୮ରେ ଓଡିଶାରେ ୫୫ ପ୍ରତିଶତ ମ୍ୟାଲେରିଆ ନିବାରଣ ହୋଇପାରିଛି। ୨୦୧୭ରେ ଏହା ୬୭ପ୍ରତିଶତ ହ୍ରାସ ପାଇଥିଲା। ୨୦୧୮ ବିଶ୍ୱ ମ୍ୟାଲେରିଆ ରିପୋର୍ଟରେ ମଧ୍ୟ ରାଜ୍ୟ ମ୍ୟାଲେରିଆ ନିୟନ୍ତ୍ରଣ ସଫଳତା ସ୍ଥାନ ପାଇପାରିଛି। ମାତ୍ର ନୀତି ଆୟୋଗ ପକ୍ଷରୁ ଯେତେବେଳେ ରିପୋର୍ଟ ପ୍ରସ୍ତୁତ କରାଯାଇଛି ଏହାକୁ ଗୁରୁତ୍ୱ ଦିଆଯାଇନାହିଁ।

# ବରିଷ୍ଠ ସାମ୍ବାଦିକ ଦିଲୀପ ଶତପଥୀଙ୍କ ବିୟୋଗରେ ନବୀନ, ଧର୍ମେନ୍ଦ୍ରଙ୍କ ଶୋକ

**ଭୁବନେଶ୍ୱର, ୯।୯(ବ୍ୟୁରୋ):** ବରିଷ୍ଠ ସାମ୍ବାଦିକ ଦିଲୀପ ଶତପଥୀଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀପ ଜଣେ ଅଭିଜ୍ଞ ଓ ନୀତି ଆଦର୍ଶ ସଂପନ୍ନ ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତ ଓଡ଼ିଶା ସାମ୍ବାଦିକତା ପାଇଁ ବିରାଟ କ୍ଷତି। ଏହି ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାର ବର୍ଗକୁ ସାନ୍ତ୍ୱନା ଜଣାଇଛନ୍ତି। ଅର୍ଥନୈତିକ ସାମ୍ବାଦିକତା ଓ ରାଜନୈତିକ ବିଶ୍ଳେଷଣ କ୍ଷେତ୍ରରେ ଦିଲ୍ଲୀପ ଶତପଥୀ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍ୱର୍ଗତଃ ଶତପଥୀଙ୍କ ଦେହାନ୍ତରେ ସେ ମର୍ମାହତ ଓ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛନ୍ତି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ କରି ଜଣାଇଛନ୍ତି।

୯ମ ଜନ୍ମଦିନ ଶୁଭେଚ୍ଛା



ଅଭିନୀତ ମେହେର
ଲାଉମୁଣ୍ଡା, ବିଜେପୁର, ଜିଲ୍ଲା–ବରଗଡ଼
ଆଜି ତୋର ନବମ ଜନ୍ମବାର୍ଷିକୀ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ ଯେ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ
ବାପା: ହୀରାଚାନ୍ଦ ମେହେର, ମାଆ: ଲୋକେଶ୍ୱରୀ ମେହେର, ମାମୁ, ମାଈଁ, ଅଜା, ଆଈ ଓ ସମସ୍ତ ପରିବାରବର୍ଗ
ଧ–୧୪୨୮୬

# ୨ ନାବାଳକ ପୁଅଙ୍କୁ ହତ୍ୟା କରି ମା'ଙ୍କ ଆତ୍ମହତ୍ୟା

## ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ମା'

ଭବାନୀପାଟଣା,୯।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନାଠାରୁ ୧୦ କି.ମି. ଦୂର ସିଙ୍ଗଝରଣ ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ୨ ଶିଶୁଙ୍କୁ ତଣ୍ଡିକାଟି ହତ୍ୟା କରିବା ପରେ ମା' ନିଜେ ଯାଇ ରେଳ ଧାରଣାରେ ଆତ୍ମହତ୍ୟା କରିବା ଘଟଣା ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତା ମହିଳା ଜଣଙ୍କ ହେଉଛନ୍ତି ସିଙ୍ଗଝରଣ ଗ୍ରାମର ଲିଙ୍ଗ ମାଝିଙ୍କ ସ୍ତ୍ରୀ ବିମଳା (୩୫) ଓ ମୃତ ଶିଶୁ ଦ୍ୱୟ ହେଲେ ବିମଳାଙ୍କ ଦୁଇପୁଅ ଦୁଷ୍ମନ୍ତ (୭) ଓ ରବୀନ୍ଦ୍ର (୨)। ମୃତା ବିମଳାଙ୍କ ମା' ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ ଲିଙ୍ଗ ଗତ ୪ ମାସ ହେଲା ଗାଁର ଅନ୍ୟ ଏକ ମହିଳାଙ୍କ ସହ ସମ୍ପର୍କ ରଖି ଭବାନୀପାଟଣାରେ ରହୁଥିଲେ। ସୋମବାର ଭୋରରୁ ଲିଙ୍ଗଙ୍କ ୨ ପୁଅ ଦୁଷ୍ମନ୍ତ ଓ ରବୀନ୍ଦ୍ରଙ୍କ ବେକ କଟା ଅବସ୍ଥାରେ ମୃତ ଦେହ ଘରେ ପଡ଼ିଥିବା ପଡୋଶୀ ଦେଖିବାକୁ ପାଇଥିଲେ। ଏହା ପରେ ଉକ୍ତ ଗ୍ରାମ ଦେଇ ଯାଇଥିବା ଭବାନୀପାଟଣା–ଜୁନାଗଡ ରେଳ ଲାଇନ ଉପରେ ଜଣେ ମହିଳାଙ୍କ ମୁଣ୍ଡ ଗଣ୍ଡି ଅଲଗା ପଡିଥିବା ଦେଖିବାକୁ ମିଳିଥିଲା। ଯାହାକି ଲିଙ୍ଗ ମାଝିଙ୍କ ସ୍ତ୍ରୀ ବିମଳା ବୋଲି ଚିହ୍ନଟ କରାଯାଇଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଲିଙ୍ଗଙ୍କୁ ଅଟକ ରଖିଥିବା ଜଣାପଡିଛି। ଅନ୍ୟପକ୍ଷରେ ଉକ୍ତ ଗ୍ରାମର ଜଣେ ବିବାହିତା ମହିଳାଙ୍କ ସହିତ ଲିଙ୍ଗଙ୍କ ସମ୍ପର୍କ ଥିବା ଓ ଏଥିପାଇଁ ତାଙ୍କ ପରିବାରରେ ବାରମ୍ବାର କଳହ ଲାଗି ରହିଥିବା ଯୋଗୁ ଏପରି ଅଭାବନୀୟ ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ପୋଲିସ ସମ୍ପୃକ୍ତା ମହିଳା ଓ ଲିଙ୍ଗଙ୍କୁ ମଧ୍ୟ ଥାନାକୁ ଆଣି ପଚରା ଉଚରା ଚଳାଇଥିବା ଜଣାପଡିଛି। ଭବାନୀପାଟଣା ସଦର ପୋଲିସ ଅଧିକାରୀ ପ୍ରଦୀପ ଧରୁଆ, କଳାହାଣ୍ଡି ଏସପି ବି.ଗଙ୍ଗାଧରଙ୍କ ସମେତ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଅଧିକାରୀମାନେ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି।

JAWAHAR NAVODAYA VIDYALAYA, SARANG
DIST: DHENKANAL(ODISHA), Ph : 06768-267135
Email: jnvdhenkanal@gmail.com, Website: www.jnvdhenkanal.org
APPOINTMENT OF ODIA TEACHERS ON CONTRACT BASIS FOR JNVs OF PATNA REGION
Applications are invited to TGT(Odia) for the session 2019-20 in different JNVs of Patna region (Bihar, Jharkhand, West Bengal only)Purely on contract. The last date of submission of application forms is 10 A.M. of dt. 16.09.2019. For detail information visit our Vidyalaya website-**www.jnvdhenkanal.org.** The Candidate must be passed out graduation with 50% marks in aggregate and 50 % marks in odia language as elected subject with B.Ed. The criteria for selection will be purely on merit basis on educational qualification, CCA activities and experience. There will be no interview. The tentative merit list will be uploaded in the website of this Vidyalaya. The applicants will have to produce original documents for verification personally on dt- 16.09.2019 at 12.15 A.N. onwards. The final merit list will be intimated to the Deputy Commissioner, NVS, RO, Patna through Deputy Commissioner, NVS, RO, Bhopal for issue of posting order in different JNVs of Patna region.
PRINCIPAL, JNV, SARANG

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଚ୍ଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍®
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)
SCABIRAJ
ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ବାଞ୍ଛାନିଧି ପଣ୍ଡା
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଡ଼ାଲଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର
ତିରୋଧାନ: ୧୦।୦୯।୨୦୧୪
ପରମପୂଜ୍ୟ ବାପା! ଆଜକୁ ପାଞ୍ଚବର୍ଷ ହେଲା ଆପଣ ଆମକୁ ଛାଡ଼ି ଚାଲିଗଲେଣି। ଆପଣଙ୍କ ଅନୁପସ୍ଥିତି ଆମ ସମସ୍ତଙ୍କୁ କେତେ ଯେ ଦୁଃଖ ଦେଉଛି ସେକଥା କେବଳ ଅନୁଭିବୀହିଁ ଅନୁଭବ କରିପାରିବ। ଆପଣ ଓ ନନାଙ୍କର ଚାଲିଯିବାପରେ ଆମେ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇ ରହିଛୁ। ପ୍ରଭୁଙ୍କ ପାଦପଦ୍ମରେ ଏତିକି ମାଗୁଣି ଆପଣ ଦୁହେଁ ଯେଉଁଠି ବି ଥାଆନ୍ତୁ ଖୁସିରେ ଥାଆନ୍ତୁ ଓ ଆପଣଙ୍କ ଆଶିଷ ଆମ ସମସ୍ତଙ୍କ ଉପରେ ସଦା ରହିଥାଉ।
ଶୋକସନ୍ତପ୍ତ:
ଆପଣଙ୍କ ଆଦରର ରୁକ୍ମିଣୀ, ଝିଅ, ଜ୍ୱାଇଁ ଓ ନାତି ନାତୁଣୀମାନେ।
ଧ–୧୪୨୮୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ରୋଜି
୯ସ୍ମିତା ତରାଇ(ନରେନ୍ଦ୍ର)
ସ୍ୱାମୀ: ଶ୍ରୀମାନ ପୁଷ୍କର ତରାଇ(ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ)
ଧରାବତରଣ: ୨୦।୦୫।୧୯୬୭ | ସ୍ୱର୍ଗାରୋହଣ: ୧୦।୦୯।୨୦୧୮
ଏକ ବର୍ଷ ହେଲା ଗଲିଗଲ ତୁମେ, ଆମ ସଭିଙ୍କୁ ପର କରି! ଅନେକ ଅନେକ ସୁଖର ସ୍ମୃତି ଦେଇଗଲ ଭରି, ଯେଉଁଠାରେ କି ଦୁଃଖର ନ ଥିଲା ଭାରି !! ମନରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ପରୋପକାର ଦେଇଥିଲ ଭରି, ତୁମରି ସ୍ମୃତିରେ ପ୍ରତିଟି ମୁହୂର୍ତ୍ତ ଯାଉଥିବ ସରି !!!ଲାଗୁନି ତୁମେ ନାହଁ ବୋଲି, ସବୁଠି ତୁମର ମୁହଁ। ବିଧିର ବିଧାନ ମାନିବାକୁ ହେବ, ସ୍ମୃତିରେ ତୁମ ସ୍ନେହ !!! ପ୍ରତିଟି ମୁହୂର୍ତ୍ତରେ ତୁମର ସ୍ମୃତିରେ ଲୁହ ଦିନା ଝରାଇବୁ ଏ ଜୀବନରେ ତୁମର ପରଶ ଆଉକି ପାଇପାରିବୁ... ହେ ଆତ୍ମନ ଯେଉଁଠି ଥାଅ ଭଲରେ ଥାଅ ଏତିକି ପ୍ରଭୁ ସାଇନାଥଙ୍କ ପାଖରେ କରଯୋଡି ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ସମସ୍ତ ତରାଇ ପରିବାରର ସଦସ୍ୟ
ବଗଦିଆ, କୁଜଙ୍ଗ, ପାରାଦୀପ
ଧ–୬୭୦୬୧

## ବ୍ରାହ୍ମଣୀରେ ଡଙ୍ଗା ବୁଡ଼ି ୪ ନିଖୋଜ ଘଟଣା
# ଜଣଙ୍କ ମୃତଦେହ ଉଦ୍ଧାର

**ପରଜଙ୍ଗ, ୯।୯ (ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ରୋଡ୍ ପଞ୍ଚାୟତ କୁନ୍ଦନଦେଇପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ଡଙ୍ଗାବୁଡ଼ି ଘଟଣାରେ ଜଣଙ୍କ ମୃତଦେହ ସୋମବାର ଉଦ୍ଧାର କରାଯାଇଛି। ସେ ହେଲେ କୁନ୍ଦନଦେଇପୁରର ପ୍ରଫୁଲ୍ଲ ଆଚାର୍ଯ୍ୟଙ୍କ ପୁଅ ବିଶ୍ୱଜିତ। ସକାଳେ ସାଆନ୍ଦା ଫାଣ୍ଡି ପାଣିଗେଙ୍ଗୁଟିଆ ଗ୍ରାମ ବ୍ରାହ୍ମଣୀ ନଦୀର ଶକ୍ତିପଦା ପଠା ନିକଟ କାଉଁସି ଗଛଗୁଡିକରେ ମୃତଦେହ ଲାଖିଥିଲା। ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ମହାପାତ୍ର ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିଲେ। ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂଙ୍କ ସମେତ ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସାନଭାଇ ବିଭୂତିଙ୍କ ଅଭିଯୋଗ କ୍ରମେ ପରଜଙ୍ଗ ଥାନାରେ ନଂ. ୩୦/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ଖେଳିଯାଇଥିଲା। ବିଶ୍ୱଜିତଙ୍କ ସ୍ତ୍ରୀ ଇପ୍ସିତା ଚେତାଶୂନ୍ୟ ହୋଇ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ତାଳଚେର ମଣ୍ଡାପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶ୍ୱଜିତ ମାତ୍ର ୪ ମାସ ତଳେ ମେ ୧୭ରେ ମୁଣ୍ଡେଇଲୋ ଗ୍ରାମରେ ବିବାହ କରିଥିଲେ। ଜିଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ସ୍ଥାନୀୟ ସରପଞ୍ଚ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଘଟଣାକୁ ଦୁଇ ଦିନ ବିତିଯାଇଥିଲେ ମଧ୍ୟ ନିଖୋଜ ଥିବା ଅନ୍ୟ ୩ ଜଣଙ୍କ ପତ୍ତା ମିଳିପାରିନାହିଁ। ଓଡ୍ରାଫ ଟିମ,ଏନଡିଆରଏଫ, ଅଗ୍ନିଶମ ସେବା କର୍ମଚାରୀ ମିଳିତ ଭାବେ ତଲାସି ଅଭିଯାନ ଚଳାଇଛନ୍ତି।

CLASSIFIED DISPLAY

ଏମିତ ପାଠ ପଢନ୍ତୁ ଯେଉଁ ପାଠ ଆପଣଙ୍କୁ ରୋଜଗାରକ୍ଷମ କରିପାରିବ
Bhava Institute Of Medical Science & Research
ରେ ଖୋଲିଛି ସମ୍ପୂର୍ଣ୍ଣ ରୋଜଗାରକ୍ଷମ ପାଠ୍ୟକ୍ରମ
DIPLOMA PROGRAMME
GNM (Nursing)
ANM (Nursing)
DMRT (X-Ray)
DMLT (Pathology)
ELIGIBILITY : +2 PASS
CERTIFICATE PROGRAMME
MEDICAL LAB TECH.
X-RAY TECH
O.T TECH
WARD TECH
DIALYSIS TECH
ELIGIBILITY : MATRIC PASS
ପାରା ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୨୯ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15,
Phone : 0674 - 2553122, 9040009727, 8456845313 (M)

CCTV ସବୁ ଦେଖୁଛି
CCTV CAMERA
Call for Installation 8984063447
UTILITY SERVICES

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer | EMI Facility | Attractive Discount
ଶ୍ରବଣ ଯନ୍ତ୍ର
DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

LEARN CCTV ପ୍ରଶିକ୍ଷଣ କେନ୍ଦ୍ର
Become a CCTV Engineer
Start your own Business in Low Investment
INSTALLATION & NETWORKING
CCTV Training Centre. Become a CCTV Engineer in Just 25 days
CCTV, Biometric & EPABX Marketing, Installation & Technical Training.
Onsite Practice
Internship
100% Job Placement
Class Detailing
100% Practical Training
Hostel Facility available
ଅଳ୍ପ ପାଠୁଆ ବି ଯୋଗ୍ୟ ଇଞ୍ଜିନିୟର ହୋଇପାରିବେ।
SECURE TECHNICAL INSTITUTE Patia Square Bhubaneswar
7064320000, 9583171111

# ବାତିଲ ଶୁଭଙ୍କର

ଆଫଗାନିସ୍ତାନରେ ସ୍ଥିତି ଜାହିର କରିଥିବା ଆତଙ୍କବାଦୀ ସଙ୍ଗଠନ ତାଲିବାନ ସହ ଶାନ୍ତି ଚୁକ୍ତି କରିବା ଲାଗି ଆମେରିକା ବର୍ଷେ ହେବ ଚଳାଇ ଆସୁଥିବା ଉଦ୍ୟମ ବାତିଲ ହୋଇଛି। ୫ ସେପ୍ଟେମ୍ବର ୨୦୧୯ରେ କାବୁଲରେ ତାଲିବାନ ଆକ୍ରମଣରେ ଆଫଗାନିସ୍ତାନରେ ମୁତୟନ ହୋଇଥିବା ଆମେରିକା ସେନାର ଜଣେ ସୈନ୍ୟଙ୍କ ସମେତ ୧୨ ଜଣଙ୍କ ପ୍ରାଣହାନି ଘଟିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶାନ୍ତି ଆଲୋଚନାକୁ ରଦ୍ଦ କରିଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୱାଶିଂଟନ ନିକଟ କ୍ୟାମ୍ପ ଡାଭିଡ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଓ ତାଲିବାନ ନେତାଙ୍କ ମଧ୍ୟରେ ଶାନ୍ତି କଥାବାର୍ତ୍ତା ହେବାର ଥିଲା। ତେବେ ଆଫଗାନିସ୍ତାନ ସରକାରଙ୍କ ପରାମର୍ଶ ନ ନେଇ ସିଧାସଳଖ ତାଲିବାନ ନେତାଙ୍କ ସହ ଯୋଗାଯୋଗ ସ୍ଥାପନ କରାଯାଉଥିବାରୁ ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଉଥିଲେ। ଏଭଳି ସ୍ଥଳେ ଆମେରିକାର ସୈନ୍ୟଙ୍କୁ ହତ୍ୟା କରିଥିବା ତାଲିବାନ ସ୍ୱୀକାର କରିବା ପରେ ଏହି ଆତଙ୍କବାଦୀ ସଙ୍ଗଠନର ଶାନ୍ତି ପ୍ରତି ବିମୁଖଭାବ ଥିବା ଜଣାପଡ଼ିଯାଉଛି। ଖୋଦ୍ ଟ୍ରମ୍ପ ମଧ୍ୟ ବୁଝିଯାଇଛନ୍ତି ଯେ ତାଲିବାନ କାହାର ନୁହେଁ। ଏଠାରେ ମନେପକାଇ ଦିଆଯାଇପାରେ ଯେ, ଆଫଗାନିସ୍ତାନରେ ସୋଭିଏଟ୍ ୟୁନିୟନର ଉପସ୍ଥିତିକୁ ପ୍ରତିହତ କରିବା ଲାଗି ଆମେରିକା ତାଲିବାନ ଭଳି ଦୁଷ୍ଟ ଶକ୍ତିକୁ ସୃଷ୍ଟି କରିଥିଲା। ସେତେବେଳେ ପାକିସ୍ତାନ ସମର୍ଥିତ ତାଲିବାନ ଉଗ୍ରପନ୍ଥୀମାନେ ଆମେରିକାର ବଳ ପାଇ ଆଫଗାନିସ୍ତାନରେ ବଳୀୟାନ ହୋଇଯାଇଥିଲେ। ଦେଶ ଶାସନକୁ ନିଜ ହାତକୁ ନେବା ଲାଗି ଆଫଗାନିସ୍ତାନରେ ଏହି ଆତଙ୍କବାଦୀ ସଙ୍ଗଠନ ନରସଂହାର ରଚିଥିଲା। ଏପରି କି ଚଳିତ ଶତାବ୍ଦୀର ପ୍ରାରମ୍ଭରେ ସେଠାରେ ସମାନ୍ତରାଳ ଶାସନ ଚାଲିଥିଲା। ସେହି ସମୟରେ ଅନ୍ୟ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଅଲ–କାଏଦା ଆଫଗାନିସ୍ତାନରେ ମୁଖ୍ୟ ଘାଟି ସ୍ଥାପନ କରିଥିଲା। ଆତଙ୍କବାଦକୁ ରୋକିବା ଲାଗି ଆମେରିକା ଯେତେବେଳେ ସେଠାରେ ଜୋରଦାର ଉଦ୍ୟମ କଲା, ସେତେବେଳେ ଅଲ୍–କାଏଦା ପ୍ରତିଶୋଧ ପରାୟଣ ହୋଇପଡ଼ିଥିଲା। ୧୧ ସେପ୍ଟେମ୍ବର ୨୦୦୧ରେ ଏହି ସଙ୍ଗଠନ ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର (ଡବ୍ଲ୍ୟୁଟିସି) ଉପରେ ଆକ୍ରମଣ କରି ବିଶ୍ୱକୁ ଥରାଇ ଦେଇଥିଲା। ଏହା ପରେ ଆମେରିକା ସେଠାରେ ନିଜ ସୈନ୍ୟ ସଂଖ୍ୟା ବଢ଼ାଇ ଚାଲିଲା। ୨୦୦୯ ଶେଷ ଆଡ଼କୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମା ୩୦,୦୦୦ ସୈନ୍ୟ ଆଫଗାନିସ୍ତାନକୁ ପ୍ରେରଣ କରିବା ଲାଗି ଘୋଷଣା କରିଥିଲେ। ୨୦୧୧ ଜୁଲାଇ ବେଳକୁ ସୈନ୍ୟ ପ୍ରତ୍ୟାହାର ଲାଗି ନିଷ୍ପତ୍ତି ନିଆଯାଇଥିଲା। ଇତିମଧ୍ୟରେ ସେଠାରୁ ବହୁ ସୈନ୍ୟଙ୍କୁ ଅପସାରଣ କରାଯାଇସାରିଲାଣି। ଏବେ ମଧ୍ୟ ୧୪,୦୦୦ ସୈନ୍ୟ ଅଛନ୍ତି। ତନ୍ମଧ୍ୟରୁ ୫,୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟଙ୍କୁ ପ୍ରତ୍ୟାହାର ଲାଗି ଟ୍ରମ୍ପ ଚିନ୍ତା କଲା ବେଳକୁ ତାଲିବାନ ଆକ୍ରମଣ ଘଟିଲା।

ତାଲିବାନ ସହ ଆମେରିକାର ଶାନ୍ତି ଆଲୋଚନା ରଦ୍ଦ ହେବା ପରେ ଏହା ଭାରତ ପାଇଁ ଲାଭଦାୟକ ହେବ ବୋଲି କୁହାଗଲାଣି। ଆଜିର ପରିସ୍ଥିତି ଦେଖିଲେ କଶ୍ମୀର ପ୍ରସଙ୍ଗକୁ ନେଇ ପାକିସ୍ତାନ ଓ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ି ଯାଇଛି। ନିକଟରେ ଭାରତର ରାଷ୍ଟ୍ରପତିଙ୍କ ବିଦେଶ ଗସ୍ତ ବେଳେ ତାଙ୍କ ବିମାନ ପାକିସ୍ତାନ ଉପରେ ଉଡ଼ିପାରିବ ନାହିଁ ବୋଲି ଇସ୍‌ଲାମାବାଦ ମନା କରିଦେଇଛି। ଏହି ସନ୍ଧିକ୍ଷଣରେ ବାହାର ରାଷ୍ଟ୍ର ସହ ବାଣିଜ୍ୟିକ କାରବାର ଲାଗି ଭାରତ ପାଇଁ ଆଫଗାନିସ୍ତାନ ଅନ୍ୟତମ ପ୍ରମୁଖ ମାଧ୍ୟମ ପାଲଟିଛି। ସେହିପରି ଇରାନ୍‌ର ଛାବାହର ବନ୍ଦରକୁ ଭାରତ ବିକଶିତ କରିଥିବାରୁ ସେହି ବାଟ ଦେଇ ବାଣିଜ୍ୟିକ କାରବାର ନୂଆଦିଲ୍ଲୀ ପାଇଁ ସୁଗମ ହେଉଛି। ଆଫଗାନିସ୍ତାନରେ ତାଲିବାନଙ୍କୁ ପ୍ରତିହତ କରିବା ସକାଶେ ଆମେରିକା ସୈନ୍ୟ ପ୍ରମୁଖ ଭୂମିକା ନିଭାଉଛନ୍ତି। ଆମେରିକା ସେଠାରୁ ଅବଶିଷ୍ଟ ସୈନ୍ୟ ପ୍ରତ୍ୟାହାର କରିବ ନାହିଁ ବୋଲି ନିଷ୍ପତ୍ତି ନେବା ପରେ ନୂଆଦିଲ୍ଲୀ ଆଶ୍ୱସ୍ତ ହୋଇଥାଇପାରେ। ବିଶ୍ୱ ମାନଚିତ୍ରରେ ଭାରତକୁ ଦେଖିଲେ ପୂର୍ବ, ଉତ୍ତର ଓ ପଶ୍ଚିମ ପଟରେ ଇସ୍‌ଲାମୀୟ ଦେଶଗୁଡ଼ିକ ଭାରତକୁ ଘେରି ରହିଛନ୍ତି। ପୂର୍ବରୁ ଜଣା ଯେ, ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଲକ୍ଷ୍ୟ ଥିଲା ଭାରତକୁ ମଧ୍ୟ ମୁସଲମାନ ଦେଶରେ ପରିଣତ କରିବ। ଅନ୍ୟପକ୍ଷରେ ଦେଖିଲେ ଗତ ନିର୍ବାଚନ ସମୟରେ ଟ୍ରମ୍ପ ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, କ୍ଷମତାକୁ ଆସିଲେ ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର କରିବେ। କାରଣ ସେଠାରେ ମୁତୟନ ହୋଇଥିବା ସୈନ୍ୟ ଯୋଗୁ ଆମେରିକା ରାଜକୋଷକୁ ପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ସତ୍ତ୍ୱେ ଗଲ୍ଫ ଦେଶ ଉପରେ ପ୍ରଭାବ ବିସ୍ତାର କରିଆସିଥିବା ଆମେରିକା ପାଇଁ ଆଫଗାନିସ୍ତାନରେ ସୈନ୍ୟ ମୁତୟନର ଆବଶ୍ୟକତା ରହିଛି। ଏ କଥା ଜାଣି ମଧ୍ୟ ଟ୍ରମ୍ପ ନିଜ ଜିଦ୍ ଯୋଗୁ ସୈନ୍ୟ ପ୍ରତ୍ୟାହାର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ବର୍ତ୍ତମାନ ଶାନ୍ତି ଆଲୋଚନା ରଦ୍ଦ ହୋଇଥିବାରୁ ଆଫଗାନିସ୍ତାନ ସରକାର ପାଇଁ ଫଳପ୍ରଦ ହେବ। ଅନ୍ୟପକ୍ଷରେ ଟ୍ରମ୍ପ ଓ ତାଲିବାନ ନେତାଙ୍କ ମଧ୍ୟରେ ଗୁପ୍ତ ବୈଠକ ବାତିଲ ହୋଇଥିବାରୁ ପାକିସ୍ତାନ ସବୁଠାରୁ କ୍ଷତିଗ୍ରସ୍ତ ହୋଇପାରେ। କାରଣ ତାଲିବାନର ଭୟ ଦେଖାଇ ଆମେରିକାର ନିକଟବର୍ତ୍ତୀ ହେବାକୁ ପାକିସ୍ତାନ ଆଶା ବାନ୍ଧିଥିଲା। ଏହି ପରିପ୍ରେକ୍ଷୀରେ ଟ୍ରମ୍ପ ନିର୍ବାଚନକୁ ଆଖି ଆଗରେ ରଖି ସୈନ୍ୟ ପ୍ରତ୍ୟାହାର ନିମନ୍ତେ ତାଲିବାନ ସହ ଆଲୋଚନା କରିଥିଲା। ଏହା ତାଙ୍କୁ ଆମେରିକୀୟ ଭୋଟରଙ୍କ ପାଖରେ ଲୋକପ୍ରିୟ କରିଥାଆନ୍ତା। କିନ୍ତୁ ତାଲିବାନ ଆକ୍ରମଣ ଯୋଗୁ ଆମେରିକୀୟ ସୈନ୍ୟ ନିହତ ହେବାରୁ ତାଙ୍କ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ପ୍ରଶ୍ନବାଚୀରେ ଆସିଗଲା। ହୁଏତ ନିଜକୁ ଦୁର୍ବଳ ଦେଖାଇବା ଅଧିକ କ୍ଷତିକାରକ ହୋଇପାରେ ବୋଲି ଚିନ୍ତା କରି ଟ୍ରମ୍ପ ନିଷ୍ପତ୍ତି ବଦଳାଇ ଦେଲେ। ଫଳରେ ତାଲିବାନ ସହ ଆଲୋଚନା ଭାଙ୍ଗିଲା ଏବଂ ଭାରତୀୟ ବ୍ୟବସ୍ଥା ଆଉ କିଛି ଦିନ ଆଶ୍ୱସ୍ତ ରହିପାରିବ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | | | E | | | B | 4 | | 6 | | 0 | | | |
| | | | | 7 | | 3 | | 5 | | 9 | | | C | 4 |
| D | 9 | | | | | | | | | C | 2 | 0 | | |
| | | | D | 5 | | | | | 3 | 4 | E | 8 | | 9 |
| | 3 | 2 | | 6 | | 8 | | | | B | | 7 | | |
| A | | | | 0 | | | | 6 | | | | E | | |
| 5 | | | | C | | | | | | E | | B | | 1 |
| | 4 | 7 | | A | | 5 | 1 | | D | 0 | | | | |
| 9 | | | | | | | 2 | | | | | | | |
| | 8 | | 9 | | E | 7 | B | | 1 | | | A | | D |
| | | C | | B | 8 | 1 | | A | | | | | | 7 |
| | | 5 | 0 | | 2 | | | | C | 1 | 4 | | | |
| | | | | | 5 | 9 | D | | | | 8 | 2 | | |
| | | | C | D | | 2 | | E | A | | 6 | | 8 | |
| | | | 6 | | 7 | | | | | 5 | | 9 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 6 | 4 | 5 | A | 9 | B | 7 | 3 | 8 | D | 1 | 2 | C | E |
| 7 | 8 | D | 4 | 1 | C | 9 | E | 2 | 6 | B | 5 | A | 3 | 0 |
| 5 | B | 1 | D | E | 6 | 8 | C | A | 0 | 3 | 2 | 9 | 7 | 4 |
| C | E | 9 | 3 | 2 | B | 1 | 6 | 0 | 4 | 7 | A | 8 | 5 | D |
| 2 | 3 | A | 7 | 0 | 8 | 5 | D | 4 | E | C | 9 | 6 | 1 | B |
| B | 2 | E | 1 | D | 3 | 7 | A | 9 | 5 | 6 | 4 | 0 | 8 | C |
| D | 0 | C | 8 | 4 | 7 | E | 2 | B | 1 | A | 3 | 5 | 6 | 9 |
| 3 | 5 | 6 | B | C | E | 0 | 8 | 1 | 2 | 9 | 7 | D | 4 | A |
| 9 | 1 | 8 | A | 6 | 0 | C | 4 | 5 | D | E | B | 3 | 2 | 7 |
| 4 | A | 7 | 9 | 5 | 2 | 6 | 3 | D | C | 8 | 0 | E | B | 1 |
| 6 | 4 | 0 | 2 | 7 | 5 | 3 | 9 | E | B | 1 | D | C | A | 8 |
| A | C | B | 6 | 8 | 4 | D | 5 | 7 | 9 | 2 | E | 1 | 0 | 3 |
| 8 | D | 2 | E | B | A | 4 | 1 | 6 | 3 | 0 | C | 7 | 9 | 5 |
| E | 9 | 5 | C | 3 | 1 | A | 0 | 8 | 7 | 4 | 6 | B | D | 2 |
| 1 | 7 | 3 | 0 | 9 | D | 2 | B | C | A | 5 | 8 | 4 | E | 6 |

ଗତକାଲିର ଉତ୍ତର

# କଶ୍ମୀର: ପାକିସ୍ତାନର ଦାବି ଓ ଧମକ



ବିପିନ ବିହାରୀ ମିଶ୍ର

କଶ୍ମୀର ବିଷୟରେ ପାକିସ୍ତାନ ବାରମ୍ବାର ଅନେକ ପ୍ରଶ୍ନ ଉଠାଉଛି। ଦାବି କରୁଛି ଓ ଯୁଦ୍ଧର ଧମକ ଦେଉଛି। ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ଯିଏ କି ଜଣେ ଭଲ କ୍ରିକେଟ ଖେଳାଳି ଥିଲେ କିନ୍ତୁ ଛାତ୍ର ହିସାବରେ ଇଂଲଣ୍ଡର ଏକ ବିଶ୍ୱବିଦ୍ୟାଳୟଠାରୁ ସହପାଠୀଙ୍କ ଦ୍ୱାରା 'ବୋକା ଇମ୍ରାନ' ଆଖ୍ୟା ପାଇଥିଲେ, ସେ ପାର୍ଲାମେଣ୍ଟରେ ପାକିସ୍ତାନ–ଭାରତ ସମ୍ପର୍କରେ ଲମ୍ବା ଭାଷଣ ଦେଇଥିଲେ। କହୁ କହୁ କହିଲେ ଯେ, ପଡ଼ୋଶୀ ରାଜ୍ୟ ମଧ୍ୟରେ କାହିଁକି ସୁସମ୍ପର୍କ ସ୍ଥାପିତ ହୋଇପାରିବନି? ଉଦାହରଣ ଦେଇ କହିଲେ, ଏଇ ଦେଖନ୍ତୁ ଜର୍ମାନୀ ଓ ଜାପାନ କଥା– ଏ ଦୁଇଟି ଦେଶ ପଡ଼ୋଶୀ। ଦ୍ୱିତୀୟ ମହାଯୁଦ୍ଧ ସମୟରେ ସେମାନେ ପରସ୍ପର ବିରୋଧରେ ଲଢ଼ିଥିଲେ। କିନ୍ତୁ ଏବେ ସେମାନଙ୍କ ମଧ୍ୟରେ ବେଶ୍ ଭଲ ବନ୍ଧୁତା ଅଛି। ଜର୍ମାନୀ ଓ ଜାପାନ ଶବ୍ଦ ବାରମ୍ବାର ଉଚ୍ଚାରଣ କରୁଥିବାରୁ କେହି କହିପାରିବେ ନାହିଁ ଯେ ପାଟିରୁ କଥା ଖସିଗଲା। ତାଙ୍କ ଦେଶର ହିନା ରବାନୀ ଯିଏ ଜଣେ ପୂର୍ବତନ ବୈଦେଶିକ ମନ୍ତ୍ରୀ, ସେ ପାକିସ୍ତାନ ପାର୍ଲାମେଣ୍ଟରେ ଇମ୍ରାନଙ୍କର ଇତିହାସ ଓ ଭୂଗୋଳ ଜ୍ଞାନ କେତେ ଦୁର୍ବଳ ତାହାକୁ ନେଇ ଆକ୍ଷେପ କରିଥିଲେ। ସେ କହିଲେ, ଜର୍ମାନୀ ହେଉଛି ୟୁରୋପରେ, ଜାପାନ ହେଉଛି ଏସିଆରେ। ପୁଣି ୨ୟ ମହାଯୁଦ୍ଧ ସମୟରେ ସେମାନେ କାନ୍ଧକୁ କାନ୍ଧ ମିଶାଇ ଇଂଲଣ୍ଡ ଓ ଆମେରିକା ବିରୋଧରେ ଲଢେଇ କରୁଥିଲେ। ଏଇ ପରିପ୍ରେକ୍ଷୀରେ ତାଙ୍କର ମନ୍ତବ୍ୟ କେତେ ହାସ୍ୟାସ୍ପଦ ଓ ଲଜ୍ଜାଜନକ ତାହା ଅନୁମାନ କରନ୍ତୁ। ସାରା ବିଶ୍ୱରେ ଆମେ ଲୋକହସା ହେଉଛୁ। ସେ ଏବଂ ତାଙ୍କର ରେଳମନ୍ତ୍ରୀ ବାରମ୍ବାର ଯୁଦ୍ଧ ଘୋଷଣା କରୁଛନ୍ତି। ରେଳମନ୍ତ୍ରୀ ଅନେକଦିନ ପୂର୍ବରୁ କହିଥିଲେ ଯେ, ଭାରତ–ପାକିସ୍ତାନ ଯୁଦ୍ଧ ହେଲେ ଆଉ ଭାରତର ମନ୍ଦିରରେ ଘଣ୍ଟି ବାଜିବ ନାହିଁ। ସେମାନଙ୍କ ସାଙ୍ଗକୁ କେତେକ କ୍ରିକେଟ ଖେଳାଳି ଅଣ୍ଟା ଭିଡି ବାହାରିଛନ୍ତି। ଜାଭେଦ ମିଆଁଦାଦ ଭଲ ବ୍ୟାଟିଂ କରୁଥିଲେ ଏବଂ ସେ କହିଛନ୍ତି ଭାରତୀୟଗୁଡା ଭୀରୁ। ବାସ୍ତବରେ ଭୀରୁ ବଦଳରେ ସେ ଏକ ଅତ୍ୟନ୍ତ ଅଶ୍ଳୀଳ ଶବ୍ଦ ବ୍ୟବହାର କରିଥିଲେ, ଯାହା କେବଳ ତାଙ୍କ ମୁହଁରେ ଶୋଭାପାଏ। କାରଣ ସେ ହେଉଛନ୍ତି କୁଖ୍ୟାତ ଅନ୍ତର୍ଜାତୀୟ ଅପରାଧୀ ଦାଉଦ ଇବ୍ରାହିମ୍‌ଙ୍କ ସମୁଦି। ତେବେ ମୂଳ କଥା ଉପରକୁ ଆସିବା।

ପାକିସ୍ତାନ ସରକାର ଉଠାଇଥିବା କେତେକ ପ୍ରଶ୍ନ:
୧– କଶ୍ମୀର ପାକିସ୍ତାନର ଓ ଭାରତ ତାକୁ ଛଡ଼େଇ ନେଇଛି। ଏହାର ଉତ୍ତର ହେଉଛି ଯେ, ପାକିସ୍ତାନର ଜନ୍ମ ହେଲା ୧୪ ଅଗଷ୍ଟ ୧୯୪୭ରେ। ସେତେବେଳେ କଶ୍ମୀର ଥିଲା ଏକ ଦେଶୀୟ ସ୍ୱୟଂଚାଳିତ ରାଜ୍ୟ। ସୀମା ନିର୍ଦ୍ଧାରଣ କମିଟିର ଅଧ୍ୟକ୍ଷ ରାଡକ୍ଲିଫ ଯେତେବେଳେ ସୀମା ଗାର କାଟିଲେ ସେଥିରେ ସେ କଶ୍ମୀରକୁ ପାକିସ୍ତାନ ଅନ୍ତର୍ଭୁକ୍ତ କରିନାହାନ୍ତି। ଆଇନ ଦୃଷ୍ଟିରୁ ନ ହେଲେ ମଧ୍ୟ ଭୌଗୋଳିକ ଦୃଷ୍ଟିରୁ କଶ୍ମୀର ଭାରତର ନ ଥିଲା କିମ୍ବା ପାକିସ୍ତାନର ନ ଥିଲା।

୨– ଯେହେତୁ ଏହା ମୁସଲମାନ ବହୁଳ ତେଣୁ ଏହା ପାକିସ୍ତାନରେ ମିଶିବା କଥା। ଭାରତ ଏହାକୁ ଆକ୍ରମଣ କରି ଜବରଦସ୍ତ ମାଡିବସିଛି। ଏହାର ଉତ୍ତର ହେଉଛି ଯେ, ସ୍ୱାଧୀନତା ପୂର୍ବରୁ ଇଂରେଜ ସରକାର ଏକ ଆଇନ କଲେ ଯାହାକୁ କଂଗ୍ରେସ ଓ ମୁସଲିମ ଲିଗ୍ ଗ୍ରହଣ କଲା। ସେତେବେଳେ ଭାରତରେ ମୋଗଲବନ୍ଦୀ ଓ ଦେଶୀୟ ରାଜ୍ୟ ଦୁଇପ୍ରକାର ଅଞ୍ଚଳ ଥିଲା। ମୋଗଲବନ୍ଦୀ ସିଧାସଳଖ ଇଂରେଜ ସରକାର ଅଧୀନରେ ଥିଲେ, ଯାହାକୁ ଶାସନ କରୁଥିଲେ ଗଭର୍ନର ଓ ଗଭର୍ନର ଜେନେରାଲ ଇତ୍ୟାଦି। ଦେଶୀୟ ରାଜ୍ୟ (ହାଇଦ୍ରାବାଦ, କଶ୍ମୀର, ମହୀଶୂର ଏବଂ ଓଡିଶାର ମୟୂରଭଞ୍ଜ ଓ କେନ୍ଦୁଝର ଇତ୍ୟାଦି) ରାଜା ମହାରାଜାଙ୍କ ଅଧୀନରେ ଥିଲା। ଇଂରେଜ ସରକାର ପଲିଟିକାଲ ଏଜେଣ୍ଟ ଓ ରେସିଡେଣ୍ଟଙ୍କ ମାଧ୍ୟମରେ ସେମାନଙ୍କ ଉପରେ ସୀମିତ ଅଧିକାର ଜାହିର କରୁଥିଲେ। ୧୯୪୭ର ସ୍ୱାଧୀନତା ଆଇନ (ଇଂରେଜ ସରକାର ପ୍ରଣୀତ) ଅନୁସାରେ ମୋଗଲବନ୍ଦୀ ସ୍ଥାନ ଧର୍ମବହୁଳତାକୁ ଦୃଷ୍ଟିରେ ରଖି ଭାଗ କରାଯିବ। କିନ୍ତୁ ଦେଶୀୟ ରାଜ୍ୟଗୁଡ଼ିକର ରାଜାମାନେ ମିଶ୍ରଣ ବିଷୟରେ ନିଷ୍ପତ୍ତି ନେବେ। ସର୍ଦ୍ଦାର ପଟେଲ ପ୍ରାଣପଣେ ଚେଷ୍ଟାକରି ୫୬୫ ଦେଶୀୟ ରାଜା ମହାରାଜାଙ୍କ ମଧ୍ୟରୁ ୫୬୨ଙ୍କୁ ପ୍ରବର୍ତ୍ତେଇ ଭାରତ ସଙ୍ଗେ ମିଶ୍ରଣ କରିଦେଲେ। ବାକି ରହିଲା ହାଇଦ୍ରାବାଦ, ଜୁନାଗଡ ଓ କଶ୍ମୀର। ପରେ ସର୍ବସାଧାରଣଙ୍କ ଇଚ୍ଛା ଏବଂ ହାଇଦ୍ରାବାଦ ଓ ଜୁନାଗଡରେ (ଉଭୟ ହିନ୍ଦୁବହୁଳ) ନୃଶଂସ ଅତ୍ୟାଚାର ଓ ହତ୍ୟାର ଖବର ପାଇ ଏବଂ ସେମାନଙ୍କ ଅସ୍ଥାୟୀ ସରକାରଙ୍କ ଇଚ୍ଛାକୁ ସମ୍ମାନ ଦେଇ ବଳ ପ୍ରୟୋଗ କରି ଏ ଦୁଇ ରାଜ୍ୟକୁ ଦଖଲ କରାଗଲା।

୩– ଭାରତ ଆକ୍ରମଣ କରି କଶ୍ମୀରକୁ ମାଡି ବସିଲା। ଏହାର ଉତ୍ତରରେ ଅନେକବାର କୁହାଯାଇଛି ଯେ, ବିଶ୍ୱଯୁଦ୍ଧ ପରେ ସୈନ୍ୟବାହିନୀରୁ ଛଟେଇ ହୋଇଥିବା ହଜାର ହଜାର ପାହାଡିଆ ଲୋକଙ୍କୁ ପାକିସ୍ତାନ ମେଜର ଜେନେରାଲ ଆକବର ଖାଁଙ୍କ ମାଧ୍ୟମରେ ଅସ୍ତ୍ରଶସ୍ତ୍ର ଯୋଗାଇଲା ଏବଂ ପାକିସ୍ତାନର ଉତ୍ତରପଶ୍ଚିମ ପ୍ରଦେଶର ବ୍ରିଟିଶ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏଇମାନଙ୍କୁ ଟ୍ରକ୍, ପେଟ୍ରୋଲ, ଖାଦ୍ୟଦ୍ରବ୍ୟ ଇତ୍ୟାଦି ଯୋଗେଇ ଦେଲେ ଓ ଇସାରା ଦିଆଗଲା ଯେ ଯିଏ ଯାହା ଲୁଟତରାଜ କରିବ ସେଇଟା ତା'ର ବ୍ୟକ୍ତିଗତ ସମ୍ପତ୍ତି ହେବ। ତେଣୁ ପାକିସ୍ତାନୀ (ପାକିସ୍ତାନ ନୁହେଁ) କଶ୍ମୀର ଆକ୍ରମଣ କଲେ ଓ ଶ୍ରୀନଗର ଆଡକୁ ଆଗେଇ ୧୨ ମାଇଲ ଦୂରରେ ରହିଲେ। ଭୟଭୀତ ହୋଇ ବା ଅନନ୍ୟୋପାୟ ହୋଇ ମହାରାଜା ହରି ସିଂ ଭାରତର ସାମରିକ ସାହାଯ୍ୟ ଭିକ୍ଷା କଲେ କିନ୍ତୁ ଭାରତ କହିଲା ଯେ ଯଦି କଶ୍ମୀର ଭାରତରେ ମିଶିବ ତେବେ ଆମେ କଶ୍ମୀରକୁ ରକ୍ଷା କରିବୁ। ଅକ୍ଟୋବର ୨୬, ୧୯୪୭ରେ ମହାରାଜା ହରି ସିଂ ଭାରତ ସଙ୍ଗେ ମିଶ୍ରଣ ଚୁକ୍ତିରେ ଦସ୍ତଖତ କଲେ ଓ ୨୭ ଅକ୍ଟୋବରରେ ଗଭର୍ନର ଜେନେରାଲ ମାଉଣ୍ଟ ବ୍ୟାଟେନ ତାହାକୁ ଗ୍ରହଣ କଲେ। ସଙ୍ଗେ ସଙ୍ଗେ ସୈନ୍ୟ ପଠାଗଲା ଓ କଶ୍ମୀରର ଦୁଇତୃତୀୟାଂଶ ହାସଲ କଲା ପରେ ପଣ୍ଡିତ ନେହେରୁ ଜାତିସଂଘକୁ ଗଲେ ପାକିସ୍ତାନ ବିରୋଧରେ ଅଭିଯୋଗ କରିବା ପାଇଁ। ସର୍ଦ୍ଦାର ପଟେଲଙ୍କୁ ନ ପଚାରି ଏଭଳି ଭୁଲ୍ ସେ କାହିଁକି କଲେ ତାହା ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇପାରେ। ସେ ବିଷୟରେ ପାକିସ୍ତାନ ବାରମ୍ବାର କହୁଛି ଯେ କଶ୍ମୀରରେ ଗଣଭୋଟ ହେଉ ବୋଲି ନିରାପତ୍ତା ପରିଷଦ ନିର୍ଦ୍ଦେଶ ଦେଇଛି। ଏହା ଆଂଶିକ ଭାବେ ସତ୍ୟ କିନ୍ତୁ ଗଣଭୋଟ କିଭଳି ହେବ ଓ କେଉଁ ପରିସ୍ଥିତିରେ ହେବ ଏବଂ କାହିଁକି ଭାରତ ରାଜି ହେଉନାହିଁ ସେ ବିଷୟରେ ସମସ୍ତେ ଅବଗତ ହେବା ଉଚିତ। ପ୍ରଥମ କଥା ହେଲା ୨୭ ଅକ୍ଟୋବର ୧୯୪୭ରେ ମାଉଣ୍ଟ ବ୍ୟାଟେନ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କରିବା ମାତ୍ରେ କଶ୍ମୀର ଭାରତର ଅଂଶ ହୋଇଗଲା। ତେଣୁ ଗଣଭୋଟ କରିବାର ପ୍ରଶ୍ନ ଉଠୁ ନାହିଁ, ଯଦିବା ନେହେରୁ ନିଜ ଆଡୁ ପ୍ରସ୍ତାବ ଦେଇଥିଲେ। ୧୩ ଅଗଷ୍ଟ ୧୯୪୮ରେ ନିରାପତ୍ତା ପରିଷଦ ଯେଉଁ ପ୍ରସ୍ତାବ ଦେଲା ତା'ର ଅଂଶ ୨(କ) ପାରା–୧ର ଶେଷ ଧାଡ଼ିରେ ଲେଖାଯାଇଛି ଯେ, ପାକିସ୍ତାନ କଶ୍ମୀରରୁ ତା'ର ସମସ୍ତ ସୈନ୍ୟ ଫେରେଇ ନେବ ବୋଲି ରାଜିହେଲା। ପାରା–୨ରେ ଲେଖାଗଲା ଯେ, ପାକିସ୍ତାନ ଯୁଦ୍ଧ ଉଦ୍ଦେଶ୍ୟରେ ପଶିଥିବା ପାହାଡ଼ି ସଶସ୍ତ୍ର ବାହିନୀ ଓ ଅନ୍ୟାନ୍ୟ ପାକିସ୍ତାନୀଙ୍କୁ ଫେରେଇନେବା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବ। ନିରାପତ୍ତା ପରିଷଦର ପ୍ରସ୍ତାବ (ଖ)ରେ ଲେଖାଯାଇଛି କି ଯେତେବେଳେ କମିଶନ ସନ୍ତୁଷ୍ଟ ହେବ ଯେ ପାକିସ୍ତାନ ତା'ର ସମସ୍ତ ସୈନ୍ୟ, ବେସାମରିକ ଅଧିକାରୀ, ନାଗରିକଙ୍କୁ ଫେରେଇ ନେଇଛି ତା' ପରେ ନିରାପତ୍ତା ପରିଷଦ ଭାରତକୁ କହିବ ତା'ର ଅଧିକାଂଶ ସୈନ୍ୟଙ୍କୁ ଫେରେଇନେବ ଓ ଭାରତ ଏଥିରେ ରାଜି ହେଲା। ଏହାର ଅର୍ଥ ହେଲା ଯେ ତଥାକଥିତ ଆଜାଦ କଶ୍ମୀରକୁ ପାକିସ୍ତାନ ସମ୍ପୂର୍ଣ୍ଣ ଭାବେ ଖାଲି କରିବ ଓ ଭାରତ କିଛି ସୈନ୍ୟଙ୍କୁ ରଖିବ। ତୃତୀୟ ଭାଗରେ ଲେଖାଗଲା ଯେ ଏହାପରେ ଜମ୍ମୁ–କଶ୍ମୀର ଅଧିବାସୀଙ୍କ ଇଚ୍ଛା ଅନୁସାରେ କଶ୍ମୀରର ଭବିଷ୍ୟତ ନିର୍ଦ୍ଧାରଣ ହେବ। ଏହାପରେ ଜାତିସଂଘର କମିଶନ ଜାନୁୟାରୀ ୫, ୧୯୪୯ରେ ପ୍ରସ୍ତାବ ଦେଲେ ଯେ ନିରାପତ୍ତା ପରିଷଦର ୧୯୪୮ ଅଗଷ୍ଟ ୧୩ର ପ୍ରସ୍ତାବକୁ ଉଭୟ ଦେଶ ପାଳନ କଲା ପରେ ଗଣଭୋଟ ପ୍ରକ୍ରିୟା ଆରମ୍ଭ ହେବ। ଏ ବିଷୟରେ ଅନେକ ପ୍ରକ୍ରିୟା ଲେଖାଯାଇଛି ଯାହା ଅନ୍ୟତ୍ର ଆଲୋଚନା କରାଯାଇପାରେ। କିନ୍ତୁ ମୂଳ କଥା ହେଲା ପାକିସ୍ତାନ ତଥାକଥିତ ଆଜାଦ କଶ୍ମୀରରୁ ସୈନ୍ୟ ଫେରେଇବା ପରିବର୍ତ୍ତେ ସୈନ୍ୟ ଠୁଳ କରୁଛି ଓ ୧୯୮୯ ମସିହାଠାରୁ ସନ୍ତ୍ରାସବାଦ ଶିବିର ଖୋଲି ସେମାନଙ୍କୁ କଶ୍ମୀରକୁ ପଠାଉଛି। ବିଭିନ୍ନ ସମୟରେ ଜାତିସଂଘ ଆଲୋଚନାରେ ଆମର ବିଭାଗବିହୀନ ମନ୍ତ୍ରୀ ଓ ପରେ ରକ୍ଷାମନ୍ତ୍ରୀ ଭି.ପି. କ୍ରିଷ୍ଣା ମେନନ ଓ ତାଙ୍କ ପରେ ସ୍ୱତନ୍ତ୍ର ପ୍ରତିନିଧି ମହମ୍ମଦ କରିମ ଚଗଲା ବାରମ୍ବାର ଯୁକ୍ତି କରିଛନ୍ତି ଯେ ୧୩ ଅଗଷ୍ଟ ୧୯୪୮ରେ ନିରାପତ୍ତା ପରିଷଦ ଦ୍ୱାରା ନିଆଯାଇଥିବା ନିର୍ଦ୍ଦେଶକୁ ପାକିସ୍ତାନ ପାଳନ ନ କରି ଚାହୁଁଛି ଭାରତ ଏହି ନିର୍ଦ୍ଦେଶ ପାଳନ କରୁ। ନିରାପତ୍ତା ପରିଷଦ କହିଥିଲା ଯେ ଏଭଳି କୌଣସି ଅବସ୍ଥା ସୃଷ୍ଟି କରାଯିବା ଉଚିତ ନୁହେଁ ଯାହା ଅନ୍ୟ ଦେଶର ସ୍ୱାଧୀନତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ। ପାକିସ୍ତାନର ଏ ଚୁକ୍ତି ୧୯୬୫ରେ ଭାଙ୍ଗିଗଲା। ୧୯୫୮ରେ ଯେତେବେଳେ ସେନାପତି ଆୟୁବ ଖାଁ ଶାସନ ଦଖଲ କଲେ ସେ ଭାରତ ବିରୋଧରେ ଯୁଦ୍ଧ ହୁଙ୍କାର ଦେଇଥିଲେ। ପ୍ରତ୍ୟକ୍ଷ ଯୁଦ୍ଧରେ ହାରିଯିବାରୁ ବର୍ତ୍ତମାନ ପରୋକ୍ଷ ଯୁଦ୍ଧ (ସନ୍ତ୍ରାସବାଦ) କରାଯାଉଛି। କିନ୍ତୁ ଆମ ସରକାର ବିଶେଷତଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଚେଷ୍ଟା ଫଳରେ ପାକିସ୍ତାନ ଏକଘରିଆ ହୋଇଛି ଓ ଆଣବିକ ଯୁଦ୍ଧର ଧମକ ଦେଉଛି। ଏ ଧମକର ଉତ୍ତର ପ୍ରାୟ କୋଡିଏ ବର୍ଷ ତଳେ ପ୍ରଧାନମନ୍ତ୍ରୀ ବାଜପେୟୀ ଦେଇଥିଲେ। ଜଣେ ପାକିସ୍ତାନୀ ସାମ୍ବାଦିକ ପଚାରିଲେ ପାକିସ୍ତାନ ଯଦି ଦିଲ୍ଲୀ, ବମ୍ବେ ଇତ୍ୟାଦି ସହରରେ ପରମାଣୁ ବୋମା ପକାଏ ଭାରତର କେତେ କ୍ଷତି ହେବ ଜାଣିପାରୁଛନ୍ତି ତ? ମୁରୁକିହସା ଦେଇ ବାଜପେୟୀ କହିଲେ, ହଁ ଜାଣିପାରୁଛି କିନ୍ତୁ ଏଥିରେ ଆନନ୍ଦିତ ହେବା ପାଇଁ ଜଣେ ବି ପାକିସ୍ତାନୀ ବଞ୍ଚିବେ ନାହିଁ।

ମୋ–୯୦୪୦୪୧୨୩୭୮

# ଅମାନବୀୟ ପରମ୍ପରା



ଦ୍ୟୁତି ଚନ୍ଦ୍ର ସାହୁ

ହେମଗିରିରୁ ଝାରସୁଗୁଡ଼ା ଫେରୁଥାଉ। ବନ୍ଧୁ ଶିବାଶିଷ ହଠାତ୍ ଏକ ନିଛାଟିଆ ସ୍ଥାନରେ ଗାଡ଼ିର ବ୍ରେକ୍ କଷିଲେ। ମୋବାଇଲ ଚାଟିଂରୁ ନଜର ହଟାଇ ଦେଖିଲି ବିଶ୍ରାମାଗାର ସାମ୍ନାରେ ଜଣେ ଝିଅ ଏକାକୀ ଠିଆହୋଇ କାନ୍ଦୁଛି। ବନ୍ଧୁ ଗାଡ଼ିରୁ ଓହ୍ଲାଇ ତା' ନିକଟକୁ ଗଲେ। ପଛେ ପଛେ ମୁଁ। ପୂର୍ବରୁ ପରିଚିତ ସେଇ ଝିଅକୁ କାନ୍ଦିବାର କାରଣ ପଚାରିଲେ ସେ। ତା'ପରେ ସେ ଯାହା କହିଲା ମୁଁ ହତଚକିତ ହୋଇଗଲି। ଝିଅଟି କାଳେ ଉଦୁଲିଆରେ ଭିନ୍ନ ଜାତିର ପୁଅ ସହ ଚାଲିଯାଇଥିଲା। ଆଉ ତା'ର ବାପା ମରିବା ଖବର ଶୁଣି ନିଜ ଗାଁକୁ ଯାଇଥିଲା। କିନ୍ତୁ ଜାତି ଭାଇ 'ବିସର' କରିଦେଇଥିବାରୁ ତାକୁ ଘର ଭିତରକୁ ପୂରେଇ ଦେଲେନି କି ବାପାକୁ ଟିକେ ଛୁଇଁ ମୁଣ୍ଡିଆ ମାରିବାର ସୁଯୋଗ ଦେଲେନି। ଗାଁ ଭାଇଙ୍କ ନିକଟରେ ବହୁ କାକୁତିମିନତି ହେଲା। ତଥାପି ତାକୁ ସୁଯୋଗ ଦିଆଗଲାନି। ଶେଷରେ ନିରାଶ ହୋଇ ତାକୁ ଫେରିବାକୁ ପଡ଼ିଲା। ତାକୁ ସାନ୍ତ୍ୱନା ଦେଇ ପୁଣି ଗାଡ଼ିକୁ ଫେରିବା ପରେ କାହାଣୀକୁ ଟିକେ ଖୋଲି କହିଲେ ବନ୍ଧୁ।

ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କିଛି ସମ୍ପ୍ରଦାୟରେ ଏବେ ବି ଅନେକ ରୂଢ଼ିବାଦୀ ପରମ୍ପରା ଚାଲୁରହିଛି। ସମାଜ ବହୁ ଆଗେଇଛି। ବହୁ ପ୍ରଥା ଓ ପରମ୍ପରା ବଦଳିଛି। କିନ୍ତୁ ଯୁଗ ସହ ତାଳ ଦେଇ ସମାଜରେ ବସା ବାନ୍ଧିଥିବା କିଛି ଅଲୋଡ଼ା ପରମ୍ପରା ଚାଲୁରହିଛି। ଜାତିର ଶୃଙ୍ଖଳା ନାମରେ ଅମାନବୀୟ ପ୍ରଥା ଚାଲୁଛି। ସେହି କ୍ରମରେ 'ବିସର' ହେଉଛି କାଳେ ଏମିତି ଏକ ହୃଦୟଥରା ପରମ୍ପରା। ଗଣ୍ଡ, ଭୂୟାଁ, ଗୌର, ସଉରା ଭଳି କେତେକ ସମ୍ପ୍ରଦାୟରେ ବଢ଼ିଲା ପୁଅ କି ଝିଅ ଯଦି ଭଲ ପାଇ ଅନ୍ୟ ଜାତିର ପୁଅ କିମ୍ବା ଝିଅ ସହ ଉଦଲିଆ ବିହା ହୋଇଗଲା ତ କଥା ସରିଲା। ତା'ର ପରିଣାମ ସେଇ ପୁଅ ଝିଅ ତ ଭୋଗିବେ, ତା' ସହିତ ସେମାନଙ୍କ ପରିବାରକୁ ବି ଭୋଗିବାକୁ ପଡ଼ିବ। ସେଇ ପରିବାରକୁ ପ୍ରଥମେ ସମାଜ ବାଛନ୍ଦ କରିବ। ଜାତିରୁ ଅଛୁଆଁ ହୋଇଯିବେ ସେମାନେ। ପରିବାର ଲୋକ 'ବିସର' ଜରିଆରେ ଗାଁ ଭାଇଙ୍କୁ ଭୋଜିଭାତରେ ଆପ୍ୟାୟିତ କଲେ ଯାଇ ମୁକ୍ତି। ଜାତିର ପୂଜକ ଜରିଆରେ ପୂଜାପାଠ ସହ ଆମିଷ ଛୁଆଁରେ ସମ୍ପନ୍ନ ହୁଏ ପ୍ରାୟଶ୍ଚିତ୍ତ। ମୃତ ଲୋକଙ୍କ ପାଇଁ ଯାହାସବୁ ପାଳନ କରାଯାଏ ସେସବୁ ପ୍ରଥା ବଞ୍ଚିଥିବା ଲୋକଟି ପାଇଁ ମଧ୍ୟ କରାଯାଏ। କହିବାକୁ ଗଲେ ସେଇ ସନ୍ତାନକୁ ସମାଜରୁ ମୃତ ଘୋଷଣା କରାଯାଏ। ମୃତ୍ୟୁଲୋକରେ ମିଶେଇ ଦିଆଯାଏ।

'ବିସର' ପରେ ପରିବାର ସମାଜରେ ମିଶିଯାଏ ଅଥଚ ଘରୁ ଗୋଡ଼ ବାହାର କରିଥିବା ସନ୍ତାନ ପାଇଁ ସବୁଦିନ ଲାଗି ଘରବାହୁଡ଼ା ବାଟ ବନ୍ଦ ହୋଇଯାଏ। କୌଣସି ପରିସ୍ଥିତିରେ ସେ ଆଉ ଫେରିପାରେନା। ନିଜ ଆପଣାର ଲୋକଠାରୁ ଘର ବାହାରେ ରହି ଇତର ଲୋକ ପରି ବ୍ୟବହାର ପାଏ ସେ ସବୁକାଳେ। ଏବେ ବି ଅନେକ ଜାତି ଭିତରେ ବହୁ ପ୍ରଥା ରହିଛି ଯାହା ମାନବିକତାକୁ ହତ୍ୟା କରୁଛି। ବ୍ୟକ୍ତିଗତ ସ୍ୱାଧୀନତା ନିକଟରେ ଜାତିର ସ୍ୱେଚ୍ଛାଚାରିତା ଭାରି ପଡୁଛି। ନିଆଁ ପାଣିର ଡର, ଜାତି ଭାଇଙ୍କ ସହଯୋଗ ଓ ସମର୍ଥନ ହରାଇବାର ଭୟ ଜାତିବାଦକୁ ଅଧିକ ପ୍ରଶ୍ରୟ ଦେଉଥିବା ପରିତାପର ବିଷୟ। ଏଇକ୍ରମରେ ଆଉ ଏକ ତଥ୍ୟ ଯୋଡ଼ିଲେ ବନ୍ଧୁ। ଯଦି କୌଣସି କାରଣବଶତଃ ମାଳୀ ସମ୍ପ୍ରଦାୟର ଲୋକ ଅନୁସୂଚିତ ଜାତିର ଲୋକଙ୍କଠାରୁ ମାଡ଼ ଖାଇଲା ତ ଜାଣ ତା' ମୁଣ୍ଡରେ ବିବିପଦ ଛିଡିଲା। ମାଡ଼ ସହ ଜାତି ଭାଇର ନିର୍ଯାତନାକୁ ବି ବିଚରା ଲୋକଟିକୁ ସହିବାକୁ ହୁଏ। ସେଇ ମୁହୂର୍ତ୍ତରୁ ଉକ୍ତ ବ୍ୟକ୍ତି ଜାତିରୁ ଅଲଗା ଗଣାହେବ। ପାରମ୍ପରିକ ପ୍ରଥାରେ ପୂଜାପାଠ ସହ ଭୋଜିଭାତରେ ଆପ୍ୟାୟିତ ନ କଲା ଯାଏ ସେ ଜାତିରୁ ପୃଥକ୍ ରହିବାକୁ ବାଧ୍ୟ।

ଅବଶ୍ୟ ଆଜିକାଲି କେତେକ ସ୍ଥାନରେ ଜାତିପ୍ରଥା ଓ ପରମ୍ପରାକୁ ଅଣଦେଖା କରି କିଛି ପରିବାର ସାଦରେ ନିଜ ସନ୍ତାନଙ୍କ ପସନ୍ଦକୁ ସ୍ୱୀକୃତି ଦେଉଛନ୍ତି। ଜାତିବାଦକୁ ନେଇ ଭୋଟ ରାଜନୀତି ଜୋର ଚାଲିଥିବାବେଳେ ଏଭଳି ଅମାନବୀୟ ପରମ୍ପରା ବିରୋଧରେ ନେତାମାନେ ନୀରବ ରହିବା ଯେମିତି ଲାଗୁଛି ଆଉ ଏକ ରାଜନୀତି। ଜାତି ନାମରେ କିଛି ମୁଣ୍ଡିଆଳ ଚଳାଇଥିବା କୋଉ ଅମଳର ଏଭଳି ପରମ୍ପରା ମାନବିକ ଅଧିକାରକୁ ଉଲ୍ଲଂଘନ କରୁଛି ସତ, ହେଲେ ସଚେତନତା ଅଭାବରୁ ଅନେକ ପୁଅଝିଅଙ୍କ ଆଖିରୁ ଲୁହ ଶୁଖୁନି। ବଞ୍ଚି ଥାଉ ଥାଉ ଶବ ପାଲଟିଯାଉଛନ୍ତି ସେମାନେ। ଜାତି ପାଇଁ ଏଇ ଜିଅନ୍ତା ଶବମାନେ ଜୀବନତମାମ ଅକଥନୀୟ ଦୁଃଖ ଓ ଯାତନାରେ ଶଢୁଛନ୍ତି ନିଜ ଭିତରେ। ବିପଦ ଆପଦରେ, ଭଲମନ୍ଦରେ କାନ୍ଧକୁ କାନ୍ଧ ମିଳେଇ ଜାତିଭାଇ ଠିଆ ହେବାର ଦୁର୍ବାର ଆଶା ଓ ସମ୍ଭାବନାରେ ଅଧିକ ସମ୍ବେଦନଶୀଳ ହୋଇ ଆମ ଦ୍ୱାରା ଗଠିତ ତଥାକଥିତ ଜାତି ଶେଷରେ ପ୍ରଥା ନାମରେ ନିଜ ଜାତିର ଲୋକଙ୍କ ପ୍ରତି କେମିତି ନିର୍ଦ୍ଦୟ ହୋଇପାରୁଛି, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଗୋଟିଏ ଆଶ୍ୱାସନାର ବିଷୟ ଯେ, ଜାତିର ନିୟମକୁ ଭାଙ୍ଗୁଥିବା ଝିଅପୁଅଙ୍କର ଜିଇ ଥାଉ ଥାଉ ଶୁଦ୍ଧିକ୍ରିୟା କରାଯାଉ ପଛେ ସେମାନଙ୍କୁ ଅନର କିଲିଂର ସାମ୍ନା କରିବାକୁ ପଡୁନି, ଯାହା ଅନ୍ୟ କେତେକ ରାଜ୍ୟରେ ଘଟୁଛି।

ମୋ– ୯୫୫୬୨୮୭୭୭୫

## ଏଇ ଭାରତରେ

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ସାରା ଦେଶରେ ଟ୍ରାଫିକ ନିୟମକୁ କଡ଼ାକଡି କରାଯାଇ ଜରିମାନା ଆଦାୟ କରାଯାଉଛି। ମାତ୍ର ଟ୍ରାଫିକ ନିୟମ ଉପରେ ଗୁରୁଗ୍ରାମର ଜ୍ୟାକବ୍‌ପୁରା ନିବାସୀ ଧର୍ମବୀର ହିନ୍ଦୁସ୍ଥାନୀ ତାଙ୍କ ପୁଅ ଓ ଝିଅଙ୍କ ସହ ସଚେତନତା ଆଣିବାରେ ଯେଉଁଭଳି ଚେଷ୍ଟା କରିଆସୁଛନ୍ତି ତାହା ପ୍ରଶଂସନୀୟ। ଧର୍ମବୀର ଜଣେ ଓକିଲ। ଗୁରୁଗ୍ରାମର ବିଭିନ୍ନ ଛକରେ ସେ ବ୍ୟାନର୍ ଧରି ଠିଆହୋଇ ଦୀର୍ଘ ୮ ବର୍ଷ ହେବ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରିଆସୁଛନ୍ତି। ପ୍ରଥମେ ସେ ଏକାକୀ ଏହି କାର୍ଯ୍ୟ କରୁଥିଲେ, ଏବେ ୮ ବର୍ଷର ପୁଅ ପାର୍ଥ ଓ ୧୦ ବର୍ଷର ଝିଅ ଭାବିକା ସ୍କୁଲରୁ ଛୁଟି ହୋଇ ଆସିବା ପରେ ପିତାଙ୍କ ସହ ଟ୍ରାଫିକ ନିୟମ ଉପରେ ସଚେତନ କରିବା ଲାଗି ବହାରିଯାଉଛନ୍ତି। ପିତା, ପୁତ୍ର ଓ ଝିଅ ସହରର ଅଲଗା ଅଲଗା ସ୍ଥାନକୁ ଯାଇ ଏହି କାର୍ଯ୍ୟ କରୁଛନ୍ତି। ଧର୍ମବୀରଙ୍କୁ ସୋନା ଚୌକ, ଆକାଶପୁରୀ ଚୌକ ଓ ପୁରୁଣା ଗୁରୁଗ୍ରାମର ରାସ୍ତାରେ ଦେଖିବାକୁ ମିଳେ। ଛୁଟିଦିନରେ ଝିଅ–ପୁଅଙ୍କୁ ସାଙ୍ଗରେ ନେଇ ଧର୍ମବୀର ବାହାରିଯାଆନ୍ତି ରାସ୍ତାରେ ଥିବା ଖାଲଖମା ଭର୍ତ୍ତି କରିବାକୁ। ନିଜ ସମ୍ବଳ ମଧ୍ୟରେ ସେ ଏହା କରୁଛନ୍ତି। ଧର୍ମବୀର ଯାହା ରୋଜଗାର କରନ୍ତି ସେଥିରୁ କିଛି ଅଂଶ ରାସ୍ତା ମରାମତିରେ ବ୍ୟୟ କରିଥାନ୍ତି। ଏହି କାର୍ଯ୍ୟକୁ ଦେଖି ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସ ଅଥରିଟି ବା ଜିଲା ଆଇନ ସେବା ପ୍ରାଧିକରଣ ଧର୍ମବୀରଙ୍କୁ ତାଙ୍କର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛନ୍ତି। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ବି ତାଙ୍କୁ ସାମିଲ କରାଯାଇଛି। ଏହା ବ୍ୟତୀତ ତିନି ମାସରେ ୩୦ଟି ସ୍କୁଲ ଓ କଲେଜକୁ ଯାଇ ସ୍ୱଚ୍ଛତା ଏବଂ ଟ୍ରାଫିକ ନିୟମ ପ୍ରତି ସଚେତନ କରୁଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ସ୍ୱାଧୀନତା ଦିବସରେ ସମ୍ମାନିତ ମଧ୍ୟ କରାଯାଇଛି।

### ଚିରନ୍ତନୀ

ଉଦ୍‌ବେଳିତ କରେ ତାହା! ତେସନ ନାରୀର ଅନ୍ତସ୍ଥଳେ
ଦେହ ମନ ଅବୟବେ ସୃଜନ ବ୍ୟଥାର ରକ୍ତଗଳେ।
ଯେଉଁ କାଳୁ ଆଦି ନାରୀ ଲଭିଛି ଜନମ,
ଏ ବ୍ୟଥାରେ ବ୍ୟଥିଛି ମରମ। (ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅଯୋଗ୍ୟଙ୍କୁ ବାଦ୍ ଦିଆଯାଉ

ମହାଶୟ,

କଟକ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକା ପ୍ରସ୍ତୁତିରେ ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରାଯିବା ଆଦୌ ଗ୍ରହଣୀୟ ନୁହେଁ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଚଳନ କଲେ ମଧ୍ୟ ପ୍ରକୃତ ହିତାଧିକାରୀ ଚୟନରେ ବ୍ୟାପକ ଚଞ୍ଚକତା କରାଯାଉଛି। ତଦନ୍ତ କରି ଅଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ୍ ଦିଆଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ଲୁଟୁଛି ସାହାରା

ମୁଁ ସାହାରା କ୍ରେଡିଟ କୋ–ଅପରେଟିଭ ସୋସାଇଟି ଲିମିଟେଡରେ ସ୍ଥାୟୀ ଜମା ସାର୍ଟିଫିକେଟ ନଂ.୩୫୧୦୦୧୦୧୧୮୨୬ ଓ ୩୫୧୦୦୧୦୧୧୮୨୭ରେ ୨୫,୦୦୦ ଟଙ୍କା ଲେଖାଏ ମୋଟ ୫୦,୦୦୦ ଟଙ୍କା ଜମା ରଖିଥିଲି। ୮ ବର୍ଷ ପରେ ମୋର ସ୍ଥାୟୀ ଜମା ସାର୍ଟିଫିକେଟର ଅବଧି ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏବଂ ଗତ ଫେବୃୟାରୀ ମାସରୁ ମୁଁ ଆବଶ୍ୟକ ସବୁ କାଗଜପତ୍ର ଦାଖଲ କରିସାରିଥିଲେ ମଧ୍ୟ ମୋତେ ସଂପୃକ୍ତ ସଂସ୍ଥାର ମ୍ୟାନେଜର ଚିତ୍ତରଞ୍ଜନ ଗଡନାୟକ (ମୋ–୯୮୬୧୦୦୮୧୩୬) ଟଙ୍କା ଦେଉନାହାନ୍ତି ଓ ତାକୁ ପୁନଃନିବେଶ କରିବାକୁ କହୁଛନ୍ତି। ମୁଁ ଜଣେ ୯୦ ବର୍ଷର ବୃଦ୍ଧ। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ। ଚିକିତ୍ସା ପାଇଁ ମୋର ଟଙ୍କା ଦରକାର। ଆଉ କେତେ ଦିନ ବଞ୍ଚିବି ଯେ ପୁନଃନିବେଶ କରିବି। କୋର୍ଟଙ୍କ ଆଶ୍ରୟ ନେବା ଛଡ଼ା ମୋ ପାଖରେ ଆଉ ଉପାୟ ନାହିଁ। ପାଠକମାନେ ଏ ଲୁଟେରା ଠକସଂସ୍ଥା ପ୍ରତି ସଚେତନ ରୁହନ୍ତୁ।

ସୁଖେନ୍ଦୁ ମୋହନ ଦାସ, ମୋ–୯୪୩୭୫୪୪୯୩୯, ପ୍ଲଟ–୭୫୨, ସାରଦା ମଠ, ଲିଙ୍ଗରାଜ ଟେମ୍ପଲ ରୋଡ, ଓଲ୍ଡ ଟାଉନ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



# ୭୦ ଲକ୍ଷ ଟଙ୍କାର ବାଣ, ବାରୁଦ ଜବତ

**ବେଆଇନ ବାଣ କାରଖାନାରେ ଚଢ଼ାଉ**

■ ୩ ଗିରଫ, ୭ ମାମଲା ରୁଜୁ

ଆସିକା,୯।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ଥାନା ନଳବଣ୍ଟା ଗ୍ରାମରେ ବେଆଇନ ଭାବେ ଚାଲିଥିବା ୭ ବାଣ କାରଖାନା ଉପରେ ପୋଲିସ ସୋମବାର ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ବାଣ ଓ ବାରୁଦ ଜବତ କରାଯାଇଛି । ଜବତ ବାଣ ଓ ବାରୁଦର ମୂଲ୍ୟ ୭୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି । ଏହି ଘଟଣାରେ ଉକ୍ତ ଗ୍ରାମର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସନ୍ତୋଷ କୁମାର ପାଢ଼ୀ, ଦିବାନ ସେଠୀ ଓ ବିପ୍ର ସେଠୀ । କାରଖାନାରୁ ଫେରାର୍ ଥିବା ଅନ୍ୟ ୬ ଜଣଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥରେ ଥିବା ନଳବଣ୍ଟା ଗ୍ରାମରେ ପ୍ରସ୍ତୁତ ହେଉଥିବା ବାଣର ଚାହିଦା ରହିଛି। ଏହାର ସୁଯୋଗ ନେଇ କେତେଜଣ ମୁଷ୍ଟିମେୟ ବ୍ୟକ୍ତି ସାହିବସ୍ତିରେ ଥିବା ଘର ଓ ଗ୍ରାମ ସଂଲଗ୍ନ ପରିତ୍ୟକ୍ତ ସ୍ଥାନରେ କୁଡିଆ କରି ରୀତିମତ ବାଣ ପ୍ରସ୍ତୁତି ଚଳାଇ ଆସୁଛନ୍ତି । ବାଣ ପ୍ରସ୍ତୁତିରେ ପିଲାଙ୍କଠାରୁ ଆରମ୍ଭ କରି ମହିଳାମାନଙ୍କୁ ମଧ ନିୟୋଜିତ କରାଯାଉଛି । ବିଭିନ୍ନ ସମୟରେ ବାଣ ପ୍ରସ୍ତୁତ ବେଳେ ବିସ୍ଫୋରଣ ଘଟି ବହୁ ଧନଜୀବନ ନଷ୍ଟ ହୋଇଥିବା ମଧ ନଜିର ରହିଛି । ଆଗକୁ ଦଶହରା ଓ ଦିପାବଳୀ ଆସୁଥିବାରୁ

ଜୋରଦାର ବାଣ ପ୍ରସ୍ତୁତି ଚାଲିଛି। ଏଥିରେ ରୋକ ଲଗାଇବା ପାଇଁ ପୋଲିସ ତତ୍ପର ହୋଇଛି। ସୋମବାର ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନଙ୍କ ତତ୍ତ୍ୱାବଧାନ ଓ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ୬ ଅଧିକାରୀ ଓ ୨ ପ୍ଲାଟୁନ ସଶସ୍ତ୍ର ପୋଲିସ ନଳବଣ୍ଟା ଗ୍ରାମରେ ଚାଲିଥିବା ବାଣ କାରଖାନାରେ ଚଢ଼ାଉ କରିଥିଲେ। ଆସିକା ତହସିଲଦାର ଆଶୁତୋଷ ଗୌରବକର ମାଜିଷ୍ଟ୍ରେଟ ଭାବେ ଉକ୍ତ ଚଢାଉ ବେଳେ ଉପସ୍ଥିତ ଥିଲେ । ମୋଟ ୭ଟି କାରଖାନା ଉପରେ ଚଢ଼ାଉ କରାଯାଇ ପ୍ରସ୍ତୁତ ହୋଇ ରହିଥିବା କୁମ୍ପି, ମଥାପି, ହାବେଳି, ଉଚ୍ଚଶବ୍ଦ ସୃଷ୍ଟି କରୁଥିବା ଫୋଟକା ବାଣ ଏବଂ ବହୁ ପରିମାଣର ଗନ ପାଉଡର, ସୁରାଖାର, ଗନ୍ଧକ, ଅଙ୍ଗାର ଆଦି ଜବତ କରାଯାଇଛି । ଜବତ ବାଣ ଓ ବାରୁଦକୁ ୭ଟି ପିକଅପ୍ ଭ୍ୟାନ ଯୋଗେ ଅଣାଯାଇ ଥାନା ପଛପଟେ ରଖାଯାଇଛି। ଏ ନେଇ ପୃଥକ ୭ ମାମଲା (ନଂ.୩୦୭, ୩୦୮, ୩୦୯, ୩୧୦, ୩୧୧, ୩୧୨ ଓ ୩୧୩/୧୯) ରୁଜୁ କରାଯାଇଥିବା ଥାନା ଅଧିକାରୀ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ନଳବଣ୍ଟାରେ ବେଧଡକ ଭାବେ ଚାଲିଥିବା ବାଣ କାରଖାନାରେ ପୂର୍ବରୁ ରୀତିମତ ପୋଲିସ ଚଢାଉ କରୁଥିଲେ ମଧ ଏତେ ପରିମାଣର ବାଣ ଓ ବାରୁଦ କେବେ ଜବତ ହୋଇ ନ ଥିଲା ।



ଜବତ ବାଣ ଓ ବାରୁଦକୁ ଆସିକା ଥାନା ପରିସରରେ ରଖାଯାଇଛି।

## ସଂକ୍ଷେପରେ

### ପାଣିକୁଣ୍ଡରେ ବୁଡ଼ି ଶିଶୁ ମୃତ

**ବୋରିଗୁମ୍ମା,୯।୯(ଡି.ଏନ୍.ଏ.):** କୋରାପୁଟ ଜିଲା ବୋରିଗୁମ୍ମା ଦିଣ୍ଡାରାଜାଗୁଡ଼ାରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଘର ପାଖରେ ଥିବା ପାଣିକୁଣ୍ଡରେ ବୁଡ଼ିଯାଇ ଜଣେ ଶିଶୁର ମୃତ୍ୟୁ ହୋଇଛି। ମୃତକ ହେଲେ ଦିଣ୍ଡାରାଜା ଗ୍ରାମର କୃପାସିନ୍ଧୁ ଗୌଡ଼ଙ୍କ ୩ ବର୍ଷର ପୁଅ ଶିବ। ସୋମବାର ମଧାହ୍ନରେ କୃପାସିନ୍ଧୁଙ୍କ ସ୍ତ୍ରୀ ଘରକାମରେ ବ୍ୟସ୍ତ ଥିବାବେଳେ ଶିବ ଘର ବାହାରକୁ ଚାଲିଯାଇଥିଲା। ଘର ବାହାରେ ଥିବା ପାଣିକୁଣ୍ଡରେ ସେ ପଡ଼ିଯିବା ପରେ ସେଥିରେ ବୁଡ଼ି ତାର ମୃତ୍ୟୁ ହୋଇଥିଲା। କୃପାସିନ୍ଧୁଙ୍କ ସ୍ତ୍ରୀ ପରେ ପୁଅକୁ ଖୋଜିଖୋଜି କରି ପାଣିକୁଣ୍ଡରୁ ତାକୁ ଉଦ୍ଧାର କରିଥିଲେ। ତୁରନ୍ତ ତାକୁ ବୋରିଗୁମ୍ମା ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

### ଘରୋଇ ହସ୍ପିଟାଲରେ ଉତ୍ତେଜନା, ଭଙ୍ଗାରୁଜା

### ୩ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୯।୯(ବ୍ୟୁରୋ):** ଖଣ୍ଡଗିରି ଥାନା ଯଦୁପୁର ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲରେ ଭଙ୍ଗାରୁଜା କରିବା ଘଟଣାରେ ଖଣ୍ଡଗିରି ପୋଲିସ ୩ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ସୟିଦ ଫଶରୁକ୍ ଅଲ୍ଲୀ(୨୫),ଏସ୍.କେ ସର୍ବିର(୨୩) ଓ ସୟିଦ ସଫିକ୍ ଅଲ୍ଲୀ(୨୬)। ସେମାନଙ୍କ ବିରୋଧରେ ପୋଲିସ ୪୮୧/୧୯ ନମ୍ବରରେ ଏକ ମାମଲା ରୁଜୁ ଲଗାଇ କୋର୍ଟଚାଲାଣ କରିଛନ୍ତି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ ୩ଜଣ ଅଭିଯକ୍ତଙ୍କ ଜଣେ ସହଯୋଗୀଙ୍କର ହାତ କଟିଯାଇଥିଲା। ସେମାନେ ତାଙ୍କୁ ଉକ୍ତ ଘରୋଇ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ରାତିରେ କେହି ଡାକ୍ତର ନ ଥିବା ହସ୍ପିଟାଲର କର୍ମଚାରୀ କହି ଫେରାଇ ଦେଇଥିଲେ। କିନ୍ତୁ ଅଭିଯୁକ୍ତମାନେ ହସ୍ପିଟାଲରେ ଭଙ୍ଗାରୁଜା କରିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଅଭିଯକ୍ତଙ୍କୁ କାବୁ କରିଥିଲା। ପରେ ଏନେଇ ଥାନାରେ ହସ୍ପିଟାଲ ପକ୍ଷରୁ ଅଭିଯୋଗ କରାଯାଇଥିଲା।

### ୫ ହଜାର ଟଙ୍କା ପାଇଁ ହତ୍ୟା, ଅଭିଯୁକ୍ତ ଗିରଫ

**ସଜନାଗଡ଼, ୯।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ଜାମୁଡ଼ିହା ପଞ୍ଚାୟତ ବାଘମରା ଗ୍ରାମରେ ୫ ହଜାର ଟଙ୍କା ପାଇଁ ଏକ ହତ୍ୟାକାଣ୍ଡ ଘଟିଛି। ପୋଲିସ ମୃତଦେହକୁ ଜବତ କରି ଛାନଭିନ କରିବା ପରେ ହତ୍ୟାକାଣ୍ଡର କାରଣ ପଦାକୁ ଆସିଛି। ବାବୁରାମ ସିଂ (୪୦) ନାମକ ଜଣେ ଯୁବକଙ୍କୁ ପିଟି ହତ୍ୟା କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଚୁନୁ ସିଂ(୩୦)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ବାଘମରା ଗ୍ରାମର ଜଣେ ମହିଳା ଏକ ଆପରାଧିକ ମାମଲାରେ ଗିରଫ ହୋଇ ଏବେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଛନ୍ତି। ସେ ଜେଲ ପରିସରରେ କାମଧନ୍ଦା କରି ତାଙ୍କ ପୁଅ ବାବୁରାମ ସିଂ (୪୦) ପାଖକୁ ୫ହଜାର ଟଙ୍କା ପଠାଇଥିଲେ। ଜଣେ ସମ୍ପର୍କୀୟ ଚୁନୁ ସିଂ ଏହି ଟଙ୍କା ଆଣିଥିଲେ। ବାବୁରାମଙ୍କୁ ସେ ଟଙ୍କା ନ ଦେବାରୁ ଏନେଇ ଗତ ୫ତାରିଖରେ ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ଘଟିଥିଲା। ଚୁନୁ ଉତ୍ୟକ୍ତ ହୋଇ ବାବୁରାମଙ୍କୁ ମାରପିଟ୍ କରିବା ସହ ଏକ ଶିଳପୁଆ ଆଣି ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ବାବୁରାମ ରକ୍ତାକ୍ତ ହୋଇ ଚେତା ହରାଇ ବସିଥିଲେ। ନୀଳଗିରି ଡାକ୍ତରଖାନାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ଚିକିତ୍ସିତ ଅବସ୍ଥାରେ ରବିବାର ରାତିରେ ବାବୁରାମଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ସାନଭାଇ ବିଦେଶୀ ସିଂ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ନେଇ ଏକ ମାମଲା (ନଂ. ୨୧୩/୧୯) ରୁଜୁ କରିଛି। ଏହାସହ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗିରଫ ଚୁନୁଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ନୀଳଗିରି ଆଇଆଇସି ନଳିତା ମୋଦି ପ୍ରକାଶ କରିଛନ୍ତି।

## ଆଜି ବସିବ କୃଷି ବିଭାଗ ବୈଠକ

# ବଢ଼ିପାରେ ଓମ୍‌ଫେଡ ଦୁଗ୍ଧ ମୂଲ୍ୟ

ଭୁବନେଶ୍ୱର,୯।୯(ବ୍ୟୁରୋ)

ଓଡ଼ିଶାରେ ଚାଷ ସହିତ ଗୋପାଳନ ଏକ ପ୍ରମୁଖ ବେଉସା। ଗୋପାଳନ କରୁଥିବା ସର୍ବାଧିକ ଚାଷୀ ଓମ୍‌ଫେଡକୁ କ୍ଷୀର ବିକ୍ରି କରିଥାଆନ୍ତି। କିନ୍ତୁ ଏବେ ଏହି ଚାଷୀମାନେ କ୍ଷତି ସହୁଥିବା କଥା ବାରମ୍ବାର ଅଭିଯୋଗ କରିଆସୁଛନ୍ତି। ପୂର୍ବ ଅପେକ୍ଷା ଗୋଖାଦ୍ୟର ଦର ବୃଦ୍ଧି ପାଇଛି, ମାତ୍ର ସେହି ଅନୁଯାୟୀ ଦୁଗ୍ଧ ଦର ବୃଦ୍ଧି ପାଉନାହିଁ। ନିକଟ ଅତୀତରେ ଘରୋଇ ଉତ୍ପାଦ କିଣା ଦରରେ ଲିଟର ପିଛା ୪ ଟଙ୍କା ଏବଂ ବିକ୍ରି ଦରରେ ୩ ଟଙ୍କା ବୃଦ୍ଧି କରିଛନ୍ତି। ପୂର୍ବରୁ ଗତ ଅଗଷ୍ଟ ୨୨ରେ ଏନେଇ ଓମ୍‌ଫେଡ ଅଧ୍ୟକ୍ଷ ଚାଷୀଙ୍କ ପକ୍ଷରୁ ସରକାରଙ୍କୁ ଏକ ପ୍ରସ୍ତାବ ଦେଇଥିଲେ। ଦୁଗ୍ଧ ଲିଟର ପିଛା ୪ ଟଙ୍କା ବୃଦ୍ଧି କରିବା ପାଇଁ ଏହି ପ୍ରସ୍ତାବରେ ଦାବି କରାଯାଇଛି। ମାତ୍ର ମୂଲ୍ୟ ଅପରିବର୍ତ୍ତିତ ରହିଥିବାରୁ ଚାଷୀଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ଏହାସହିତ ଉତ୍ପାଦନ ଖର୍ଚ୍ଚ ଯଥା- ଔଷଧ, ଖାଦ୍ୟ ପରିପୂରକ, ସର୍ବନିମ୍ନ ମଜୁରି ଓ ଦୁଧିଆଳି ପଶୁଙ୍କ ମୂଲ୍ୟ ମଧ ବୃଦ୍ଧି ପାଇବାରେ ଲାଗିଛି। ଉତ୍ପାଦନ ମୂଲ୍ୟ ଯଥେଷ୍ଟ ଅଧିକ ହେଉଥିବାରୁ ଚାଷୀ ନିରୁତ୍ସାହିତ ହେଉଥିବା ଦେଖିବାକୁ ମିଳିଛି। ଗୋପାଳନରେ କ୍ଷତି ହେଉଥିବାରୁ ପରୋକ୍ଷରେ ଦୁଗ୍ଧ ଉତ୍ପାଦନ ହ୍ରାସ ପାଇଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନଙ୍କୁ ଲିଟର ପିଛା ୪ ଟଙ୍କା ଅଧିକ ସହାୟତା ଦିଆଗଲେ ଦୈନିକ ୫ ଲକ୍ଷ ଲିଟର ଉତ୍ପାଦନ ହିସାବ ଅନୁଯାୟୀ ବର୍ଷକୁ ଅଧିକ ୭୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ଏନେଇ ମଙ୍ଗଳବାର କୃଷି ଭବନରେ କୃଷି ଓ କୃଷକ କଲ୍ୟାଣ ବିଭାଗ ପକ୍ଷରୁ ଏକ ବୈଠକ ବସିବ ବୋଲି ଜଣାପଡିଛି। ଏହି ବୈଠକରେ ଓମ୍‌ଫେଡ ଚାଷୀଙ୍କ ଦୁଗ୍ଧମୂଲ୍ୟ ବୃଦ୍ଧି କରିବା ପ୍ରସଙ୍ଗ ଆଲୋଚନା ହେବ ବୋଲି ଆଶା କରାଯାଉଛି।

## ଟ୍ରକ୍ ପଛରେ ପିଟିହେଲା ଆମ୍ବୁଲାନ୍ସ

# ରୋଗୀ ସମେତ ୨ମୃତ



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

ଚଣ୍ଡିଖୋଲ,୯।୯(ଡି.ଏନ.ଏ)

ଯାଜପୁରରୁ କଟକ ଅଭିମୁଖେ ରୋଗୀ ନେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ (ଓଡି୦୨ଜି୦୧୩୫) ରବିବାର ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଯାଉଥିବା ରୋଗୀ ଓ ଆଟେଣ୍ଡାଣ୍ଟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ଥାଉକି, ଯାଜପୁର ଜିଲା ଦଶରଥପୁର ବ୍ଲକ ପାଟପୁର ଗ୍ରାମର ଶଶି ଜେନା (୬୫) ବିଷ ପିଇ ଦେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହେବାରୁ ବିଞ୍ଝାରପୁର ଥାନାରେ ରହୁଥିବା ଆମ୍ବୁଲାନ୍ସକୁ ଡକାଇ ସେଥିରେ ରାତି ପ୍ରାୟ ୨ଟାରେ ତୁରନ୍ତ କଟକ ବଡ଼ ମେଡିକାଲକୁ ପଠା ଯାଇଥିଲା। ଗାଡ଼ିଟି ୧୬ନଂ ଜାତୀୟ ରାଜପଥ ଦେଇ ଯାଉଥିବାବେଳେ ବଡ଼ଚଣା ଥାନା ବନ୍ଧାଳ ଛକ ନିକଟରେ ଏକ ଟ୍ରକ ପଛରେ ପିଟି ହୋଇଥିଲା। ଆମ୍ବୁଲାନ୍ସରେ ଥିବା ୪ଜଣଙ୍କୁ ବଡ଼ଚଣା ପୋଲିସ ସଙ୍ଗେସଙ୍ଗେ ଅନ୍ୟ ଏକ ଆମ୍ବୁଲାନ୍ସରେ କଟକ ପଠାଇଥିଲା। ତେବେ ବିଷ ପିଇଥିବା ଶଶୀ ଜେନାଙ୍କର ମୃତ୍ୟୁ ଘଟିଥିଲା। ଏହାସହ ଆଟେଣ୍ଡାଣ୍ଟ ପ୍ରୀତିପୁର ଗ୍ରାମର ରଞ୍ଜିତ ମଲିକଙ୍କର ମଧ ମୃତ୍ୟୁ ହୋଇଯାଇଛି। ଗାଡ଼ି ଡ୍ରାଇଭର ଟମକା ଥାନା କଲରଙ୍ଗୀ ଗ୍ରାମର ଗଗନ କୁମାର ମହନ୍ତ ଓ ଗାଡ଼ିରେ ଥିବା ଫାର୍ମାସିଷ୍ଟ ମଙ୍ଗଳପୁର ଥାନା କଣ୍ଟାଗଣିଆ ଗ୍ରାମର ଘନଶ୍ୟାମ ଶତପଥୀ ଗୁରୁତର ହୋଇଥିଲେ। ସେମାନେ ବର୍ତ୍ତମାନ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ପୋଲିସ ସୂଚନା ଦେଇଛି। ବଡ଼ଚଣା ପୋଲିସ ଏକ ମାମଲା (ନଂ.୨୦୨/୧୯) ରୁଜୁ କରି ଆମ୍ବୁଲାନ୍ସଟିକୁ ଜବତ କରିଛି। ଦୁର୍ଘଟଣା ପରେ ଟ୍ରକଟି ଫେରାର ହୋଇଯାଇଥିବା ଥାନା ଅଧିକାରୀ ଦିପକ କୁମାର ଜେନା ସୂଚନା ଦେଇଛନ୍ତି।

## ବ୍ରହ୍ମପୁର ବଡ଼ ମେଡିକାଲ

# ରୋଗୀ ସମ୍ପର୍କୀୟ, ଡାକ୍ତର ହାତାହାତି

**ବ୍ରହ୍ମପୁର ଅଫିସ,୯।୯ :** ବ୍ରହ୍ମପୁର ବଡ଼ ମେଡିକାଲରେ ସୋମବାର ରାତିରେ ଚିକିତ୍ସାରେ ଅବହେଳା ଅଭିଯୋଗରେ ରୋଗୀଙ୍କ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧରେ ହାତାହାତି ହୋଇଛି। ଫଳରେ ସେଠାରେ ଉତ୍ତେଜନା ଦେଖାଦେଇଛି। ଖବର ଲେଖାହେବା ସୁଦ୍ଧା ରୋଗୀଙ୍କ ସମ୍ପର୍କୀୟଙ୍କ ସହ ମେଡିକାଲ କର୍ତ୍ତୃପକ୍ଷ ଆଲୋଚନା ଜାରି ରଖିଥିଲେ।କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତିର ମୁକାବିଲା ପାଇଁ ମେଡିକାଲ ପରିସରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଡାକ୍ତରଙ୍କ ଅଭିଯୋଗ କ୍ରମେ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହୋଇଛି ବୋଲି ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ୬ ତାରିଖରୁ ଗଜପତି ଜିଲା ଅଡବା ଅଞ୍ଚଳର ବାସନ୍ତୀ ନାୟକ ବଡ଼ ମେଡିକାଲ ସୁପର ସ୍ପେସାଲିଟି ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସାରେ ଅବହେଳା କରାଯାଉଛି ବୋଲି ତାଙ୍କର ଜଣେ ସମ୍ପର୍କୀୟ ଅଭିଯୋଗ କରିଥିଲେ। ଏହାକୁ ନେଇ ରୋଗୀ ସମ୍ପର୍କୀୟ ଓ ଡାକ୍ତରଙ୍କ ମଧରେ ସୋମବାର ରାତିରେ କଥା କଟାକଟି ଓ ପରେ ହାତାହାତି ହୋଇଥିଲା। ଖବରପାଇ ଏଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି, ବୈଦ୍ୟନାଥପୁର ଥାନାଧିକାରୀ ସାରଦା ପ୍ରସନ ଦାସ, ମେଡିକାଲ ସୁପେରଣ୍ଟେଣ୍ଡେଣ୍ଟ ଡା.ଚରଣ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ଡାକ୍ତରମାନେ ମେଡିକାଲ ପରିସରରେ ଏକତ୍ରିତ ହୋଇଛନ୍ତି।

# କଂଗ୍ରେସ ଗଢ଼ିବ କ୍ୟାଡର ବେସ୍ ସଙ୍ଗଠନ

ଭୁବନେଶ୍ୱର,୯।୯(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସ ସାରା ଦେଶରେ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ସମାନଭାବେ ରାଜ୍ୟରେ ମଧ କଂଗ୍ରେସର ପ୍ରଦର୍ଶନ ଅତ୍ୟନ୍ତ ଖରାପ ରହିଲା। ଦଳକୁ ରାଜ୍ୟ ରାଜନୀତିରେ ଦ୍ୱିତୀୟ ସ୍ଥାନରୁ ଖସି ତୃତୀୟ ସ୍ଥାନରେ ରହିବାକୁ ପଡିଛି। ତଥାପି ମଧ ଏ ପର୍ଯ୍ୟନ୍ତ ଦଳ ଦୁର୍ବଳ ସ୍ଥିତିରୁ ନିଜକୁ କାଢି ଉପରକୁ ନେବାକୁ ପ୍ରୟାସ ଆରମ୍ଭ କରିପାରିନାହିଁ। ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ସମସ୍ତ ନିର୍ବାଚନ କମିଟିକୁ ଭାଙ୍ଗି ଦିଆଯାଇଥିବା ବେଳେ ସଭାପତି ଏବଂ କାର୍ଯ୍ୟକାରୀ ସଭାପତିଙ୍କ ସମେତ ରାଜ୍ୟ ପ୍ରଭାରୀ ପଦରେ ପରିବର୍ତ୍ତନ କରାଯାଇନାହିଁ। ହେଲେ ଦଳର ଉପରସ୍ତରରୁ ବର୍ତ୍ତମାନ ଏକ ବଡ ଧରଣର ସାଙ୍ଗଠନିକ ନିଷ୍ପତ୍ତି ନିଆଯାଉଥିବା ଜଣାପଡିଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଭଳି କଂଗ୍ରେସ ମଧ ଏକ ସମାନ୍ତରାଳ ସଙ୍ଗଠନ କରିବାକୁ ଯୋଜନା କରୁଥିବା ଜଣାପଡିଛି। କଂଗ୍ରେସ ନେତା ରାମଚନ୍ଦ୍ର ଖୁଣ୍ଟିଆ କହିଛନ୍ତି ଯେ, ଅନ୍ୟ କ୍ୟାଡର ବେସ୍ ଦଳର ନକାରାତ୍ମକ ଚିନ୍ତାଧାରାର ସମ୍ମୁଖୀନ ହେବା ପାଇଁ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ପ୍ରକ୍ରିୟା ଆରମ୍ଭ କରାଯିବ। ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ଆଦର୍ଶଗତ ଚିନ୍ତାଧାରା ସୃଷ୍ଟି କରିବା ଏବଂ ସଚେତନ କରିବା ଲାଗି ଚିନ୍ତା କରାଯାଉଛି। ଆର୍‌ଏସ୍‌ଏସ୍ ସମେତ ସମସ୍ତ ବିରୋଧୀ କ୍ୟାଡର ଯେଉଁମାନେ ନକାରାତ୍ମକ ପ୍ରଚାର କରୁଛନ୍ତି ସେମାନଙ୍କୁ ସମ୍ମୁଖୀନ କରିବା ପାଇଁ ଏକ ସଙ୍ଗଠନ ପ୍ରସ୍ତୁତ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ବିଜେଡି ମଧ ବିଜୁ ଯୁବ ବାହିନୀ ନାମରେ ଏକ ସଙ୍ଗଠନ ସରକାରୀ ଅର୍ଥରେ ତିଆରି କରି କାର୍ଯ୍ୟକ୍ରମ ଜାରି ରଖିଛି। ମାତ୍ର କଂଗ୍ରେସ ପକ୍ଷରୁ ଏଭଳି ଏକ ଚିନ୍ତା କରାଯିବା ପରେ ରାଜ୍ୟର ଉଭୟ ଭାଜପା ଏବଂ ବିଜେଡି ନେତାମାନେ ଏହାକୁ ସମାଲୋଚନା କରିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଆଜି ନିଶ୍ଚିତଭାବେ ଖୁସିର କଥା, ଆମ ଦଳର ଯେଉଁସାଙ୍ଗଠନିକ ବ୍ୟବସ୍ଥା ରହିଛି ତାକୁ ଅନ୍ୟ ରାଜନୈତିକ ଦଳଗୁଡିକ ଶିଖୁଛନ୍ତି। କଂଗ୍ରେସ ଏବଂ ଅନ୍ୟ ରାଜନୈତିକ ଦଳଗୁଡିକ ଶିଖୁଛନ୍ତି ଠିକ୍ ଅଛି ହେଲେ ବିନା କୌଣସି ନୀତି, ଚିନ୍ତାଧାରାରେ ନିଜର ରାଜନୈତିକ ସଙ୍ଗଠନ ତିଆରି କଲେ ମଧ ଏହା ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇବନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି। ବିଜେଡି ନେତା ପ୍ରତାପ ଦେବ କହିଛନ୍ତି, ସେମାନଙ୍କ କ୍ୟାଡର ଯାହା ଥିଲା ତାକୁ ଦୀର୍ଘ ୪ ଦଶନ୍ଧି ଧରି ସେମାନେ ସରକାର କରୁଥିଲେ। ଏହା ସେମାନେ ସ୍ୱୀକାର କରିଛନ୍ତି ଯେ, ସେମାନଙ୍କ ସାଙ୍ଗଠନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଏବେ ସେମାନେ କିଛି ନୂଆ ଚିନ୍ତା କରିଛନ୍ତି, ସେମାନଙ୍କ ଚ୍ୟାଲେଞ୍ଜକୁ ଆମେ ନିହାତି ସ୍ୱୀକାର କରିବୁ ବୋଲି ପ୍ରତାପ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ସମାଲୋଚନା କଲା କଂଗ୍ରେସ

**ଟ୍ରାଫିକ ନିୟମ କୋହଳ ପ୍ରସଙ୍ଗ**

ଭୁବନେଶ୍ୱର,୯।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ ଅନୁଯାୟୀ ରାଜ୍ୟରେ କଡାକଡି ଭାବରେ ଟ୍ରାଫିକ ଚେକିଂ ଚାଲିଥିଲା। ଧୀରେଧୀରେ ଲୋକଙ୍କ ଆକ୍ରୋଶକ୍ରମେ ଏହା ପ୍ରଭାବଶୂନ୍ୟ ହେବାକୁ ଲାଗିଲା। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରି ଏହାକୁ ଆସନ୍ତା ୩ ମାସ ପର୍ଯ୍ୟନ୍ତ ନିୟମ କୋହଳ କରିଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣାପରେ ବର୍ଷିଛନ୍ତି ବିରୋଧୀ। କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି, ନୂଆ ମୋଟର ଯାନ ଆଇନ ପାର୍ଲାମେଣ୍ଟରେ ପାସ୍ ହେଲାବେଳେ ଜନସାଧାରଣଙ୍କ ଭଲମନ୍ଦକୁ ନ ବୁଝି ଶାସକ ବିଜେଡି ଏମ୍‌ପିମାନେ ଏହାକୁ ସମର୍ଥନ କରିଦେଲେ। ଅନ୍ୟ କେତେଗୁଡିଏ ରାଜ୍ୟ ସରକାର ଏଭଳି ଆଇନକୁ ନିଜ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ରାଜି ନ ହୋଇ ପ୍ରତ୍ୟାଖ୍ୟାନ କରିଦେଲେ। ମାତ୍ର ମୁଖ୍ୟମନ୍ତ୍ରୀ ଏହି ନିୟମ ସମ୍ପର୍କରେ ଠିକ୍‌ରେ ତର୍ଜମା ନ କରି କାର୍ଯ୍ୟକାରୀ କାହିଁକି କରାଇଦେଲେ। ଜନତାଙ୍କ କ୍ରୋଧ ଦେଖିବାପରେ ରାଜ୍ୟ ସରକାରଙ୍କ ଏ ବାବଦରେ ଚେତା ପଶିଲା। ଆଗକୁ ନଗରପାଳିକା ନିର୍ବାଚନ ଥିବାରୁ ଏହି ଆଇନକୁ ତିନିମାସ କୋହଳ କରି ରାଜ୍ୟବାସୀଙ୍କୁ ପୁନର୍ବାର ଲଲିପପ୍ ଦେଖାଇ ଭୋଟ ହାତେଇବାର ଯେଉଁ ପ୍ରୟାସ କରିଛନ୍ତି ତାକୁ ଉଚିତ୍ ଜବାବ୍ ଆଗାମୀ ଦିନରେ ମିଳିବ। ଯଦି ମୁଖ୍ୟମନ୍ତ୍ରୀଙ୍କ ପ୍ରକୃତରେ ରାଜ୍ୟବାସୀଙ୍କ ପ୍ରତି ଆନ୍ତରିକତା ଅଛି ତେବେ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ଓଡିଶା ଏହି ଆଇନକୁ ପ୍ରତ୍ୟାଖ୍ୟାନ କରୁ ବୋଲି ଆର୍ଯ୍ୟକୁମାର କହିଛନ୍ତି।

# ଶ୍ରବଣ ଶକ୍ତି ଫେରିପାଇଲେ ୨ ଝିଅ

ଭୁବନେଶ୍ୱର, ୯।୯(ବ୍ୟୁରୋ)





ସାରା ଜୀବନ ପାଇଁ ବଧିର ହୋଇଯିବା ଆଶଙ୍କାରେ ଥିବା କୋରାପୁଟର ଦୁଇଜଣ କୁନି ଝିଅ ନିଜର ଶ୍ରବଣ ଶକ୍ତି ଫେରିପାଇଛନ୍ତି। ରାଜ୍ୟ ସରକାରଙ୍କ ସହାୟତାରେ ଉଭୟଙ୍କ କାନରେ ବ୍ୟୟବହୁଳ ଅତ୍ୟାଧୁନିକ ଅସ୍ତ୍ରୋପଚାର କରାଯିବା ପରେ ଏହା ସମ୍ଭବ ହୋଇପାରିଛି। ଦୁଇ ଝିଅ ଏବେ ସାଧାରଣ ପିଲାଙ୍କ ଭଳି ସବୁକିଛି ସ୍ପଷ୍ଟଭାବେ ଶୁଣି ପାରୁଛନ୍ତି। ଏମାନେ ହେଉଛନ୍ତି କୋରାପୁଟ ଜିଲା ଦାମନଯୋଡ଼ିର ବଳଭଦ୍ର ଜାନିଙ୍କ ୪ ବର୍ଷର ଝିଅ କୌଶଲ୍ୟା ଜାନି ଓ ବୋରିଗୁମା ବ୍ଲକ ଶଶାହାଣ୍ଡିର ଲିଙ୍ଗରାଜ ନାୟକଙ୍କ ୫ ବର୍ଷର ଝିଅ ସନ୍ଧ୍ୟାରାଣୀ ନାୟକ। ଉଭୟଙ୍କୁ ପ୍ରଥମେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ ଡିଇଆଇସି କେନ୍ଦ୍ରରେ ଚିହ୍ନଟ କରାଯାଇ ପରେ ଭୁବନେଶ୍ୱର ଏମ୍‌ସକୁ ଚିକିତ୍ସା ପାଇଁ ପଠାଯାଇଥିଲା। ଏହି କ୍ରମରେ ଉଭୟଙ୍କ କୋକ୍ଲିୟର୍(Cochlear) ପ୍ରତିରୋପଣ ସଫଳତାର ସହ କରାଯାଇପାରିଛି। ଏ ବାବଦକୁ ଜଣକ ପିଛା ୫.୨ ଲକ୍ଷ ଟଙ୍କା ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଣ୍ଠିରୁ ପ୍ରଦାନ କରାଯାଇଛି। ଉକ୍ତ ଦୁଇ ଶିଶୁଙ୍କୁ କୋରାପୁଟ ଡିଇଆଇସିକୁ ନିଆଯିବା ସହିତ ସେଠାରେ ସେମାନେ କିଭଳି କଥାବାର୍ତ୍ତା କରିବେ ସେଥିଲାଗି 'ସ୍ପିଚ୍ ଥେରାପି' ଦିଆଯିବ। ଏହାସହ ସେମାନଙ୍କର ଥଇଥାନ ଲାଗି ଆବଶ୍ୟକ ପଦକ୍ଷେପ ମଧ ଗ୍ରହଣ କରାଯାଉଛି।

# ଚଳନ୍ତା ଟ୍ରେନ୍‌ରୁ ଡେଇଁପଡ଼ିଲେ ୨ ଭଉଣୀ

**ଜଣେ ମୃତ, ଜଣେ ଗୁରୁତର**

■ ଭୁଲ୍‌ରେ ଏକ୍ସପ୍ରେସ୍ ଟ୍ରେନରେ ଉଠି ଯାଇଥିଲେ

■ ହେମଗିର ଷ୍ଟେଶନରେ ଟ୍ରେନ ନ ଅଟକିବାରୁ ତଳକୁ ଡେଇଁ ପଡ଼ିଲେ

ସୁନ୍ଦରଗଡ଼/ହେମଗିର, ୯।୯ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଦେଇ ଯାଇଥିବା ମୁମ୍ବାଇ-ହାଓଡା ରେଳପଥର କନିକାସ୍ଥିତ ହେମଗିର ରେଳଷ୍ଟେଶନ ନିକଟରେ ସୋମବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି । ଏକ ଚଳନ୍ତା ଟ୍ରେନ୍‌ରୁ ୨ ଭଉଣୀ ଡେଇଁ ପଡିବାରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମୃତକ ହେଲେ ବରଗଡ ଜିଲା ଟିକିଲି ଗ୍ରାମର ବିଦେଶିନୀ ମହାନନ୍ଦିଆ (୧୮)। ତାଙ୍କ ସାନ ଭଉଣୀ ସୁକେଶିନୀ ମହାନନ୍ଦିଆ (୧୪) ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

ସୁକେଶିନୀ ହେମଗିର କନ୍ୟାଶ୍ରମରେ ପଢନ୍ତି। ନୂଆଁଖାଇ ଛୁଟିରେ ସେ ଘରକୁ ଯାଇଥିଲେ। ଏଣୁ ତାଙ୍କୁ କନ୍ୟାଶ୍ରମରେ ଛାଡିବାକୁ ସାଙ୍ଗରେ ଧରି ବଡ ଭଉଣୀ ବିଦେଶିନୀ ହେମଗିର ଅଭିମୁଖେ ଆସୁଥିଲେ। ୨ ଭଉଣୀ ବରଗଡରୁ ଆସି ଝାରସୁଗୁଡା ରେଳ ଷ୍ଟେଶନରେ ପହଞ୍ଚି ଥିଲେ । ସେଠାରୁ ସେମାନେ ପାସେଞ୍ଜର ଟ୍ରେନରେ ହେମଗିର ଆସିବା ପାଇଁ ଛିଡା ହୋଇଥିଲେ। ହେଲେ ଭୁଲ୍‌ରେ ସେମାନେ ସାଉଥ୍‌ବିହାର-ପାଟନା ଏକ୍ସପ୍ରେସ ଟ୍ରେନ୍‌ରେ ଚଢି ଯାଇଥିଲେ। ଏହି ଟ୍ରେନଟିର କନିକାସ୍ଥିତ ହେମଗିର ଷ୍ଟେଶନରେ ରହଣି ନ ଥିବାରୁ ଅଟକି ନ ଥିଲା । ଫଳରେ ୨ ଭଉଣୀ ଡରି ଯାଇ ଚଳନ୍ତା ଟ୍ରେନ୍‌ରୁ ଡେଇଁ ପଡିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବଡଭଉଣୀ ବିଦେଶିନୀ ଓ ପରେ ସୁକେଶିନୀ ଡେଇଁ ପଡିଥିଲେ । ଫଳରେ ଘଟଣାସ୍ଥଳରେ ବଡ ଭଉଣୀ ବିଦେଶିନୀଙ୍କ ମୃତ୍ୟୁ ଘଟିଥିଲା। ସୁକେଶିନୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସୁକେଶିନୀଙ୍କୁ ପ୍ରଥମେ କନିକାରୁ ହେମଗିର ଡାକ୍ତରଖାନା ଓ ପରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, କନିକା ଖଜୁରବନିଆରେ ଥିବା କନ୍ୟାଶ୍ରମରେ ସୁକେଶିନୀ ନବମ ଶ୍ରେଣୀରେ ପଢୁଥିଲେ। ତାଙ୍କର ଗୋଟିଏ ଛୋଟ ଭାଇ ମଧ ରହିଛି। ହେଲେ ବାପା, ମା'ଙ୍କ କେବେଠାରୁ ମୃତ୍ୟୁ ଘଟି ସାରିଛି।



ଡାକ୍ତରଖାନାରେ ଚିକିତ୍ସାଧୀନ ସାନ ଭଉଣୀ ସୁକେଶିନୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୦ ସେପ୍ଟେମ୍ବର, ୨୦୧୯



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ପରମ ପଦ ଅଟେ ।
- ବ୍ୟାସଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଇନଭେଷ୍ଟର ଏଜୁକେଶନ ଆଣ୍ଡ ପ୍ରୋଟେକ୍ସନ ଫଣ୍ଡ ଅଥୋରିଟି ପକ୍ଷରୁ ରାଜ୍ୟସ୍ତରୀୟ ସମ୍ମିଳନୀ, ହୋଟେଲ ସ୍ୱସ୍ତି ପ୍ରିମିୟମ, ସକାଳ ୯ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମୃତ୍ତିକା ଉତ୍ତୋଳନ, କୁଆଖାଇ ନଦୀକୂଳ, ସକାଳ ୯ଟା।
- ସୃଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ଟାଙ୍ଗୀ ବ୍ଲକ, ପୂର୍ବାହ୍ନ ୧୦ଟା।

**ପୁରୀ**
- କଳିଙ୍ଗ କିଡ୍‌ଜ ଫେଷ୍ଟିଭାଲ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ପୁରୀ**
- ସାକ୍ଷୀଗୋପାଳଙ୍କ ସୁନିଆଁ ଭେଟି, ମନ୍ଦିର ପରିସର, ରାତି ୮ଟା।

## ହିମାଳୟ ଅଭିଯାନରେ ସତ୍ୟବାଦୀର 'ଅଭିଷେକ'



**ସାକ୍ଷୀଗୋପାଳ, ୯।୯ (ଡି.ଏନ୍.ଏ./ସ୍ୱ.ପ୍ର.):** ବିଜୁ ପଟ୍ଟନାୟକ ହିମାଳୟ ଅଭିଯାନରେ ସୋମବାର ଓଡ଼ିଶାରୁ ଯାଉଥିବା ୧୫ ଜଣ ଯୁବ ପର୍ବତାରୋହୀଙ୍କ ମଧ୍ୟରେ ସତ୍ୟବାଦୀର ଅଭିଷେକ ବେହେରା ସାମିଲ ହୋଇଛନ୍ତି। ସେ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ +୩ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ର । ଅଭିଷେକ ଏହି ସୁଯୋଗ ପାଇଥିବାରୁ ସ୍ଥାନୀୟ କ୍ରୀଡାବିତ୍ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ସାହସର ସହିତ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ସତ୍ୟବାଦୀ ପାଇଁ ଗୌରବ ଆଣିବେ ବୋଲି କାମନା କରିଛନ୍ତି। ତାଙ୍କ ସାଥୀ, ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏଥିପାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଓ ଟାଟା ଷ୍ଟିଲର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଫଳତା ପାଇବା ପରେ ଯୁବ ପ୍ରତିଭାମାନେ ଜମ୍ମୁ କଶ୍ମୀରର ଲେହ-ଲଦାଖର ୨୦,୧୪୭ ଫୁଟ ଉଚ୍ଚ ମାଉଣ୍ଟ ଷ୍ଟକ କାଙ୍ଗ୍ରି ଶୃଙ୍ଗ ଆରୋହଣ କରିବେ। ଆଗାମୀ ୧୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।





ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୫ମ ସନ୍ଧ୍ୟାରେ ନୂପୁର(ବାମ) ଓ ଆର୍ଟ ଭିଜନ୍(ଡାହାଣ)ର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୫ମ ସନ୍ଧ୍ୟା

# ସରୋଦରେ ଶରତ...

ଭୁବନେଶ୍ୱର ୯।୯(ବ୍ୟୁରୋ)

ସରୋଦରେ ଲୁଚିଥିଲା ଶରତର କଥା। ସରୋଦ ବାଦନରେ ଶରତର ସୌନ୍ଦର୍ଯ୍ୟକୁ ଉପସ୍ଥାପନା କରିଥିଲେ ଶିଳ୍ପୀ। ମା' ଦୁର୍ଗତିନାଶିନୀଙ୍କ ଆଗମନ ଏହି ଋତୁକୁ ସ୍ୱତନ୍ତ୍ର କରୁଥିବାବେଳେ ଧରିତ୍ରୀ ମା'ର ସୌନ୍ଦର୍ଯ୍ୟକୁ ଯନ୍ତ୍ର ସଙ୍ଗୀତ ମାଧ୍ୟମରେ ଶ୍ରୋତାଙ୍କ ନିକଟରେ ପରଷିଥିଲେ ବିଶିଷ୍ଟ ସରୋଦ ବାଦିକା ଦେବସ୍ମିତା ଭଟ୍ଟାଚାର୍ଯ୍ୟ। ଅବସର ଥିଲା ନୃତ୍ୟାନୁଷ୍ଠାନ 'ସୃଜନ' ପକ୍ଷରୁ ଆୟୋଜିତ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ୨୦୧୯ର ୫ମ ସନ୍ଧ୍ୟା। ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସୋମବାର ସରୋଦ ବାଦନ ସହ ଓଡ଼ିଶୀର ଯୁଗଳବନ୍ଦୀ ଦେଖିବାକୁ ପାଇଥିଲେ ଦର୍ଶକ। ପ୍ରାରମ୍ଭିକ ପ୍ରସ୍ତୁତିରେ ଦେବସ୍ମିତା ଭଟ୍ଟାଚାର୍ଯ୍ୟ ଶରତ ଋତୁ ଉପରେ ଆଧାରିତ ରାଗ ଦୁର୍ଗା ପରିବେଷଣ କରିଥିଲେ। ଏହାପରେ ୧୬ ମାତ୍ରାରେ ବିଲମ୍ବିତ ତିନ୍‌ତାଳରୁ 'ଆଳାପ' ଆରମ୍ଭ କରି 'ଏକ୍‌ତାଳ' ଏବଂ ଶେଷରେ ଧୃତ୍‌ରେ ସମାପ୍ତ କରିଥିଲେ। ଦେବସ୍ମିତା ଏହି ଅବସରରେ ଦୁର୍ଗାପୂଜା ଉପଲକ୍ଷେ 'ଜୟ ଦୁର୍ଗା ମା' ପରିବେଷଣ କରି ଶ୍ରୋତାଙ୍କୁ ବିମୋହିତ କରିଥିଲେ। ତବଲାରେ ତାଙ୍କୁ ସନ୍ଦୀପ ଘୋଷ ସହଯୋଗ କରିଥିବାବେଳେ ତାଙ୍କର ସର୍ଜନାତ୍ମକ ସରୋଦ ବାଦନ ଉପସ୍ଥିତ ଶ୍ରୋତାଙ୍କ ଦ୍ୱାରା ବିଶେଷଭାବେ ଆଦୃତ ହୋଇଥିଲା।



ସନ୍ଦୀପ ଘୋଷ (ବାମ) ଓ ଦେବସ୍ମିତା ଭଟ୍ଟାଚାର୍ଯ୍ୟ(ଡାହାଣ)

ପଞ୍ଚମ ସନ୍ଧ୍ୟାର ଦ୍ୱିତୀୟ ପ୍ରସ୍ତୁତିରେ ନୃତ୍ୟର ସମ୍ଭାର ପ୍ରମୁଖ ଆକର୍ଷଣ ରହିଥିଲା। ପ୍ରଥମେ ଗୁରୁ ନିରଞ୍ଜନ ରାଉତଙ୍କ 'ନୂପୁର' ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଶୁଦ୍ଧ ନୃତ୍ୟରେ ରାଗ ଖମାଜ ଓ ତାଳ ତ୍ରିପଟା ଉପରେ ପର୍ଯ୍ୟବସିତ 'ଖମାଜ ପଲ୍ଲବୀ' ମଞ୍ଚସ୍ଥ ହୋଇଥିଲା। ପରେ ପରେ ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟ ଉପରେ ଆଧାରିତ ଅଭିନୟ 'ଶିବସ୍ତୋତ୍ରମ' ସନ୍ଧ୍ୟାର ସବୁଠାରୁ ଶକ୍ତିଶାଳୀ ପରିବେଷଣ ଥିଲା। ଏହାର ନୃତ୍ୟ ସଂରଚନା ଗୁରୁ ନିରଞ୍ଜନ ରାଉତ କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ କେ. ରାମାରାଓ ପାତ୍ର ଓ ତାଳ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ପରବର୍ତ୍ତୀ ନୃତ୍ୟ ପ୍ରସ୍ତୁତି ନେଇ ମଞ୍ଚକୁ ଓହ୍ଲାଇଥିଲେ ରାଜ୍ୟର ଅନ୍ୟତମ ପ୍ରମୁଖ ଓଡ଼ିଶୀ ନୃତ୍ୟଦଳ 'ଆର୍ଟ ଭିଜନ'। ଡ. ଇଲିଆନା ଚିତାରିସ୍ତିଙ୍କ ନେତୃତ୍ୱରେ ଶିଳ୍ପୀମାନେ ଓଡ଼ିଆ ବର୍ଣ୍ଣମାଳା ଉପରେ ନିବଦ୍ଧ ଓଡ଼ିଶୀ ନୃତ୍ୟାଭିନୟ 'ଅକ୍ଷର' ପରିବେଷଣ କରିଥିଲେ। ଏକ ସମୃଦ୍ଧ ଓ ପ୍ରାଚୀନ ଓଡ଼ିଆ ଭାଷା ପ୍ରତି ଏହି ନୃତ୍ୟାଭିନୟ ସମର୍ପିତ ହୋଇଥିବାବେଳେ ଓଡ଼ିଶାର ଗାଁ ଗୁଡ଼ିକରେ ଖଡ଼ି ସାହାଯ୍ୟରେ ତିନିଗୋଟି ବୃତ୍ତ ଚିହ୍ନିତ ଅକାର(ଶୂନ)ରୁ କିଭଳି ଭାଷାର ସୃଷ୍ଟି ହୋଇଥାଏ ତାହା ଏଥିରେ ଦେଖିବାକୁ ମିଳିଥିଲା। ଦେବଦାସ ଛୋଟରାୟ ଏହାର ସଂଳାପ ପ୍ରସ୍ତୁତ କରିଥିବାବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଲକ୍ଷ୍ମୀକାନ୍ତ ପାଲିତ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ଇଲିଆନା ଚିତାରିସ୍ତି। ଏହାକୁ ବାଲୁକା କଳାରେ ଆନିମେଶନ ମାଧ୍ୟମରେ ଦର୍ଶକଙ୍କ ସାମ୍ନାରେ ଉପସ୍ଥାପିତ କରିଥିଲେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା କଳା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ। ଆର୍ଟ ଭିଜନର ଏହି ଅଭିନବ ପ୍ରୟାସ ସନ୍ଧ୍ୟାର ଅନ୍ୟତମ ପ୍ରମୁଖ ଆକର୍ଷଣ ସାଜିଥିଲା। ୫ମ ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ବିଶାରଦ ଗୁରୁ ରାମହରି ଦାସ, ପ୍ରସିଦ୍ଧ ସରୋଦ ବାଦିକା ଦେବସ୍ମିତା ଭଟ୍ଟାଚାର୍ଯ୍ୟ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛି।

### ଆଜିର ଆକର୍ଷଣ

ଗଜଲ, ମ୍ୟୁଜିକାଲ ଫ୍ୟୁଜନ୍, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଓ ଯନ୍ତ୍ରସଙ୍ଗୀତ ପରେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୬ଷ୍ଠ ସନ୍ଧ୍ୟାର ଆକର୍ଷଣ ରହିବ ଓଡ଼ିଶୀ କଣ୍ଠ ସଙ୍ଗୀତ। ଚଳିତବର୍ଷ ପ୍ରଥମଥର ପାଇଁ ମଞ୍ଚରେ ଓଡ଼ିଶୀ କଣ୍ଠସଙ୍ଗୀତ ପରିବେଷଣ କରିବେ ଗୁରୁ ବିଜୟ କୁମାର ଜେନା। ତାଙ୍କୁ ମର୍ଦ୍ଦଳରେ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଶ୍ରୀନିବାସ ଶତପଥୀ, ହାର୍‌ମୋନିୟମ୍‌ରେ ବାଳକୃଷ୍ଣ ଜେନା, ମଞ୍ଜିରାରେ ସୀତାକାନ୍ତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହାସହ ଗୁରୁ ଅଶୋକ କୁମାର ଘୋଷାଲଙ୍କ 'ନୃତ୍ୟଶାଳା' ଏବଂ ଗୁରୁ ଦୁର୍ଗାଚରଣ ରଣବୀରଙ୍କ 'ନୃତ୍ୟାୟନ' ପକ୍ଷରୁ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ।




### ସୁଦର୍ଶନଙ୍କ ବାଲୁକା କଳାକୁ ଅକ୍ଷୟ କୁମାରଙ୍କ ପ୍ରଶଂସା

**ପୁରୀ ଅଫିସ, ୯।୯:** ବଲିଉଡ୍‌ର ଖିଲାଡ଼ି ଷ୍ଟାର ଅକ୍ଷୟ କୁମାର। ସୋମବାର ଏହି ଲୋକପ୍ରିୟ କଳାକାରଙ୍କ ଜନ୍ମ ଦିବସ ଥିଲା। ଏହି ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏକ ବାଲୁକା କଳା ପ୍ରସ୍ତୁତ କରିଥିଲେ। ଏହାର ଏକ ଫଟୋ ସୁଦର୍ଶନ ପଠାଇ ଅକ୍ଷୟ କୁମାରଙ୍କୁ ଟୁଇଟ୍ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ସୁଦର୍ଶନ ତାଙ୍କ ବାଲୁକା କଳାରେ ଲେଖିଥିଲେ, ଅକ୍ଷୟ କୁମାରଙ୍କ ଉଚ୍ଚକୋଟୀର ଅଭିନୟ ସହ ତାଙ୍କର ସାମାଜିକ ବାର୍ତ୍ତା ଅନ୍ୟମାନଙ୍କୁ ପ୍ରେରଣା ଦେଇଥାଏ। ତେବେ ଅକ୍ଷୟ କୁମାର ଏହାକୁ ରିଟୁଇଟ୍ କରି ସୁଦର୍ଶନଙ୍କ ବାଲୁକା କଳାକୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି।

### ୨୧ରେ ଓଡ଼ିଶା ଆସିବେ ଇସ୍ରୋ ମୁଖ୍ୟ

**ଭୁବନେଶ୍ୱର,୯।୯(ବ୍ୟୁରୋ):** ଓଡ଼ିଶା ଆସୁଛନ୍ତି ଇସ୍ରୋ ମୁଖ୍ୟ କେ. ଶିବନ୍। ଚନ୍ଦ୍ରୟାନ-୨ ମିଶନ୍ ପାଇଁ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ ହୋଇପାରିଥିବା ଇସ୍ରୋ ମୁଖ୍ୟ ଡ. କେ. ଶିବନ୍ ଆସନ୍ତା ୨୧ ତାରିଖରେ ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ୮ମ ସମ୍ମେଳନରେ ଯୋଗଦେବେ। ଏହି ଅବସରରେ ସେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

# ଖୋଲିଲା ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା'

ଭୁବନେଶ୍ୱର ୯।୯(ବ୍ୟୁରୋ)

ଆଦିବାସୀମାନଙ୍କ ବିଭିନ୍ନ ସାମଗ୍ରୀର ବ୍ୟାପକ ବ୍ୟବସାୟ ନିମନ୍ତେ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ୍(ଟିଡିସିସିଓଏଲ୍) ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଜନଜାତି ଷ୍ଟୋର୍ 'ଆଦିଶା' ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହାକୁ ଉଦ୍‌ଘାଟନ କରିଥିଲେ। ରୂପାଲି ଛକସ୍ଥିତ ଟିଡିସିସିଓଏଲ୍ ପରିସରରେ ଖୋଲିଥିବା ଏହି ଅତ୍ୟାଧୁନିକ ଷ୍ଟୋର୍‌ରେ ଗ୍ରାହକମାନେ ଓଡ଼ିଶା ଜନଜାତିମାନଙ୍କ ବିଭିନ୍ନ ସାମଗ୍ରୀ ଯଥା ଲଘୁ ବନଜାତ ଦ୍ରବ୍ୟ, କୃଷି ଉତ୍ପାଦିତ ଦ୍ରବ୍ୟ, ଜନଜାତି ହସ୍ତତନ୍ତ, ହସ୍ତକଳା, ହସ୍ତଶିଳ୍ପ, ଅଳଙ୍କାର, ମସଲା, ଚିତ୍ରକଳା ଓ ଖାଦ୍ୟ ସାମଗ୍ରୀ ଆଦି ସୁବିଧାରେ ପାଇପାରିବେ। ମାଣ୍ଡିଆ ବିସ୍କୁଟ୍, ପିଠା, ମାଣ୍ଡିଆରେ ପ୍ରସ୍ତୁତ ପାଉଁରୁଟି ବା ବ୍ରେଡ୍ ଭଳି ସ୍ୱାସ୍ଥ୍ୟ ହିତକର ଜନଜାତି ଖାଦ୍ୟର ବ୍ୟାପକ ବଜାର ସୃଷ୍ଟି ନିମନ୍ତେ ପ୍ରଥମଥର ପାଇଁ ବିଭାଗ ପକ୍ଷରୁ ଏଭଳି ଉଦ୍ୟମ କରାଯାଇଥିବା ଟିଡିସିସିଓଏଲ୍‌ର ପରିଚାଳନା ନିର୍ଦ୍ଦେଶିକା ମାନସୀ ନିମ୍ଭାଲ୍ ସୂଚନା ଦେଇଛନ୍ତି।

ଟିଡିସିସିଓଏଲ୍ ତରଫରୁ ରାଜ୍ୟର ୬ ଜିଲାରେ ଏଭଳି ୧୧ଟି ସ୍ୱତନ୍ତ୍ର ଷ୍ଟୋର୍ ଖୋଲାଯାଇଛି। ଏହାବ୍ୟତୀତ





ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନଜାତି ସାମଗ୍ରୀ ଦେଖୁଛନ୍ତି(ବାମ) ଓ ସାମିଲ ହୋଇଥିବା ଜନଜାତି ସମ୍ପ୍ରଦାୟର ଲୋକେ।

**■ ସବୁ ଜିଲା, ପର୍ଯ୍ୟଟନସ୍ଥଳୀରେ ଖୋଲିବ ଆଉଟ୍‌ଲେଟ୍**

ଏକ ଭ୍ରାମ୍ୟମାଣ ଷ୍ଟୋର୍ 'ଟ୍ରାଇବାଲ୍ସ ଅନ୍ ହ୍ୱିଲ୍‌ସ'ର ବ୍ୟବସ୍ଥା କରାଯାଇଛି। ଏହି ଷ୍ଟୋର୍‌ଗୁଡ଼ିକରୁ ଗ୍ରାହକମାନେ ଜନଜାତିମାନଙ୍କ ଦ୍ୱାରା ପ୍ରସ୍ତୁତ ଶୁଦ୍ଧ ଖାଦ୍ୟ ସାମଗ୍ରୀ ଏବଂ ଘରକରଣା ସାମଗ୍ରୀ କିଣିପାରିବେ। ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଯେପରି ରାଜ୍ୟର ଜନଜାତିମାନଙ୍କ ସାମଗ୍ରୀ ପହଞ୍ଚିପାରିବ ଓ ତାହାର ଉପାଦେୟତା ସମ୍ପର୍କରେ ଲୋକେ ଜାଣିପାରିବେ ତାହାକୁ ଦୃଷ୍ଟିରେ ରଖି ଉତ୍କୃଷ୍ଟମାନର ପ୍ୟାକେଜିଂ କରାଯାଇଛି। ସେହିଭଳି ଗ୍ଲୋବାଲ୍ ମାର୍କେଟ୍ ସୁଯୋଗ ସୃଷ୍ଟି କରିବାକୁ ଇ-କମର୍ସ ପ୍ଲାଟଫର୍ମ ଉପରେ ଗୁରୁତ୍ୱ ଦିଆଯାଇଛି। www.adisha.in ୱେବ୍‌ସାଇଟ୍‌ରେ ସମସ୍ତ ସାମଗ୍ରୀ ବିକ୍ରିବଟା ପାଇଁ ରଖାଯାଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ରଞ୍ଜନା ଚୋପ୍ରା, ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ବଜାରରେ ପହଞ୍ଚିବ କୋରାପୁଟ କଫି




ରାଜ୍ୟ ଏବଂ ରାଜ୍ୟ ବାହାରେ କୋରାପୁଟ କଫିର ବିଶେଷ ଚାହିଦା ରହିଛି। ଏହାର ସ୍ୱାଦ ଅନ୍ୟ ଅଞ୍ଚଳରେ ମିଳୁଥିବା କଫି ଠାରୁ ବେଶ୍ ନିଆରା ହୋଇଥିବାବେଳେ ଏଥିରେ ଯେଉଁ ଔଷଧୀୟ ଗୁଣ ରହୁଛି ତାହା ଆଉ କେଉଁ କଫିରେ ଦେଖିବାକୁ ମିଳେନା। ଦିନକୁ ଦିନ କୋରାପୁଟ କଫିର ଉତ୍ପାଦନ ବୃଦ୍ଧି ପାଉଥିବାବେଳେ ଚାଷୀଙ୍କ ସଂଖ୍ୟା ମଧ୍ୟ ବଢ଼ୁଥିବା ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ କଫିର ପ୍ରଚାର ପ୍ରସାର ପାଇଁ ଉଦ୍ୟମ ଚଳାଇଛି ଟିଡିସିସିଓଏଲ୍। ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦା ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ରାଣ୍ଡିଂ ସହ ବୈଜ୍ଞାନିକ ପଦ୍ଧତିରେ ପ୍ୟାକେଜିଂ କରାଯାଇଛି। ପ୍ରଥମଥର ପାଇଁ ଆଦିଶା ବ୍ରାଣ୍ଡ୍‌ରେ ଏହି କଫି ବିକ୍ରି ହେବାସହ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ଏହାସହ ଭୁବନେଶ୍ୱରରେ ଥିବା ଆଦିଶା ଷ୍ଟୋର୍‌ରେ କୋରାପୁଟ କଫି ପାଇଁ ସ୍ୱତନ୍ତ୍ର କ୍ୟାଫେଟେରିଆ ପ୍ରତିଷ୍ଠା ହେବ। ଜନଜାତିମାନଙ୍କ ଦ୍ୱାରା ସବାଇ ଘାସରେ ପ୍ରସ୍ତୁତ ଚେୟାରରେ ବସି ଲୋକେ ଏହି ବିଶ୍ୱପ୍ରସିଦ୍ଧ କୋରାପୁଟିଆ କଫିର ମଜା ନେଇପାରିବେ।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



ପ୍ରହ୍ଲାଦ



ସୁଶାନ୍ତ



ବିଶ୍ୱଜିତ୍



ମନୋଜ



ସୁଦର୍ଶନ



ସ୍ମୃତି



ରାଜକୁମାରୀ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ସତ୍ୟ ହେଉଛି ଏକ କଣ୍ଟକିତ ବାଟ। ଏହି ବାଟରେ ଗଲେ
ଲହୁଲୁହାଣ ହେବାକୁ ପଡ଼ିପାରେ। କିନ୍ତୁ ଏହା ହେଉଛି ସିଧା ବାଟ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଗୋପ, ୯।୯(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ବାଲିପାଟଣା ଗ୍ରାମର ଜଣେ ବୃଦ୍ଧ ସୋମବାର ଅପରାହ୍ନରେ ଗାଁ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ହେଲେ ଶ୍ରୀଧର ସାହୁ (୬୨)। ମଧ୍ୟାହ୍ନରେ ଶ୍ରୀଧର ଘର କାମ ସାରି ପୋଖରୀକୁ ଗାଧୋଇ ଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗାଁ ପୋଖରୀ ନିକଟରେ ଶ୍ରୀଧରଙ୍କ ଚପଲ ଥୁଆ ହୋଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ଫଳରେ ଗୋପ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଦୀର୍ଘ ଦୁଇ ଘଣ୍ଟା ଧରି ପୋଖରୀରେ ଖୋଜିବା ପରେ ଶ୍ରୀଧରଙ୍କ ଠାବ ମିଳିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ ଘୋଷଣା କରିଥିଲେ। ଗୋପ ପୋଲିସ୍ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

### ୧୦ ଦଫା ଦାବିରେ ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନର ଆନ୍ଦୋଳନ

**ଭୁବନେଶ୍ୱର,୯।୯(ବ୍ୟୁରୋ):** ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟେଟିଭ ୟୁନିୟନ ପକ୍ଷରୁ ସୋମବାର ଲୋୟର ପିଏମଜିଠାରେ ଏକ ଧାରଣା ଦିଆଯାଇଥିଲା। ଏହି ଘରୋଇ ମାର୍କେଟିଂ କର୍ମଚାରୀଙ୍କ ଉନ୍ନତି ସକାଶେ ୧୦ ଦଫା ଦାବି ନେଇ ଧାରଣାରେ ବସିଥିଲା। ଔଷଧ ଉପରେ ଶୂନ ଜିଏସଟି, ଅନଲାଇନ ଔଷଧ ବିକ୍ରି ବନ୍ଦ, ଆଠ ଘଣ୍ଟିଆ କାର୍ଯ୍ୟ ନିୟମ, ଇଏସ୍ଆଇ ଏବଂ ଇପିଏଫ୍ ସୁବିଧାକୁ ନିଶ୍ଚିତ କରିବା ଲାଗି ନିୟମ କରିବା ଆଦି ୟୁନିୟନ ଦାବି କରିଥିଲା। ପରେ ଦାବି ସମ୍ବଳିତ ପତ୍ର ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଦିଆଯିବା ସହ ଆଲୋଚନା କରାଯାଇଥିଲା। ଆନ୍ଦୋଳନରେ ସିଆଇଟିୟୁ ରାଜ୍ୟ ଉପସଭାପତି ଜନାର୍ଦ୍ଦନ ପତି, ଏଫଏମଆରଏଆଇ କୋଷାଧ୍ୟକ୍ଷ ପାର୍ଥ ରକ୍ଷିତ ପ୍ରମୁଖ ଯୋଗଦେଇ ଏନଡିଏ ସରକାରର କର୍ପୋରେଟ ନୀତି ବିରୋଧରେ କହିଥିଲେ।

### ଛାତରୁ ପଡ଼ି ବୃଦ୍ଧ ମୃତ

**ବାରଙ୍ଗ,୯।୯(ଡି.ଏନ୍.ଏ.):** ଚନ୍ଦକା ଥାନା ଅନ୍ତର୍ଗତ ମଳିପଡା ଗ୍ରାମରେ ନବନିର୍ମାଣଧୀନ ଏକ କୋଠା ଉପରୁ ଖସିପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍ସିଂହପୁର ଅଞ୍ଚଳର ହିରଣ କୁମାର ନାୟକ(୬୧)। ସୂଚନାଯୋଗ୍ୟ, ହିରଣଙ୍କ ପୁଅ ମଳିପଡା ଅଞ୍ଚଳରେ ଏକ କୋଠାଘର ନିର୍ମାଣ କରୁଛନ୍ତି। ହିରଣ ଏହି ନବନିର୍ମାଣ କୋଠାଘର କାମକୁ ବୁଝାଶୁଝା କରୁଥିଲେ। ସୋମବାର ଅପରାହ୍ନରେ ହିରଣ କୋଠା ଉପରେ ଥିବାବେଳେ ଅସାବଧାନତା ଯୋଗୁ ତଳକୁ ଖସିପଡିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ମୃତଦେହକୁ ଜବତ କରିବା ସହ ୧୯/୧୯ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଚା' ପିଇ ଗପୁଥିଲେ, ସାପକାମୁଡ଼ା ରୋଗୀଙ୍କୁ ଲାଇନ୍‌ରେ ଆସିବାକୁ କହିଲେ

# ଚିକିତ୍ସା ବିଳମ୍ବରୁ ଚାଲିଗଲା ମହିଳାଙ୍କ ଜୀବନ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ସାପ କାମୁଡାରେ ଆହତ ଜଣେ ମହିଳା ଚାଷୀଙ୍କ ମୃତ୍ୟୁକୁ ନେଇ କ୍ୟାପିଟାଲ ହସ୍ପିଟାଲରେ ସୋମବାର ଅପରାହ୍ନରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଡାକ୍ତରଙ୍କ ଅବହେଳା ଓ ଚିକିତ୍ସାରେ ବିଳମ୍ବ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ପରିବାର ସଦସ୍ୟ ଓ ସମ୍ପର୍କୀୟମାନେ ହୋହଲ୍ଲା କରିଥିଲେ। ମୃତ ମହିଳା ଜଣକ ହେଲେ ବାଲିଅନ୍ତା ଥାନା ଗଣ୍ଡିଲୋ ଗ୍ରାମର ମାଗୁଣି ଭୋଇ (୫୫)। ଚାମ୍ବରରେ ଡାକ୍ତରମାନେ ଗପି ଗପି ଚା' ପିଇ ରୋଗୀଙ୍କୁ ଗୁରୁତ୍ୱ ନ ଦେବାରୁ ମାଗୁଣିଙ୍କ ଜୀବନ ଚାଲିଗଲା ବୋଲି କହି ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଉତ୍ତେଜନା ବଢୁଥିବାବେଳେ ଫାଣ୍ଡି ପୋଲିସ ପ୍ରଥମେ ସେମାନଙ୍କୁ ବୁଝାଶୁଝା କରିଥିଲେ। ପରେ ଗଣ୍ଡଗୋଳ କଲେ ବନ୍ଧା ହେବ ବୋଲି ଧମକ ଦେଇ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ପରେ ବାଲିଅନ୍ତା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରିଥିଲା।

ଅଭିଯୋଗ ଅନୁଯାୟୀ, ସବୁଦିନ ପରି ସୋମବାର ସକାଳେ ମାଗୁଣି ଘର ନିକଟ ଧାନ ବିଲରୁ ଘାସ ବାଛୁଥିଲେ।



ହସ୍ପିଟାଲ ପରିସରରେ ଦେଖାଦେଇଥିବା ଉତ୍ତେଜନା।

ସକାଳ ପ୍ରାୟ ୯ଟା ୩୦ରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ମାଗୁଣି ସେଠାରେ ବିଲ ବାଛୁଥିବା ଅନ୍ୟମାନଙ୍କୁ ଜଣାଇବାରୁ ସେମାନେ ତାଙ୍କୁ ଘରକୁ ନେଇଆସିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଉଥିବା ଦେଖି ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ମଧ୍ୟ ତାହା ଆସି ନ ଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଗୁରୁତର ଅବସ୍ଥାରେ ମାଗୁଣିଙ୍କୁ ଏକ ବାଇକ୍‌ରେ ବସାଇ ବାହାରିଥିଲେ। ରଙ୍ଗବଜାର ନିକଟରେ ଥିବା ଏକ ଘରୋଇ ଆମ୍ବୁଲାନ୍ସକୁ ଦେଖି ଡ୍ରାଇଭରଙ୍କ ହାତଗୋଡ଼ ଧରି ମାଗୁଣିଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲେ। ହସ୍ପିଟାଲରେ ପହଞ୍ଚିବା ସମୟରେ ଡାକ୍ତରଙ୍କ ପାଖରେ ଏକାଧିକ ରୋଗୀ ଧାଡିରେ ଛିଡା ହୋଇଥିଲେ। ମାଗୁଣିଙ୍କୁ ସାପ କାମୁଡିଥିବା ଓ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡିଥିବାରୁ ତାଙ୍କୁ ଆଗେ ଦେଖିବା ପାଇଁ ପରିବାର ଲୋକେ ଅନୁରୋଧ କରିଥିଲେ। ହେଲେ ଡାକ୍ତର ଓ ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ଲାଇନ୍‌ରେ ଆସ କହିଥିଲେ। ପୁଣି ଡାକ୍ତର ଚା'ପିଇ ଗପୁଥିବାରୁ ମାଗୁଣିଙ୍କୁ ଦେଖିବା ବେଳକୁ ବହୁ ବିଳମ୍ବ ହୋଇଯାଇଥିଲା ବୋଲି ତାଙ୍କ ନାତୁଣୀ ବୋହୂ ମନୋରମା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହସ୍ପିଟାଲରେ ପହଞ୍ଚିବାର ପ୍ରାୟ ଏକ ଘଣ୍ଟା ପରେ ରକ୍ତ ପରୀକ୍ଷା ପାଇଁ ନିଆଯାଇଥିଲା। ରିପୋର୍ଟ ବାହାରିବା ପରେ ଡାକ୍ତର ଇଞ୍ଜେକ୍ସନ ଦେଇ ଆଇସିୟୁକୁ ନେବା ପାଇଁ କହିଥିଲେ। ହେଲେ ସେତେବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଆଇସିୟୁକୁ ନେବା ସମୟରେ ରୋଗୀଙ୍କର ଜୀବନ ଚାଲିଯାଇଥିଲା। ମାଗୁଣିଙ୍କ ମୃତ୍ୟୁ ପାଇଁ ପରିବାର ଲୋକେ ଡାକ୍ତରଙ୍କ ବିଳମ୍ବିତ ଚିକିତ୍ସାକୁ ଦାୟୀ କହିଛନ୍ତି। ଯଦି ଡାକ୍ତର ତାଙ୍କୁ ଶୀଘ୍ର ଦେଖି ଚିକିତ୍ସା ଆରମ୍ଭ କରିଥାନ୍ତେ ତେବେ ନିଶ୍ଚିତ ମାଗୁଣି ବଞ୍ଚିଯାଇଥାନ୍ତେ ବୋଲି ସେମାନେ କହିଛନ୍ତି।

କ୍ୟାପିଟାଲ ହସ୍ପିଟାଲର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଧନଞ୍ଜୟ ଦାସ କହିଛନ୍ତି, ଡାକ୍ତରଙ୍କର କିଛି ଅବହେଳା ନାହିଁ। ସେମାନେ ବିଳମ୍ବରେ ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ରୋଗୀଙ୍କୁ ଦେଖି ତୁରନ୍ତ ସାପ କାମୁଡା ଇଞ୍ଜେକ୍ସନ ଦେଇଥିଲେ। ସେମାନେ କେବଳ କ୍ଷତିପୂରଣ ପାଇଁ ଏଭଳି ଅଭିଯୋଗ ଆଣୁଛନ୍ତି।

- କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା, ଧମକ ଦେଲା ପୋଲିସ
- ଧାନ ବିଲ ବାଛୁଥିବାବେଳେ କାମୁଡ଼ିଥିଲା ସାପ
- ଆମ୍ବୁଲାନ୍ସ ନ ଆସିବାରୁ ଅଧାବାଟ ବାଇକରେ ଆସିଲେ ରୋଗୀ




ଔଷଧ ଉପରେ ଜିରୋ ଜିଏସ୍‌ଟି ସହ ୧୦ ଦଫା ଦାବି ନେଇ ମେଡିକାଲ ଏବଂ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

## ଘାରିଛି ହେଲ୍‌ମେଟ୍ ଭୟ: ବଢ଼ିଛି ବ୍ୟବସାୟ

**କଟକ ଅଫିସ,୯।୯**

ନିଦ ହଜାଇ ସାରିଲାଣି ମୋଟର ଯାନ ଆଇନ-୨୦୧୯। ନିୟମ ଉଲ୍ଲଂଘନ କରି ଯାତାୟତ କରୁଥିବା ବାଇକ ଚାଳକମାନେ ଏବେ ଟ୍ରାଫିକ ପୋଲିସକୁ ଦେଖି ବାଟ ବଦଳାଇ ଦେଉଛନ୍ତି। ବିନା ହେଲମେଟରେ ଗାଡ଼ି ଚଳାଇବାକୁ ଡରୁଛନ୍ତି। ଏହି ପରିପ୍ରେକ୍ଷୀରେ ହେଲ୍‌ମେଟ୍ ବ୍ୟବସାୟ ସହରରେ ଅହେତୁକ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଗତ ଏକବର୍ଷରେ ଯେତିକି ହେଲ୍‌ମେଟ୍ ବିକ୍ରି ହୋଇ ନ ଥିଲା ଗତ ଏକ ସପ୍ତାହ ମଧ୍ୟରେ ତା' ଠାରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ସେପ୍ଟେମ୍ବର ପହିଲାରୁ ଟ୍ରାଫିକ ନିୟମକୁ କଡ଼ାକଡି ଭାବେ ପାଳନ କରାଯାଉଛି। ନିୟମ ଉଲ୍ଲଂଘନ କଲେ ଜରିମାନା ଆକାରରେ ନିଆଯାଉଛି ମୋଟା ଅଙ୍କର ଟଙ୍କା। ଜରିମାନା ରାଶି ୧ ହଜାରରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ହେଲମେଟ ନ ପିନ୍ଧିଲେ ୧ହଜାର ଟଙ୍କା ଜରିମାନା ଆଦାୟ କରାଯାଉଛି। ହେଲମେଟ ନ ପିନ୍ଧିବା ବାବଦକୁ ଇତିମଧ୍ୟରେ ପ୍ରାୟ ୮୦୦ ଲୋକ ଜରିମାନା ଦେଇ ସାରିଲେଣି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ପ୍ରତି ଛକରେ ଏବେ ହେଲ୍‌ମେଟ୍ ଦୋକାନ ଖୋଲିଥିବା ଦେଖିବାକୁ ମିଳିଛି। ଚାହିଦା ଏତେ ବଢ଼ିଛି ଯେ ହେଲ୍‌ମେଟ୍ ଯୋଗାଇବାରେ ଅକ୍ଷମତା ପ୍ରକାଶ କରୁଛନ୍ତି ବ୍ୟବସାୟୀ। ହାଇଦ୍ରାବାଦରୁ ହେଲ୍‌ମେଟ୍ ଆସୁଛି। ଯାହାର ମୂଲ୍ୟ ୩୦୦ ଟଙ୍କାରୁ ଆରମ୍ଭ କରି ୧୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଦିଲ୍ଲୀରୁ ଆସୁଥିବା ହେଲ୍‌ମେଟ୍‌ଗୁଡ଼ିକର ମୂଲ୍ୟ ୭୦୦ଟଙ୍କାରୁ ଆରମ୍ଭ। ଅନ୍ୟପକ୍ଷରେ ହେଲ୍‌ମେଟ୍‌କୁ ନେଇ କଳାବଜାରି ହେଉଥିବା ଅଭିଯୋଗ ମଧ୍ୟ ଉଠିଲାଣି।

### ଏମାନେ କ'ଣ କୁହନ୍ତି...



ଏବେ ବହୁ ପରିମାଣରେ ହେଲ୍‌ମେଟ୍ ବିକ୍ରି ହେଉଛି। ହେଲେ ଗ୍ରାହକ କ୍ୱାଲିଟି ଦେଖୁନାହାନ୍ତି। କେବଳ ଜରିମାନାରୁ ବଞ୍ଚିବା ପାଇଁ ହେଲ୍‌ମେଟ୍ କିଣି ନେଉଛନ୍ତି।

- ଆଜିମ ଖାନ, ହେଲ୍‌ମେଟ୍ ବ୍ୟବସାୟୀ



ଗୋଟିଏ ପଟେ ଜରିମାନା ପାଇଁ ଟ୍ରାଫିକ ପୋଲିସର ଭୟ ଲାଗି ରହିଥିବାବେଳେ ଅନ୍ୟପଟେ ହେଲ୍‌ମେଟ୍ ବ୍ୟବସାୟୀଙ୍କ ଅତ୍ୟାଚାର ବଢିବାରେ ଲାଗିଛି। ସେମାନେ ଉପଯୁକ୍ତ ମୂଲ୍ୟଠାରୁ ଦେଢ଼ଗୁଣ ଅଧିକ ଦାମରେ ହେଲ୍‌ମେଟ୍ ବିକ୍ରି କରୁଛନ୍ତି। ପୂର୍ବରୁ ୪୦୦ଟଙ୍କାରେ ବିକ୍ରି ହେଉଥିବା ହେଲମେଟ ବର୍ତ୍ତମାନ ୬୦୦ଟଙ୍କାରେ ବିକ୍ରି ହେଉଛି।

- ଶୁଭଶ୍ରୀ ରାଉଳ, ଛାତ୍ରୀ



ଦୁଇଦିନ ତଳେ ବାଦାମବାଡ଼ି ଟ୍ରାଫିକରେ ହେଲ୍‌ମେଟ୍ ପିନ୍ଧି ନ ଥିବା ଯୋଗୁ ଧରାପଡ଼ିଥିଲି। ୫୦୦ଟଙ୍କା ଜରିମାନା ଦେବା ପରେ ସେହିଦିନ ୭୫୦ଟଙ୍କା ଦେଇ ହେଲ୍‌ମେଟ୍ କିଣିଲି। ହେଲେ ଏହାର କ୍ୱାଲିଟି ଅତ୍ୟନ୍ତ ଖରାପ। ଲୋକଙ୍କୁ ହେଲ୍‌ମେଟ୍ ବ୍ୟବସାୟୀମାନେ ଠକୁଛନ୍ତି।

- ଶିଶିର କୁମାର ବାରିକ, ଯୁବକ

## ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ କରୁଣ ଦୃଶ୍ୟ | ପିଲାଙ୍କ ସୁରକ୍ଷା ପାଇଁ ନେହୁରା ହେଲେ କ୍ୟାନସର ପୀଡ଼ିତା

**କଟକ ଅଫିସ, ୯।୯**

ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ସୋମବାର ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଛି। କର୍କଟ ରୋଗରେ ପୀଡ଼ିତ ମହିଳା ମୁନି ଖାତୁନ ନିଜ ୩ କୁନି ଛୁଆଙ୍କୁ ଆଶ୍ରୟ ଦେବା ପାଇଁ ନିବେଦନ କରୁଥିଲେ। ମୋ ୩ ପିଲାଙ୍କୁ କେହି ଜଣେ ରଖିଥାଅ। ମୋ ସ୍ୱାମୀ ଜାଣିଲେ ଛୁଆମାନଙ୍କୁ ବିକିଦେବେ। ମୁଁ ଡାକ୍ତରଖାନାରେ ଭଲ ହୋଇସାରିଲେ ସେମାନଙ୍କୁ ନେଇ ଆସିବି ବୋଲି ଗୁହାରି କରୁଥିଲେ। ଏହି ଘଟଣା ଜଣାପଡ଼ିବା ପରେ ମେଡିକାଲ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିଲା। ସାମାଜିକ କର୍ମୀ ଅଭିମନ୍ୟୁ ଦାସ ଖବରପାଇ ମୁନିଙ୍କ ପାଖରେ ପହଞ୍ଚିବା ସହ କର୍ତ୍ତୃପକ୍ଷଙ୍କ କାନରେ କଥା ପକାଇଥିଲେ। ପରେ ୩ ଛୁଆଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ମୁନି ବେସାହାରା ଭାବେ ମେଡିକାଲ ବାରଣ୍ଡାରେ ପଡ଼ିଛନ୍ତି। ତାଙ୍କୁ ଅଭାବଗ୍ରସ୍ତ ରୋଗୀ ଭାବେ ଚିହ୍ନଟ କରାଯାଇ ସରକାରୀ ସ୍ତରରେ ମିଳୁଥିବା ସମସ୍ତ ସହାୟତା ପ୍ରଦାନ କରାଯାଉ ବୋଲି ଦାବି ହୋଇଛି।

ସୂଚନାଥାଉ କି, କେନ୍ଦୁଝର ବରପଦା



ବେସାହାରା ପିଲାଙ୍କ ସହ ସିଡବ୍ଲ୍ୟୁସି କମିଟି କର୍ମକର୍ତ୍ତା ଓ ଅନ୍ୟମାନେ।

ଅଞ୍ଚଳର ମୁନି ବିହାର ରାଜ୍ୟ କିଷାନଗଞ୍ଜ ଅଞ୍ଚଳର ଗୁଣ ଖାତୁନଙ୍କୁ ପ୍ରେମ ବିବାହ କରିଥିଲେ। ମୁନିଙ୍କର ତିନୋଟି ଛୋଟ ପିଲା ଅଛନ୍ତି। ସେମାନଙ୍କ ମଧ୍ୟରେ ୨ ଝିଅ ଓ ଜଣେ ପୁଅ। କିଛିମାସ ତଳେ ପାରିବାରିକ କଳହ ଯୋଗୁ ମୁନିଙ୍କୁ ଗୁଣ ଘରୁ ବାହାର କରିଦେଇଥିଲେ। ଅର୍ଥ ଅଭାବରୁ ସବୁବେଳେ ଗଣ୍ଡଗୋଳ ହେଉଥିଲା ବୋଲି ମୁନି କହିଛନ୍ତି। ଏପରି କି ସ୍ୱାମୀ ଗୁଣ ପିଲାମାନଙ୍କୁ ବିକିବା ପାଇଁ ଚେଷ୍ଟା କରୁଥିଲେ ବୋଲି ସେ ଅଭିଯୋଗ ଉଠାଇଛନ୍ତି। ତିନି ପିଲାଙ୍କୁ ଧରି ଓଡ଼ିଶା ଆସି କେନ୍ଦୁଝର ଆନନ୍ଦପୁର ଅଞ୍ଚଳରେ ମୁନି ଘରଭଡ଼ା ନେଇ ରହୁଥିଲେ। କିଛିଦିନ ତଳେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ସେ ପରୀକ୍ଷା କରିବାରୁ ଜାଣିବାକୁ ପାଇଥିଲେ ଯେ ତାଙ୍କୁ କ୍ୟାନସର ହୋଇଛି। ତିନିଦିନ ହେବ ସେ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ନିଜେ ରୋଗାଗ୍ରସ୍ତ ହୋଇ ଅସହ୍ୟ ଯନ୍ତ୍ରଣା ସହୁଥିବା ବେଳେ ୩ ପିଲାଙ୍କ ଦେଖାଶୁଣା କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। ମୁନି ନିଜ ପିଲାମାନଙ୍କୁ ନେଇ ପାଖରେ ରଖିବା ପାଇଁ କେତେଜଣ ରୋଗୀ ସମ୍ପର୍କୀୟଙ୍କ ଗୋଡ଼ ଧରୁଥିବା ଭଳି କରୁଣ ଚିତ୍ର ଦେଖିବାକୁ ମିଳିଥିଲା। ଅଭିମନ୍ୟୁ ମୁନିଙ୍କୁ ଭେଟିବା ପରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିଥିଲେ। ପରେ ଜିଲା ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତାଙ୍କୁ ଡକାଯାଇଥିଲା। ଚୌଦ୍ୱାରସ୍ଥିତ ଏକ ଆଶ୍ରମରେ ମୁନିଙ୍କର ୩ ପିଲାଙ୍କୁ ରଖାଯାଇଛି।

## କଳିଙ୍ଗ ନଗର ଏନକାଉଣ୍ଟର ମାମଲା

# ଆହତ ସୁଶାନ୍ତ ଗିରଫ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ଖଣ୍ଡଗିରି ଥାନା ଅଧୀନ କଳିଙ୍ଗନଗର ଏନକାଉଣ୍ଟର ଘଟଣାରେ ଆହତ ହୋଇଥିବା ଅଭିଯୁକ୍ତ ସୁଶାନ୍ତ ମାଝି ସୁସ୍ଥ ହେବା ପରେ ସୋମବାର ପୋଲିସ କୋର୍ଟ ଚାଲାଣ କରିଛି। ସୁଶାନ୍ତଙ୍କ ଘର ଖୋର୍ଦ୍ଧା ଜିଲା ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିରେ। ତାଙ୍କ ନାମରେ ପୂର୍ବରୁ ଖୋର୍ଦ୍ଧା ଜିଲାର ବିଭିନ୍ନ ଥାନା ଓ ଖଣ୍ଡଗିରି ଥାନାରେ ବହୁ ମାମଲା ରହିଛି। ଗତ ୫ ତାରିଖ ବିଳମ୍ବିତ ରାତିରେ କଳିଙ୍ଗ ନଗର କେ-୭ ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। ପୋଲିସକୁ ଦେଖି ସୁଶାନ୍ତ ପ୍ରଥମେ ଗୁଳି ଚାଳନା କରିଥିଲା। ଏହାର ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚାଳନା କରିଥିଲା। ଫଳରେ ତା' ବାମ ଗୋଡର ଆଣ୍ଠୁ ତଳକୁ ଗୁଳି ବାଜିଥିଲା। ଆହତ ଅବସ୍ଥାରେ ସୁଶାନ୍ତକୁ ପୋଲିସ୍ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନେଇଥିବା ବେଳେ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲା। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ପଠାଇ ଦିଆଯାଇଛି। ସୁଶାନ୍ତ ନାମରେ ୧୦ରୁ ଅଧିକା ଅପରାଧୀ ମାମଲା ଥିବାବେଳେ ଟାଙ୍ଗୀରେ ଲୁଟ୍ ହୋଇଥିବା ୬୦ ଲକ୍ଷ ଟଙ୍କା ଘଟଣାରେ ସେ ସମ୍ପୃକ୍ତ ଥିବା ପୋଲିସ କହିଛି। ସୁଶାନ୍ତଠାରୁ ପୋଲିସ ୫ ରାଉଣ୍ଡ ଗୁଳି ସହ ଗୋଟିଏ ୯ ଏମ୍ଏମ୍ ବନ୍ଧୁକ ଜବତ କରିଛି।

**ଅଭିଯୁକ୍ତଙ୍କ ନାମରେ ରହିଛି ୧୦ରୁ ଅଧିକ ମାମଲା**

# ଦୁଇ ରୋଡ୍ ରୋମିଓଙ୍କୁ ସାବାଡ କଲେ ଯୁବତୀ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ଯୁବତୀଙ୍କୁ କମେଣ୍ଟ ମାରିବା ସହ ପିଛା କରୁଥିଲେ। ରାସ୍ତାରେ ହଇରାଣ ହରକତ କରି ମଜା ଉଠାଉଥିଲେ। ଶେଷରେ ଜଣେ ଯୁବତୀଙ୍କ ହାବୁଡ଼ରେ ପଡ଼ି ଛେଚା ଖାଇଛନ୍ତି ଦୁଇ ରୋଡ୍ ରୋମିଓ। ଯୁବତୀ ଜଣଙ୍କ ସର୍ବସମ୍ମୁଖରେ ବିଚ୍ ରାସ୍ତାରେ ଗୋଡାଇ ଗୋଡ଼ାଇ ନିର୍ଘୃମ ପିଟିବା ସହ ବସ୍‌ଉଠ୍ କରି ସାବାଡ଼ କରିଛନ୍ତି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀ ଜଗନ୍ନାଥ ନଗରରେ ଏହି ଘଟଣା ଘଟିଛି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ସୋମବାର ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିବା ସହ ଉକ୍ତ ଯୁବତୀଙ୍କଠାରୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିବା ଜଣାପଡିଛି।

ପୋଲିସ ସୂଚନାନୁସାରେ, ଉକ୍ତ ଯୁବତୀ ଜଣକ ଜିଜିପି କଲୋନୀରେ ପରିବାରସହ ରୁହନ୍ତି। ସେ ରବିବାର କୌଣସି କାମରେ ବମିଖାଲ କେନାଲ ରୋଡ୍‌କୁ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ ବାଇକରେ ତାଙ୍କ ପିଛା କରିଥିଲେ। ଯୁବତୀ ଜଣକ ଦୂରେଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେମାନେ ତାଙ୍କର ନିକଟତର ହୋଇ ଅଶ୍ଳୀଳ କମେଣ୍ଟ ସହ ନାନା ଇଙ୍ଗିତ କରୁଥିଲେ। ହେଲେ ସେ ଡରି ନ ଯାଇ ସେମାନଙ୍କୁ ଉଚିତ ଶିକ୍ଷା ଦେବାକୁ ଚିନ୍ତା କରି ସୁଯୋଗ ଖୋଜିଥିଲେ। ତେଣୁ ସେ ଜିଜିପି କଲୋନୀର ଜଗନ୍ନାଥ ବିହାର ଆଡକୁ ଯାଇ ଲୋକସମାଗମ ଥିବା ସ୍ଥାନ ଦେଖି ପିଛା କରୁଥିବା ଦୁଇ ରୋଡ୍ ରୋମିଓଙ୍କୁ ଅଟକାଇଥିଲେ। କେହିକିଛି ବୁଝିବା ପୂର୍ବରୁ ଯୁବତୀଜଣକ ହଠାତ ଗାଡ଼ିକୁ ଗୋଇଠା ମାରି ତଳେ ପକାଇ ଦେବାସହ ସେମାନଙ୍କୁ ମାଡ଼ମାରିବା ଆରମ୍ଭ କରିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ଉକ୍ତ ଦୁଇଯୁବକଙ୍କୁ ଘେରିଯାଇଥିଲେ। ଯୁବତୀ ଜଣକ ରାସ୍ତା ଉପରେ ଦୁଇ ଯୁବକଙ୍କୁ ଚାପୁଡା, ଗୋଇଠା, ବିଧା ମାରିବା ସହ ହେଲ୍‌ମେଟ୍‌ରେ ବାରମ୍ବାର ପିଟି ଚାଲିଥିଲେ। ଏପରି କି ସେମାନଙ୍କୁ କାନ ଧରି ଉଠ୍‌ବସ୍ କରିଥିଲେ। ଦୁଇ ରୋଡ୍‌ରୋମିଓ ହାତ ଯୋଡି ଛାଡ଼ିଦେବାକୁ କହିଥିଲେ ମଧ୍ୟ ସ୍ଥାନୀୟ ଲୋକେ କିଛି ନ ଶୁଣି ଆହୁରି ମାଡ଼ମାରିବାକୁ ଯୁବତୀଙ୍କୁ କହିଥିଲେ। ଶେଷରେ ବହୁ କାକୁତି ମିନତି ହେବା ପରେ ଭୁଲ୍ ମାଗି ସେଠାରୁ ମୁକୁଳିଥିଲେ ଦୁଇ ରୋଡ୍‌ରୋମିଓ। ସେଠାରେ ଉପସ୍ଥିତ କେତେଜଣ ଲୋକ ଏହି ଘଟଣାକୁ ମୋବାଇଲ୍ ଫୋନ୍‌ରେ ରେକର୍ଡିଂ କରିଥିଲେ। କେହିଜଣେ ଏହାର ଭିଡିଓ ସୋସିଆଲ ମିଡିଆରେ ଛାଡ଼ିବା ପରେ ଏବେ ଏହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଲୋକେ ଉକ୍ତ ଯୁବତୀଙ୍କ ସାହସିକତାକୁ ଭୂରିଭୂରି ପ୍ରଶଂସା କରୁଛନ୍ତି।

ପୂର୍ବରୁ ମଧ୍ୟ ରାଜଧାନୀରେ ଏପରି ଏକାଧିକ ଘଟଣା ଘଟିଛି। ୨୦୧୭ରେ ଚିନ୍ମୟ ଭୂୟାଁ ନାମକ ଜଣେ ଯୁବତୀଙ୍କୁ ୟୁନିଟ୍-୧ ମାର୍କେଟ ନିକଟରେ ଲୁଟେରାମାନେ ପିଛା କରି ତାଙ୍କଠାରୁ ସୁନା ଚେନ୍ ଲୁଟି ନେଇଥିଲେ। ହେଲେ ସେ ହାର ନ ମାନି ଲୁଟେରାଙ୍କ ସହ ଲଢ଼ି ଦୁଇଜଣଙ୍କୁ କାବୁ କରି ସୁନା ଚେନ୍ ଫେରି ପାଇଥିଲେ। ଏହାପରେ ପୋଲିସ କମିଶନର ତାଙ୍କୁ ପୁରସ୍କୃତ କରିବା ସହ ପୋଲିସ ବିଭାଗରେ ତାଙ୍କୁ ଚାକିରି ମିଳିଥିଲା। ଏନେଇ ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି, ଏହି ଘଟଣା ରବିବାର ସକାଳ ୧୧ଟାରେ ଘଟିଛି। ପିଛାକରି କମେଣ୍ଟ କରୁଥିବା ଦୁଇ ଯୁବକଙ୍କୁ ଜଣେ ଯୁବତୀ ମାଡ଼ମାରିଥିବା ଶୁଣିବାକୁ ପାଇଛୁ। ତେବେ ଘଟଣା ସମ୍ପର୍କରେ କେହିହେଲେ ପିସିଆର ପୋଲିସ କିମ୍ବା ଥାନାକୁ ଜଣାଇ ନ ଥିଲେ। ଖବର ମିଳିବା ପରେ ଉକ୍ତ ଯୁବତୀଙ୍କୁ ଚିହ୍ନଟ କରିବା ସହ ଘଟଣା ସମ୍ପର୍କରେ ପଚାରି ବୁଝିଛୁ। ତାଙ୍କୁ ଅଭିଯୋଗ କରିବା ପାଇଁ କୁହାଯାଇଛି।

- କମେଣ୍ଟ କରିବା ସହ ବାଇକରେ ପିଛା କରୁଥିଲେ
- ନିସ୍ତୁକ ମାଡ଼ ଖାଇବା ପରେ ବସ୍‌ଉଠ୍ ହୋଇ ଖସିଲେ
- ସୋସିଆଲ ମିଡିଆରେ ଭାଇରାଲ ହେଲା ଭିଡିଓ





ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ
କ'ଣ ହେବ ସେ ବିଷୟରେ ବେଶି ଭାବନା ।
-ଲେନିନ୍



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୯ା୯(ବ୍ୟୁରୋ):** କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ୟୁନିଟ-୧ ଜିଇଡି ବସ୍ତି ଅଞ୍ଚଳର ବିଶାଲ ନାୟକ (୨୨)। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ନାବଳିକା ଜଣଙ୍କ ଦୋକାନକୁ ସଉଦା ଆଣିବାକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ବିଶାଲ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ଟାଣି ନେଇ ତାଙ୍କ ସହ ଅସଦାଚାରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକା ଜଣକ କୌଶଳକ୍ରମେ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୧୭/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଟ୍ରେନ୍ ଯାତ୍ରୀଙ୍କ ବ୍ୟାଗ୍ ଲୁଟ୍, ୨ ଗିରଫ

**ଭୁବନେଶ୍ୱର, ୯ା୯ (ବ୍ୟୁରୋ):** ଟ୍ରେନ୍ ଯାତ୍ରୀଙ୍କ ବ୍ୟାଗ୍ ଲୁଟିନେଇଥିବା ୨ଜଣଙ୍କୁ ଭୁବନେଶ୍ୱର ଆର୍‌ପିଏଫ୍ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଖାରବେଳ ନଗରର ଚିତ୍ତରଞ୍ଜନ ରଥ ଓ ରଣପୁରର ନିତ୍ୟାନନ୍ଦ ରାଉତ। ଏହି ଦୁଇ ଅଭିଯୁକ୍ତ ସୋମବାର ପ୍ଲାଟଫର୍ମ ନଂ.୧ ଫୁଡ୍‌ପ୍ଲାଜା ସାମ୍ନାରୁ ଟ୍ରେନ୍ ଯାତ୍ରୀ ପ୍ରାଣକୃଷ୍ଣ ବାରିକଙ୍କଠାରୁ ବ୍ୟାଗ ଓ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ଅଭିଯୋଗ ପାଇ ପୋଲିସ ଏସ୍‌ଟିଏଫ୍ ରନିଂ ରୁମ୍ ପଛ ପାର୍ଶ୍ୱରେ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ, ୪୭୦୦ ଟଙ୍କା ଓ ବ୍ୟାଗ ଜବତ ହୋଇଛି।

### ଶଳାଙ୍କୁ ଛୁରାମାଡ଼ କରି ଜେଲ ଗଲେ ଭିଣୋଇ

**ଭୁବନେଶ୍ୱର,୯ା୯(ବ୍ୟୁରୋ):** ଖୁଦୁରୁକୁଣୀ ଭାରକୁ କେନ୍ଦ୍ରକରି ବଚସା ପରେ ଶଳାଙ୍କୁ ଛୁରାମାଡ କରିବା ଘଟଣାରେ ଭିଣୋଇଙ୍କୁ ପୋଲିସ ଗିରଫ କରିକୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳର ସରୋଜ ବାରିକ। ସେ କ୍ୟାପିଟାଲ ଥାନା ୟୁନିଟ-୧ ଅଞ୍ଚଳରେ ରହୁଥିଲେ। ସୂଚନା ମୁତାବକ, ବାଙ୍କୀ ଥାନା ଅଞ୍ଚଳର ପ୍ରାଶନ୍ତ ବାରିକ ଖୁଦୁରୁକୁଣୀ ଭାର ଧରି ଭଉଣୀଙ୍କ ଘରକୁ ରବିବାର ଆସିଥିଲା। କୌଣସି କଥାକୁ କେନ୍ଦ୍ରକରି ଶଳା ଓ ଭିଣୋଇଙ୍କ ମଧରେ ଝଗଡା ଆରମ୍ଭ ହୋଇଥିଲା। ଏଥିରେ ଭିଣୋଇ ଉତ୍‌କ୍ଷିପ୍ତ ହୋଇ ଶଳାଙ୍କ ଛାତିକୁ ଏକ ଛୁରାରେ ଆକ୍ରମଣ କରୁଥିବା ବେଳେ ସେ ହାତରେ ଅଟକାଇ ଥିଲେ। ଫଳରେ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହେବା ସହ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ପ୍ରଶାନ୍ତ ଅଭିଯୋଗ କରିବା ପରେ ପୋଲିସ ୩୧୮/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### କାର କାଚ ଭାଙ୍ଗି ନେଇଗଲେ ଲାପଟପ

**କଟକ ରୋଡ,୯ା୯(ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସୋମବାର ରାତିରେ ଏକ କାର କାଚ ଭାଙ୍ଗି କେହି ଦୁର୍ବୃତ୍ତ ଲାପଟପ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୮ଟା ରେ ଏହି ଥାନା ଅଧୀନ ବମିଖାଲ ଅଞ୍ଚଳରେ ରହୁଥିବା ପ୍ରତୀକ ପାରେଖ ଚିନ୍ତାମଣିଶ୍ୱର ଛକରେ ଥିବା ପେଟ୍ରୋଲ ପମ୍ପ ନିକଟକୁ ଆସିଥିବା ବେଳେ ତାଙ୍କ କାର କାଚ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏହା ସହ କାରରେ ଥିବା ଲାପଟପ ସହ ବ୍ୟାଗ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ପ୍ରତୀକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୪୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ଗତ ଅଗଷ୍ଟ ୧୦ରେ ଯାତ୍ରୀ ନିବାସ ନିକଟରେ ଥିବା ଏକ ହୋଟେଲକୁ ଜଣେ ଠିକାଦାର ଆସିଥିବା ବେଳେ ତାଙ୍କ କାର କାଚ ଭାଙ୍ଗି ଲୁଟ୍ ହୋଇଥିବା ନେଇ ଠିକାଦାର ଅଭିଯୋଗ କରିଥିଲେ।

# ବିଏମ୍‌ସିର ଏନ୍‌ଓସି ପ୍ରସ୍ତାବକୁ ପୂଜା କମିଟିର ନା

ଭୁବନେଶ୍ୱର, ୯ା୯(ବ୍ୟୁରୋ)



ବିଏମ୍‌ସି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

■କମିଶନରେଟ ପୋଲିସ ଦେଉଛି ସବୁ ବିଭାଗ ଏନ୍‌ଓସି : କମିଟି

■ ମଣ୍ଡପ ବୁଲି ସମସ୍ୟାର ସମାଧାନ କରିବେ ଅଧିକାରୀ : କମିଶନର

ରାଜଧାନୀରେ ଦୁର୍ଗାପୂଜା ପାଇଁ ମଣ୍ଡପଗୁଡ଼ିକ ବିଭିନ୍ନ ବିଭାଗର ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଆଣିଥାନ୍ତି। ପୋଲିସ, ଅଗ୍ନିଶମ, ପୂର୍ତ୍ତ, ବିଦ୍ୟୁତ୍, ସାଧାରଣ ପ୍ରଶାସନ ବିଭାଗ ସମେତ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଏନ୍‌ଓସି ପାଇଁ କମିଶନରେଟ ପୋଲିସ ମୁଖ୍ୟାଳୟରେ ଆବେଦନ କରିଥାନ୍ତି। ହେଲେ ଚଳିତ ବର୍ଷ ବିଏମ୍‌ସି ପୂଜା କମିଟିଗୁଡିକୁ ନିଜ ସହ ୩ ବିଭାଗ ଯଥା ପୂର୍ତ୍ତ, ସାଧାରଣ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଏନ୍‌ଓସି ପ୍ରଦାନ କରିବାର ପ୍ରସ୍ତାବ ରଖିଛି। ଏ ନେଇ ସୋମବାର ବିଏମ୍‌ସି ମୁଖ୍ୟାଳୟରେ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ବସିଥିଲା। କିନ୍ତୁ ବିଏମ୍‌ସିର ଏହି ପ୍ରସ୍ତାବରେ ପୂଜାକମିଟି ଅମଙ୍ଗ ହୋଇଛି। କମିଶନରେଟ ପୋଲିସଠାରୁ ସମସ୍ତ ଏନ୍‌ଓସି ନେବାକୁ ଜିଦ୍ ଧରିଛନ୍ତି।

ସହରର ପାଖାପାଖି ୫୦ ପୂଜା କମିଟି କର୍ମକର୍ତ୍ତାଙ୍କ ସହ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରିଥିଲେ। କମିଶନର ଚୌଧାରୀ କହିଲେ, ବିଏମ୍‌ସି ଏନ୍‌ଓସି ପାଇଁ ପୂଜା କମିଟିଗୁଡିକର କଷ୍ଟକୁ ଅଧା କରିବାକୁ ଚାହୁଁଛି। କମିଶନରେଟ ପୋଲିସ ଓ ଅଗ୍ନିଶମ ବିଭାଗକୁ ଛାଡ଼ି ଅନ୍ୟ ସମସ୍ତ ଏନ୍‌ଓସି ବିଏମ୍‌ସି ଯୋଗାଇ ଦେବା ସହ ମଣ୍ଡପର ଭଲମନ୍ଦ କଥା ଆମ ଅଧିକାରୀମାନେ ବୁଝିବେ। ସେହିଭଳି ରାସ୍ତା, ଷ୍ଟ୍ରିଟ୍ ଲାଇଟ୍ ଓ ସଫେଇ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ସବୁ ମଣ୍ଡପରେ ବଡ଼ ବଡ଼ ଡଷ୍ଟବିନ୍ ରଖାଯିବା ସହ ପ୍ଲାଷ୍ଟିକମୁକ୍ତ ପୂଜା ପରିଚାଳନା ପାଇଁ ଆହ୍ୱାନ ଦେଇଥିଲେ। ପୂଜାରେ ବ୍ୟବହାର ହେଉଥିବା ବିଜ୍ଞାପନ ହୋର୍ଡିଂ ଓ ପ୍ରଚାର ଏବଂ ମଣ୍ଡପ ବାହାରେ ବ୍ୟବସାୟୀଙ୍କଠାରୁ ଟ୍ୟାକ୍ସ ଆଦାୟ ହେବ ବୋଲି କମିଶନର ତାଙ୍କ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ପଦ୍ଧତି (ଏସ୍‌ଓପି) ଜରିଆରେ ଜଣାଇଥିଲେ। ତେବେ ଅନ୍ୟ ସମସ୍ତ ପ୍ରସ୍ତାବକୁ ପୂଜା କମିଟି କର୍ତ୍ତୃପକ୍ଷ ସ୍ୱାଗତ କରିଥିବାବେଳେ ଟ୍ୟାକ୍ସ ଓ ଏନ୍‌ଓସି ପ୍ରସ୍ତାବକୁ ଗ୍ରହଣ କରି ନ ଥିଲେ। ଏହା ପରେ କମିଶନର କହିଲେ, ଯଦି ପୂଜାକମିଟିଗୁଡ଼ିକ ପୂର୍ବପରି ଏନ୍‌ଓସି ପାଇପାରିବେ ତା'ହେଲେ ସେମାନେ ବିଏମ୍‌ସି ଆସିବା କିଛି ଆବଶ୍ୟକ ନାହିଁ। ତେବେ ବିଏମ୍‌ସି ସବୁପ୍ରକାର ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛି। ବିଏମ୍‌ସି ମୁଖ୍ୟାଳୟ ସମେତ ମଣ୍ଡଳ କାର୍ଯ୍ୟାଳୟ ଓ ୱାର୍ଡ ଅଫିସ୍‌ରେ ଏନ୍‌ଓସି ପାଇଁ ଆବେଦନ ସୁବିଧା ରହିଛି। ୨-୩ ଦିନ ମଧ୍ୟରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ କ୍ଷେତ୍ରସ୍ଥଳ ବୁଲି କେଉଁଠି ମଣ୍ଡପ ହେବ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ ପରେ ସ୍ଥାନ ଚିହ୍ନଟ କରିବେ। ତା'ପରେ ଏନ୍‌ଓସି ଦିଆଯିବ ଓ ମଣ୍ଡପ ପାଖରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି କମିଶନର ଚୌଧାରୀ କହିଛନ୍ତି। ଏଥିସହ ୧୧ ପ୍ରସଙ୍ଗକୁ ଆଧାର କରି ବିଏମ୍‌ସି ଏସ୍‌ଓପି ଉପରେ କମିଶନର ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଅତିରିକ୍ତ କମିଶନର ସୁରଥଚନ୍ଦ୍ର ମଲ୍ଲିକ, ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର, ସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ବସନ୍ତ କୁମାର ମିଶ୍ର, ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଡେପୁଟି କମିଶନର ଶ୍ୟାମସୁନ୍ଦର ସେଠୀ, ସମସ୍ତ ଜୋନାଲ ଡେପୁଟି କମିଶନରଙ୍କ ସହ ଦୁର୍ଗାପୂଜା ଭସାଣି କମିଟି ସଭାପତି ଜଗନ୍ନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ୟାକ୍ସ ଦେବାକୁ ମନାକଲେ, ହେବ ଆଲୋଚନା

ମଣ୍ଡପ ସ୍ଥାନ ଚିହ୍ନଟ, ମୀନାବଜାର ଓ ଉଠା ଦୋକାନୀଙ୍କଠାରୁ ବିଏମ୍‌ସିର ଟ୍ୟାକ୍ସ କଲେକ୍ସନ ପ୍ରସ୍ତାବକୁ ସମସ୍ତ ପୂଜାକମିଟି ବିରୋଧ କରିଥିଲେ। ମୀନାବଜାର ପାଇଁ କେହି ଟ୍ୟାକ୍ସ ଦେବେ ନାହିଁ, ବିଏମ୍‌ସି ଏ ନେଇ କିଛି ଚିନ୍ତା କରିବା ଆବଶ୍ୟକ ନାହିଁ ବୋଲି କହିଥିଲେ। ସେହିପରି ମଣ୍ଡପ ଭିତରେ କମିଟି ଦ୍ୱାରା ଲଗାଯାଇଥିବା ବିଭିନ୍ନ ସଂସ୍ଥାର ବିଜ୍ଞାପନ ଓ ହୋର୍ଡିଂ ବାବଦକୁ ବିଏମ୍‌ସିକୁ ଟ୍ୟାକ୍ସ ଦେବାକୁ ପଡିବ ବୋଲି ଏସ୍‌ଓପିରେ ଉଲ୍ଲେଖ ଥିବାରୁ ଏହାକୁ ମଧ ତୀବ୍ର ପ୍ରତିବାଦ ଉଠିଥିଲା। ତେବେ ବୈଠକରେ ଏନେଇ କୌଣସି ନିଷ୍କର୍ଷ ନ ବାହାରିବାରୁ ପୁନର୍ବାର ଆଲୋଚନା କରାଯିବ ବୋଲି ଦୁର୍ଗାପୂଜା ଭସାଣି କମିଟି ସଭାପତି ଜଗନ୍ନାଥ ମହାପାତ୍ର କହିଛନ୍ତି।

### ପୂର୍ବଶତ୍ରୁତାକୁ ନେଇ ବୋମା ମାଡ଼ ଘଟଣା, ୨ ଗିରଫ

ଭୁବନେଶ୍ୱର,୯ା୯(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୋକାନ ଆଗରେ ବୋମାମାଡ କରିବା ଘଟଣାରେ ସମ୍ପୃକ୍ତ ଆଉ ୨ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଲିଆ ସାହି ଅଞ୍ଚଳର ରାକେଶ କୁମାର ତରେଇ ଓ ସିଆରପି ଛକ ମୁଣ୍ଡାସାହି ଅଞ୍ଚଳର ଅଲି ଆବ୍ରାହିମ। ଏହି ଘଟଣାରେ ପୂର୍ବରୁ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ଏହି ଥାନା ଅଧୀନ ତାରିଣୀ ନଗର ଅଞ୍ଚଳରେ ବିଶ୍ୱନାଥ ପ୍ରଧାନ ସପରିବାର ରହିବା ସହ ଏକ କବାଡିଆ ଦୋକାନ କରି ପରିବାର ଭରଣ ପୋଷଣ କରନ୍ତି। ଗତ ୨୦୧୮ରେ ଏକ ମାମଲାରେ ବିଶ୍ୱନାଥ ସମ୍ପୃକ୍ତ ଅଭିଯୁକ୍ତ ଟିକିଙ୍କ ନାମରେ ସାକ୍ଷୀ ଦେଇଥିଲେ। ଅଭିଯୁକ୍ତ ଟିକିଙ୍କ ସହଯୋଗୀମାନେ ପ୍ରତିଶୋଧ ପରାୟଣ ହୋଇଉଠିବା ସହ ଛକାପଞ୍ଝା ଲାଗିରହିଥିଲା। ଗତ ୨୧ ତାରିଖ ରାତି ୯ଟା ୩୦ରେ ବିଶ୍ୱନାଥଙ୍କ ଦୋକାନ ସମ୍ମୁଖକୁ ବୋମାମାଡ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ବିଶ୍ୱନାଥଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ପୋଲିସ ବିଶ୍ୱନାଥଙ୍କ ଅଭିଯୋଗକ୍ରମେ ୩୭୬/୧୮ନଂ.ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ଡବଲ ଜେବ୍ରା କ୍ରସିଂ: ଭ୍ରମରେ ପଡୁଛନ୍ତି ଲୋକେ



ପାୱାର ହାଉସ ଛକଠାରେ ଥିବା ଡବଲ ଜେବ୍ରା କ୍ରସିଂ ରୋଡ୍ ।

ଭୁବନେଶ୍ୱର,୯ା୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ସାରା ଦେଶରେ ନିୟମକୁ କଡ଼ାକଡ଼ି ପାଳନ କରାଯାଉଛି। ଯେଉଁମାନେ ଏହି ନିୟମକୁ ଉଲ୍ଲଂଘନ କରୁଛନ୍ତି ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଭୁବନେଶ୍ୱରରେ ଯେଉଁମାନେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଜେବ୍ରା କ୍ରସିଂ ଛୁଉଁଥିଲେ ସେମାନଙ୍କଠାରୁ ମଧ ଜରିମାନା ନିଆଯାଉଥିଲା। ହେଲେ ରାଜମହଲ ଛକରେ ପୋଲିସ-ଜନତା ଖଣ୍ଡଯୁଦ୍ଧ ଘଟଣା ପରେ ପୋଲିସ କୋହଳ ହୋଇଛି। କିନ୍ତୁ ଦେଖିବାକୁ ଗଲେ ଭୁବନେଶ୍ୱରର ଅନେକ ଛକରେ ଡବଲ ଜେବ୍ରା କ୍ରସିଂ ଥିବାରୁ ଗାଡ଼ିଚାଳକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଯଦି କେହି ଏଭଳି ଦ୍ୱନ୍ଦ୍ୱରେ ପଡ଼ି ଜେବ୍ରା କ୍ରସିଂକୁ ଛୁଇଁଯାଆନ୍ତି, ତାହାହେଲେ ଟ୍ରାଫିକ୍ ପୋଲିସ ତାଙ୍କୁ ପଛକୁ ଯିବାକୁ କହୁଛି। ଏହି ସମୟରେ ପଛକୁ ପଛ ଗାଡ଼ି ରହୁଥିବାରୁ ସମସ୍ୟା ସୃଷ୍ଟି ହେବା ସହ ଟ୍ରାଫିକ୍ ପୋଲିସ ଓ ଲୋକଙ୍କ ମଧ୍ୟରେ ମୁହାଁମୁହିଁ ହେଉଛନ୍ତି। ପାୱାର ହାଉସ୍ ଛକ, ନାଲକୋ ଛକ, ଆଚାର୍ଯ୍ୟବିହାର ଛକ ଆଦି କେତେକ ଛକରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅନେକ ଛକରେ ଜେବ୍ରା କ୍ରସିଂ ଲିଭି ଯାଇଥିବା ଦେଖିବାକୁ ମିଳୁଛି। ଏନେଇ ଟ୍ରାଫିକ୍ ଏସିପି କେ.କେ ପାଣିଗ୍ରାହୀ କହିଛନ୍ତି ଯେ,ନିକଟରେ ପୋଲିସ କମିଶନରଙ୍କ ଅଧକ୍ଷତାରେ ଏକ ବୈଠକ କରି ଏହାର ସମାଧାନ ପାଇଁ କୁହାଯାଇଛି। ଦୁଇଦିନ ଭିତରେ ଯେଉଁ ଛକରେ ଡବଲ ଜେବ୍ରା କ୍ରସିଂ ରହିଛି ତାହା ଲିଭାଯିବ। ଏହାସହ ଯେଉଁଠି ଜେବ୍ରା କ୍ରସିଂ ଜମା ନାହିଁ ସେଠାରେ ନୂଆ କରାଯିବ।

ଅନ୍ୟପକ୍ଷରେ ଶନିବାର ରାଜମହଲ ଖଣ୍ଡଯୁଦ୍ଧ ଘଟଣା ପରେ ଜମିମାନା ଆଦାୟ ପରିମାଣ କମିଯାଇଛି। ରାଜଧାନୀରୁ ୧୩୦ ଜଣଙ୍କଠାରୁ ସୋମବାର ୪୩ ହଜାର ଟଙ୍କା ଜରିମାନା ଓ କଟକରେ ୮୫ ଜଣ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୯୫ ହଜାର ୫ଶହ ଟଙ୍କା ଆଦାୟ କରାଯାଇଛି।

### ଦୁଇଦିନ ଭିତରେ ଲିଭା ହେବ : ଏସିପି

## ଇଟିପୁରକୁ ମୋ ବସ ସେବା ପାଇଁ ଦାବି

ପୁରୁଣା ଭୁବନେଶ୍ୱର,୯ା୯(ଡି.ଏନ୍.ଏ.)

ରାଜଧାନୀରେ ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ନଜରରେ ରଖି ତଥା ଯାତ୍ରୀଙ୍କର ସୁବିଧା ସୁଯୋଗକୁ ଲକ୍ଷ୍ୟ କରି ସରକାର ପର୍ଯ୍ୟାୟକ୍ରମେ ମୋ ବସ୍ ସଂଖ୍ୟା ବୃଦ୍ଧି କରୁଛନ୍ତି। ଏହି କ୍ରମରେ ରାଜଧାନୀ ଉପକଣ୍ଠ ଭୁବନେଶ୍ୱର ବ୍ଲକ ଅଧୀନ ଇଟିପୁର ପଞ୍ଚାୟତକୁ ମୋ ବସ ସେବା ଚାଲୁ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରାଯାଉଛି। ଏହି ଅଞ୍ଚଳରୁ ପ୍ରତ୍ୟହ ଶତାଧିକ ଅଞ୍ଚଳବାସୀ ରାଜଧାନୀର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ, ହସ୍ପିଟାଲ, ସରକାରୀ ଦପ୍ତରକୁ ନିଜର କାର୍ଯ୍ୟ ପାଇଁ ଯିବାଆସିବା କରିଥାନ୍ତି। ସୂଚନା ଥାଉ କି ଏହି ଦୟାନଦୀ ବନ୍ଧ ଦେଇ ବସନ୍ତପୁର, ଟିକରପଡ଼ା, ସୁଆବରେଇ, ପୋପରଙ୍ଗା ଆଦି ଅଞ୍ଚଳର ବାସିନ୍ଦା ମଧ ଏହି ରାସ୍ତା ଦେଇ ରାଜଧାନୀକୁ ଯିବାଆସିବା କରନ୍ତି। ସମ୍ପ୍ରତି ଲିଙ୍ଗିପୁରଠାରେ ରହୁଥିବା ମୋ ବସ ରହିଣିଠାରୁ ଏହାମାତ୍ର ୪ କିଲୋମିଟର ଦୂର । ତେଣୁ ଜନସାଧାରଣଙ୍କର ତଥା ଯାତ୍ରୀଙ୍କ ସୁବିଧା ନେଇ ଗମନାଗମନ ପାଇଁ ମୋ ବସ ସେବା ଚାଲୁ ହେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ଦାବି ହୋଇଛି ।

## ସ୍ପେଶିଆଲିଟି ନର୍ସିଂ କୋର୍ସ ଆରମ୍ଭ

### କେୟାର ହସ୍ପିଟାଲ

ଭୁବନେଶ୍ୱର, ୯ା୯

କେୟାର ହସ୍ପିଟାଲ ପକ୍ଷରୁ ସ୍ପେଶିଆଲିଟି ନର୍ସିଂ କୋର୍ସ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ୟୁନାଇଟେଡ କିଙ୍ଗଡମର ଗ୍ଲୋବାଲ ହେଲ୍‌ଥ ଆଲିଆନ୍ସ ସହ ମିଳିତ ହୋଇ ହସ୍ପିଟାଲ ଏହି ପାଠ୍ୟକ୍ରମ ପ୍ରଦାନ କରିବ। ଏଭଳି ପାଠ୍ୟକ୍ରମ ଆରମ୍ଭ କରି ଅତ୍ୟନ୍ତ ଖୁସି ବୋଲି କେୟାର ହସ୍ପିଟାଲର ସିଓଓ ଗୁରୀତ କୌର ସେଠୀ ସୂଚନା ଦେଇଛନ୍ତି। ନର୍ସିଂ ଶିକ୍ଷାର ଗୁଣବତ୍ତା ଏବଂ ଉନ୍ନତ ମାନଦଣ୍ଡ ରକ୍ଷା ଦିଗରେ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଏଭଳି ପାଠ୍ୟକ୍ରମ ଦ୍ୱାରା ନର୍ସିଂ ଷ୍ଟାଫଙ୍କୁ କୁଶଳୀ କରି ଗଢି ତୋଳିବା ଦିଗରେ ସକ୍ଷମ ହେବୁ ବୋଲି କେୟାର ହସ୍ପିଟାଲ ଗ୍ରୁପ ସିଇଓ ରାଜୀବ ସିଂଘଲ କହିଛନ୍ତି। ପ୍ରଥମ ବ୍ୟାଚ୍‌ରେ ୩୨୫ ନର୍ସଙ୍କୁ ତାଲିମ ପ୍ରଦାନ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏମର୍ଜେନ୍ସି ନର୍ସିଂ, କ୍ରିଟିକାଲ କେୟାର ନର୍ସିଂ, ଅପରେଶନ ଥିଏଟର ନର୍ସିଂ ଭଳି ଶୃଙ୍ଖଳାରେ ସ୍ୱତନ୍ତ୍ର ତାଲିମ ପ୍ରଦାନ ନେଇ ଯୋଜନା ରହିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

## ଗଣେଶ ଭସାଣିବେଳେ ମାରପିଟ, ୫ରୁ ଊର୍ଦ୍ଧ୍ୱ ଆହତ

କଟକ ରୋଡ,୯ା୯(ଡି.ଏନ୍.ଏ.)

ଲକ୍ଷ୍ମୀସାଗର ଥାନା ଅଧୀନ ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳରେ ସୋମବାର ଗଣେଶ ଭସାଣି ବେଳେ ଗଣ୍ଡଗୋଳ ଘଟିଛି। ଏଥିରେ ୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ୮ତାରିଖ ମଧ୍ୟରେ ଗଣେଶ ଭସାଣି ଶେଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ଏହାକୁ ନ ମାନି ୯ତାରିଖ ଅପରାହ୍ନରେ କଲୋନୀରେ ଏକ ମେଢ ଭସାଣି ବାହାରିଥିଲା। ଶୋଭାଯାତ୍ରା ଯାଉଥିବା ସମୟରେ ମେଢ ବାଜି ଅନ୍ୟ ଏକ ଗଣେଶ ପୂଜା ପେଣ୍ଡାଲର ଟେଣ୍ଟ ଚିରିଯାଇଥିଲା। ଏ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ବଚସା ପରେ ମାରପିଟ ହୋଇଥିଲା।

## ଓପାଫ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ




ମନ୍ତ୍ରୀ ଜଣେ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୯ା୯(ବ୍ୟୁରୋ)

ଅର୍ଗାନାଇଜେଶନ୍ ଅଫ୍ ପ୍ୟାରେଣ୍ଟ ଆସୋସିଏଶନ୍ସ ଫୋରମ୍(ଓପାଫ୍)ର ଦ୍ୱିତୀୟ ବାର୍ଷିକ ଉତ୍ସବ ସୋମବାର ଇଉ୍‌କଲ୍ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓପାଫ୍‌ର ସଭାପତି ଡ. ଗଗନ ବିହାରୀ ରାଉତ ସଭାପତିତ୍ୱ କରି ଘରୋଇ ବିଦ୍ୟାଳୟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଯଥାଶୀଘ୍ର ରେଗୁଲେଶନ୍ ଆକ୍ଟ ପ୍ରଣୟନ କରାଯାଉ ବୋଲି ସରକାରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ୨୦୧୯ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ସାରା ରାଜ୍ୟରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ମୀରା ଉପାସନା, ଶାଳିନୀ ଶୀତଲ୍ ଓ ଦଶମରେ ସାଇ ଉଦିତ୍ ରାଉତ୍, ଶାଶ୍ୱତୀ ପ୍ରତିପନ୍ନା, ରଶ୍ମିରଞ୍ଜନ ପାଢ଼ୀ, ଜ୍ୟୋତିଶ୍ରୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କମଳାକାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଓପାଫ୍‌ର କାର୍ଯ୍ୟକାରୀ ସଭାପତି ସଂଯୁକ୍ତା ପାଣିଗ୍ରାହୀ, ଉପସଭାପତି ମଧୁସୂଦନ ବିଶ୍ୱାଳ, ପ୍ରଫେସର ସୁରେନ୍ଦ୍ରନାଥ ରଥ, ଯୁଗ୍ମ ସମ୍ପାଦକ ଅମରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ମୀତାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।

## ■ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର
# ଅବକ୍ଷୟ ହେଉଛି କାରୁକାର୍ଯ୍ୟ, ପାର୍ଶ୍ୱ ଦେବଦେବୀ

ପୁରୁଣା ଭୁବନେଶ୍ୱର,୯ା୯ (ଡି.ଏନ୍.ଏ.)

### ରୋଷଘର ଆଣୁଛି ବିପଦ



ରୋଷଘର ଧୂଆଁରେ ଲିଭି ଯାଇଥିବା ମନ୍ଦିର କାରୁକାର୍ଯ୍ୟ।

ପବିତ୍ର ବିନ୍ଦୁସାଗର କୂଳରେ ଅବସ୍ଥିତ ତ୍ରୟୋଦଶ ଶତାବ୍ଦୀର ଶ୍ରୀ ଅନନ୍ତ ବାସୁଦେବ ମନ୍ଦିର ଐତିହ୍ୟର ଅନ୍ୟ ଏକ ମୂକ ସାକ୍ଷୀ ହେଉଛି ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ସହ ପ୍ରତ୍ୟକ୍ଷ ଭାବେ ଅନେକ ଜାନିଯାତ୍ରାର ସମ୍ପର୍କ ରହିଆସିଛି। ମନ୍ଦିରଟିର ମୁଖ୍ୟଦ୍ୱାର ଠାରୁ ଆରମ୍ଭ କରି ନାଟ ମଣ୍ଡପ, ଭୋଗ ମଣ୍ଡପ ପ୍ରାୟ ଗୋଟିଏ ନକ୍ସାରେ ଗଠିତ। ବର୍ତ୍ତମାନ ଏହି ଐତିହ୍ୟ ସମ୍ପନ୍ନ ମନ୍ଦିର ସହ ଅନ୍ୟ ଦେଉଳଗୁଡିକର ଅବକ୍ଷୟ ହେବାର ଲାଗିଛି। ମନ୍ଦିର ଚତୁଃପାର୍ଶ୍ୱରେ ଥିବା ହସ୍ତୀ, ନାରୀ, ଯୁଗଳମୂର୍ତ୍ତି ବିଭିନ୍ନ ମୁଦ୍ରାରେ ଥିବା ମୂର୍ତ୍ତିଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏପରି କି ଅନେକ ପଥର ଖଚିତ କୀର୍ତ୍ତିରାଜି ଦେଉଳ କାନ୍ଥରୁ ଲିଭିଯାଇଥିବାବେଳେ ପାର୍ଶ୍ୱଦେବା ଦେବୀଙ୍କ ପ୍ରତିଛବି ମଧ ନିଶ୍ଚିହ୍ନ ହୋଇଯାଇଛି। ବିଭିନ୍ନ କାରଣରୁ ଏଭଳି ହେଉଥିବାରୁ ମନ୍ଦିରଟି ନିଜର ବାସ୍ତବ ରୂପରେଖ ହରେଇବାକୁ ବସିଲାଣି।

ମୁଖ୍ୟତଃ ଚତୁଃପାର୍ଶ୍ୱରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି ମନ୍ଦିର। ମୁଖ୍ୟ ମନ୍ଦିର ଅର୍ଥାତ୍ ବେଢା ପରିକ୍ରମା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାରୁ ଅନେକ ଶ୍ରଦ୍ଧାଳୁ ଏହି ମନ୍ଦିର ବୁଲି ଆସିବାକୁ ପଛାଇଥାନ୍ତି। ଏହାର ମୁଖ୍ୟ କାରଣ ମନ୍ଦିରର ଉତ୍ତରପାର୍ଶ୍ୱକୁ ରହିଥିବା ରୋଷଘର ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ପ୍ରତ୍ୟହ ରୋଷଘରୁ ବାହାରୁଥିବା ନିର୍ଗତ ଧୂଆଁ ମନ୍ଦିର ବେଢାରେ ପ୍ରବାହିତ ହୋଇଥାଏ। ଫଳରେ ପ୍ରାଚୀନ ପ୍ରତିମୂର୍ତ୍ତି ଓ ପଥର ଉପରେ ଧୂଆଁର ଅବରଣ ଲାଗିଯିବାରୁ ଏହା ଧୀରେ ଧୀରେ ନଷ୍ଟ ହୋଇଥାଏ। ଠାକୁରଙ୍କ ଏହି ରୋଷଶାଳାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ହେବାଠାରୁ ଏଠାରେ ରୋଷଘର ଥିବା ଓ ନ ଥିବା ନେଇ ସାଧାରଣର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ନେଇ ଐତିହାସିକ ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ କୁହନ୍ତି, ହୟ ବଂଶର ବୋହୂ ତଥା ରାଣୀ ଚନ୍ଦ୍ରିକାଦେବୀ ଏହି ବିଷ୍ଣୁ ମନ୍ଦିରଟି ନିର୍ମାଣ କରିଥିଲେ। ଏକଦା ରାଣୀ ବିଧବା ହେବାପରେ ପଶ୍ଚିମମୁଖାରେ ଏହି ବିଷ୍ଣୁ ମନ୍ଦିରଟି ନିର୍ମାଣ କରିଥିଲେ ଏବଂ ସେଠାରେ ରହି ପୂଜାର୍ଚ୍ଚନା କରିଥିଲେ। ସେ ସମୟରେ କୌଣସି ରୋଷଘର ନ ଥିଲା। ଯେହେତୁ ଶ୍ରୀ ଅନନ୍ତ ବାସୁଦେବ ସ୍ୱୟଂ ପଶ୍ଚିମମୁଖା ବିଷ୍ଣୁ ହୋଇଥିବାରୁ କେବଳ ସୁଖିଲି ଭୋଗ ହିଁ ହୋଇଥାଏ। ଇତିହାସରୁ ଜଣାଯାଏ କାଳକ୍ରମେ କେତେକ ସେବାୟତ ଅନନ୍ତ ବାସୁଦେବଙ୍କ ମନ୍ଦିରରେ ଅନ୍ତ୍ୟେଷ୍ଟିକ୍ରିୟା, ବିବାହ ଭୋଜି ଓ ବରାଦିଆ ଭୋଜି ପ୍ରସ୍ତୁତ କରୁଛନ୍ତି, ଯାହା ଆଇନ ସଙ୍ଗତ ନୁହେଁ । ଏ ସମ୍ପର୍କରେ ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ କୁହନ୍ତି, ଆଗରୁ ଏଠାରୁ ରୋଷଘର ନ ଥିଲା । ଏକଦା ଟ୍ରଷ୍ଟବୋର୍ଡର ଅନୁସନ୍ଧାନ ପରେ ଏଠାରେ କେବଳ ଲଡୁ ଓ ସୋଦୁଅ ସୁଖିଲି ଲାଗି ହୋଇଥାଏ। ଏହା ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ର ନିଜସ୍ୱ ସମ୍ପତ୍ତି। ମନ୍ଦିରଟିର ବାଧକ ସାଜିଛି ରୋଷଘର ଧୂଆଁ ଏହା ଦ୍ୱାରା କାରୁକାର୍ଯ୍ୟ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ଆଇନଜୀବୀ ଭୀଷ୍ମନାରାୟଣ କୁହନ୍ତି, ଏହା ରୋଷଘର ଥାଉ ନ ଥାଉ ସମ୍ପ୍ରତି ବ୍ୟବସାୟକ ଭିତ୍ତିରେ ଏଠାରେ କରାଯାଉଥିବା ବେଆଇନ ରୋଷଘର ନେଇ ମନ୍ଦିରଟି ସମ୍ପୂର୍ଣ୍ଣ ସତ୍ତା ହରାଇବାକୁ ବସିଲାଣି। ଏହା ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିଲେ ମଧ ଏଭଳି ଐତିହ୍ୟ ମନ୍ଦିରର କୀର୍ତ୍ତିରାଜିକୁ ନଷ୍ଟ କରିଦିଆଯିବ ନାହିଁ। ଶ୍ରଦ୍ଧାଳୁ ଦିଲୀପ କୁମାର ଜେନା କୁହନ୍ତି, ଆମେ କେବଳ ଅଭଡ଼ା ପାଇଁ ଏଠାକୁ ଆସୁ, କୌଣସି ସେବାୟତ କିମ୍ବା ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଲିଙ୍ଗରାଜ ମନ୍ଦିର ଭଳି ବେଢା ପରିକ୍ରମା କିମ୍ବା ଦିଅଁ ଦର୍ଶନ କରିବାର ବ୍ୟବସ୍ଥା ନାହିଁ। ଅନ୍ୟଜଣେ ଶ୍ରଦ୍ଧାଳୁ ସାଗରିକା ସାହୁ କୁହନ୍ତି, ଅନନ୍ତବ୍ରତ ଛାଡ଼ିଦେଲେ ବର୍ଷକ ବାରମାସ ଏଠାରେ ରୋଷକାର୍ଯ୍ୟ ନେଇ ବିଭିନ୍ନ ସାମଗ୍ରୀ ବେଢା ଚତୁଃପାର୍ଶ୍ୱରେ ଗଚ୍ଛିତ ଥିବାରୁ ବେଢା ପରିକ୍ରମାରୁ ଆମେ ବଞ୍ଚିତ ରହୁଛୁ । ଏ ନେଇ ମନ୍ଦିର ସେବାୟତ ଶରତ ମହାପାତ୍ର କୁହନ୍ତି, ରୋଷଘର ପୂର୍ବରୁ ରହିଛି। ଯଦି ରୋଷଘର ନ ଥାନ୍ତା, ତେବେ ଠାକୁରଙ୍କ ପୂଜାନୀତି ଏତେଦିନ ଧରି କିଭଳି ଚାଲୁରହିଛି।



ସୌନ୍ଦର୍ଯ୍ୟ

# ହୋମ୍‌ମେଡ୍ ଫେସ୍‌ପ୍ୟାକ୍

ମୁହଁ ଫ୍ରେଶ୍ ଓ ସୁନ୍ଦର ଦେଖାଯିବାକୁ ହେଲେ ମହିଳା କେତେକ'ଣ ଉପାୟ ଆପଣାଇଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି ଏହି କେମିକାଲ୍ ଫେସ୍‌ପ୍ୟାକ ବ୍ୟବହାର କରିବା ଦ୍ୱାରା ତ୍ୱଚା ଲାଗି ଏହା କ୍ଷତିକାରକ ହୋଇଥାଏ। ଏଥିପାଇଁ ଆପଣ କିଛି ଘରୋଇ ଉପଚାର ଆପଣାଇବା ଦ୍ୱାରା ଏହା ତ୍ୱଚାର କୌଣସି କ୍ଷତି କରି ନ ଥାଏ। ଜାଣନ୍ତୁ ଏ ସମ୍ପର୍କରେ....

**ଲେମ୍ବୁ ଓ ମହୁ ଫେସ୍‌ପ୍ୟାକ୍**

ମହୁ ଓ ଲେମ୍ବୁ ତ୍ୱଚା ପାଇଁ ଏକ ଆଣ୍ଟିସେପ୍ଟିକ୍ ଏବଂ ମଶ୍ଚରାଇଜର ପରି କାମ କରିଥାଏ। ଏହା ମୃତ କୋଶକୁ ଦୂର କରିଥାଏ। ଦୁଇଚାମଚ ମହୁରେ ଏକ ଚାମଚ ଲେମ୍ବୁ ରସକୁ ମିଶାଇ ମୁହଁରେ ଲଗାନ୍ତୁ। ଏହାକୁ ପ୍ରଥମେ ହାତ ପାପୁଲିରେ ରଖି ମୁହଁ ଓ ବେକରେ ଲଗାନ୍ତୁ। ଏହା ଶୁଖିଗଲା ପରେ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ।

**ଆଲୋଭେରା ଫେସ୍‌ପ୍ୟାକ**

ଏକ ପାତ୍ରରେ ଆଲୋଭେରା ଜେଲ୍ ନିଅନ୍ତୁ। ଦୁଇ ଚାମଚ (ବଡ଼) ଗୋଲାପ ଜଳ,ଦୁଇ ଚାମଚ (ବଡ଼) ବାଦାମ ତେଲ ଓ ୫-୧୦ ଟୋପା ଲାଭେଣ୍ଡର ତେଲ ସହିତ ଭିଟାମିନ୍ 'ଇ' କ୍ୟାପ୍‌ସୁଲ୍ ମିଶାଇ ଏକ ଏୟାର ଟାଇଟ୍ କଣ୍ଟେନରରେ ଭର୍ତ୍ତି କରି ରଖି ଦିଅନ୍ତୁ। ଏହାକୁ ଲଗାଇବାକୁ ହେଲେ ପ୍ରଥମେ ମୁହଁକୁ ଧୋଇ ଦିଅନ୍ତୁ । ଏହାପରେ ଏଥିରୁ ଅଳ୍ପ କିଛି ନେଇ ମୁହଁରେ ହାଲ୍‌କା ମସାଜ୍ କରନ୍ତୁ। ନଖ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଫେସ୍‌ପ୍ୟାକ ଲଗାଇବା ପୂର୍ବରୁ କଣ୍ଟେନରକୁ ଭଲଭାବେ ହଲାଇବାକୁ ଭୁଲନ୍ତୁ ନାହିଁ।

**ନଡ଼ିଆତେଲ ଫେସ୍‌ପ୍ୟାକ**

ନିଜ ମୁହଁରେ ନଡିଆ ତେଲ କେଇବୁନ୍ଦା ଲଗାନ୍ତୁ। ଏହାକୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ମସାଜ୍ କରନ୍ତୁ। ମୁହଁରେ ଥିବା ପୋରସ୍‌କୁ ଖୋଲିବାକୁ ହେଲେ ଏକ ସଫା ଟାୱେଲ ନେଇ ତାକୁ ଗରମ ପାଣିରେ ବୁଡାଇ ସାରିବା ପରେ ମୁହଁକୁ ଭଲଭାବେ କଭର କରନ୍ତୁ । ୧୫-୩୦ ସେକେଣ୍ଡ ପରେ ଟାୱେଲ କାଢ଼ି ଦିଅନ୍ତୁ। ଏହା ପରେ ୱେଟ ଟିସୁ ପେପର ସାହାଯ୍ୟରେ ମୁହଁକୁ ଭଲଭାବେ ପୋଛି ଦିଅନ୍ତୁ।

**ଆପଲ ସାଇଡର ଓ ସିର୍‌କା ଫେସ୍‌ପ୍ୟାକ**

ଯଦି ଆପଣଙ୍କ ତ୍ୱଚା ସେନ୍‌ସିଟିଭ୍ ତେବେ ମୁହଁକୁ ଆପଲ ସାଇଡର ସିର୍‌କା ସହିତ ଧୋଇବାକୁ ଚେଷ୍ଟା କରନ୍ତୁ। ଆପଲ ସାଇଡର ସିର୍‌କା ଓ ପାଣି ୧:୨ ଭାଗରେ ମିଶାନ୍ତୁ। ଏହାକୁ ଭଲଭାବେ ଶେକ୍ କରି ଦିଅନ୍ତୁ। ଏବେ ଏହାକୁ ନିଜ ମୁହଁରେ ଲଗାନ୍ତୁ। କଟନ ବଲ କିମ୍ବା ନିଜ ଆଙ୍ଗୁଠି ସାହାଯ୍ୟରେ ଏହାକୁ ବ୍ୟବହାର କରନ୍ତୁ। ମୁହଁକୁ ଏବେ ଶୁଖିବାକୁ ଛାଡି ଦିଅନ୍ତୁ। ଯଦି ଆପଣଙ୍କୁ ଡ୍ରାଏ ଲାଗୁଥାଏ ତେବେ ଆପଣ ମଶ୍ଚରାଇଜର ଲଗାଇପାରିବେ।





ଡା. ଲିପ୍‌ସା ମିଶ୍ର



# ସର୍ଭିକାଲ ମ୍ୟୁକସ୍ ଓ ଅପ୍ରଜନନତା

ସର୍ଭିକାଲ ମ୍ୟୁକସ୍‌ର ପ୍ରାଥମିକ କାର୍ଯ୍ୟ ହେଉଛି ଫାଲୋପିଆନ୍ ନଳୀକୁ ଶୁକ୍ରାଣୁ ଯିବାବେଳେ ତାହାକୁ ସୁରକ୍ଷା ପ୍ରଦାନ କରିବା ଏବଂ ଭାଜିନାରେ ଥିବା ପ୍ରାକୃତିକ ଅମ୍ଳୀୟ ପରିବେଶଠାରୁ ସେମାନଙ୍କୁ ରକ୍ଷାକରିବା। ଏହା ସୁରକ୍ଷିତ ଭାବରେ ଶୁକ୍ରାଣୁକୁ ଡିମ୍ବାଣୁ ପାଖରେ ପହଞ୍ଚାଇଥାଏ, ଯାହା ଯୋଗୁ ଗର୍ଭଧାରଣ ହୋଇଥାଏ ଓ ଜଣେ ମହିଳା ଗର୍ଭଧାରଣ କରିଥାନ୍ତି। ଯଦିଓ ଏହାକୁ ମାତ୍ର ୧୫-୨୦ ପ୍ରତିଶତ ଭାବେ ଗଣନା କରାଯାଏ, ହଷ୍ଟାଇଲ ସର୍ଭିକାଲ ମ୍ୟୁକସ୍ ହେଉଛି ମହିଳାଙ୍କ ଅପ୍ରଜନନତାର କାରଣଗୁଡ଼ିକ ମଧ୍ୟରୁ ଗୋଟିଏ।

**ସର୍ଭିକାଲ ମ୍ୟୁକସ୍ ସାଧାରଣତଃ କ'ଣ କରିଥାଏ :** ଏକ ସାଧାରଣ ଚକ୍ରରେ, ସର୍ଭିକ୍ସ ଡିମ୍ବାଣୁ ସୃଷ୍ଟି ପାଇଁ ଦରକାରୀ ଜଳୀୟ ମ୍ୟୁକସ୍ ସୃଷ୍ଟି କରିଥାଏ। ସାଧାରଣତଃ ଏହି ମ୍ୟୁକସ୍ ବାହ୍ୟ ପଦାର୍ଥଗୁଡ଼ିକ ଆକ୍ରମଣରୁ ମହିଳାଙ୍କ ପ୍ରଜନନ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ। ଡିମ୍ବାଣୁ ସୃଷ୍ଟି ସମୟରେ ମ୍ୟୁକସ୍ ଏକ ସୁରକ୍ଷିତ ମାର୍ଗରେ ପରିଣତ ହୋଇଥାଏ, ଯାହା ଦେଇ ଶୁକ୍ରାଣୁ ସୁରକ୍ଷିତ ଭାବରେ ଯାତ୍ରା କରିଥାଏ। ଏହାଛଡ଼ା ଇଷ୍ଟ୍ରୋଜେନ୍ ପ୍ରଭାବରେ ମୋଟା ଓ ଅଠାଳିଆ ମ୍ୟୁକସ୍ ପରିଷ୍କାର ଓ ତନ୍ତୁମୟ ହୋଇଯାଏ।

କିନ୍ତୁ ବେଳେବେଳେ ସର୍ଭିକାଲ ମ୍ୟୁକସ୍ ଭଲଠାରୁ ଅଧିକ କ୍ଷତି କରିଥାଏ, ତେଣୁ ଗର୍ଭଧାରଣ ସମୟରେ ଶୁକ୍ରାଣୁକୁ ସୁରକ୍ଷା ପ୍ରଦାନ କରିବା ପରିବର୍ତ୍ତେ ଏହା ପ୍ରତିକୂଳ ଓ ବିପଦପୂର୍ଣ୍ଣ ହୋଇଥାଏ। ଏହାଛଡ଼ା ବେଳେ ବେଳେ ସର୍ଭିକାଲ ମ୍ୟୁକସ୍‌ରେ ଆଣ୍ଟିସ୍ପର୍ମ ଆଣ୍ଟିବଡି ଉପସ୍ଥିତ ଥାଆନ୍ତି, ଯେଉଁ କାରଣରୁ ଶୁକ୍ରାଣୁକୁ ଏକ ବାହ୍ୟ ଆକ୍ରମକ ପାଇଁ ଇମ୍ୟୁନୋ ବ୍ୟବସ୍ଥା ଭୁଲ୍ କରିଥାଏ। ତେଣୁ ଏହା ଶୁକ୍ରାଣୁର ପ୍ରବାହକୁ ବନ୍ଦ କରିଦେଇଥାଏ ଅଥବା ଶୁକ୍ରାଣୁକୁ ଅନେକାଂଶରେ ନଷ୍ଟ କରିଦେଇଥାଏ, ଯାହା ଦ୍ୱାରା ସେମାନେ ଅଧିକ ସମୟ କାର୍ଯ୍ୟ କରିପାରନ୍ତି ନାହିଁ। ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ମାଧ୍ୟମିକ ଅପ୍ରଜନନତାର କାରଣ ହୋଇପାରେ କିମ୍ବା ପୂର୍ବର ସଫଳତାର ସହିତ ଗର୍ଭଧାରଣ ପରେ ଗର୍ଭଧାରଣ କରିବାକୁ ଅକ୍ଷମତା ପ୍ରକାଶ କରିଥାଏ।

"ଏକ ସାଧାରଣ ଚକ୍ରରେ, ସର୍ଭିକ୍ସ ଡିମ୍ବାଣୁ ସୃଷ୍ଟି ପାଇଁ ଦରକାରୀ ଜଳୀୟ ମ୍ୟୁକସ୍ ସୃଷ୍ଟି କରିଥାଏ। ସାଧାରଣତଃ ଏହି ମ୍ୟୁକସ୍ ବାହ୍ୟ ପଦାର୍ଥ ଆକ୍ରମଣରୁ ମହିଳାଙ୍କ ପ୍ରଜନନ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରିଥାଏ। ଡିମ୍ବାଣୁ ସୃଷ୍ଟି ସମୟରେ ମ୍ୟୁକସ୍ ଏକ ସୁରକ୍ଷିତ ମାର୍ଗରେ ପରିଣତ ହୋଇଥାଏ, ଯାହା ଦେଇ ଶୁକ୍ରାଣୁ ସୁରକ୍ଷିତ ଭାବରେ ଯାତ୍ରା କରିଥାଏ।"




## ଉଦ୍ଦେଶ୍ୟ

ପ୍ରଜନନତାର ଉଦ୍ଦେଶ୍ୟ ହେଉଛି ମ୍ୟୁକସ୍‌ର ଗୁଣବତ୍ତାକୁ ପୁନଃ ସଂରକ୍ଷିତ କରିବା, ଯାହା ଏହିପରି ହୋଇପାରେ:
- ମାସର ଉପଯୁକ୍ତ ସମୟରେ ଶୁକ୍ରାଣୁ ପରିବହନକୁ ସୁଗମ କରିବା।
- ଅମ୍ଳୀୟ ଭାଜିନାଲ ପରିବେଶ ଠାରୁ ଶୁକ୍ରାଣୁକୁ ରକ୍ଷା କରିବା।
- ସର୍ଭିକାଲ କେନାଲରେ ଶୁକ୍ରାଣୁକୁ ସଂରକ୍ଷିତ ରଖିବା ଓ ଏକ ନିର୍ଦ୍ଦିଷ୍ଟ ସମୟରେ ସ୍ଥିର ସ୍ରୋତରେ ଏହାକୁ ନିଷ୍କାସନ କରିବା।
- ଅସାଧାରଣ ଓ ଅସୁସ୍ଥ ଶୁକ୍ରାଣୁଗୁଡ଼ିକୁ ଛାଣି ବାହାର କରିବା।
- ଶ୍ୱେତ ରକ୍ତକଣିକାଠାରୁ ଶୁକ୍ରାଣୁକୁ ରକ୍ଷା କରିବା, ଯାହା ଏହାକୁ ନଷ୍ଟ କରିପାରେ।
- ଶୁକ୍ରାଣୁକୁ ପୋଷକ ଯୋଗାଇଦେବା।
- ଗର୍ଭାଶୟକୁ ବୀଜାଣୁମାନଙ୍କ ସୃଷ୍ଟିଠାରୁ ଦୂରେଇ ରଖିବା।



**ସର୍ଭିକାଲ ମ୍ୟୁକସ୍ ପ୍ରତିକୂଳ ହେବାର କାରଣ କ'ଣ**

ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ପାଇଁ ଅନେକ କାରଣ ଦାୟୀ । ଏହାର ନିମ୍ନୋକ୍ତ କାରଣ ରହିଛି।

**ନିମ୍ନମାନର ଖାଦ୍ୟ:** ଏହା ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ହେବାର ପ୍ରମୁଖ କାରଣଗୁଡ଼ିକ ମଧ୍ୟରୁ ଗୋଟିଏ। ଜଣେ ମହିଳାଙ୍କ ପାଇଁ ସନ୍ତୁଳିତ, ପୋଷକଯୁକ୍ତ ଖାଦ୍ୟ ଗ୍ରହଣ ଓ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବା ପାଇଁ ପ୍ରତିଦିନ ପ୍ରଚୁର ପାଣି ପିଇବା ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣ ଅତ୍ୟଧିକ ଦୁଗ୍ଧଜାତ ଉତ୍ପାଦ ଖାଉଛନ୍ତି ତେବେ ଆପଣଙ୍କ ସର୍ଭିକାଲ ମ୍ୟୁକସ୍ ଅତ୍ୟଧିକ ମୋଟା ହୋଇଯିବ।

**ଚିକିତ୍ସା:** ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍‌ର ଅନ୍ୟ ଏକ କାରଣ ହେଉଛି କେତେକ ବିଶେଷ ଗ୍ରୁପ୍‌ର ଚିକିତ୍ସା। ଉଦାହରଣ ସ୍ୱରୂପ, ଆଣ୍ଟିହିଷ୍ଟାମିନ୍ସ ଅନେକ ମହିଳାଙ୍କ କ୍ଷେତ୍ରରେ ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍ ସୃଷ୍ଟିର କାରଣ ହୋଇଥାଏ।

**ପ୍ରତିକୂଳ ସର୍ଭିକାଲ ମ୍ୟୁକସ୍‌କୁ କିପରି ଦୂର କରିପାରିବେ:** ପୋଷ୍ଟକୋଇଟାଲ୍ ପରୀକ୍ଷା ହେଉଛି ଶୁକ୍ରାଣୁ-ମ୍ୟୁକସ୍ ମଧ୍ୟରେ ସମ୍ବନ୍ଧ ସୃଷ୍ଟି କରିବା ପାଇଁ ପ୍ରାଥମିକ ଉପକରଣ। ବିଶେଷଭାବେ ଯଦି ଅନ୍ୟାନ୍ୟ ପରୀକ୍ଷା ସାଧାରଣ ହୋଇଥାଏ ଓ ଅପ୍ରଜନନତାର ଅବିଶ୍ଲେଷଣୀୟ କାରଣକୁ ଦୃଢ଼ କରିଥାଆନ୍ତି, ତେବେ ଏହା ହେଉଛି ସର୍ଭିକାଲ ମ୍ୟୁକସ୍ ଅସୁବିଧାକୁ ଦୂର କରିବା ନିମନ୍ତେ ଏକ ପରୀକ୍ଷା। ଏହି ପରୀକ୍ଷା ଦର୍ଶାଏ ଯେ, ଯଦି ମ୍ୟୁକସ୍‌ର ରାସାୟନିକ ପଦାର୍ଥ ଶୁକ୍ରାଣୁ ବଞ୍ଚି ରହିବା ପାଇଁ ଉପଯୁକ୍ତ ଏବଂ କୌଣସି ମୃତ କିମ୍ବା ଧୀରେ ଯାଉଥିବା ଶୁକ୍ରାଣୁର ସନ୍ଧାନ ମିଳେ, ତେବେ ଏହା ମ୍ୟୁକସ୍‌ର ପ୍ରତିକୂଳତାକୁ ସୂଚାଇଥାଏ।
- ଯଦି ସର୍ଭିକ୍ସକୁ ଯାଇଥିବା ଶୁକ୍ରାଣୁ ଉତ୍ତମ ମାନର କିମ୍ବା ପରିମାଣର ହୋଇଥାଏ।
- ଯଦି ମ୍ୟୁକସ୍ ମଧ୍ୟରେ ଶୁକ୍ରାଣୁର ଗତିଶୀଳତା ବଳିଷ୍ଠ ହୋଇଥାଏ।
- ଯଦି କୌଣସି ଅଂଶୀଦାରଙ୍କଠାରେ କୌଣସି ପ୍ରକାରର ସଂକ୍ରମଣର ସୂଚନା ମିଳୁଛି ଏବଂ ଯଦି ପରୀକ୍ଷାର ଫଳ ପ୍ରତିକୂଳ ମ୍ୟୁକସ୍‌ର ଉପସ୍ଥିତିକୁ ସୂଚାଏ, ତେବେ ଗର୍ଭଧାରଣର ସଫଳତା ହାର ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମ୍ବନ୍ (ଆଇୟୁଆଇ) ମାଧ୍ୟମରେ ବୃଦ୍ଧି ହୋଇପାରିବ।

**ଚିକିତ୍ସା :** ସାଧାରଣ ପ୍ରଜନନ ଲାଗି , ଶୁକ୍ରାଣୁ ସର୍ଭିକାଲ ମ୍ୟୁକସ୍ ମଧ୍ୟରେ ଦୁଇଦିନ ମୁକ୍ତ ଭାବରେ ବଞ୍ଚିରହିପାରୁଥିବା ଦରକାର। କିନ୍ତୁ ଠିକ୍ ସମୟରେ ସର୍ଭିକାଲ ମ୍ୟୁକସ୍ ଅସାଧାରଣ ଅମ୍ଳୀୟ ହୋଇଯାଏ ଏବଂ ପିଏଚ୍‌ରେ ଏହି ପରିବର୍ତ୍ତନ ଅନେକ ସମୟରେ ଶୁକ୍ରାଣୁର ବଞ୍ଚି ରହିବାକୁ କ୍ଷୀଣ କରିଥାଏ। ଯଦି ସର୍ଭିକ୍ କାରଣରୁ ହେଉଥିବା ରୋଗ ଏକମାତ୍ର କାରଣ ହୋଇଥାଏ, ତେବେ ପ୍ରଥମ ଚିକିତ୍ସା ଭାବେ ଇଣ୍ଟ୍ରାୟୁଟେରିନ୍ ଇନ୍‌ସେମ୍ବନ୍ (ଆଇୟୁଆଇ)କୁ ସର୍ବଦା ପ୍ରାଥମିକତା ଦିଆଯାଏ। ଚିକିତ୍ସା ସମୟରେ ମହିଳାଙ୍କ ୟୁଟେରସ୍ ମଧ୍ୟରେ ସର୍ଭିକାଲ ମ୍ୟୁକସ୍ ଉପରେ ସ୍ଥାନିତ କରାଯାଇପାରେ ଏବଂ ପ୍ରଜନନତାକୁ ବୃଦ୍ଧି କରିବା ପାଇଁ ଫାଲୋପିଆନ ନଳୀ ପାଖକୁ ଆସିଥାଏ। ଏହା ହେଉଛି ଶସ୍ତା ଓ ସମୟ ରକ୍ଷା କରୁଥିବା ଚିକିତ୍ସା ଏବଂ ଆଇୟୁଆଇର କାର୍ଯ୍ୟ ହେଉଛି ଏହା ଫାଲୋପିଆନ୍ ନଳୀରେ ପହଞ୍ଚୁଥିବା ଶୁକ୍ରାଣୁର ସଂଖ୍ୟାକୁ କ୍ରମାଗତ ଭାବେ ବୃଦ୍ଧି କରିଥାଏ। ଆଇୟୁଆଇ ଓଭୁଲେସନ୍ ସମ୍ବନ୍ଧିତ ଔଷଧ ସହିତ ସର୍ବଦା ଜଡ଼ିତ ରହିଥାଏ, ଯେପରିକି ଫଲିକିଲ୍ ତ୍ୱରାନ୍ୱିତ କରୁଥିବା ହର୍ମୋନ୍, ଯାହା ସଫଳତା ହାରକୁ ଆହୁରି ବଢ଼ାଇଥାଏ।

ଯଦି କୌଣସି କାରଣରୁ ସକାରାତ୍ମକ ଫଳାଫଳ ଦେଖାଇବା ପାଇଁ ଆଇୟୁଆଇ ଚିକିତ୍ସା ଅସଫଳ ହୁଏ, ତେବେ ଦମ୍ପତିଙ୍କୁ ଭିଟ୍ରୋ ପ୍ରଜନନ କରାଇବା ପାଇଁ ସ୍ଥିର କରାଯାଏ। ଏଥିରେ ଏକ ପରୀକ୍ଷାଗାରରେ ଶୁକ୍ରାଣୁ ସହିତ ଡିମ୍ବାଣୁକୁ ପ୍ରଜନନ କରାଯାଏ। ଏହାପରେ ଭ୍ରୁଣ ଗୁଣବତ୍ତାବିଶିଷ୍ଟ ହେବା ପରେ ଏହାକୁ ସର୍ଭିକ୍ସ ମାଧ୍ୟମରେ ଗର୍ଭାଶୟ ମଧ୍ୟରେ ସ୍ଥାନିତ କରାଯାଏ। ମ୍ୟୁକସ୍‌ର ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ଅନ୍ୟାନ୍ୟ ଚିକିତ୍ସା ମଧ୍ୟରେ ଇଷ୍ଟ୍ରୋଜେନ ଥେରାପି ରହିପାରେ।

*-ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍, ଭୁବନେଶ୍ୱର*
*ମୋ:୯୪୩୮ ୧୭୫୧୦୮*

ଫ୍ୟାଶନ୍

# ଡେନିମ୍ ଜ୍ୟାକେଟ୍

ଆପଣ ଜାଣିଛନ୍ତି କି କେବଳ ଶୀତଦିନ ନୁହେଁ, ବର୍ଷାଦିନରେ ବି ଡେନିମ୍ ଜ୍ୟାକେଟ୍ ପିନ୍ଧିପାରିବେ। ତା' ସହ ନିଜ ଲୁକ୍ ବଦଳାଇ ପାରିବେ ... .......

**ପ୍ଲେନ୍ ଜମ୍ପସୁଟ୍**

ପ୍ଲେନ୍ ଜମ୍ପସୁଟ୍ ଉପରେ ଡେନିମ୍ ଜ୍ୟାକେଟ୍ ଭଲ ମାନିଥାଏ। ଏହାକୁ କୌଣସି ବି ସମର ଆଉଟିଂରେ ପିନ୍ଧିପାରିବେ।

**ଓଭର ସାଇଜ ଡେନିମ୍ ଜ୍ୟାକେଟ୍**

ଓଭର ସାଇଜ ଜ୍ୟାକେଟ୍ ଆପଣ କୌଣସି ବି ଟପ୍ ସହିତ ପିନ୍ଧିପାରିବେ। ଆପଣ ଫ୍ରିଲ କିମ୍ବା ଲେୟାର୍ସ ଥିବା ଟପ୍ ଯଦି ପିନ୍ଧୁଛନ୍ତି ତେବେ ଏହି ଜ୍ୟାକେଟ୍ ଆପଣଙ୍କ ଲୁକ୍‌କୁ ଖରାପ କରି ନ ଥାଏ।



**ଡ୍ରେସ୍ ସହ ପିନ୍ଧନ୍ତୁ**

ସେ ଲମ୍ବା ଡ୍ରେସ୍ ହେଉ କି ଶର୍ଟ, ଡେନିମ୍ ଜ୍ୟାକେଟ୍ ଦୁଇଟିଯାକରେ ଭଲ ମାନିଥାଏ। କାଜୁଆଲ କିମ୍ବା ସମର ଡ୍ରେସ୍ ସହିତ ଭଲ ଦେଖାଯାଏ। ଏଥିରେ ଶର୍ଟ ଷ୍ଟାଇଲ ଥିବା ଜ୍ୟାକେଟ୍ ସୁନ୍ଦର ଲାଗିଥାଏ। ନର୍ମାଲ ଓ କ୍ରପ୍ ଦୁଇ ପ୍ରକାର ଟପ୍ ଉପରେ ଡେନିମ୍ ଜ୍ୟାକେଟ୍ ଭଲ ମାନିଥାଏ। କ୍ରପ୍ ଟପ୍ ଏବେ ଟ୍ରେଣ୍ଡରେ ଚାଲିଛି। ଏମିତିରେ ଯେତେବେଳେ କ୍ରପ୍ ଟପ୍ ଉପରେ ଜ୍ୟାକେଟ୍ ପିନ୍ଧିବାକୁ ଭାବୁଥାନ୍ତି ତାହା ସାଇଜ ଟିକେ ଲମ୍ବା ହେଲେ ଭଲ।

# ପିଲାଙ୍କ ସ୍ମରଣଶକ୍ତି କିପରି ବଢ଼ାଇବେ

କେତେଜଣ ଅଭିଭାବକଙ୍କ ଚିନ୍ତା ଥାଏ ଯେ ସେମାନଙ୍କ ପିଲା ପଢ଼ୁଥିବା ପାଠ ଏବଂ ଲେଖିଥିବା ପାଠକୁ ସହଜରେ ମନେ ରଖିପାରେନି। ସେମାନେ ଏହାର ପଛରେ ଥିବା ସତ୍ୟତାକୁ ବୁଝିପାରନ୍ତି ନାହିଁ। ପିଲା ପଢ଼ା ହୋଇଥିବା ପାଠକୁ କିପରି ସହଜରେ ମନେରଖିବ ଏଥିପାଇଁ କିଛି ସରଳ ଉପାୟ ରହିଛି। ସେ ସମ୍ପର୍କରେ ଟିପ୍ସ...

- ସବୁ ଜିନିଷ ମନେରଖିବାକୁ ହେଲେ ତାଙ୍କୁ ମନ ଭିତରେ ସେହି ଜିନିଷ ସବୁବେଳେ ଭାବିବା ଦ୍ୱାରା ତାହା ସହଜରେ ମନେରହିଥାଏ। ପିଲା ଯାହାବି ପଢ଼ୁଛି ଆପଣ ତାକୁ ଭିଜୁଆଲ ଗେମ୍ସ,ପ୍ଲେ କାର୍ଡ୍ସ ଓ କିଛି ଏମିତି ଜିନିଷର ସହାୟତା ନେଇପାରିବେ। ଏହାଦ୍ୱାରା ପିଲାକୁ ଶିଖିବା ପାଇଁ ସହଜ ହେବ।
- ପିଲାକୁ ଟିଚରଙ୍କ ସହ କିପରି ମିଶି ପଢ଼ିବାକୁ ହେବ ସେ ବିଷୟରେ ତା'ମନରେ ଧାରଣା ସୃଷ୍ଟି କରନ୍ତୁ। ଏହି କଥାକୁ ପିଲାଟିକୁ ବେଶ୍ ସରଳ ଏବଂ ଥଣ୍ଡା ମିଜାଜ୍‌ରେ ବୁଝାନ୍ତୁ। ଯେତେବେଳେ ପିଲାକୁ ପଢ଼ାଉଛନ୍ତି ଉଚ୍ଚ ସ୍ୱରରେ ଆପଣ କହିବା ସହିତ ପିଲାକୁ ମଧ୍ୟ ଉଚ୍ଚ ସ୍ୱରରେ କହିବାକୁ କୁହନ୍ତୁ।
- ପିଲାକୁ ଖାଦ୍ୟ ଖୁଆଇବା ସମୟରେ ଯେପରି ଅଳ୍ପ ଅଳ୍ପ କରି ଦିଆଯାଏ ସେମିତି ପଢ଼ାଇବା ସମୟରେ ସେହି ଉପାୟ ଅବଲମ୍ବନ କରନ୍ତୁ। କାହାଣୀ କବିତା ମାଧ୍ୟମରେ ପିଲାକୁ ପାଠ ପଢ଼ାନ୍ତୁ।
- ଲେଟରକୁ ସବୁ ଅଲଗା ଅଲଗା ରଙ୍ଗ କରି ପଢ଼ାଇବା ଦ୍ୱାରା ତାହା ପିଲାଙ୍କୁ ଆକର୍ଷିତ କରିଥାଏ ଏବଂ ପଢ଼ିବା ପାଇଁ ଆଗ୍ରହ ବଢ଼ିଥାଏ।





ଖାଦ୍ୟରୁଚି

# ସେଓ ପକୋଡା

**ଆବଶ୍ୟକ ସାମଗ୍ରୀ**

ଦୁଇଟି ସେଓ, ବେସନ ୪ ଚାମଚ, ଚାଉଳଗୁଣ୍ଡ ଦୁଇଚାମଚ,ଆବଶ୍ୟକ ତେଲ ଡିପ୍ ଫ୍ରାଏ କରିବାକୁ ,ନାଲିଲଙ୍କା ଗୁଣ୍ଡ ଏକ ଚାମଚ,ଚାର୍ଟ ମସଲା ଏକ ଚାମଚ,ବେକିଂ ସୋଡା ଅଳ୍ପ ପରିମାଣର,ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ସେଓକୁ ପିସ୍ ଆକାରରେ କାଟି ଦିଅନ୍ତୁ। ପୁଣି ଏକ ପାତ୍ର ନିଅନ୍ତୁ ସେଥିରେ ବେସନ,ଚାଉଳଗୁଣ୍ଡ,ନାଲି ଲଙ୍କାଗୁଣ୍ଡ,ଚାର୍ଟମସଲା ପକାଇ ଭଲଭାବେ ମିକ୍ସ କରିଦିଅନ୍ତୁ। ନା ପତଳା ଘୋଳ କରିବେ ନା ମୋଟା । ପୁଣି ଏକ ପ୍ୟାନ୍‌ରେ ତେଲ ପକାଇ ଗରମ କରନ୍ତୁ। ବଟରରେ ବେକିଂ ସୋଡା ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଯେତେବେଳେ ତେଲ ଗରମ ହୋଇଯିବ କଟାହୋଇଥିବା ସେଓକୁ ଘୋଳରେ ବୁଡ଼ାଇ ପ୍ୟାନ୍‌ରେ ପକାଇ ଡିପ୍ ଫ୍ରାଏ କରନ୍ତୁ। ଏହାକୁ ପେପର ନାପ୍‌କିନ୍‌ରେ କାଢ଼ି ଗରମ ଗରମ ପରଷନ୍ତୁ।



| Dollar | Sensex | Nifty | Gold | Silver |
|---|---|---|---|---|
| 71.71 (1) | 163.68 ↑ 37,145.45 | 56.85 ↑ 11,003.05 | ₹300 ↓ 39,225.00 | ₹1400 ↓ 48,500.00 |

ଉନ୍ନତ ସ୍ୱାସ୍ଥ୍ୟସେବା ତଥା ପ୍ରତିଷେଧକ ବ୍ୟବସ୍ଥା ଯୋଗାଇବା ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଅଧିକ ଗୁରୁତ୍ୱ ଦେଉଛି। କମ୍ପାନୀର ଉତ୍ପାଦକତା ବଢ଼ାଇବା ଲକ୍ଷ୍ୟରେ ନୂଆ କାରଖାନା ପ୍ରତିଷ୍ଠା କରାଯାଇଛି।
– ଆଦାର ପୁନାୱାଲା, ସେରମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସିଇଓ



ଓୟୋ ଦେଶର ଟିୟର ୨ ଓ ୩ ସହରରେ ନିଜର ଉପସ୍ଥିତି ବୃଦ୍ଧି କରିବା ସହ ଅଦ୍ୟାବଧି ୫୦୦ ସହରରେ ସେବା ଯୋଗାଉଛି।
– ଆଦିତ୍ୟ ଘୋଷ, ଓୟୋ ହୋଟେଲ୍ସ ଆଣ୍ଡ ହୋମ୍ସ ଇଣ୍ଡିଆ ସିଇଓ



## ସଂକ୍ଷେପରେ

### ଋଣ, ଏଫ୍‌ଡି ସୁଧ ହାର ହ୍ରାସ କଲା ଏସ୍‌ବିଆଇ




**ନୂଆଦିଲ୍ଲୀ,୯-୯:** ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ସମସ୍ତ ଅବଧିର ମାର୍ଜିନାଲ କଷ୍ଟ ଅଫ୍ ଲେଣ୍ଡିଂ(ଏମ୍‌ସିଏଲ୍‌ଆର୍) ସୁଧ ହାରକୁ ୧୦ ବେସିସ୍ ପଏଣ୍ଟ ଅର୍ଥାତ୍ ୦.୧% ହ୍ରାସ କରିଛି। ନୂଆ ସୁଧ ହାର ମଙ୍ଗଳବାରଠାରୁ ଲାଗୁ ହେବ। ତେବେ ବ୍ୟାଙ୍କ ଫିକ୍ସଡ ଡିପୋଜିଟ୍ ବା ସ୍ଥାୟୀ ଜମା ଉପରେ ମଧ ସୁଧ ହାର ୦.୨୦%ରୁ ୦.୨୫% ପର୍ଯ୍ୟନ୍ତ କମାଇଛି। ଗୃହ, ଗାଡ଼ି ସମେତ ସମସ୍ତ ପ୍ରକାର ଋଣ ଉପରେ ଏମ୍‌ସିଏଲ୍‌ଆର୍ ସୁଧ ହାର ଏଣିକି ୮.୨୫ ପରିବର୍ତ୍ତେ ୮.୧୫%କୁ ହ୍ରାସ ପାଇଛି। ଏସ୍‌ବିଆଇ ଚଳିତ ଆର୍ଥିକ ବର୍ଷରେ ୫ଥରରେ ୦.୪୦% ଏମ୍‌ସିଏଲ୍‌ଆର୍ ହ୍ରାସ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋ ରେଟ ହ୍ରାସ କରିବା ପରେ ଏସ୍‌ବିଆଇ ସମେତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ୍ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଆଇଡିବିଆଇ ବ୍ୟାଙ୍କ ଏବଂ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ମଧ ଋଣ ଉପରେ ସୁଧ ହାର କମାଇଛି।

### ଜିଏସ୍‌ଟି ରିଟର୍ନ ଦାଖଲ ଅବଧି ବୃଦ୍ଧି



**ନୂଆଦିଲ୍ଲୀ,୯-୯:** ଜିଏସ୍‌ଟି ରିଟର୍ନ ଦାଖଲ ଅବଧି ବୃଦ୍ଧି ପାଇଛି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଇନ୍‌ଡାଇରେକ୍ଟ ଟ୍ୟାକ୍ସେସ ଆଣ୍ଡ କଷ୍ଟମ୍ସ(ସିବିଆଇସି) ପକ୍ଷରୁ ଜାରି ସୂଚନା ମୁତାବକ ଜିଏସ୍‌ଟିଆର୍-୯, ଜିଏସ୍‌ଟିଆର୍-୯ଏ ଏବଂ ଜିଏସ୍‌ଟିଆର୍-୯ସି ଫର୍ମ ଦାଖଲ କରୁଥିବା ଟିକସଦାତା ଏଣିକି ନଭେମ୍ବର ୩୦ ପର୍ଯ୍ୟନ୍ତ ଏହାକୁ ଦାଖଲ କରିବା ଲାଗି ସୁଯୋଗ ପାଇବେ ବୋଲି ସିବିଆଇସି ପକ୍ଷରୁ ଏକ ଟୁଇଟ୍ କରାଯାଇଛି। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ ଲାଗି ଜିଏସ୍‌ଟି ରିଟର୍ନ ଦାଖଲ କରିବାର ଶେଷ ଅବଧି ଅଗଷ୍ଟ ୩୧ ଯାଏ ଥିଲା। ସମସ୍ତ ପଞ୍ଜୀକୃତ ବ୍ୟବସାୟୀଙ୍କୁ ଜିଏସ୍‌ଟିଆର୍-୯ ଫର୍ମ ଜରିଆରେ ନିଜର ବାର୍ଷିକ ରିଟର୍ନ ଦାଖଲ କରିବାକୁ ପଡିଥାଏ। ଏଥିରେ ଭିନ୍ନ ଭିନ୍ନ ଟିକସ ସ୍ଲାବ୍ ଅନୁସାରେ କ୍ରୟ-ବିକ୍ରୟ ତଥ୍ୟ ପ୍ରଦାନ କରିବାକୁ ପଡେ। ସମୟସୀମା ବୃଦ୍ଧି ପାଇବା କାରଣରୁ ଏଣିକି ବ୍ୟବସାୟୀଙ୍କୁ ରିଟର୍ନ ଦାଖଲ କରିବାକୁ ଯଥେଷ୍ଟ ସମୟ ମିଳିଯିବ। କାରଣ ଜିଏସ୍‌ଟିଆର୍-୯, ୯ଏ ଓ ୯ସି ଫର୍ମ ପୂରଣ କରିବାରେ ଅସୁବିଧା ହେଉଛି।

### ଏନ୍‌ବିଏଫ୍‌ସି ସମସ୍ୟା ଟଳି ନ ପାରେ

**ନୂଆଦିଲ୍ଲୀ, ୯-୯:** ବର୍ତ୍ତମାନ ନଗଦ ସମସ୍ୟା ସହ ଜୁଝୁଥିବା ଦେଶର ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି) କ୍ଷେତ୍ରର ସମସ୍ୟାରେ ଶୀଘ୍ର ସମାଧାନ ଆସିବାର ସମ୍ଭାବନା ନାହିଁ। ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଲାଗି ରହିଥିବାରୁ ଏହି ସମସ୍ୟା ନ ଟଳି ପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ମାନ୍ଦାବସ୍ଥା ଯୋଗୁ ଉକ୍ତ କ୍ଷେତ୍ରର ଅଭିବୃଦ୍ଧି ହାର ୧୫%ରୁ ଖସି ୧୦-୧୨% ରହିବ ବୋଲି ଇଣ୍ଡିଆ ରେଟିଂସ ପକ୍ଷରୁ ରିପୋର୍ଟରେ ପ୍ରକାଶ ପାଇଛି। ଏହି କ୍ଷେତ୍ର ଲାଗି ରେଟିଂକୁ ସ୍ଥିରରୁ ସକରାତ୍ମକ କରାଯାଇଛି। ବଜାରର ଯାନ ବିକ୍ରିରେ ମାନ୍ଦାବସ୍ଥା,ଗ୍ରାମୀଣ ଢାଞ୍ଚାଗତ ନିର୍ମାଣରେ ପ୍ରଭାବ ରହିଛି। ବଜାର ସ୍ଥିତି ଭଲ ନ ଥିବାରୁ ଏପରି ସ୍ଥଳେ ଏନ୍‌ବିଏଫ୍‌ସିଗୁଡ଼ିକ ସୁଚିନ୍ତିତ ଭାବେ ଯୋଜନା ସହ ଆଗକୁ ବଢ଼ିବା ନେଇ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

### କୁଶଳୀ ହେବେ ୨୦ ହଜାର ନିର୍ମାଣ ଶ୍ରମିକ

**ନୂଆଦିଲ୍ଲୀ, ୯-୯:** ଦେଶର ୨୦ ହଜାର ନିର୍ମାଣ ଶ୍ରମିକଙ୍କୁ କୁଶଳୀ କରି ଗଢ଼ି ତୋଳିବା ଲାଗି ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କାଉନସିଲ(ଏନ୍‌ଏସ୍‌ଡିସି) ଏବଂ ରିୟଲ ଇଷ୍ଟେଟ ସଂଘ କ୍ରେଡାଇ ମିଳିତ ହୋଇ କାର୍ଯ୍ୟ କରିବେ। ନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର କୌଶଳ ବିକାଶ ଏବଂ ଉନ୍ନତିକରଣକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କ୍ରେଡାଇ କହିଛି। ୨୦୧୧ରୁ କ୍ରେଡାଇ କୌଶଳ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଛି। ବିଭିନ୍ନ କମ୍ପାନୀଗୁଡ଼ିକର କର୍ପୋରେଟ ସାମାଜିକ ଉତ୍ତରଦାୟିତ୍ୱ କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ନିଆଯାଉଛି। ଏଦିଗରେ ଏନ୍‌ଏସ୍‌ଡିସି ଏବଂ କ୍ରେଡାଇ ମିଳିତ ଭାବେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ସୂଚନା ରହିଛି।

## ମୋଦି ସରକାରଙ୍କ ୧୦୦ ଦିନ

# ନିବେଶକଙ୍କ ୧୪ ଲକ୍ଷ କୋଟି କ୍ଷତି

ନୂଆଦିଲ୍ଲୀ, ୯-୯

କେନ୍ଦ୍ରରେ ଦ୍ୱିତୀୟ ଥର କ୍ଷମତାକୁ ଫେରିଥିବା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ତା'ର ୧୦୦ ଦିନ ପୂରଣର ସଫଳତାକୁ ବଖାଣୁଛି। ତେବେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି କାରଣରୁ ଦେଶର ପୁଞ୍ଜିବଜାର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ସରକାରଙ୍କ ଦ୍ୱିତୀୟ ପାଳିର ୧୦୦ ଦିନ ମଧ୍ୟରେ ଷ୍ଟକ୍ ମାର୍କେଟ ନିବେଶକ ୧୪ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ନରେନ୍ଦ୍ର ମୋଦି ପୁଣି ଥରେ ପ୍ରଧାନମନ୍ତ୍ରୀ ହେବା ପରେ ପୁଞ୍ଜିବଜାରର ଆଶା ବଢିଯାଇଥିଲା। ମାତ୍ର ଚଳିତ ଆର୍ଥିକ ବର୍ଷ ଲାଗି ବଜେଟ ଉପସ୍ଥାପନ ପରେ ବଜାରରେ ଉତ୍ସାହ ଦେଖିବାକୁ ମିଳିଲା ନାହିଁ। କ୍ରମାଗତ ଶେୟାର ବିକ୍ରି ଯୋଗୁ ନିବେଶକ ବିଶାଳ କ୍ଷତି ସହିବାକୁ ବାଧ୍ୟ ହୋଇଛନ୍ତି। ମୋଟାମୋଟି ଭାବେ କହିବାକୁ ସରକାରଙ୍କ ଏହି ୧୦୦ ଦିନ ପୁଞ୍ଜିବଜାର ଲାଗି ନିରୁତ୍ସାହଜନକ ରହିଛି।

### ଲାଭ ଦେଇଛି ମାତ୍ର ୧୪% ଶେୟାର

ଅର୍ଥନୀତିରେ ଆସିଥିବା ମାନ୍ଦାବସ୍ଥା ଏବଂ ପୁଞ୍ଜିବଜାରର ସମସ୍ୟା ଦୂର କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କେତେକ ଘୋଷଣା କରିଥିଲେ। ମାତ୍ର ନିବେଶକମାନଙ୍କ ଉପରେ ଏହାର ସେଭଳି ପ୍ରଭାବ ପଡିଥିବା ଭଳି ମନେ ହେଉନାହିଁ। ବଜାର ବିଶେଷଜ୍ଞମାନେ କହିଛନ୍ତି, ଅର୍ଥ ବ୍ୟବସ୍ଥାରେ ଆସିଥିବା ମାନ୍ଦାବସ୍ଥା ସମୟାନୁବର୍ତ୍ତୀ ବା ଚକ୍ରୀୟ। ଏହା ଆପେ ଆପେ ଦୂର ହେବ। ଏଥିଲାଗି ସମୟ ମଧ ଲାଗିବ। ଏପରି ସମୟରେ ନିବେଶକମାନେ ବଜାର ଉପରେ ଭରଷା ରଖିବା ସହ କିଛି ସମୟ ଅପେକ୍ଷା କରିବାକୁ ହେବ। ଚଳିତବର୍ଷ ମେ ୩୦ରେ ପ୍ରଧାନମନ୍ତ୍ରୀ ମୋଦି ଶାସନ ଭାର ସମ୍ଭାଳିଥିବା ବେଳେ ଏହି ସମୟରେ ଦେଶର ପୁଞ୍ଜି ବଜାରରେ ମାତ୍ର ୧୪% ଶେୟାର ଲାଭ ଦେବାକୁ ସକ୍ଷମ ହୋଇଛି।




### କାମ କଲାନି ଅର୍ଥମନ୍ତ୍ରୀଙ୍କ ଉପାୟ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ପୁଞ୍ଜିବଜାର ଉପରେ ଆସିଥିବା ପ୍ରଭାବକୁ କମ୍ କରିବା ଲାଗି କେତେକ ଘୋଷଣା କରିଥିଲେ ମଧ ଏହା କାମ କଲା ନାହିଁ। ଫରେନ ପୋର୍ଟଫୋଲିଓ ଇନଭେଷ୍ଟର(ଏଫ୍‌ପିଆଇ) ଏବଂ ଇନ୍‌ଷ୍ଟିଚ୍ୟୁଶନାଲ ନିବେଶକଙ୍କ ଅସନ୍ତୋଷକୁ ବିଚାର କରି ବଜେଟରେ ଘୋଷଣା ହୋଇଥିବା ସରଚାର୍ଜ ପ୍ରତ୍ୟାହାର କରି ନିଆଯାଇଛି। ମାତ୍ର ଏହାର ପ୍ରଭାବ ନିବେଶକଙ୍କ ଉପରେ ପଡିବା ଭଳି ପ୍ରତୀୟମାନ ହେଉ ନାହିଁ। ସରକାର ସରଚାର୍ଜ ଲାଗୁ କରିବା ଯୋଗୁ ୧୦୦ ଦିନ ଭିତରେ ବିଦେଶୀ ନିବେଶକମାନେ ୩୧,୭୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର କରିନେଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ମୋଦି ସରକାରଙ୍କ ପ୍ରତ୍ୟାବର୍ତ୍ତନ ନେଇ ନିବେଶକ ପୁଞ୍ଜିବଜାର ଉପରେ ସକାରାତ୍ମକ ଆଶା ରଖିବା ସହ ଫେବୃୟାରୀରୁ ମେ ମାସ ମଧ୍ୟରେ ୮୩,୦୦୦ କୋଟି ଟଙ୍କା ନିବେଶ କରିଥିଲେ। ଅପରପକ୍ଷରେ ମାନ୍ଦାବସ୍ଥା ଦୂରକରିବା ଲାଗି ସରକାର ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ନିବେଶକଙ୍କୁ ସନ୍ତୁଷ୍ଟ କରି ନ ଥିବା ଉପରୋକ୍ତ ସ୍ଥିତିକୁ ଦେଖିଲେ ବୁଝାପଡୁଛି।

### ମୋଟ ବଜାର ପୁଞ୍ଜୀକରଣ ୧୪୦ ଲକ୍ଷ କୋଟି

ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସକ୍ରିୟ ଥିବା ୨,୬୬୪ କମ୍ପାନୀ ମଧ୍ୟରୁ ୨୨୯୦ କମ୍ପାନୀର ମୋଟ ବଜାର ପୁଞ୍ଜୀକରଣ ମଧ୍ୟରୁ ୯୬% ପର୍ଯ୍ୟନ୍ତ କ୍ଷତି ହୋଇଛି। ୪୨୨ କମ୍ପାନୀର ଶେୟାର କାରବାର ୪୦%ରୁ ଅଧିକ ଖସିଛି। ୧୩୭୨ କମ୍ପାନୀର କାରବାର ୨୦%ରୁ ଅଧିକ କ୍ଷତି ସହିଥିବା ବେଳେ ୧୮୭୨ କମ୍ପାନୀଙ୍କ କାରବାରରେ ୧୦%ରୁ ଅଧିକ ଝଟକା ଲାଗିଛି। ଏହି ସମୟରେ ସେନସେକ୍ସ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୧୪.୧୫ ଲକ୍ଷ କୋଟି ଟଙ୍କା କମି ୧୪୦ ଲକ୍ଷ କୋଟି ଟଙ୍କା ରହିଛି।

### ୮% କମିଛି ସେନସେକ୍ସ, ନିଫ୍ଟି

ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ସେନସେକ୍ସ ଏବଂ ନିଫ୍ଟିରେ କାରବାର ୮% ହ୍ରାସ ଘଟିଛି। ଏହି ସମୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଶେୟାର କାରବାର ସର୍ବାଧିକ ପ୍ରଭାବିତ ହୋଇଛି। ସେମାନଙ୍କ ଏକ ଚତୁର୍ଥାଂଶ ପୁଞ୍ଜି ହ୍ରାସ ପାଇଛି। ନିବେଶକ ଆଶଙ୍କା ଗ୍ରସ୍ତ ଥିବାବେଳେ ସେମାନଙ୍କ ପୁଞ୍ଜିକୁ ସୁରକ୍ଷିତ ଶେୟାରରେ ନିବେଶ କରୁଛନ୍ତି। ଉକ୍ତ କ୍ଷେତ୍ରରେ ନିବେଶକ ଆଇଟି ଏବଂ ଫାର୍ମା ଭଳି କ୍ଷେତ୍ରକୁ ଅଧିକ ସୁରକ୍ଷିତ ମଣୁଛନ୍ତି। ଦେଶର ଅର୍ଥ ବ୍ୟବସ୍ଥାରେ ପ୍ରମୁଖ ଯୋଗଦାନ ରଖୁଥିବା ଅଟୋମୋବାଇଲ ଏବଂ ବ୍ୟାଙ୍କିଙ୍ଗ କ୍ଷେତ୍ର ଏହି ସମୟରେ ଖରାପ ସ୍ଥିତି ଦେଇ ଗତି କରୁଥିବା ଜଣାପଡିଛି।

### ଧୈର୍ଯ୍ୟ ରଖିବା ଲାଗି ନିବେଶକଙ୍କୁ ପରାମର୍ଶ

ଦେଶର ଅର୍ଥନୀତି ଏକ ଖରାପ ସମୟ ଦେଇ ଗତି କରୁଥିବା ବେଳେ ନିବେଶକମାନେ ଭୟଭୀତ ନ ହୋଇ ବଜାର ଉପରେ ଭରଷା ଓ ଧୈର୍ଯ୍ୟ ରଖିବା ଲାଗି ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜର ରିସର୍ଚ୍ଚ ମୁଖ୍ୟ ଦୀପକ ଯଶାନୀ କହିଛନ୍ତି। ମୋଦି ସରକାର ରାଜନୈତିକ ଏବଂ ସାମାଜିକ ପ୍ରସଙ୍ଗ ଉପରେ ଭଲ ପ୍ରଦର୍ଶନ କରିଛନ୍ତି। ଆର୍ଥିକ ସ୍ଥିତି ବିଚାର କଲେ ବିତ୍ତୀୟଧାରାକୁ ନଜରରେ ରଖି ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ଏହାଦ୍ୱାରା ଅର୍ଥ ବ୍ୟବସ୍ଥାର ଗତି ତ୍ୱରାନ୍ୱିତ ହେବ ନାହିଁ ବୋଲି ଯଶାନୀ ମତ ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଅନେକେ ଏବେ ଯୁକ୍ତି କରୁଥିବା ବେଳେ ଅର୍ଥ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ସରକାର ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ। ଏପରି ସ୍ଥିତିରେ ନିବେଶକ ସଂଯମ ରକ୍ଷା କରିବାର ଆବଶ୍ୟକତାକୁ ଉପଲବ୍ଧି କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

### ଖରାପ ସ୍ଥିତିରେ ଅର୍ଥ ବ୍ୟବସ୍ଥା

ଦେଶର ଅର୍ଥବ୍ୟବସ୍ଥା ବର୍ତ୍ତମାନ ଖରାପ ସ୍ଥିତି ଦେଇ ଗତି କରୁଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୫%କୁ ଖସିଆସିଛି। ଏହା ୬ ବର୍ଷର ସର୍ବନିମ୍ନ ସ୍ତର। ଦେଶର ପ୍ରାୟ ସବୁ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବରେ ରହିଥିବା ଦେଖିବାକୁ ମିଳିଛି।

# ଏଭରେଡିକୁ କିଣିବ ଡ୍ୟୁରାସେଲ୍

ନୂଆଦିଲ୍ଲୀ,୯-୯

ଋଣରେ ବୁଡ଼ି ରହିଥିବା ଦେଶର ଶୀର୍ଷ ବ୍ୟାଟେରି କମ୍ପାନୀ ଏଭରେଡିକୁ ଆମେରିକା କମ୍ପାନୀ ଡ୍ୟୁରାସେଲ୍ କିଣିବାକୁ ଯାଉଛି। ବିଶ୍ୱର ଶୀର୍ଷ ଧନୀଙ୍କ ମଧ୍ୟରେ ପରିଗଣିତ ୱାରେନ ବଫେଙ୍କ କମ୍ପାନୀ ବର୍କଶାୟର ହ୍ୟାଥୱେର ଏକ ସହଯୋଗୀ କମ୍ପାନୀ ଡ୍ୟୁରାସେଲ୍ ଇଙ୍କ୍ ବି.ଏମ୍ ଖୈତାନଙ୍କ ଫ୍ଲାଗସିପ୍ କମ୍ପାନୀ ଏଭରେଡି ଇଣ୍ଡଷ୍ଟ୍ରିଜ୍‌ର ବ୍ୟାଟେରୀ ଓ ଫ୍ଲାଶ୍‌ଲାଇଟ୍ ବ୍ୟବସାୟକୁ କିଣିବ। ଏହି କିଣିବା ଦୌଡରେ ଡ୍ୟୁରାସେଲ୍ ଅନ୍ୟତମ ଆମେରିକୀୟ କମ୍ପାନୀ ଏନର୍ଜାଇଜର ହୋଲ୍ଡିଙ୍ଗ୍ସକୁ ପଛରେ ପକାଇ ଦେଇଛି। ସୂଚନାଥାଉ କି, ଋଣ ବୋଝ ଯୋଗୁ ଦେଶର କେତେକ ଶୀର୍ଷ କମ୍ପାନୀ ଜେଟ୍ ଏୟାରୱେଜ୍, କିଙ୍ଗଫିଶର୍ ଏୟାରଲାଇନ୍ସ, ରିଲାଏନ୍ସ ଟେଲିକମ୍ ପ୍ରମୁଖଙ୍କ ଅଣ୍ଟା ଭାଙ୍ଗି ଗଲାଣି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଡ୍ୟୁରାସେଲ୍ ୧୬୦୦ରୁ ୧୭୦୦ କୋଟି ଟଙ୍କାରେ ଏଭରେଡିକୁ କିଣିବ। କମ୍ପାନୀର କାରଖାନା, ଯୋଗାଣ ନେଟ୍‌ୱର୍କ ଏବଂ ଏଭରେଡି ବ୍ରାଣ୍ଡକୁ ଆମେରିକା କମ୍ପାନୀ କିଣିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସମ୍ପୂର୍ଣ୍ଣ ଭାବେ ନଗଦରେ ହେବାକୁ ଥିବା ଏହି ସ୍ଲମ୍ପ ସେଲ୍ ଡିଲ୍‌କୁ ନେଇ ଆଲୋଚନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଘୋଷଣା କରାଯିବ। ଏହି କିଣାବିକା ଯୋଗୁ ଏଭରେଡି ଏହାର ଋଣ ପରିଶୋଧ କରିବାକୁ ସୁଯୋଗ ପାଇବ। ସୂଚନାଥାଉ କି, ଏଭରେଡି ସହ ଉଭୟ ଡ୍ୟୁରାସେଲ୍ ଏବଂ ଏନର୍ଜାଇଜରର ଆଲୋଚନା ଚାଲିଥିଲା। ଆମେରିକା ଓ ଚାଇନା ବଜାର ପାଇଁ ଏଭରେଡି ବ୍ରାଣ୍ଡ ଅଧିକାର ଏନର୍ଜାଇଜର ନିକଟରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ସ୍ଲମ୍ପ ସେଲ୍‌ରେ ବିକ୍ରି କରାଯାଉଥିବା ସମ୍ପତ୍ତିକୁ ବିଭିନ୍ନ ଅଂଶରେ ସ୍ୱତନ୍ତ୍ର ଭାବେ ମୂଲ୍ୟାଙ୍କନ କରାଯାଇ ନ ଥାଏ।




# ନିର୍ଦ୍ଦେଶକଙ୍କ ପାଇଁ ଲାଗୁ ହେଲା ଆଚାର ସଂହିତା

ନୂଆଦିଲ୍ଲୀ,୯-୯

ବ୍ୟାଙ୍କିଙ୍ଗ୍ ସେକ୍ଟରରେ କର୍ପୋରେଟ ଗଭର୍ନାନ୍ସରେ ଉନ୍ନତି ଆଣିବା ଲାଗି କେନ୍ଦ୍ର ସରକାର ଅଣ ଅଫିସରସ୍ତରୀୟ ନିର୍ଦ୍ଦେଶକଙ୍କ ପାଇଁ ଆଚାର ସଂହିତା ଲାଗୁ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ସେବା ବିଭାଗ ପକ୍ଷରୁ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏମ୍‌ଡିଙ୍କ ନିକଟକୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯାଇଛି। ଏଥିରେ କୁହାଯାଇଛି ଯେ, ବ୍ୟାଙ୍କ ବୋର୍ଡ ନିର୍ଦ୍ଦେଶକଙ୍କ ପେସାଦାରୀ ଏବଂ ନୈତିକ ବ୍ୟବହାରକୁ ଆଧାର କରି ତାଙ୍କର ପ୍ରଦର୍ଶନ ସମ୍ପର୍କରେ ବାର୍ଷିକ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ପତ୍ରରେ କୁହାଯାଇଛି ଯେ, କମ୍ପାନୀରେ କାର୍ଯ୍ୟରତ ସ୍ୱାଧୀନ ନିର୍ଦ୍ଦେଶକଙ୍କ ଲାଗି ସେବି ପକ୍ଷରୁ ଏକ ଆଚାର ସଂହିତା ପୂର୍ବରୁ ଲାଗୁ କରାଯାଇସାରିଛି। ଏହାଦ୍ୱାରା ସେମାନଙ୍କର ପ୍ରଦର୍ଶନର ମୂଲ୍ୟାଙ୍କନ ସମ୍ଭବ ହୋଇପାରୁଛି। ତେବେ ସେବିର ଉକ୍ତ ନିଷ୍ପତ୍ତି ରାଷ୍ଟ୍ରାୟତ୍ତ ବ୍ୟାଙ୍କ କ୍ଷେତ୍ରରେ ଲାଗୁ ହୋଇପାରୁନାହିଁ, କାରଣ ଏହା କମ୍ପାନୀ ଆଇନ ଅଧୀନକୁ ଆସୁନାହିଁ। ସେହିପରି ବ୍ୟାଙ୍କିଙ୍ଗ୍ କମ୍ପାନୀଜ ଆଇନରେ ମଧ ସ୍ୱାଧୀନ ନିର୍ଦ୍ଦେଶକ ଏବଂ ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷଙ୍କ ସମେତ ଅଣ ଅଧିକାରୀସ୍ତରୀୟ ନିର୍ଦ୍ଦେଶକଙ୍କ କାର୍ଯ୍ୟଧାରା ସମ୍ପର୍କରେ ସେଭଳି ସ୍ପଷ୍ଟ କିଛି ଉଲ୍ଲେଖ କରାଯାଇନାହିଁ। ଆଚାର ସଂହିତାରେ ନିର୍ଦ୍ଦେଶକଙ୍କ ପାଇଁ କେତେକ କରଣୀୟ କାର୍ଯ୍ୟ ସମ୍ପର୍କରେ ସ୍ପଷ୍ଟ କରାଯାଇଛି।

## ଧର୍ମଘଟରେ ବ୍ରିଟିଶ୍ ଏୟାରୱେଜ ପାଇଲଟ

# ୧୫୦୦ ଉଡ଼ାଣ ରଦ୍ଦ, ୭୦୪ କୋଟି କ୍ଷତି

ଲଣ୍ଡନ, ୯-୯

ଦରମା ବିବାଦକୁ କେନ୍ଦ୍ର କରି ବ୍ରିଟିଶ୍ ଏୟାରୱେଜର ପାଇଲଟମାନେ ସୋମବାରଠାରୁ ୨ ଦିନିଆ ଧର୍ମଘଟରେ ସାମିଲ ହୋଇଛନ୍ତି। ଏୟାରଲାଇନର ୧୦୦ବର୍ଷର ଇତିହାସରେ ଏହା ସର୍ବବୃହତ ଧର୍ମଘଟ ମନେ କରାଯାଉଛି। ଏହି କାରଣରୁ କମ୍ପାନୀର ପ୍ରାୟ ୧୫୦୦ ଉଡ଼ାଣ ରଦ୍ଦ ହୋଇସାରିଛି। ସ୍ଥାନୀୟ ଖବରକାଗଜ 'ଦ ଟେଲିଗ୍ରାଫ୍'ର ରିପୋର୍ଟ ଅନୁସାରେ ପାଇଲଟଙ୍କ ଧର୍ମଘଟ ଯୋଗୁ ପ୍ରାୟ ୨ ଲକ୍ଷ ୮୦ ହଜାର ଲୋକ ପ୍ରଭାବିତ ହେବେ ଓ କମ୍ପାନୀ ପ୍ରାୟ ୭୦୪ କୋଟି ଟଙ୍କା ଅର୍ଥାତ୍ ୮୦ ମିଲିୟନ ପାଉଣ୍ଡ କ୍ଷତି ସହିବାକୁ ଯାଉଛି। ଧର୍ମଘଟ ଯୋଗୁ ନ୍ୟୁୟର୍କ, ଦିଲ୍ଲୀ, ହଂକଂ ଓ ଜୋହାନ୍ସବର୍ଗର ସମସ୍ତ ଉଡ଼ାଣ ପ୍ରଭାବିତ ହୋଇଛି। ଉଡ଼ାଣ ରଦ୍ଦ ହୋଇଥିବାର ସୂଚନା ପାଇଥିଲେ ଯାତ୍ରୀମାନେ ଏୟାରପୋର୍ଟ ନ ଯିବାକୁ ବ୍ରିଟିଶ ଏୟାରୱେଜ ପକ୍ଷରୁ ପରାମର୍ଶ ଦିଆଯାଇଛି। ସୂଚନାଥାଉ କି, ବ୍ରିଟିଶ ଏୟାରଲାଇନ ପାଇଲଟ ଆସୋସିଏଶନ ଅଗଷ୍ଟ ୨୩ରେ ଧର୍ମଘଟ ଡାକରା ଦେଇଥିଲା।




### ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ପ୍ୟାକେଜିଂ ବନ୍ଦ କରିବ ଆମାଜନ




ନୂଆଦିଲ୍ଲୀ, ୯-୯

ଆମାଜନ ଇଣ୍ଡିଆ ପକ୍ଷରୁ ୨୦୨୦ ଜୁନ ସୁଦ୍ଧା ସିଙ୍ଗଲ ୟୁଜ ପ୍ଲାଷ୍ଟିକ ପ୍ୟାକେଜିଂ ବ୍ୟବହାର ପରିତ୍ୟାଗ କରିବାର ଘୋଷଣା କରାଯାଇଛି। କମ୍ପାନୀ ପେପର କୁସନ୍ସ ବ୍ୟବହାର କରିବାକୁ ଯୋଜନା ରଖିଛି। ଆମାଜନ ଦେଶରେ ଥିବା ଏହାର ଫୁଲଫିଲ ସେଣ୍ଟରଗୁଡ଼ିକରେ ଏୟାର ପିଲୋ ଏବଂ ବବଲ ରାପ୍ ଭଳି ସାମଗ୍ରୀ ବ୍ୟବହାର କରିବ। ପେପର କୁସନ୍ସ ବ୍ୟବହାର ଦ୍ୱାରା ନେବା ଆଣିବା କରିବା ସମୟରେ ସାମଗ୍ରୀ ସୁରକ୍ଷିତ ହୋଇ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏଗୁଡ଼ିକ ପରିବେଶ ଉପଯୋଗୀ ଏବଂ ପୁନଃବ୍ୟବହାର କ୍ଷମ ହୋଇ ପାରିବ। ପରିବେଶ ଉପଯୋଗୀ ପ୍ୟାକେଜିଂ ଆଧାରରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା କଷ୍ଟମର ଫୁଲ୍‌ଫିଲ୍‌ମେଣ୍ଟ ଉପସଭାପତି ଅଖିଲ ସକ୍ସେନା କହିଛନ୍ତି।

### ଭୁବନେଶ୍ୱରରେ ଲୁଇ ଫିଲିପରେ ପଞ୍ଚମ ଷ୍ଟୋର

ଭୁବନେଶ୍ୱର, ୯-୯

ପୁରୁଷ ପରିଧାନ କ୍ଷେତ୍ରରେ ପ୍ରମୁଖ ବ୍ରାଣ୍ଡ ଲୁଇ ଫିଲିପ ପକ୍ଷରୁ ଭୁବନେଶ୍ୱରରେ ଏହାର ପଞ୍ଚମ ଷ୍ଟୋର ଶୁଭାରମ୍ଭ ହୋଇଛି। ଡିଏନ୍ ରେଗାଲିଆ ମଲ୍‌ରେ ଏହା ୧୧୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଉକ୍ତ ଷ୍ଟୋର ଦ୍ୱାରା ରାଜ୍ୟରେ ଲୁଇ ଫିଲିପ ଷ୍ଟୋର ସଂଖ୍ୟା ୬ରେ ପହଞ୍ଚିଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂତନ ଅଭିଯାନ ଷ୍ଟେ ଅନ୍ କ୍ରସଡ ଆରମ୍ଭ କରାଯାଇଛି। ଭୁବନେଶ୍ୱର ବଜାରର ଚାହିଦାକୁ ଧ୍ୟାନରେ ରଖି ଏହି ଷ୍ଟୋରଟିକୁ ଶୁଭାରମ୍ଭ କରାଯାଇଥିବା ଲୁଇ ଫିଲିପ ସିଓଓ ଫରିଦା କଲିଆଦାନ ସୂଚନା ଦେଇଛନ୍ତି। ଏଠାରେ ଗ୍ରାହକ ଫର୍ମାଲ, ସେମିକାଜୁଆଲ, ବିବାହ ପୋଷାକ, ଆସେସୋରିଜ ଲାଭ କରିପାରିବେ। ସେହିଭଳି ସୁଟ, ସାର୍ଟ, ଟ୍ରାଉଜର, ଟି-ସାର୍ଟ,ଜିନ୍ସ ଉପଲବ୍ଧ।

#### ସତ୍ୟମ୍ ମାମଲାରେ ସେବିକୁ ସ୍ୟାଟ୍‌ର ଝଟକା

### ପିଡବ୍ଲ୍ୟୁସି ଉପରେ ଲାଗିଥିବା କଟକଣା ଉଠିଲା

ମୁମ୍ବାଇ,୯-୯




ସତ୍ୟମ୍ କମ୍ପ୍ୟୁଟର ଦୁର୍ନୀତି ମାମଲାରେ ପୁଞ୍ଜି ବଜାର ନିୟାମକ ସେବିକୁ ଜୋରଦାର ଝଟକା ଲାଗିଛି। ପ୍ରତିଭୂତି ଅପିଲୀୟ ନ୍ୟାୟାଧିକରଣ(ସ୍ୟାଟ୍) ସୋମବାର ୭୮୦୦ କୋଟି ଟଙ୍କାର ସତ୍ୟମ୍ ଦୁର୍ନୀତି ମାମଲାରେ ପ୍ରାଇସ୍ ୱାଟରହାଉସ୍ କୁପର୍ସ(ପିଡବ୍ଲ୍ୟୁସି) ଉପରେ ଲାଗିଥିବା ୨ ବର୍ଷର କଟକଣାକୁ ହଟାଇ ଦେଇଛନ୍ତି। ସେବି ପକ୍ଷରୁ ଏହି କଟକଣା ଜାରି କରାଯାଇଥିଲା। ଏହି ମାମଲାରେ ପିଡବ୍ଲ୍ୟୁସିରୁ ଆଂଶିକ ଭାବେ ୧୩ କୋଟି ଟଙ୍କା ଫେରାଇ ନେବାକୁ ସ୍ୟାଟ୍ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ୨୦୦୯ ଜାନୁୟାରୀରେ ସତ୍ୟମ୍ ଦୁର୍ନୀତିର ପର୍ଦ୍ଦାଫାଶ୍ ହୋଇଥିଲା। କମ୍ପାନୀ ପ୍ରତିଷ୍ଠାତା ତଥା ଏମ୍‌ଡି ରାମଲିଙ୍ଗା ରାଜୁ ଦୁର୍ନୀତିରେ ସାମିଲ ଥିବା ସ୍ୱୀକାର କରିଥିଲେ। ସତ୍ୟମ୍‌ର ଅଡିଟ ଦାୟିତ୍ୱରେ ଥିବା ପିଡବ୍ଲ୍ୟୁସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେବି ପକ୍ଷରୁ ଉକ୍ତ କଟକଣା ଜାରି କରାଯାଇଥିଲା। ଏହି ମାମଲାର ଶୁଣାଣି କରି ସ୍ୟାଟ୍ ତାଙ୍କ ରାୟରେ ଦର୍ଶାଇଛନ୍ତି ଯେ, କୌଣସି ଅଡିଟ୍ କମ୍ପାନୀ ବିରୋଧରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟର୍ଡ ଆକାଉଣ୍ଟାଣ୍ଟସ ଅଫ୍ ଇଣ୍ଡିଆ(ଆଇସିଏଆଇ) କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଅଡିଟ୍ ଦାୟିତ୍ୱ ତୁଲାଇବାରେ ଅବହେଳା କରିବା ଦ୍ୱାରା ଏହା ସ୍ପଷ୍ଟ ହୋଇନାହିଁ ଯେ, ଉକ୍ତ କମ୍ପାନୀ ଦୁର୍ନୀତିରେ ସାମିଲ ଥିଲା। ଅଡିଟର ଗୁଣବତ୍ତା ଓ ଯାଞ୍ଚ କରିବାର ଅଧିକାର ସେବି ହାତରେ ନାହିଁ ବୋଲି ରାୟରେ ଉଲ୍ଲେଖ କରାଯାଇଛି।

### ବଜାରରେ ନୂଆ ଟାଟା ଇଣ୍ଟ୍ରା



ଭୁବନେଶ୍ୱର, ୯-୯

ଟାଟା ମୋଟର୍ସ ପକ୍ଷରୁ ନୂଆ ବାଣିଜ୍ୟିକ ଯାନ ଟାଟା ଇଣ୍ଟ୍ରା ଭୁବନେଶ୍ୱର ବଜାରରେ ପ୍ରବେଶ କରିଛି। ଏହା କମ୍ପାକ୍ଟ ଟ୍ରକ ବର୍ଗରେ ସାମିଲ ହୋଇଥିବା ବେଳେ ଗ୍ରାହକଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ଧ୍ୟାନରେ ରଖି ନିର୍ମାଣ କରାଯାଇଛି। ଏହା କମ୍ ମୂଲ୍ୟର ଓନରଶିପ ଏବଂ ପରଫରମାନ୍ସ ପ୍ରଦାନ କରୁଛି। ଟାଟାର ପ୍ରିମିୟମ ଡିଜାଇନ ବୈଶିଷ୍ଟ୍ୟ ସହ ଏହା ଆସିଛି। ନୂଆ ମଡ୍ୟୁଲାର ପ୍ଲାଟଫର୍ମରେ ଭି୧୦ ଏବଂ ଭି ୨୦ ପ୍ଲାଟଫର୍ମରେ ଯାନଟି ଉପଲବ୍ଧ। ୧୩୯୬ ସିଏମ୍ ଡିଆଇ ଇଞ୍ଜିନ, ୫୨ କେଡବ୍ଲ୍ୟୁ ପାୱାର, ୧୪୦ ଏନ୍‌ଏମ୍ ଟର୍କ, ଗିୟର ସିଫ୍ଟ ଆଡଭାଇଜର, ସର୍ବୋତ୍ତମ ଇନ୍ଧନ ଗୁଣବତ୍ତା ସହ ଏହା ବଜାରକୁ ଆସିଛି। କମ୍ପାନୀର ଅଧିକୃତ ଡିଲରଶିପଗୁଡ଼ିକରେ ଯାନଟି ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଓଡ଼ିଶା କମ୍ପାନୀ ଲାଗି ଫୋକସ ବଜାର ହୋଇ ଥିବାରୁ ନୂଆ ଯାନଟିକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ବାଣିଜ୍ୟିକ ଯାନ ୟୁନିଟ ସଭାପତି ଗିରିଶ ୱାଘ ସୂଚନା ଦେଇଛନ୍ତି।

"ଅଷ୍ଟ୍ରେଲିଆ ଆଶେସ ଟାଇଟଲ ବଜାୟ ରଖିବା ପଛରେ କେବଳ ଷ୍ଟିଭ ସ୍ମିଥ୍ ନୁହନ୍ତି, ଦଳର ବୋଲରମାନଙ୍କର ମଧ୍ୟ ଯଥେଷ୍ଟ ଭୂମିକା ରହିଛି।

–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ବର୍ତ୍ତମାନ ଆମର ମୂଳ ଲକ୍ଷ୍ୟ ଟେଷ୍ଟ ଚାମ୍ପିୟନଶିପ୍ ନୁହେଁ ଟି୨୦ ବିଶ୍ୱକପ୍। ଯୁବ ଖେଳାଳିଙ୍କୁ ସୁଯୋଗ ଦେଇ ବେଞ୍ଚ ଷ୍ଟ୍ରେନ୍ଥ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି।

–ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍



## ସଂକ୍ଷେପରେ

### ଇଷ୍ଟ ଜୋନ୍ ସ୍ନୁକର ନିଶାନ୍ତଙ୍କୁ ହରାଇଲେ ଆଦର୍ଶ



**ଭୁବନେଶ୍ୱର,୯।୯(କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ସୋମବାର ପଞ୍ଚମ ଦିବସରେ ଓଡ଼ିଶାର ପୂର୍ବତନ ସିନିୟର ସ୍ନୁକର ଚାମ୍ପିୟନ ନିଶାନ୍ତ ବିଶ୍ୱାଳଙ୍କୁ ୩-୦ ଫ୍ରେମ୍‌ରେ ହରାଇ ଝାଡ଼ଖଣ୍ଡ ଜୁନିୟର ଚାମ୍ପିୟନ ଆଦର୍ଶ ବର୍ମା ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ଆଦର୍ଶ ତାଙ୍କର ପୂର୍ବ ମ୍ୟାଚରେ ଓଡ଼ିଶାର ଦେବୀ ପ୍ରସାଦଙ୍କଠାରୁ ୱାକ୍‌ଓଭର ପାଇଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗର କିଙ୍ଗସୁକ୍ ଶାହ ୩-୧ରେ ଓଡ଼ିଶାର ଆର୍.କେ. ବାରିକ, ଓଡ଼ିଶାର ମହମ୍ମଦ ରାଜା ୩-୧ରେ ନିଜ ରାଜ୍ୟର ଶ୍ୟାମ ଅଗ୍ରୱାଲ, ଜାକିର ଖାଁ ୩-୧ରେ ରଣଜିତ ପତିଙ୍କୁ ପରାସ୍ତ କରିଛନ୍ତି।

### ଓଡ଼ିଶାକୁ ୭ ସ୍ୱର୍ଣ୍ଣ

**କଟକ ଅଫିସ,୯।୯:** ବିହାରର ପାଟନାଠାରେ ଇନଡୋର ଜାତୀୟ ରୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଜୁନିୟର, ସବ୍‌ଜୁନିୟର, ସିନିୟର ବର୍ଗର ମୁକାବିଲା ହୋଇଥିଲା। ଏଥିରେ ଓଡ଼ିଶା ଦଳକୁ ୭ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ ସମେତ ମୋଟ ୯ଟି ପଦକ ମିଳିଛି। ସବ୍‌ଜୁନିୟର ବାଳିକା ବର୍ଗ ସିଙ୍ଗଲ୍ସରେ ହରୁର ସିନ୍ଧୁ ସ୍ୱର୍ଣ୍ଣ ପଦକ, ଜୁନିୟର ବାଳକ ବର୍ଗ ସିଙ୍ଗଲ୍ସରେ ସଗନଦୀପ ସିଂ ସ୍ୱର୍ଣ୍ଣ, ଜୁନିୟର ବାଳିକା ଡବଲ୍ସରେ ରେଶ୍ମା କୁମାରୀ ମିଞ୍ଜ୍-ଦୀପିକା ଖେସ୍ ସ୍ୱର୍ଣ୍ଣ, ଖୁସ୍‌ପ୍ରୀତ କୌର-ସୋନାଲି ସ୍ୱାଇଁ ରୌପ୍ୟ ପଦକ, ଜୁନିୟର ବାଳକ ଡବଲ୍ସରେ କରନବୀର ସିଂ-ପ୍ରିଥ୍ମାନ ସିଂ ରୌପ୍ୟ ପଦକ ଜିତିଛନ୍ତି। ସିନିୟର ମହିଳାରେ ସଂଯୁକ୍ତା ଡୁଙ୍ଗଡୁଙ୍ଗ ସ୍ୱର୍ଣ୍ଣପଦକ ଜିତିଥିବା ବେଳେ ଡବଲ୍ସରେ ମଞ୍ଜୁଲା ଖେସ୍ ଓ ପ୍ରମିଳା ପ୍ରଭା ମିଞ୍ଜ୍‌ଙ୍କ ଯୋଡ଼ି ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଜୁନିୟର ମିକ୍ସ ବିଭାଗରେ ଓଡ଼ିଶାକୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ପ୍ରିଥ୍ମାନ ସିଂ, ଅରବିନ୍ଦର ସିଂ, ସୋନାଲି ସ୍ୱାଇଁ, ମଞ୍ଜୁଲା ଖେସ୍ ଏହି ପ୍ରତିଯୋଗିତାକୁ ଓହ୍ଲାଇଥିଲେ। ଓପନ ମିକ୍ସ କାଟେଗୋରିରେ ମଧ୍ୟ ଓଡ଼ିଶାକୁ ସ୍ୱର୍ଣ୍ଣପଦକ ମିଳିଥିଲା। ଓଡ଼ିଶା ଆସୋସିଏଶନ ଫର ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂଦେଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନାଡାଲଙ୍କୁ ୧୯ତମ ଗ୍ରାଣ୍ଡସ୍ଲାମ୍

**ନ୍ୟୁୟର୍କ, ୯।୯(ଏଏଫ୍‌ପି)**





ୟୁଏସ୍ ଓପନ୍ ଟ୍ରଫି ସହ ରାଫାଲ ନାଡାଲ

କ୍ଲେ କୋର୍ଟର ବାଦ୍‌ଶାହା କୁହାଯାଉଥିବା ରାଫାଲ ନାଡାଲ ଚତୁର୍ଥ ଥର ୟୁଏସ୍ ଓପନ ଟେନିସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ୫ ସେଟ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସେ ରୁଷିଆର ଡାନିଲ ମେଡ୍‌ଭେଡେଭ୍‌ଙ୍କୁ ୭-୫, ୬-୩, ୫-୭, ୪-୬, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏଥିସହିତ ସେ ତାଙ୍କ କ୍ୟାରିୟରର ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସ୍ପେନର ଏହି ୩୩ ବର୍ଷୀୟ ବାମହାତୀ ଟେନିସ ଖେଳାଳି ରୋଜର ଫେଡରରଙ୍କ ସର୍ବକାଳୀନ ପୁରୁଷ ଗ୍ରାଣ୍ଡସ୍ଲାମ ସଫଳତା ରେକର୍ଡ ସମକକ୍ଷ ହେବା ଲାଗି ଆଉ ମାତ୍ର ଗୋଟିଏ ପାଦ ପଛରେ ରହିଛନ୍ତି। ଫେଡରର ୨୦ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ରେକର୍ଡର ଅଧିକାରୀ ହୋଇଛନ୍ତି। ପୁନଶ୍ଚ ପ୍ରତିଯୋଗିତାର ଇତିହାସରେ ନାଡାଲ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହିସାବରେ ନ୍ୟୁୟର୍କ ଚାମ୍ପିୟନ ହୋଇଛନ୍ତି। ସବୁଠାରୁ ବୟସ୍କ ଖେଳାଳି ଭାବେ ଚାମ୍ପିୟନ ହେବାର ରେକର୍ଡ କେନ୍ ରୋଜ୍‌ୱେଲଙ୍କ ନାମରେ ରହିଛି। ସେ ୧୯୭୦ରେ ୩୫ବର୍ଷ ବୟସରେ ଟାଇଟଲ ବିଜୟୀ ହୋଇଥିଲେ। ନାଡାଲ କହିଛନ୍ତି, ରବିବାର ମୋ ଟେନିସ କ୍ୟାରିୟରର ସବୁଠାରୁ ଆବେଗପୂର୍ଣ୍ଣ ରାତି ଥିଲା। ଆର୍ଥର ଆଶେ ଷ୍ଟାଡିୟମରେ ନାଡାଲ ଚାମ୍ପିୟନ ଭାବେ ୩.୮୫ ନିୟୁତ ଡଲାର ପୁରସ୍କାର ରାଶି ପକେଟସ୍ଥ କରିଛନ୍ତି। ଏହା ପୂର୍ବରୁ ସେ ୨୦୧୦, ୨୦୧୩ ଏବଂ ୨୦୧୭ରେ ୟୁଏସ ଓପନ ଟ୍ରଫି ହାତେଇବାରେ ସଫଳ ହୋଇଥିଲେ। ନାଡାଲଙ୍କ ଏହା ଥିଲା ୫ମ ୟୁଏସ ଓପନ ଏବଂ ମୋଟ ଉପରେ ୨୭ତମ ଗ୍ରାଣ୍ଡସ୍ଲାମ ଫାଇନାଲ। ୩୦ ବର୍ଷ ବୟସ ହେବାପରେ ୫ ପ୍ରମୁଖ ଟାଇଟଲ ଜିତିବାରେ ସେ ପ୍ରଥମ ପୁରୁଷ ଖେଳାଳି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପୁନଶ୍ଚ ସ୍ପେନର ଏହି ଷ୍ଟାର ଟେନିସ ଖେଳାଳି ୧୯୪୯ରେ ଟେଡ୍ ସ୍କ୍ରୋଡରଙ୍କ ପରେ ପ୍ରଥମ ଖେଳାଳି ଭାବେ ଫାଇନାଲରେ ପ୍ରଥମ ଦୁଇ ସେଟ ଜିତିବା ଏବଂ ପରବର୍ତ୍ତୀ ୨ ସେଟ୍‌ରେ ପରାଜିତ ହୋଇ ୫ମ ସେଟ୍‌ରେ ବିଜୟ ଲାଭ କରି ଟାଇଟଲ ହାସଲ କରିବାରେ ପ୍ରଥମ ଖେଳାଳି। ଫାଇନାଲ ମ୍ୟାଚ ଦୀର୍ଘ ୪ ଘଣ୍ଟା ୫୦ ମିନିଟ ଧରି ଚାଲିଥିଲା। ୟୁଏସ ଓପନ ଇତିହାସରେ ସବୁଠାରୁ ଦୀର୍ଘତମ ଫାଇଇନାଲ ରେକର୍ଡର ସମକକ୍ଷ ହେବା ଲାଗି ଆଉ ୪ମିନିଟ ଆବଶ୍ୟକ ପଡୁଥିଲା। ଏଠାରେ ଦୀର୍ଘତମ ଫାଇନାଲ ଖେଳି ଟାଇଟଲ ଜିତିବା ରେକର୍ଡ ଉଭୟ ମ୍ୟାଟ୍ସ ୱିଲାଣ୍ଡର (୧୯୮୮) ଏବଂ ଆଣ୍ଡି ମୁରେ (୨୦୧୨)ଙ୍କ ନାମରେ ରହିଛି। ସର୍ବାଧିକ ୫ଥର ୟୁଏସ ଓପନ ଜିତିବା ରେକର୍ଡ ୩ଜଣ ଖେଳାଳି ଫେଡରର, ଜିମି କନର୍ସ ଏବଂ ପିଟ୍ ସାମ୍ପ୍ରାସଙ୍କ ନାମରେ ରହିଛି। ୧୯ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହଜ କଥା ନୁହେଁ ବୋଲି ମେଡଭେଡେଭ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ୫ମ ସିଡ୍ ୨୩ ବର୍ଷୀୟ ମେଡଭେଡେଭ ଯଦି ବିଜୟ ଲାଭ କରିଥାନ୍ତେ ତେବେ ଜୁଆନ ମାର୍ଟିନ ଡେଲପେଟ୍ରୋ (୨୦୦୯ ୟୁଏସ୍ ଓପନ)ଙ୍କ ପରେ ସର୍ବକନିଷ୍ଠ ପୁରୁଷ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇପାରିଥାନ୍ତେ। ସଦ୍ୟ ପ୍ରକାଶିତ ର୍‍ୟାଙ୍କିଂ ତାଲିକାରେ ଏହି ଖେଳାଳି ତାଙ୍କ କ୍ୟାରିୟର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ମେଡ୍‌ଭେଡେଭ ସିନ୍‌ସିନାଟିଠାରେ ଚାମ୍ପିୟନ ହୋଇଥିବାବେଳେ ମଣ୍ଟ୍ରିଲ, ୱାଶିଂଟନ ଏବଂ ୟୁଏସ ଓପନରେ ରନର୍ସ ଅପ୍ ହୋଇଛନ୍ତି।

### ନାଡାଲଙ୍କ ଗ୍ରାଣ୍ଡସ୍ଲାମ ତାଲିକା

ଅଷ୍ଟ୍ରେଲିଆନ ଓପନ୍– ୨୦୦୯

ଫ୍ରେଞ୍ଚ ଓପନ୍– ୨୦୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯

ୱିମ୍ବେଲଡନ– ୨୦୦୮, ୨୦୧୦,

ୟୁଏସ୍ ଓପନ୍: ୨୦୧୦, ୨୦୧୩, ୨୦୧୭, ୨୦୧୯

# ଅମୋଲ ମଜୁମ୍‌ଦାର ଦକ୍ଷିଣ ଆଫ୍ରିକା ବ୍ୟାଟିଂ କୋଚ୍



**ନୂଆଦିଲ୍ଲୀ, ୯।୯ (ପି.ଟି.)**

ମୁମ୍ବାଇ ଷ୍ଟଲ୍‌ୱାର୍ଟ ଅମୋଲ ମଜୁମ୍‌ଦାର ସୋମବାର ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଦକ୍ଷିଣ ଆଫ୍ରିକା ଅକ୍ଟୋବର ୨ରୁ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳିବ। ୪୪ ବର୍ଷୀୟ ଅମୋଲ ପ୍ରଥମ ଶ୍ରେଣୀ କ୍ରିକେଟରେ ୪୮.୧୩ ଆଭରେଜରେ ୧୧, ୧୬୭ ରନ କରିଛନ୍ତି। କିନ୍ତୁ ସେ ଭାରତ ତରଫରୁ ଖେଳିବା ଲାଗି କେବେ ସୁଯୋଗ ପାଇନାହାନ୍ତି। ମୋତେ ଗତ ସପ୍ତାହରେ ଅଫର ଆସିଥିଲା। ମୁଁ ଏହାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିଥିଲି। ଏହା ମୋ ପାଇଁ ବଡ଼ ସୁଯୋଗ ଥିଲା ବୋଲି ମଜୁମ୍‌ଦାର କହିଛନ୍ତି। ଆସାମ ଏବଂ ପରେ ଆନ୍ଧ୍ର ପାଇଁ ଖେଳିବା ପୂର୍ବରୁ ଅମୋଲ ମୁମ୍ବାଇ ତରଫରୁ ଅଧିକ ଦିନ ଧରି ପ୍ରତିନିଧିତ୍ୱ କରିଛନ୍ତି। ସେ ଲିଷ୍ଟ ଏ' କ୍ରିକେଟରେ ୩୨୮୬ ରନ ସ୍କୋର କରିଛନ୍ତି। ସେ ମଧ୍ୟ ଆଇପିଏଲ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ଏବଂ ନେଦରଲାଣ୍ଡ୍ସ ଜାତୀୟ ଦଳର ବ୍ୟାଟିଂ କୋଚ ଭାବେ କାର୍ଯ୍ୟ କରିସାରିଛନ୍ତି। ଅମୋଲଙ୍କୁ କେବଳ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ନିଯୁକ୍ତି ମିଳିଛି। ଅକ୍ଟୋବର ୨ରୁ ବିଶାଖାପାଟଣାଠାରେ ପ୍ରଥମ ଟେଷ୍ଟ ଖେଳାଯିବାକୁ ଥିବାବେଳେ ଅନ୍ୟ ଦୁଇଟି ପୁଣେ (ଅକ୍ଟୋବର ୧୦ରୁ ୧୪) ଏବଂ ରାଞ୍ଚି (ଅକ୍ଟୋବର ୧୯ରୁ ୨୩)ଠାରେ ଖେଳାଯିବ।

# ଖୋର୍ଦ୍ଧା ବାଳିକା ଦଳଗତ ଚାମ୍ପିୟନ

## ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା

**ଭୁବନେଶ୍ୱର, ୯।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ବ୍ରହ୍ମପୁରରେ ଦୁଇ ଦିନ ଧରି ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ବାଳିକା ଦଳଗତ ଚାମ୍ପିୟନ ହୋଇଛି। ଖୋର୍ଦ୍ଧା ବାଳିକା ବିଭାଗରେ ୧୫ ସ୍ୱର୍ଣ୍ଣ, ୬ରୌପ୍ୟ, ୪ ବ୍ରୋଞ୍ଜ ଜିତିଥିବାବେଳେ ୬ଜଣ ନୂଆ ରାଜ୍ୟ ରେକର୍ଡ କରିଛନ୍ତି। ରେକର୍ଡ ପ୍ରତିଷ୍ଠା କରିଥିବା ଖେଳାଳିମାନେ ହେଲେ ବୀଣା ସୋରେନ, ମୋତି ଜାନି, ଦେବକି ଖିଲୋ, ଅପରାଜିତା ଭୂୟାଁ, ଏମ୍. କୀର୍ତ୍ତି ଏବଂ କେ. ଅଭିଷିକ୍ତା। ସୋମବାର ଖୋର୍ଦ୍ଧା ଜିଲା ଭାରୋତ୍ତୋଳନ ସଂଘ ଏବଂ ଉତ୍କଳ କରାଟେ ସ୍କୁଲ ତରଫରୁ ବିଜେତା ଦଳକୁ ସମ୍ବର୍ଦ୍ଧିତ କରାଯାଇଥିବା ସଂଘର ସମ୍ପାଦକ ଜାନକୀ ବଲ୍ଲଭ ମିଶ୍ର ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ କୋଚ୍ ପି. ଧର୍ମାରାଓ, ଚନ୍ଦ୍ରଶେଖର ସାହୁ, ଲକିରାଣୀ ପାତ୍ର, କିରଣ ଡିଗଲ, ସୌମ୍ୟ ଖୁଣ୍ଟିଆ, ଶୁଭକାନ୍ତ ମଲିଆ, ବିବେକାନନ୍ଦ ସାହୁ, କାଜିମ୍ ପଞ୍ଜାବୀ ଏବଂ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖଙ୍କୁ ଅଭିନନ୍ଦନ ଜଣାଯାଇଛି।



ପ୍ରମାଣପତ୍ର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଆରମ୍ଭ



କ୍ରୀଡ଼ା ସଚିବ ବିଶାଲ ଦେବଙ୍କ ସହିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନରେ ବାହାରିଥିବା ଅଭିଯାତ୍ରୀ ଦଳ।

**ଭୁବନେଶ୍ୱର,୯।୯(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ସୋମବାର କ୍ରୀଡ଼ା ଓ ଯୁବ ବ୍ୟାପାର ସେବା ବିଭାଗ ସଚିବ ବିଶାଲ ଦେବ ୪ର୍ଥ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ଅଂଶଗ୍ରହଣ କରିଥିବା ଯୁବ ଆରୋହଣକାରୀଙ୍କୁ କ୍ରୀଡ଼ା ସଚିବ ଶୁଭେଚ୍ଛା ଜଣାଇବା ସହ ଶୁଭକାମନା କରିଛନ୍ତି। 'ଯୁବ ଆରୋହଣକାରୀଙ୍କ ପାଇଁ ହିମାଳୟାନ ଅଭିଯାନ ଏକ ବଡ଼ ଚ୍ୟାଲେଞ୍ଜ ହେବ' ବୋଲି ସେ କହିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକ ପାଳନ ଅବସରରେ ୨୦୧୬ଠାରୁ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ପ୍ରତିବର୍ଷ ହିମାଳୟାନ ଅଭିଯାନ ଆୟୋଜନ କରାଯାଇ ଆସୁଛି। ଯୁବା ପର୍ବତାରୋହୀଙ୍କୁ ଶୃଙ୍ଖଳା, ନେତୃତ୍ୱ ନେବାର ଦକ୍ଷତା ଓ ଟିମ୍ ସ୍ପିରିଟ୍ ଶିଖାଇବା ଦୁଃସାହସିକ ଅଭିଯାନର ଲକ୍ଷ୍ୟ। ମନୋନୀତ ହୋଇଥିବା ପ୍ରାର୍ଥୀମାନେ ଫିଟ୍‌ନେସ ଟେଷ୍ଟ ପରୀକ୍ଷା ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। ପର୍ବତାରୋହୀଙ୍କଠାରୁ ମିଳୁଥିବା ପ୍ରତ୍ୟୁତ୍ତର ଆମକୁ ହିମାଳୟ ଅଭିଯାନ ଜାରି ରଖିବାକୁ ପ୍ରୋତ୍ସାହିତ କରୁଛି ବୋଲି କ୍ରୀଡ଼ା ସଚିବ ଏହି ଅବସରରେ କହିଛନ୍ତି।

ଟାଟା ଷ୍ଟିଲ ଆଡଭେଞ୍ଚର ଫାଉଣ୍ଡେଶନ (ଟିଏସ୍‌ଏଏଫ୍) ସହଯୋଗରେ ଆୟୋଜିତ ବିଜୁ ପଟ୍ଟନାୟକ ହିମାଳୟାନ ଅଭିଯାନ ଚଳିତ ମାସ ୧୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଲେହ ଅଞ୍ଚଳରେ ମାଉଣ୍ଟ ଷ୍ଟକ୍ କାଙ୍ଗ୍ରି (୨୦,୧୮୭ ଫୁଟ)ଠାରେ ଅନୁଷ୍ଠିତ ହେବ। ଚୟନ ପାଇଁ ଆୟୋଜିତ ଦୁଇ ପର୍ଯ୍ୟାୟ ବିଶିଷ୍ଟ ପ୍ରସ୍ତୁତି କ୍ୟାମ୍ପରୁ ଶେଷରେ ୧୦ ବାଳକ ଓ ୫ ବାଳିକା ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ଜଣାଶୁଣା ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ପ୍ରତିଯୋଗୀମାନେ ମାଉଣ୍ଟ ଷ୍ଟକ ଗସ୍ତ କରିବେ। ପ୍ରଥମ ଭାରତୀୟ ମହିଳା ମାଉଣ୍ଟ ଏଭରେଷ୍ଟ ପର୍ବତାରୋହଣକାରୀ ପଦ୍ମଶ୍ରୀ ବଚେନ୍ଦ୍ରୀ ପାଲ ଏହାକୁ ଗାଇଡ୍ କରିବେ। ଏହି ପ୍ରୋଗ୍ରାମକୁ ସୁପରିଚାଳନା କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗର ପ୍ରୋଗ୍ରାମ ଅଫିସର ହରେଶ କୁମାର ମିଶ୍ର ଅଭିଯାତ୍ରୀ ଦଳଙ୍କ ସହ ଲେହସ୍ଥିତ ବେସ୍ କ୍ୟାମ୍ପ୍‌କୁ ଗସ୍ତ କରିବେ ବୋଲି ଜଣାପଡ଼ିଛି।

# ତାମିଲନାଡୁ, ମିଜୋରାମ ଚାମ୍ପିୟନ

## ଜାତୀୟ ସବ୍‌ଜୁନିୟର ବାସ୍କେଟବଲ୍

**କଟକ ଅଫିସ,୯।୯**

ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ୪୬ତମ ସଂସ୍କରଣ ସୋମବାର ସନ୍ଧ୍ୟାରେ ଏଠାରେ ଉଦ୍‌ଯାପିତ ହୋଇଛି। ବାଳକ ବର୍ଗରେ ମିଜୋରାମ ଓ ବାଳିକା ବର୍ଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ବାଳିକା ବର୍ଗରେ କର୍ଣାଟକ ଓ ବାଳକ ବର୍ଗରେ ମହାରାଷ୍ଟ୍ର ତୃତୀୟ ସ୍ଥାନ ହାସଲ କରିଥିଲେ।

ବାଳକ ବର୍ଗର ଫାଇନାଲରେ ମିଜୋରାମ ପଞ୍ଜାବକୁ ଭେଟିଥିଲା। ଏହି ମ୍ୟାଚ୍‌ଟି ଶେଷ କ୍ୱାର୍ଟର ପର୍ଯ୍ୟନ୍ତ ରୋମାଞ୍ଚକର ହୋଇଥିଲା। ପ୍ରଥମ କ୍ୱାର୍ଟରରେ ପଞ୍ଜାବ ୧୩-୧୨ ପଏଣ୍ଟରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ମିଜୋରାମ ସପକ୍ଷରେ ଯାଇଥିବା ବେଳେ ଏହି କ୍ୱାର୍ଟର ୨୨-୨୧ ପଏଣ୍ଟରେ ଶେଷ ହୋଇଥିଲା। ପୁର୍ନବାର ୩ୟ କ୍ୱାର୍ଟରରେ ପଞ୍ଜାବ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ୩୫-୩୪ ପଏଣ୍ଟରେ ଅଗ୍ରଣୀ ନେଇଥିଲା। ଗୋଟିଏ ଲେଖାଏ ପଏଣ୍ଟ ଅଗ୍ରଣୀରେ କ୍ୱାର୍ଟର ଗୁଡ଼ିକ ଶେଷ ହେଉଥିବା ବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଉଭୟ ଦଳ ପାଇଁ ଅତ୍ୟନ୍ତ ପ୍ରତିଦ୍ୱନ୍ଦିତା ମୂଳକ ପାଲଟିଥିଲା। ହେଲେ ମିଜୋରାମ ଅନ୍ତିମ କ୍ୱାର୍ଟରରେ ୧୭ ପଏଣ୍ଟ ସଂଗ୍ରହ କରିବା ସହ ପଞ୍ଜାବକୁ ପଛରେ ପକାଇ ଚାମ୍ପିୟନ ହୋଇଥିଲା। ମ୍ୟାଚ୍‌ଟି ୫୧-୪୬ ପଏଣ୍ଟରେ ଶେଷ ହୋଇଥିଲା। ବାଳିକା ବର୍ଗର ଫାଇନାଲରେ ତାମିଲନାଡୁ ୮୫-୬୭ ପଏଣ୍ଟରେ ମହାରାଷ୍ଟ୍ରକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ୧୮-୧୮ ପଏଣ୍ଟ ସଂଗ୍ରହ କରିଥିଲେ। ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟରରେ ତାମିଲନାଡୁ ଅଗ୍ରଣୀ ନେଇ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସଭାପତି ଅଶୋକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିଲେ। ଓଡ଼ିଶା କବାଡ଼ି ଆସୋସିଏଶନ ସଭାପତି ଶରତ କୁମାର ସାହୁ, ସମ୍ପାଦକ ଅଜୟ କୁମାର ବେହେରା, ଓଡ଼ିଶା ଆଥଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା, ବିଧାୟକ ଇଂ ମହମ୍ମଦ ମୋକିମ, ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ ସମ୍ପାଦକ ଚନ୍ଦ୍ରମୁଖୀ ଶର୍ମା, କୋଷାଧ୍ୟକ୍ଷ ଡ. ଭି. ରଘୋଥମନ, ଓଡ଼ିଶା ବାସ୍କେଟବଲ ଆସୋସିଏଶନ ସମ୍ପାଦକ ଜ୍ଞାନ ରଞ୍ଜନ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ।

## ଜାତୀୟ ଜୁନିୟର ମହିଳା ବକ୍ସିଂ

### ଓଡ଼ିଶାର ନୈରାଶ୍ୟଜନକ ପ୍ରଦର୍ଶନ

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି): ରୋହତକର ରାଜୀବଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ନ୍ୟାଶନାଲ ବକ୍ସିଂ ଏକାଡେମୀରେ ଚାଲିଥିବା ଜାତୀୟ ଜୁନିୟର ମହିଳା ବକ୍ସିଂ ଚାମ୍ପିୟନଶିପରେ ଓଡ଼ିଶା ପ୍ରତିଯୋଗୀମାନେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ରାନୀ ଦାସ(୪୪-୪୬ ଓଜନ ବର୍ଗ), ଅର୍ପିତା ଲାକ୍ରା(୪୬-୪୮), ଆୟୁଷ୍ମିତା ପାଣିଗ୍ରାହୀ(୫୨-୫୪), ରଜଲିଆ କୁଜୁର(୫୪-୫୭), ଅନୁରାଧା ଜେନା(୫୭-୬୦), ନୈନା ମୁଖି(୬୦-୬୩) ପ୍ରଥମ ରାଉଣ୍ଡରେ ହାରି ଯାଇଛନ୍ତି।



କଟକ ଜବାହରଲାଲ ଇନ୍‌ଡୋର ଷ୍ଟାଡିୟମ୍‌ରେ ଜାତୀୟ ସବ୍‌ଜୁନିୟର ବାସ୍କେଟ୍ ବଲ୍ ପ୍ରତିଯୋଗିତାରେ ବାଳିକାବର୍ଗ ଚାମ୍ପିୟନ ତାମିଲନାଡୁ ଦଳ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବାଳକବର୍ଗ ଚାମ୍ପିୟନ ମିଜୋରାମ ଦଳର ଖେଳାଳି।



“ଅଷ୍ଟ୍ରେଲିଆ ଆଶେସ ସଫଳତା ପରେ ବଲ୍ ଟ୍ୟାମ୍ପରିଂ ସ୍କାଣ୍ଡାଲ ଘଟଣା କ୍ରମେ ମନରୁ ନିଷ୍ପ୍ରଭ ହୋଇଯିବ।

–ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲିଆ ପେସ୍ ବୋଲର



“ୟୁଏସ୍ ଓପନ ଜିତିପାରି ନ ଥିଲେ ହେଁ ଗତ ୬ ସପ୍ତାହ ଧରି ହାର୍ଡକୋର୍ଟରେ ମୋ ପ୍ରଦର୍ଶନ ନେଇ ମୁଁ ବହୁତ ଖୁସୀ।

–ଡାନିଲ ମେଡ୍‌ଭେଡେଭ୍, ରୁଷୀୟ ଟେନିସ ଖେଳାଳି

## ସଂକ୍ଷେପରେ

### ନବୀଙ୍କ ଅବସର



ଚିଟ୍ଟାଗଙ୍ଗ,୯।୯(ପି.ଟି.): ଆଫଗାନିସ୍ତାନ ପୂର୍ବତନ ଅଧିନାୟକ ମହମ୍ମଦ ନବୀ ଟେଷ୍ଟ କ୍ରିକେଟରୁ ଅବସର ନେଇଛନ୍ତି। ଏଠାରେ ସୋମବାର ଶେଷଥିବା ଘରୋଇ ବାଂଲାଦେଶ ବିପକ୍ଷ ଏକମାତ୍ର ଟେଷ୍ଟ ୩୪ ବର୍ଷୀୟ ନବୀଙ୍କ ଶେଷ ମ୍ୟାଚ୍ ଥିଲା। ଏହି ମ୍ୟାଚରେ ବାଂଲାଦେଶକୁ ୨୨୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଆଫଗାନିସ୍ତାନ ଏହି ଭେଟେରାନ ଖେଳାଳିଙ୍କୁ ବିଜୟ ଭେଟି ଦେଇଛି। ଗତ ୧୮ ବର୍ଷ ହେବ ଆଫଗାନିସ୍ତାନ ପାଇଁ କ୍ରିକେଟ ଖେଳି ଆସୁଥିବା ଅଭିଜ୍ଞ ଅଲରାଉଣ୍ଡର ନବୀ ୩ଟି ଟେଷ୍ଟ ଖେଳି ୩୩ ରନ ଓ ୮ ଉଇକେଟ୍ ଅକ୍ତିଆର କରିଛନ୍ତି। ଗତ ବର୍ଷ ଭାରତ ବିପକ୍ଷରେ ସେ ଟେଷ୍ଟ ଖେଳିଥିଲେ ଓ ଏହା ଆଫଗାନିସ୍ତାନ ପାଇଁ ପ୍ରଥମ ଟେଷ୍ଟ ମ୍ୟାଚ୍ ଥିଲା। ଟେଷ୍ଟରୁ ଅବସର ନେଉଥିଲେ ମଧ ସେ ଦିନିକିଆ ଓ ଟି୨୦ ଖେଳିବା ଜାରି ରଖିବେ। ନବୀ ୧୨୧ଟି ଦିନିକିଆରୁ ୨, ୬୯୯ ରନ ସଂଗ୍ରହ କରିବା ସହ ୧୨୮ଟି ଉଇକେଟ ହାସଲ କରିଛନ୍ତି। ସେହିପରି ସେ ୬୮ ଟି୨୦ ମ୍ୟାଚ୍‌ରୁ ୧, ୧୬୧ ରନ୍ ୬୯ ଉଇକେଟ ନେଇଛନ୍ତି। ବାଂଲାଦେଶ ବିଜୟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାସଲ କରିଥିବା ରଶିଦ୍ ଖାଁ ଟ୍ରଫିକୁ ନବୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।

### ନେଟ୍‌ବଲ୍ ଟୁର୍ନାମେଣ୍ଟ
### କଟକ ସଦର ଡବଲ୍ ଚାମ୍ପିୟନ

କଟକ ସଦର, ୯।୯: କଟକ ସଦର ନେଟ୍ ବଲ୍ ଆସୋସିଏଶନ ଆନୁକୂଲ୍ୟରେ ଦୁଇ ଦିନିଆ ଟୁର୍ନାମେଣ୍ଟ କିଶୋରନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ସଦର ଦଳ ଉଭୟ ମହିଳା ଓ ପୁରୁଷ ବାଗରେ ଚାମ୍ପିୟନ ହୋଇଥିବାବେଳେ କଟକ ଜିଲା ଦଳ ରନର୍ସ ଅପ୍ ହୋଇଛି। ଅଧ୍ୟାପକ ଧରଣୀଧର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ପୋଲିସ ଅଧିକାରୀ ବାମଦେବ ସ୍ୱାଇଁ ମୁଖ୍ୟ ଅତିଥି, ଓଡ଼ିଶା ନେଟ୍‌ବଲ୍ ଆସୋସିଏଶନ ସଭାପତି ସର୍ବେଶ୍ୱର ବର୍ଦ୍ଧନ ଓ ସମ୍ପାଦକ ପ୍ରମୋଦ କିଶୋର ପଣ୍ଡା ସମ୍ମାନିତ ଅତିଥି ଏବଂ ପ୍ରଧାପକ କିଶୋର ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ କିଶୋରନଗର ଅଞ୍ଚଳର ବିଶିଷ୍ଟବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ରଣଜିତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

# କଳିଙ୍ଗରେ ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)



ହକି ବିଶ୍ୱକପ ସମେତ ଅନେକ ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରି ସାରିଥିବା କଳିଙ୍ଗ ଷ୍ଟାଡିୟମ ଉପରେ ଏବେ ପୁଣି କ୍ରୀଡ଼ାପ୍ରେମୀଙ୍କ ନଜର। ଏଠାରେ ଆଗାମୀ ନଭେମ୍ବରରେ ଆୟୋଜିତ ହେବ ଟୋକିଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସ ମ୍ୟାଚ। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳର ମ୍ୟାଚ ଏଠାରେ ନଭେମ୍ବର ୧ ଓ ୨ ତାରିଖରେ ଅନୁଷ୍ଠିତ ହେବ। ସୁଇଜରଲାଣ୍ଡର ଲାଉସାନେସ୍ଥିତ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍‌ଆଇଏଚ୍)ର ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଡ୍ର ଉଠାଣ ପରେ ଏହା ଚୂଡ଼ାନ୍ତ ହୋଇଛି। ଡ୍ର ଅନୁସାରେ ପରସ୍ପରକୁ ଭେଟିବାକୁଥିବା ଦଳ ଗୁଡ଼ିକ ୨ଟି ଲେଖାଏ ମ୍ୟାଚ ଖେଳିବେ। ବିଜେତା ଦଳ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ। ଉଚ୍ଚ ର୍‍ୟାଙ୍କ୍‌ପ୍ରାପ୍ତ ଦଳ ଘରୋଇ ପରିବେଶରେ ମ୍ୟାଚ ଖେଳିବା ନିୟମ ଥିବାରୁ ଭାରତ ଉଭୟ ମହିଳା ଓ ପୁରୁଷ ବିଭାଗ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଖେଳିବ।

ଟୋକିଓ ଅଲିମ୍ପିକ୍ସ ହକି କ୍ୱାଲିଫାୟର୍ସରେ ଭାରତୀୟ ପୁରୁଷ ଦଳ ରୁଷିଆ ଏବଂ ମହିଳା ଦଳ ଆମେରିକାକୁ ଭେଟିବ। ଲୋ ର୍‍ୟାଙ୍କିଙ୍ଗପ୍ରାପ୍ତ ରୁଷିଆକୁ ଭେଟିବାକୁ ଯାଉଥିବାରୁ ଭାରତୀୟ ପୁରୁଷ ଦଳପାଇଁ ଅଭିଯାନ ସହଜ ହେବ ବୋଲି ବିବେଚନା କରାଯାଉଛି। ତେବେ ମହିଳା ଦଳକୁ ଆମେରିକା ନିକଟରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ୮ ଥର ଅଲିମ୍ପିକ୍ ଚାମ୍ପିୟନ ଭାରତ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୫ମ ସ୍ଥାନରେ ଥିବାବେଳେ ରୁଷିଆର ର୍‍ୟାଙ୍କିଙ୍ଗ୍ ୨୨। ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦–୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ଅନ୍ତର୍ଜାତୀୟ ମହିଳା ହକି ର୍‍ୟାଙ୍କିଙ୍ଗରେ ଭାରତ ଏବେ ୯ମ ସ୍ଥାନରେ ରହିଛି। ଆମେରିକା ୪ଟି ସ୍ଥାନ ତଳେ ଥିଲେ ହେଁ କଡ଼ା ଟକ୍କର ଦେବାକୁ ସକ୍ଷମ। ଶେଷଥରପାଇଁ ଭାରତ ଓ ଆମେରିକା ଲଣ୍ଡନ ବିଶ୍ୱକପରେ ପରସ୍ପରକୁ ଭେଟିଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚଟି ୧–୧ ଗୋଲରେ ଡ୍ର ରହିଥିଲା। ତେଣୁ ରାଣୀ ରାମପାଲଙ୍କ ଭାରତ ପାଇଁ ଅଭିଯାନ ନିଶ୍ଚିତ କଷ୍ଟସାଧ ହେବ।

ଭାରତୀୟ ପୁରୁଷ ହକି ମୁଖ୍ୟ କୋଚ୍ ଗ୍ରାହାମ୍ ରିଡ୍ ଦଳର ଅଲିମ୍ପିକ୍ସ ଟିକେଟକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। “ଆମେ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ପାଇଁ ପ୍ରତିଶ୍ରୁତିବଦ୍ଧ। ଅଭ୍ୟାସ ସମୟରେ ଆମେ ଡିଫେନ୍ସରେ ରହିଥିବା ତ୍ରୁଟିକୁ ସୁଧାରୁଛୁ। ଟ୍ରେନିଂ ସହିତ କିଛି ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳି ଆମେ କ୍ୱାଲିଫାୟର୍ସ ପାଇଁ ପ୍ରସ୍ତୁତ ହୋଇଛୁ” ବୋଲି ରିଡ୍ କହିଛନ୍ତି। “ଆମେ ରୁଷିଆ ଦଳକୁ ଆଦୌ ହାଲ୍‌କା ଭାବେ ନେଉନାହୁଁ। କେବଳ ରୁଷିଆ ନୁହେଁ, ଆମେ କୌଣସି ଟୁର୍ନାମେଣ୍ଟରେ କୌଣସି ବି ଦଳକୁ ହାଲ୍‌କା ଭାବେ ନ ନେବାକୁ କୋଚ୍ ରିଡ୍ ପରାମର୍ଶ ଦେଇଛନ୍ତି। ପ୍ରତିପକ୍ଷ ଦଳକୁ ଆମେ ସବୁବେଳେ ସମ୍ମାନ ଦେଇଥାଉ। ରୁଷିଆ ଏକ ଭଲ ଦଳ। ତେଣୁ ଆତ୍ମସନ୍ତୋଷ ଲାଭ କରିବାର ପ୍ରଶ୍ନ ଉଠୁନାହିଁ। ଏହା ଅଲିମ୍ପିକ୍ କ୍ୱାଲିଫାୟର ହୋଇଥିବାରୁ ରୁଷିଆ ଏଥର ଭଲ ପ୍ରସ୍ତୁତ ହୋଇ ଆସିଥିବ ବୋଲି ମୁଁ ଦୃଢ଼ ନିଶ୍ଚିତ। ସୁଯୋଗ ପାଇଲେ ଏହି ଦଳ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ। ତେଣୁ ଆମେ ଆମ ଗେମ୍ ଉପରେ ଫୋକସ କରି ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ” ବୋଲି ଅଧିନାୟକ ମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

■ ଭାରତୀୟ ପୁରୁଷ ଦଳ ରୁଷିଆକୁ ଭେଟିବ

■ ମହିଳା ଦଳର ପ୍ରତିଦ୍ୱନ୍ଦ୍ୱୀ ଆମେରିକା

■ ନଭେମ୍ବର ୧, ୨ରେ ପୁରୁଷ ଏବଂ ମହିଳା ବିଭାଗ ମ୍ୟାଚ

ମହିଳା ହକି ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ମଧ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। “ଭାରତୀୟ ଦଳ ଗତ କିଛିମାସ ଧରି ଉତ୍ତମ ପ୍ରଦର୍ଶନ କରି ଆସୁଛି। ସମସ୍ତ ଖେଳାଳି ଆତ୍ମବିଶ୍ୱାସରେ ଅଛନ୍ତି ଏବଂ ଘରୋଇ ପରିବେଶରେ କ୍ୱାଲିଫାୟର୍ସ ଖେଳିବାକୁ ବ୍ୟଗ୍ର” ବୋଲି ମାରିଜନେ କହିଛନ୍ତି। ଅଲିମ୍ପିକ୍ କ୍ୱାଲିଫାୟର୍ସ ବ୍ୟତୀତ ଭାରତୀୟ ମହିଳା ଦଳ ଚଳିତ ମାସରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। “ଆମେ ଭଲଭାବେ ପ୍ରସ୍ତୁତ ହୋଇଥିବାରୁ ପ୍ରତିଦ୍ୱନ୍ଦ୍ୱୀ କିଏ ତାହାକୁ ନେଇ ଚିନ୍ତା କରୁନାହୁଁ। କେବଳ ମ୍ୟାଚ ଉପରେ ଆମର ଫୋକସ ରହିବ। ଆମକୁ କ୍ରମାଗତ ମ୍ୟାଚ ଖେଳିବାର ଅଛି। ତେଣୁ ଆମର ଯେଉଁ ବିଭାଗ ଦୁର୍ବଳ ଅଛି ତାହାକୁ ସୁଧାରି ମ୍ୟାଚ ଜିତିବାକୁ ଚେଷ୍ଟା କରିବୁ” ବୋଲି ଅଧିନାୟିକା ରାଣୀ ରାମପାଲ ପ୍ରକାଶ କରିଛନ୍ତି।

ଅଲିମ୍ପିକ୍ କ୍ୱାଲିଫାୟର୍ସରେ ଅନ୍ୟ ପୁରୁଷ ଦଳ ଗୁଡ଼ିକମଧ୍ୟରେ ନେଦରଲାଣ୍ଡ୍ସ ଘରୋଇ ପରିବେଶରେ ପାକିସ୍ତାନକୁ ଭେଟିବ। ସେହିପରି ଅଷ୍ଟ୍ରିଆକୁ ଜର୍ମାନୀ, ମାଲେସିଆକୁ ଗ୍ରେଟ୍ ବ୍ରିଟେନ, ଫ୍ରାନ୍ସକୁ ସ୍ପେନ, କୋରିଆକୁ ନ୍ୟୁଜିଲାଣ୍ଡ ଏବଂ ଆୟର୍ଲାଣ୍ଡକୁ କାନାଡ଼ା ଘରୋଇ ପରିବେଶରେ ଭେଟିବ। ମହିଳା ବିଭାଗରେ ରୁଷିଆକୁ ଅଷ୍ଟ୍ରେଲିଆ, ଇଟାଲିକୁ ଜର୍ମାନୀ, ଚିଲିକୁ ଗ୍ରେଟ୍ ବ୍ରିଟେନ, କୋରିଆକୁ ସ୍ପେନ, କାନାଡ଼ାକୁ ଆୟର୍ଲାଣ୍ଡ ଏବଂ ବେଲଜିୟମ ସହିତ ଚାଇନା ଘରୋଇ ପରିବେଶରେ ମ୍ୟାଚ ଖେଳିବ।

### କିଏ କାହାକୁ ଭେଟିବ

ଘରୋଇ-ବାହାର ପରିବେଶ

**ପୁରୁଷ ବିଭାଗ**

ସ୍ପେନ-ଫ୍ରାନ୍ସ (ଅକ୍ଟୋବର ୨୫ ଓ ୨୬)
ନେଦରଲାଣ୍ଡ୍ସ -ପାକିସ୍ତାନ (ଅକ୍ଟୋବର ୨୬ ଓ ୨୭)
କାନାଡ଼ା-ଆୟର୍ଲାଣ୍ଡ (ଅକ୍ଟୋବର ୨୬ ଓ ୨୭)
ଭାରତ-ରୁଷିଆ (ନଭେମ୍ବର ୧ ଓ ୨)
ନ୍ୟୁଜିଲାଣ୍ଡ-ଦକ୍ଷିଣ କୋରିଆ (ନଭେମ୍ବର ୨ ଓ ୩)
ଜର୍ମାନୀ-ଅଷ୍ଟ୍ରିଆ (ନଭେମ୍ବର ୨ ଓ ୩)
ଗ୍ରେଟ୍ ବ୍ରିଟେନ-ମାଲେସିଆ (ନଭେମ୍ବର ୨ ଓ ୩)

**ମହିଳା ବିଭାଗ**

ଅଷ୍ଟ୍ରେଲିଆ-ରୁଷିଆ (ଅକ୍ଟୋବର ୨୫ ଓ ୨୬)
ଚାଇନା-ବେଲଜିୟମ (ଅକ୍ଟୋବର ୨୫ ଓ ୨୬)
ସ୍ପେନ- ଦକ୍ଷିଣ କୋରିଆ (ଅକ୍ଟୋବର ୨୫ ଓ ୨୬)
ଭାରତ-ଆମେରିକା (ନଭେମ୍ବର ୧ ଓ ୨)
ଜର୍ମାନୀ-ଇଟାଲି (ନଭେମ୍ବର ୨ ଓ ୩)
ଗ୍ରେଟ୍ ବ୍ରିଟେନ-ଚିଲି (ନଭେମ୍ବର ୨ ଓ ୩)
ଆୟର୍ଲାଣ୍ଡ-କାନାଡ଼ା (ନଭେମ୍ବର ୨ ଓ ୩)

■ ବିଶ୍ୱ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍

# ଭାରତୀୟ ଦଳରେ ରାଖାଲ, ରମେଶ

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ଦକ୍ଷିଣ କୋରିଆର ଇଞ୍ଚିଅନଠାରେ ଚଳିତମାସ ୧୭ରୁ ୨୨ ପର୍ଯ୍ୟନ୍ତ ବିଶ୍ୱ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ମୋଟ ୪ ପ୍ରତିଯୋଗୀ ଅଂଶଗ୍ରହଣ କରିବାକୁ ଯାଉଥିବାବେଳେ ସେମାନଙ୍କ ମଧ୍ୟରେ ଓଡ଼ିଶାର ୨ ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ରାଖାଲ କୁମାର ସେଠୀ ଓ ଭି. ରମେଶ ରାଓ। କୋରିଆ ହୁଇଲଚେୟାର ଫେନ୍‌ସିଂ ସଂଘ ଆନୁକୂଲ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିପାରିଲେ ପ୍ରତିଯୋଗୀଙ୍କ ପାଇଁ ଟୋକିଓ ପାରାଅଲିମ୍ପିକ୍ସରେ ଭାଗନେବାର ସୁଯୋଗ ସୃଷ୍ଟି ହୋଇପାରିବ। ଚଳିତବର୍ଷ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିବାରୁ ରାଖାଲ ଓ ରମେଶଙ୍କୁ ଜାତୀୟ ଦଳରେ ସ୍ଥାନ ମିଳିଛି। ରାଖାଲ ଜାତୀୟ ପ୍ରତିଯୋଗିତାରେ ଦଳଗତ ୨ଟି ସ୍ୱର୍ଣ୍ଣ ଏବଂ ରମେଶ ବ୍ୟକ୍ତିଗତ ଏବଂ ଦଳଗତ ବିଭାଗରେ ମୋଟ ୩ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାପାଇଁ ପ୍ରତିଯୋଗୀଙ୍କୁ ନିଜର ସମସ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିବ ବୋଲି ସ୍ପଷ୍ଟ କରାଯାଇଛି। ଏଥିପାଇଁ ପାଖାପାଖି ୨ ଲକ୍ଷ ୧୬ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ରାଖାଲ ପ୍ରକାଶ କରିଛନ୍ତି। ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଥିବା ଅନ୍ୟ ୨ ପ୍ରତିଯୋଗ ହେଲେ ସନ୍ଦୀପ ଗୌରବ ଓ ବିନୟ ସାବ୍‌ଲେ।



ଭି. ରମେଶ ରାଓ ଓ ରାଖାଲ କୁମାର ସେଠୀ।

# ହ୍ୟାଟ୍ରିକ ବିଜୟ ସହ ସେମିରେ ଭାରତ

କଲମ୍ବୋ, ୯।୯

### ୧୯ ବର୍ଷରୁ କମ୍ ଏସିଆ କପ୍

ଶ୍ରୀଲଙ୍କାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ହ୍ୟାଟ୍ରିକ ବିଜୟ ହାସଲ କରିଛି। ସୋମବାର ଗ୍ରୁପ୍–ଏ’ର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଭାରତ ୩ ଉଇକେଟ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ କୁଏତ୍ (୭ ଉଇକେଟ୍) ଓ ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ (୬୦ ରନ୍)କୁ ପରାସ୍ତ କରିଥିବା ଭାରତ ଏଥିସହ ଟୁର୍ନାମେଣ୍ଟରେ ଲଗାତର ୩ୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତୀୟ ଦଳ ୩ ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଗ୍ରୁପ୍–ଏ’ରେ ଶୀର୍ଷ ସ୍ଥାନରେ ରହି ସେମିଫାଇନାଲରେ ପ୍ରବେଶ କରିଛି। ପରାଜୟ ସତ୍ତ୍ୱେ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିଛି। ଗୁରୁବାର ଭାରତ ପ୍ରଥମ ସେମିଫାଇନାଲ ଖେଳିବ। ମଙ୍ଗଳବାର ଗ୍ରୁପ୍–ବି’ର ଅନ୍ତିମ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ପରେ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହେବ।

ସ୍ଥାନୀୟ କଲମ୍ବୋ କ୍ରିକେଟ୍ କ୍ଲବ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଲୋ–ସ୍କୋରିଂ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଦୁଇ ଭାରତୀୟ ବୋଲର ସୁଶାନ୍ତ ମିଶ୍ର ଓ ଅଥର୍ବ ଆଙ୍କୋଲେକରଙ୍କୁ ସାମ୍ନା କରି ନ ପାରି ୪୦.୧ ଓଭରରେ ୧୨୪ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ଫର୍‌ହାନ ଜଖିଲ (୨୯), ସେଦିକୁଲ୍ଲା ଅଟଲ୍ (୨୫), ଉଇକେଟ୍‌କିପର ମହମ୍ମଦ ଇଶାକ୍ (୧୪) ଓ ଆବିଦୁଲ୍ଲା ତନିୱାଲ (୩୯)ଙ୍କୁ ଛାଡ଼ିଦେଲେ ବାକି ୮ଜଣ ବ୍ୟାଟ୍ସମ୍ୟାନ ୨ ଅଙ୍କବିଶିଷ୍ଟ ସ୍କୋର ଛୁଇଁପାରି ନ ଥିଲେ। ମଧ୍ୟଗତିର ବୋଲର ସୁଶାନ୍ତ ମିଶ୍ର (୯.୧–୨–୨୦–୫) ଓ ବାମହାତୀ ସ୍ପିନର ଆଙ୍କୋଲେକର (୯–୩–୧୬–୪) ମାରାତ୍ମକ ବୋଲିଂ କରିଥିଲେ। ପୂର୍ନକ ତ୍ୟାଗୀଙ୍କୁ ଗୋଟିଏ ଉଇକେଟ୍ ମିଳିଥିଲା। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଭାରତ ମଧ୍ୟକ୍ରମ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୩୮.୪ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଗଧାଡ଼ିର ୩ ବ୍ୟାଟ୍ସମ୍ୟାନ ଅର୍ଜୁନ ଆଜାଦ୍ (୨୧), ସାଲିଲ୍ ଆରୋରା (୨୯) ଓ ଶାଶ୍ୱତ ରାୱତ (୨୯) ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାପର ୪ ଜଣ ଖେଳାଳି ଅଧିନାୟକ ଧ୍ରୁବ ଜୋରେଲ (୦), ବରୁଣ ଲାଭାଣ୍ଡେ (୬), ତିଳକ ବର୍ମା (୧) ଓ ଆଙ୍କୋଲେକର (୭) ଶୀଘ୍ର ଆଉଟ୍ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ କରଣ ଲାଲ୍ ୧୩ ଓ ତ୍ୟାଗୀ ୧୧ ରନ କରି ଅପରାଜିତ ରହି ଦଳକୁ ଜିତାଇଥିଲେ। ଆଫଗାନିସ୍ତାନ ପକ୍ଷରୁ ନୁର୍ ଅହମ୍ମଦ ସର୍ବାଧିକ ୪ଟି ଉଇକେଟ୍ ନେଇଥିଲେ।



୫ ଉଇକେଟ୍ ହାସଲକାରୀ ସୁଶାନ୍ତ ମିଶ୍ର।

■ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍

# ଦୂତୀଙ୍କ ପାଇଁ ସୁଯୋଗ ରହିଛି

ଭୁବନେଶ୍ୱର, ୯।୯(କ୍ରୀଡ଼ା ପ୍ରତିନିଧି)

ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୭ମ ସଂସ୍କରଣ କାତାରର ଦୋହାଠାରେ ଚଳିତ ମାସ ୨୭ରୁ ଆରମ୍ଭ ହେବ। ଏହା ଅକ୍ଟୋବର ୬ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ୨୫ ଜଣିଆ ଭାରତୀୟ ଦଳ ଘୋଷିତ ହୋଇଛି। ଏଥିରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ଥାନ ପାଇନାହାନ୍ତି। ତେବେ ଦୂତୀଙ୍କ ପାଇଁ ସୁଯୋଗ ସରିଯାଇନାହିଁ। କାରଣ ବିଶ୍ୱ ଚାମ୍ପିୟନଶିପ୍‌ର ୧୦୦ ମିଟର ଇଭେଣ୍ଟରେ ୪୮ ପ୍ରତିଯୋଗୀ ଭାଗନେବାର ନିୟମ ରହିଛି। ବିଶ୍ୱ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ପାଇଁ ଧାର୍ଯ୍ୟ ୧୧.୨୪ ସେକେଣ୍ଡର ଟାଇମିଂକୁ ସ୍ପର୍ଶ କରି କୋଟା ପୂରଣ ହେବା ସମ୍ଭାବନା କମ୍। ଏ କ୍ଷେତ୍ରରେ ଆଇଏଏଏଫ (ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ୍ସ) ସଂଖ୍ୟା ପୂରଣ ପାଇଁ ଅନ୍ୟ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ସାମିଲ କରିବ। ଏ କ୍ଷେତ୍ରରେ ଦୂତୀଙ୍କ ପାଇଁ ସୁଯୋଗ ରହିବ। କାରଣ ଦୂତୀ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ୧୦୦ ମିଟରରେ ଚାମ୍ପିୟନ ହୋଇ ଇତିହାସ ରଚିଥିଲେ। ଏହା ବ୍ୟତୀତ ୧୦୦ ମିଟରରେ ତାଙ୍କର ଶ୍ରେଷ୍ଠ ଟାଇମିଂ ହେଉଛି ୧୧.୨୪ ସେକେଣ୍ଡ। ସେ ଜାତୀୟ ରେକର୍ଡର ଅଧିକାରିଣୀ ମଧ ରହିଛନ୍ତି। ତେଣୁ ସେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରି ନ ଥିଲେ ହେଁ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ, ନିକଟ ଅତୀତରେ ତାଙ୍କ ପ୍ରଦର୍ଶନ ଏବଂ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସଫଳତାକୁ ଭିତ୍ତିକରି ଶେଷ ମୁହୂର୍ତ୍ତରେ ଭାରତୀୟ ଦଳରେ ସାମିଲ ହୋଇପାରନ୍ତି। ଆଥଲେଟିକ୍ ଫେଡେରେଶନ ଅଫ ଇଣ୍ଡିଆ(ଏଏଫଆଇ) ପକ୍ଷରୁ ମଧ ଦୂତୀଙ୍କ ସମେତ ୩ ଜଣଙ୍କ ନାମ ଆଇଏଏଏଫ ନିକଟକୁ ସୁପାରିସ କରାଯାଇଛି। ଏହା ଦୂତୀଙ୍କ ଦାବିଦାରିକୁ ଅଧିକ ମଜଭୁତ କରିଛି।



# ଆଫଗାନିସ୍ତାନର ଐତିହାସିକ ବିଜୟ



ଟ୍ରଫି ସହ ଅଧିନାୟକ ରଶିଦ ଖାଁ।

ଚିଟ୍ଟାଗଙ୍ଗ (ବାଂଲାଦେଶ), ୯।୯ (ଏଏଫ୍‌ପି)

ଅଧିନାୟକ ତଥା ରଶିଦ ଖାଁଙ୍କ ଚମତ୍କାର ବୋଲିଂ ବଳରେ ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଅନୁଷ୍ଠିତ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶକୁ ୨୨୪ ରନର ବୃହତ୍ ବ୍ୟବଧାନରେ ପରାସ୍ତ କରି ଆଫଗାନିସ୍ତାନ ଐତିହାସିକ ବିଜୟ ହାସଲ କରିଛି। ୩୯୮ ରନର ଲକ୍ଷ୍ୟକୁ ପିଛା କରି ବାଂଲାଦେଶ ୧୭୩ ରନରେ ଅଲ୍‌ଆଉଟ୍ ହୋଇଥିଲା। ମ୍ୟାଚ୍‌ର ଅନ୍ତିମ ତଥା ୫ମ ଦିବସରେ ସୋମବାର ନାଟକୀୟ ଖେଳ ଦେଖିବାକୁ ମିଳିଥିଲା। ବିଜୟ ପାଇଁ ଆଫଗାନିସ୍ତାନକୁ ୪ ଉଇକେଟ୍ ଓ ବାଂଲାଦେଶକୁ ଆହୁରି ୨୬୨ ରନ ଆବଶ୍ୟକ ହେଉଥିବାବେଳେ ବର୍ଷା କିନ୍ତୁ ସବୁ ଓଲଟପାଲଟ କରିଦେଇଥିଲା। ଦିବସର ପ୍ରଥମ ଓ ୨ୟ ସେସନ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଅନ୍ତିମ ସେସନରେ ବର୍ଷା ଛାଡ଼ିବା ପରେ ଖେଳ ଆରମ୍ଭ ହୋଇଥିବାବେଳେ ଆଫଗାନିସ୍ତାନ ୧୭.୨ ଓଭରରେ ବଳକା ୪ ଉଇକେଟ୍ ଅକ୍ତିଆର କରି ବାଂଲାଦେଶକୁ ୧୭୩ ରନରେ ସୀମିତ ରଖିବା ସହ ସ୍ମରଣୀୟ ବିଜୟ ହାସଲ କରିଥିଲା। ପୂର୍ବଦିନର ଅପରାଜିତ ବ୍ୟାଟ୍ସମ୍ୟାନ ତଥା ଅଧିନାୟକ ଶାକିବ ଅଲ୍ ହାସନ ନିଜ ସ୍କୋରରେ ଆଉ ୫ ରନ ଯୋଡ଼ି ୪୪ ରନରେ ଆଉଟ୍ ହେବାପରେ ଘରୋଇ ଦଳର ଡ୍ର’ ଆଶା ମଉଳି ଯାଇଥିଲା। ଦ୍ୱିତୀୟ ଇନିଂସରେ ୬ ସହ ମ୍ୟାଚ୍‌ରେ ମୋଟ୍ ୧୧ ଉଇକେଟ୍ ହାସଲ କରି ଲେଗ୍–ସ୍ପିନର ରଶିଦ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୨୦ ବଲ୍ ବାକି ରହିଥିବାବେଳେ ସୌମ୍ୟ ସରକାରଙ୍କୁ ଆଉଟ୍ କରି ରଶିଦ୍ ଆଫଗାନିସ୍ତାନ ଶିବିରରେ ଖୁସିର ଲହରି ଖେଳାଇ ଦେଇଥିଲେ। ଆଫଗାନିସ୍ତାନ ଟେଷ୍ଟ ଇତିହାସରେ ୩ ମ୍ୟାଚ୍‌ରୁ ୨ୟ ବିଜୟ ଲାଭ କରିଛି। ଏହାପୂର୍ବରୁ ଦଳ ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ବିଜୟ ସ୍ୱାଦ ଚାଖିଥିଲା। ଏଥିସହ ଆଫଗାନିସ୍ତାନ କମ୍ ମ୍ୟାଚ୍ ଖେଳି ୨ ଟେଷ୍ଟ ଜିତିବାରେ ଅଷ୍ଟ୍ରେଲିଆ ସହ ସମକକ୍ଷ ହୋଇଛି। ଅଷ୍ଟ୍ରେଲିଆ ୧୮୭୯ରେ ୩ ମ୍ୟାଚ୍ ଖେଳି ୨ ବିଜୟ ଲାଭ କରିଥିଲା।

### ସଂକ୍ଷିପ୍ତ ସ୍କୋରः

**ଆଫଗାନିସ୍ତାନ ପ୍ରଥମ ଇନିଂସ–** ୩୪୨/୧୦
**ବାଂଲାଦେଶ ପ୍ରଥମ ଇନିଂସ–** ୨୦୫/୧୦
**ଆଫଗାନିସ୍ତାନ ୨ୟ ଇନିଂସ–** ୨୬୦/୧୦
**ବାଂଲାଦେଶ ୨ୟ ଇନିଂସ–** ୧୭୩/୧୦, ୬୧.୪ ଓଭର (ଇସଲାମ ୪୧, ଶାକିବ ୪୪, ମୁଶଫିକର ୨୩, ସୌମ୍ୟସର୍କାର ୧୫, ରଶିଦଖାଁ ୬/୪୯)

### ରଶିଦ୍‌ଙ୍କ କୃତିତ୍ୱ

- ସର୍ବକନିଷ୍ଠ ଅଧିନାୟକ ଭାବେ ଟେଷ୍ଟ ମ୍ୟାଚ୍ ଜିତିବାର କୀର୍ତ୍ତିମାନ ରଶିଦ ଖାଁ (୨୦ ବର୍ଷ, ୩୫୦ ଦିନ)ଙ୍କ ନାମରେ ଲିପିବଦ୍ଧ ହୋଇଛି।
- ଅଧିନାୟକ ଭାବେ ଗୋଟିଏ ଟେଷ୍ଟ ପଦାର୍ପଣ ମ୍ୟାଚ୍‌ରେ ୧୦ ଉଇକେଟ୍ ସହ ୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବାରେ ବିଶ୍ୱର ପ୍ରଥମ କ୍ରିକେଟର।
- ପ୍ରଥମ ଦେଶ ଭାବେ ବାଂଲାଦେଶ ୧୦ଟି ଭିନ୍ନ ଦେଶଠାରୁ ଟେଷ୍ଟ ମ୍ୟାଚ୍‌ରେ ପରାଜୟବରଣ କରିଛି।
- ରହମତ୍ ଶାହ (୧୦୨) ଆଫଗାନିସ୍ତାନର ପ୍ରଥମ ଟେଷ୍ଟ ଶତକ ହାସଲକାରୀ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

### କମ୍ ମ୍ୟାଚ୍ ଖେଳି ୨ ଟେଷ୍ଟ ଜିତିଥିବା ଦେଶ

| ଦେଶ | ମ୍ୟାଚ୍ |
|---|---|
| ଅଷ୍ଟ୍ରେଲିଆ | ୩ |
| ଆଫଗାନିସ୍ତାନ | ୩ |
| ଇଂଲଣ୍ଡ | ୪ |
| ପାକିସ୍ତାନ | ୯ |
| ୱେଷ୍ଟଇଣ୍ଡିଜ | ୧୨ |
| ଦକ୍ଷିଣ ଆଫ୍ରିକା | ୧୩ |
| ଶ୍ରୀଲଙ୍କା | ୨୦ |
| ଭାରତ | ୩୦ |
| ଜିମ୍ବାୱେ | ୩୧ |
| ନ୍ୟୁଜିଲାଣ୍ଡ | ୫୫ |
| ବାଂଲାଦେଶ | ୬୦ |

## ସଂକ୍ଷେପରେ

### ସିନେ କଳାକାରଙ୍କ କାର ଧକ୍କାରେ ଯୁବକ ଗୁରୁତର

ପାତ୍ରପଡ଼ା,୯।୯(ଡି.ଏନ୍.ଏ.): ଖଣ୍ଡଗିରି ଥାନା ଅନ୍ତର୍ଗତ ଶ୍ୟାମପୁର ନିକଟରେ ସୋମବାର ରାତିରେ ଜଣେ ଓଡ଼ିଆ ସିନେ କଳାକାରଙ୍କ କାର ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରଞ୍ଜନ ନାୟକ। ଏହା ପରେ ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା କାରକୁ ଅଟକାଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ସୂଚନା ଅନୁଯାୟୀ, ଶ୍ୟାମପୁର ଅଞ୍ଚଳରେ ଓଡ଼ିଆ ଫିଲ୍ମ ଶୁଟିଂ ଚାଲିଥିଲା। ଜଣେ କଳାକାର ଆସିଥିବା ଏକ ନମ୍ବର ବିହୀନ କାର ଶୁଟିଂ ସେଟ ନିକଟରେ ଛିଡା ହୋଇଥିବା ବେଳେ ଚାଳକ ଜଣକ କାରକୁ ପଛକୁ ନେଉଥିଲେ। ଏହି ସମୟରେ ସେଠାରେ ଶୁଟିଂ ଦେଖୁଥିବା ରଞ୍ଜନଙ୍କୁ କାରଟି ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡିଯାଇଥିଲେ। ଧକ୍କା ଦେବା ପରେ ଲୋକମାନେ ହୋ ହଲ୍ଲା କରିବାରୁ ଚାଳକ ଗାଡିକୁ ଆଗକୁ ନେଉଥିବା ବେଳେ ଲୋକମାନେ କାରକୁ ଘେରିଯାଇଥିଲେ। ପରେ ଶୁଟିଂ ସେଟର କଳାକାରମାନେ କାର ଛାଡି ଘଟଣାସ୍ଥଳରୁ ପଳାଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏହା ସହ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ଜରିମାନାକୁ ନେଇ ପୋଲିସ-ଜନତା ଖଣ୍ଡଯୁଦ୍ଧ ଘଟଣା, ୯ ଗିରଫ

ଭୁବନେଶ୍ୱର,୯।୯(ବ୍ୟୁରୋ): ମୋଟରଯାନ ଆଇନ କଡ଼ାକଡ଼ିକୁ ବିରୋଧ କରି ରାଜମହଲ ଛକରେ ପୋଲିସ ଏବଂ ଜନସାଧାରଣଙ୍କୁ ଆକ୍ରମଣ ଏବଂ ଟେକା ପଥର ମାଡ କରିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ଅଶୋକ ନଗରସ୍ଥିତ ଏକ ଦୋକାନରେ କାର୍ଯ୍ୟ କରୁଥିବା ଜଗତ୍‌ସିଂହପୁର ଅଞ୍ଚଳର ଟୁଲୁ ବେହେରା(୨୨), ବାଲେଶ୍ୱର ଅଞ୍ଚଳର ପ୍ରମୋଦ କୁମାର ଦାସ(୨୨), ଜଗତ୍‌ସିଂହପୁର ଅଞ୍ଚଳର କୈଳାସ ଚନ୍ଦ୍ର ସାହୁ, ଖୋର୍ଦ୍ଧା ଅଞ୍ଚଳର ପବିତ୍ର କୁମାର ବେହେରା, ପିପିଲି ଅଞ୍ଚଳର ସଞ୍ଜୟ ବେହେରା(୨୩) ଓ ଏହି ଥାନା ଅଧୀନ ବାପୁଜୀ ନଗର ପାଣୀଟାଙ୍କୀ ଅଞ୍ଚଳରେ ରହୁଥିବା ଏନ୍. ଅଭି ରେଡ୍ଡୀ(୩୧), ବାପୁଜୀ ନଗରସ୍ଥିତ ଏକ ହୋଟେଲରେ କାର୍ଯ୍ୟରତ କର୍ମଚାରୀ ସୁବାସ ଚନ୍ଦ୍ର ମହାନ୍ତ, ରାଜା ନାୟକ, ବନମାଳୀ ଜାଲି। ସୂଚନା ମୁତାବକ, ମୋଟର ଯାନ ଆଇନ କଡାକଡିକୁ ନେଇ ପୋଲିସ ଏବଂ ଜନତା ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ସମୟରେ କେତେକ ଯୁବକ ଉତ୍ୟକ୍ତ ହୋଇ ଢେଲା ପଥର ଓ କାଚବୋତଲ ଫୋପାଡି ଥିଲେ। ଏ ନେଇ ପୋଲିସ ଲାଠିଚାର୍ଜ କରିବା ସହ ଫ୍ଲାଗ ମାର୍ଚ୍ଚ ପରେ ପରସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏହି ଘଟଣାରେ ରବିବାର ଲକ୍ଷ୍ମଣ ଖମାରୀ, ରାଜେଶ କୁମାର ସାହୁ, ବିଜୟ କୁମାର ସାହୁ ଓ ସୌଭାଗ୍ୟ ସାହୁଙ୍କୁ ଗିରଫ କରାଯାଇ ବେଳେ ସୋମବାର ଆଉ ୯ ଜଣଙ୍କୁ ଧରିଛି।

# ବାହ୍ୟଜଗତରୁ ବିଚ୍ଛିନ୍ନ ୧୩ ଗାଁ

ଖୋର୍ଦ୍ଧା ଅଫିସ,୯।୯

ରାଜୁଆ ନଦୀର ଜଳ ମହାନଦୀ ଓ ଚିଲିକାକୁ ନିଷ୍କାସନ ହୋଇ ପାରୁ ନ ଥିବାରୁ ଖୋର୍ଦ୍ଧା ଜିଲାର ଓରବରସିଂହ ଓ ନରଣଗଡ ପଞ୍ଚାୟତର ୧୩ଟି ଗ୍ରାମରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖଳା, ଦୁର୍ଗାପୁର, ଓରବରସିଂ, ମଶାଣିଆ, ତେନ୍ତୁଳିମୂଳ, ରାୟପୁର, ବାଲିକୁଦ, ଲେଖନପୁର, କୃଷ୍ଣପୁର ଓ ନରଣଗଡ ପଞ୍ଚାୟତର ଓରିମି, ମାନପୁର ଓ ଧବଳପୁର ଗ୍ରାମରେ ବନ୍ୟା ଦେଖାଯାଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦରେ ଗେଟ୍ ଖୋଲିବା ଦ୍ୱାରା ମହାନଦୀର ଶାଖାନଦୀ ରାଜୁଆ ନଦୀରେ ବନ୍ୟାଜଳ ବଢୁଛି। ହିରିମୂଳ ଗାଁ ଦାଣ୍ଡରେ ସାଢ଼େ ୨ଫୁଟର ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଯାତାୟାତ ପାଇଁ ଡଙ୍ଗା ରହିଛି। ଗ୍ରାମବାସୀଙ୍କ ନିକଟରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳି ନ ଥିବା ବେଳେ ବନ୍ୟା ପାଣି ବଢୁ ଥିବାରୁ ସାଧାରଣରେ ଭୟ ଦେଖାଦେଇଛି। ଅନ୍ୟପକ୍ଷରେ ନରଣଗଡ, ଓରବରସିଂ, ଗୋଳବାଇ, ଶରଧାପୁର, ବ୍ରଜମୋହନପୁର ପଞ୍ଚାୟତର ଚତୁଃପାର୍ଶ୍ୱରେ ଥିବା ଜମି ଉପରେ ୫ରୁ ୬ଫୁଟର ବନ୍ୟାଜଳ ଲହଡି ମାରୁଥିବା ଦେଖିବାକୁ ମିଳିଛି।



ହିରିମୂଳ ଗାଁ ବନ୍ୟା ଆଶ୍ରୟସ୍ଥଳୀକୁ ବନ୍ୟାଜଳ ଛୁଇଁଛି।



ଗାଁ ଦାଣ୍ଡରେ ପ୍ରବାହିତ ବନ୍ୟାଜଳ।

- ହିରିମୂଳ ଗାଁ ଦାଣ୍ଡରେ ସାଢ଼େ ୨ଫୁଟ ପାଣି
- ଧାନ ଫସଲ ଉପରେ ୬ଫୁଟର ବନ୍ୟାଜଳ

### ବାରମ୍ବାର ବନ୍ୟାରେ ଧାନ ଫସଲ ନଷ୍ଟ

ଗତ ଅଗଷ୍ଟ ମାସରେ ହୋଇଥିବା ବନ୍ୟାରେ ଧାନ ଫସଲ ନଷ୍ଟ ହୋଇଯାଇଥିଲା। ପୁଣି ଧାନଜମି ଉପରେ ବନ୍ୟାଜଳ ଜମି ରହିଛି। ନରଣଗଡ, ଓରବରସିଂ, ଗୋଳବାଇ, ଶରଧାପୁର ବ୍ରଜମୋହନପୁର ପଞ୍ଚାୟତରେ ବାରମ୍ବାର ବନ୍ୟା ଯୋଗୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାରୀ ସହାୟତା ମିଳୁ ନ ଥିବା ବେଳେ କ୍ଷତି ହୋଇଚାଲିଛି।

### ରାସ୍ତାରେ ପଟୁମାଟି

ମଲାଗୁଣୀ ନଦୀର ଜାମୁଝରୀ ନାଳରେ ବନ୍ୟା ଯୋଗୁ ଟାଙ୍ଗୀ ବ୍ଲକର ହଳଦୀପଦର ଓ ଭଗବତୀପଡା ଗ୍ରାମରେ ବନ୍ୟା ଜଳ ଜମି ରହିଥିଲା। ବନ୍ୟାଜଳ ହଟିବା ପରେ ରାସ୍ତା ଉପରେ ପଟୁ ମାଟି ରହିଛି। ଫଳରେ ରାସ୍ତାରେ ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଚାଷଜମି ଉପରେ ବନ୍ୟାଜଳ ଜମି ରହିଥିବା ଦେଖିବାକୁ ମିଳିଛି।

# ବିପଦସଙ୍କେତ ଉପରେ ଦୟା

କଣାସ, ୯।୯(ସ୍ୱ.ପ୍ର.)

ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଯୋଗୁ ହୀରାକୁଦରୁ କେତୋଟି ଗେଟ୍ ଖୋଲାଯିବା ଦ୍ୱାରା କଣାସ ଅଞ୍ଚଳରେ ପ୍ରବାହିତ ହେଉଥିବା ଦୟା, ରାଜୁଆ, ମକରା, ଲୁଣାନଦୀର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। କଣାସଠାରେ ଦୟାନଦୀ ବିପଦସଙ୍କେତ ଉପରେ ପ୍ରବାହିତ ହେଉଥିବା ଜଣାପଡିଛି। କଣାସଠାରେ ଦୟାନଦୀର ବିପଦସଙ୍କେତ ୩.୯୯ ମିଟର ଥିବା ବେଳେ ସୋମବାର ୪.୯୦ ମିଟର ଉଚ୍ଚରେ ଜଳ ପ୍ରବାହିତ ହେବାରୁ କଣାସର ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡିଛି। ଦୟା ଏବଂ ରାଜୁଆ ନଦୀର ମଧ୍ୟବର୍ତ୍ତୀ ଗ୍ରାମପଞ୍ଚାୟତ ଦୋକନ୍ଦା, ବଡାସ, ଗଡବଳଭଦ୍ରପୁର, ପାଣ୍ଡିଆକେରା, ଗଡବଡପୁଟ, ଗଡସାନପୁଟ ଗ୍ରାମପଞ୍ଚାୟତ ଜଳମଗ୍ନ ହୋଇଛି। ଅତ୍ୟଧିକ ବର୍ଷାଯୋଗୁ ଦୟା ଓ ଲୁଣା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଲୋଚନପୁର, କଣାସ, ସିରେଇ, ବିଜିପୁର, ଅଣ୍ଡାରସିଂହ, ବିନ୍ଧଣ, ଖଣ୍ଡହତା, ଆଳିବାଡ, ଜାମଳଗୋଦା, ଗଡିଶାଗୋଦା ଏବଂ ଗଡସାହି ପଞ୍ଚାୟତର ଧାନ ଜମିରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଲହଡି ଭାଙ୍ଗୁଛି। ପୁରୀ ଓ ଖୋର୍ଦ୍ଧା ଜଳସେଚନ ବିଭାଗରୁ ନଦୀ ବନ୍ଧର ସୁରକ୍ଷା ପାଇଁ ନଜର ରଖାଯାଇଥିବା କଣାସ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କଠାରୁ ସୂଚନା ମିଳିଛି।



ଦୟା ନଦୀରେ ଆସିଥିବା ବନ୍ୟାଜଳ।

■ ଲୋକନାଥ ମନ୍ଦିର ବେଢ଼ାରେ ୨ ଫୁଟର ପାଣି

# ଦର୍ଶନ ନ କରି ଫେରିଲେ ଭକ୍ତ

ପୁରୀ ଅଫିସ, ୯।୯

**ଜଳ ନିଷ୍କାସନ ପାଇଁ ସ୍ଥାୟୀ ପ୍ରତିକାର ଦାବି**



ଲୋକନାଥ ମନ୍ଦିର ପରିସରରେ ଜମିଥିବା ପାଣି।

ଶ୍ରୀଲୋକନାଥ ମନ୍ଦିର ବେଢାରେ ଜମିଛି ପ୍ରାୟ ୨ଫୁଟର ପାଣି। ଫଳରେ ପ୍ରଭୁ ଲୋକନାଥଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବା ଲାଗି ହଟହଟା ହେଉଛନ୍ତି ଭକ୍ତ ଏବଂ ସେବାୟତ। ସୋମବାର ଠାକୁରଙ୍କ ଦର୍ଶନ କରି ନ ପାରି ଭକ୍ତମାନେ ଫେରିଯାଉଥିବା ଦେଖିବାକୁ ମିଳିଥିଲା। ବେଢାର ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବାବେଳେ ଏଣେତେଣେ ଅଳିଆ ଆବର୍ଜନା ଭାସି ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ମନ୍ଦିର ଭିତରେ ପାଣି ଜମୁଥିଲେ ମଧ୍ୟ ନିଷ୍କାସନ ଲାଗି କୌଣସି ପ୍ରକାର ସ୍ଥାୟୀ ପ୍ରତିକାର କରାଯାଉନାହିଁ। ଏହାକୁ ନେଇ ସେବାୟତ, ଭୋଗ ଦୋକାନୀ ଏବଂ ଶ୍ରଦ୍ଧାଳୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅସରାଏ ବର୍ଷା ହେଲେ ଲୋକନାଥ ମନ୍ଦିର ପରିସର ଜଳମଗ୍ନ ହୋଇପଡୁଛି। ନିଷ୍କାସନ ସୁବିଧା ନ ଥିବାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ଜମି ରହୁଛି। ଗତ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ମନ୍ଦିର ବେଢା ନିକଟସ୍ଥ ପାର୍ବତୀ ସାଗର ଜଳପୂର୍ଣ୍ଣ ହୋଇଯାଇଛି। ବେଢାରୁ ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ଏଥିଯୋଗୁ ସେବାୟତ ଓ ଭକ୍ତ ହଇରାଣ ହେଉଛନ୍ତି। ସୋମବାର ପ୍ରଭୁ ଲୋକନାଥଙ୍କ ଦର୍ଶନ ଲାଗି ସକାଳେ ବହୁସଂଖ୍ୟକ ଶ୍ରଦ୍ଧାଳୁ ଆସିଥିଲେ। ହେଲେ ବେଢାରେ ପାଣି ଦେଖି ଅସନ୍ତୋଷ ବ୍ୟକ୍ତ କରି ମନ୍ଦିର ପାହାଚରୁ ଠାକୁରଙ୍କୁ ମୁଣ୍ଡିଆ ମାରି ଫେରିଯାଇଥିଲେ।

ସେବାୟତ ନିଯୋଗ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ବର୍ଷା ହେଲା ମାତ୍ରେ ମନ୍ଦିର ବେଢାରେ ପାଣି ଜମିବା ଏକପ୍ରକାର ନିଶ୍ଚିତ। ଏହାଦ୍ୱାରା ଠାକୁରଙ୍କ ସେବା ପୂଜା କରିବାରେ ସେବାୟତମାନେ ଯେତିକି ହଇରାଣ ହେଉଛନ୍ତି ଅଧିକ ସମସ୍ୟାରେ ପଡୁଛନ୍ତି ଭକ୍ତ। ଏମିତି କି ଥରେ ଥରେ ୨/୩ ଫୁଟ ଉଚ୍ଚର ପାଣି ଦୀର୍ଘଦିନ ଧରି ଜମି ରହିବା ନଜିର ରହିଛି। ବେଢା ପରିସରରୁ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ହେବା ଦରକାର। ପାଣି ଜମିରହି ସାପ, ବିଷାକ୍ତ ପୋକଜୋକ ଭାସୁଥିବାରୁ ଭକ୍ତଙ୍କୁ ଭିତରକୁ ଛଡ଼ାଯାଉନାହିଁ। ସେମାନେ ବାହାରେ ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଫେରୁଛନ୍ତି। ସେହିପରି ଲୋକନାଥ ମନ୍ଦିର ମ୍ୟାନେଜର ଅପର୍ଣ୍ଣ ପରିଡ଼ା କହିଛନ୍ତି, ଏହି ମନ୍ଦିର ଖାଲୁଆ ଅଞ୍ଚଳରେ ରହିଛି। ମନ୍ଦିର ପରିସରରେ ଜଳ ନିଷ୍କାସନ ଲାଗି କୌଣସି ବ୍ୟବସ୍ଥା ନାହିଁ। ତେଣୁ ବର୍ଷା ହେଲେ ପାର୍ବତୀ ସାଗରର ଜଳପତ୍ତନ ଯାହା ରହୁଛି ମନ୍ଦିର ବେଢାରେ ସେହି ଉଚ୍ଚତାର ପାଣି ଜମୁଛି। ବର୍ତ୍ତମାନ ପାର୍ବତୀ ସାଗର ଜଳପୂର୍ଣ୍ଣ ରହିଥିବାରୁ ବେଢାରେ ପ୍ରାୟ ୨ଫୁଟ ଉଚ୍ଚର ପାଣି ଜମିଛି। ତଥାପି ଜଳ ନିଷ୍କାସନ ଲାଗି ବାହାର ବେଢାରେ ଗୋଟିଏ ପମ୍ପ ପଡ଼ିଛି। ପାର୍ବତୀ ସାଗରର ଜଳପତ୍ତନ ନ କମିଲେ ବେଢା ଭିତରୁ ପାଣି ଛାଡ଼ିବ ନାହିଁ। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି, ଅଗ୍ନିଶମ ବିଭାଗ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି।

### ଲିଙ୍ଗରାଜଙ୍କ ଜମିକୁ ବିକାଶ କାର୍ଯ୍ୟରେ ଲଗାଇବାକୁ ଦାବି

ପୁରୁଣା ଭୁବନେଶ୍ୱର, ୯।୯(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ବହୁ ମୂଲ୍ୟବାନ ଜମିକୁ ହଡ଼ପ କରାଯାଉଛି। କିଏ ନାଲି ଆଖି ଦେଖାଇ କୋଠା ନିର୍ମାଣ କରିଛି ତ ଆଉ କିଏ ମାଡ଼ି ବସିଥିବା ଜମିକୁ ଚଞ୍ଚକତା କରି ଅନ୍ୟକୁ ବିକ୍ରି କରିଦେଲାଣି। ଏସବୁ ଜମି ଉଦ୍ଧାର ପାଇଁ ମନ୍ଦିର ପ୍ରଶାସନ ନାକେଦମ ହୋଇଥିବା ବେଳେ ବର୍ଷ ବର୍ଷ ଧରି କୋର୍ଟ କଚେରିରେ ମାମଲା ଝୁଲି ରହୁଛି। ଅପରପକ୍ଷେ ସେବାୟତଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ବଢୁଥିବାରୁ ଠାକୁର ଓପାସ ରହୁଛନ୍ତି। ଏପିରିସ୍ଥଳେ ଠାକୁରଙ୍କ ନାମରେ ରାଜ୍ୟ ଓ ବାହାରେ ରହିଥିବା ସମ୍ପତିର ସ୍ଥିତାବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ମହାପ୍ରଭୁଙ୍କ ସମ୍ପତ୍ତିକୁ ଉଦ୍ଧାର କରି ମନ୍ଦିର ବିକାଶ କାମରେ ବ୍ୟବହାର ହେଉ ଓ ଜମି ଚାରିପଟେ ବାଡ଼ ନିର୍ମାଣ କରାଯାଉ ବୋଲି ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ସୁଶାନ୍ତ ସାହୁ ମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଲିଙ୍ଗରାଜ ମନ୍ଦିର ପ୍ରଶାସନର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପତ୍ର ମାଧ୍ୟମରେ ବିଭିନ୍ନ ଗଠନମୂଳକ ପରାମର୍ଶ ଦେଇଥିବା ଜଣାଯାଇଛି। ମହାପ୍ରଭୁଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ଚିହ୍ନଟ ଓ ତଥ୍ୟାୟନ ହେବା ସହ ସର୍ବସାଧାରଣଙ୍କ ସୂଚନାର୍ଥେ ପ୍ରକାଶ କରାଯିବାକୁ ସେ ନିବେଦନ କରିଛନ୍ତି। ସେହିପରି ଜବରଦଖଲ କରାଯାଇଥିବା ଜମିରେ ପୁଷ୍ପ ଉଦ୍ୟାନ, ଗୋଶାଳା, ଯାତ୍ରୀନିବାସ, ସଂଗ୍ରହାଳୟ, ଶୈବଶାକ୍ତ ଗବେଷଣା କେନ୍ଦ୍ର, ପାଠାଗାର, କୋରାଖଇର ଶିଳ୍ପ, ଗରିବଙ୍କ ପାଇଁ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, ବ୍ୟାୟାମଶାଳା, ଯୋଗକେନ୍ଦ୍ର, ବାତ୍ୟା ଆଶ୍ରୟସ୍ଥଳୀ ଆଦି ଉନ୍ନୟନ ପ୍ରକଳ୍ପ ନିର୍ମାଣ କରାଗଲେ ସାଧାରଣ ଜନତା ଓ ମନ୍ଦିର ବିକାଶ ସମ୍ଭବ ହୋଇପାରନ୍ତା ବୋଲି ସାହୁ ମତ ରଖିଛନ୍ତି।

■ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ବିଜ୍ଞପ୍ତି ରଦ୍ଦ ପାଇଁ ହାଇକୋର୍ଟରେ ମାମଲା

କଟକ ଅଫିସ, ୯।୯

ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ଏକ କମିଟି ଗଠନ କରିବା ସହ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତାହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତି ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରି ଗଠିତ କମିଟି ଓ ବିଜ୍ଞପ୍ତିକୁ ରଦ୍ଦ କରିବାକୁ ନିବେଦନ କରିଛନ୍ତି। ଏହି ମାମଲାରେ ଆବେଦନକାରୀ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ଏବଂ ହାଇକୋର୍ଟ ରେଜିଷ୍ଟ୍ରାର୍‌ଙ୍କୁ ପକ୍ଷଭୁକ୍ତ କରିଛନ୍ତି।

ଆଇନଜୀବୀ ମହାନ୍ତି ଆବେଦନପତ୍ରରେ ଦର୍ଶାଇଛନ୍ତି, ହାଇକୋର୍ଟରେ ବିଚାରପତି ପଦବୀ ସଂଖ୍ୟା ୨୭ ଥିବାବେଳେ ଏବେ ମାତ୍ର ୧୪ଜଣ ରହିଛନ୍ତି। ହାଇକୋର୍ଟରେ ବହୁ ମାମଲା ପଡ଼ି ରହିଥିବାବେଳେ ଆହୁରି ଦୁଇଟି ସର୍କିଟ ବେଞ୍ଚ ସ୍ଥାପନ କରାଗଲେ ଏହି ସମସ୍ୟା ବୃଦ୍ଧି ପାଇବ। ପୂର୍ବରୁ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ସମ୍ବଲପୁରରେ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିବାବେଳେ ଗତ ଜାନୁୟାରୀ ୨ରେ ଗୃହ ବିଭାଗ ସଚିବଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଦର୍ଶାଯାଇଥିଲା ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଯଥାସମ୍ଭବ ଚେଷ୍ଟା କରାଯାଉଛି। ରାଜ୍ୟ ସରକାର ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। ସେହିପରି ରାଜ୍ୟ ସରକାର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇ ଦେବାକୁ ପ୍ରସ୍ତୁତ ଅଛନ୍ତି ବୋଲି କୁହାଯାଇଥିଲା। ଏହି ମର୍ମରେ ରାଜ୍ୟ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ୫ କୋଟି ଟଙ୍କା ଅନ୍ତରୀଣ ବଜେଟ୍ ପ୍ରସ୍ତୁତ କରିଥିବା ଦର୍ଶାଯାଇଛି। ଏ ସମ୍ପର୍କରେ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିକୁ ସମ୍ବଲପୁର ଜିଲା ପ୍ରଶାସନ ମାଧ୍ୟମରେ ଅବଗତ କରାଇଛନ୍ତି। ହେଲେ ୧୯୯୧ରେ କଟକରୁ ଭୁବନେଶ୍ୱରକୁ ହାଇକୋର୍ଟ ସ୍ଥାନାନ୍ତର ନେଇ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ହାଇକୋର୍ଟର ସିଟ୍ ସଂଖ୍ୟା କିମ୍ବା ଅନ୍ୟ କୌଣସି ଘଟଣାରେ ରାଜ୍ୟ ସରକାର ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ରାୟରେ ଉଲ୍ଲେଖ କରିଥିଲେ। ଏହାପରେ ୨୦୦୭ରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ହାଇକୋର୍ଟଙ୍କ ମତ ଲୋଡ଼ିଥିଲେ। ହାଇକୋର୍ଟ ତାହାକୁ ଖାରଜ କରି ଦେଇଥିଲେ। ଅପରପକ୍ଷରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ସି.ଆର. ପାଲଙ୍କ ଅଧ୍ୟକ୍ଷତାରେ ୨୦୦୮ରେ ଗଠିତ କମିଶନ ୨୦୧୪ ମେ’ ୩ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ମାତ୍ର କମିଶନଙ୍କ ଉକ୍ତ ରିପୋର୍ଟକୁ ସରକାର ଏ ପର୍ଯ୍ୟନ୍ତ ସାର୍ବଜନୀନ କରିନାହାନ୍ତି କିମ୍ବା ଏହା ଉପରେ ତର୍ଜମା କରିନାହାନ୍ତି। ଦୀର୍ଘଦିନ ହେବ ଏହି ରିପୋର୍ଟ ପଡ଼ି ରହିଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରାଯାଉନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶସତ୍ତ୍ୱେ ରାଜ୍ୟ ସରକାର କମିଟି ଗଠନ କରିବା କେତେ ଯଥାର୍ଥ ସେ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଏହି ବିଜ୍ଞପ୍ତି ସହ ଉକ୍ତ କମିଟିକୁ ରଦ୍ଦ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

# ରେଳଷ୍ଟେଶନ ନିକଟରୁ ୪ଲକ୍ଷ ଟଙ୍କାର ଭାଙ୍ଗ ଜବତ

କଟକ ରୋଡ,୯।୯(ଡି.ଏନ୍.ଏ.)



ଭୁବନେଶ୍ୱର ରେଲୱେ ଷ୍ଟେଶନ ନିକଟରୁ ରେଲୱେ ପ୍ରୋଟେକ୍ସନ ଫୋର୍ସ(ଆରପିଏଫ) ସୋମବାର ୪ ବସ୍ତା ଭାଙ୍ଗ ଜବତ କରିଛି। ପରେ ଏହାକୁ ଭୁବନେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାଡ୍‌କୁ ହସ୍ତାନ୍ତର କରିଛି। ଜବତ ଭାଙ୍ଗର ଓଜନ ୨ କୁଇଣ୍ଟାଲ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪ଲକ୍ଷ ଟଙ୍କା ହେବ ବୋଲି ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର ପ୍ରଭାତ କୁମାର ସେଠୀ କହିଛନ୍ତି।

ସୂଚନା ଅନୁଯାୟୀ, ରେଲୱେ ଷ୍ଟେଶନ ୬ନଂ. ପ୍ଲାଟଫର୍ମର କିଛି ଦୂରରେ ଥିବା କଳ୍ପନା ଓଭରବ୍ରିଜ ତଳେ ଆରପିଏଫ୍ କର୍ମଚାରୀ ସୋମବାର ଭୋର ପ୍ରାୟ ସାଢେ ୫ଟା ରେ ପାଟ୍ରୋଲିଂ କରୁଥିବା ବେଳେ ରେଳଧାରଣା ପାର୍ଶ୍ୱରେ ୪ଟି ବସ୍ତା ପଡିଥିବା ଦେଖିବାକୁ ପାଇଥିଲେ। ପରେ ଏହା ଆରପିଏଫ ପୋଷ୍ଟକୁ ଅଣାଯାଇ ଖୋଲାଯିବା ପରେ ସେଥିରେ ଭାଙ୍ଗ ଥିବା ଜଣାପଡିଥିଲା। ଭାଙ୍ଗ ଷ୍ଟେଶନ ନିକଟରୁ ଜବତ ସମୟରେ କେହି ନିଶା ସାମଗ୍ରୀର ଦାବିଦାର ନ ମିଳିବା ଫଳରେ କେହି ଅଭିଯୁକ୍ତ ଏହାକୁ ଟ୍ରେନରୁ ଫୋପାଡିଦେଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। କିଛିଦିନ ପୂର୍ବରୁ ଢେଙ୍କାନାଳ ରେଲୱେ ଷ୍ଟେଶନ ନିକଟରେ ୩ବସ୍ତା ଗଞ୍ଜେଇ ଟ୍ରେନରୁ ପକାଯାଇଥିଲା। ଅନୁଗୋଳର ବଇଣ୍ଡା ଅଞ୍ଚଳରୁ ବିଭିନ୍ନ ନିଶାସାମଗ୍ରୀ ଟ୍ରେନରେ ଚାଲାଣ ହେଉଥିବା ଆରପିଏଫ ଇନ୍ସପେକ୍ଟର କାଳୁ ସେଠୀ କହିଛନ୍ତି। ଭାଙ୍ଗ ମିଳିଥିବା ସ୍ଥାନ ନିକଟବର୍ତ୍ତୀ ଅଞ୍ଚଳରେ ଏକାଧିକ ବସ୍ତି ରହିଥିବା ବେଳେ ଉକ୍ତ ସ୍ଥାନକୁ କେହି ଭାଙ୍ଗ ଚାଲାଣ କରିଥାଇପାରନ୍ତି ବୋଲି ଆରପିଏଫ ଓ ଅବକାରୀ ବିଭାଗ ସନ୍ଦେହ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏ ନେଇ ଆରପିଏଫରେ ମାମଲା ନଂ. ୫-୧୧/୦୪/୦୧(୦୯)/୧୯ ରୁଜୁ ହୋଇଛି। ଅବକାରୀ ବିଭାଗରେ ମଧ୍ୟ ଏକ ମାମଲା (ନଂ.୭୯/୧୯-୨୦)ରୁଜୁ ହୋଇଛି।

■ ବାଳ ଅପରାଧୀଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ଉଦ୍ୟମ

# ଜାମୁଝରୀରେ ହେବ ‘ପ୍ଲେସ୍ ଅଫ୍ ସେଫ୍ଟି ହୋମ୍’

ଭୁବନେଶ୍ୱର,୯।୯(ବ୍ୟୁରୋ)

- ୫୦ ପିଲାଙ୍କ ରହିବା ପାଇଁ ହେବ ବ୍ୟବସ୍ଥା
- ରହିବ ପାଠାଗାର, ଷ୍ଟଡିରୁମ୍ ଓ ଅନ୍ୟାନ୍ୟ ସୁବିଧା

ରାଜଧାନୀ ଉପକଣ୍ଠ ଜାମୁଝରୀଠାରେ ବାଳ ଅପରାଧୀଙ୍କ ପାଇଁ ନିର୍ମାଣ ହେବ ‘ପ୍ଲେସ୍ ଅଫ୍ ସେଫ୍ଟି ହୋମ୍’। ସେମାନଙ୍କ ମାନସିକତାରେ ପରିବର୍ତ୍ତନ ଆଣିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ସଂକ୍ରାନ୍ତରେ ସୋମବାର ଅନୁଷ୍ଠିତ ବୈଠକରେ ଜେଲ୍ ଡିଜି ସତ୍ୟଜିତ ମହାନ୍ତିଙ୍କ ସମେତ ଗୃହ ସଚିବ, ମହିଳା ଓ ଶିଶୁ ବିଭାଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ପୂର୍ବରୁ ନୟାଗଡ଼ର ଦଶପଲ୍ଲା ଜେଲରେ ବାଳ ଅପରାଧୀଙ୍କ ପାଇଁ ଏହି ପ୍ଲେସ୍ ଅଫ ସେଫ୍ଟି ନିର୍ମାଣ କରିବାକୁ ଯୋଜନା ହୋଇଥିଲା। ଜେଲ୍ ପରିବେଶ ବାଳ ଅପରାଧୀଙ୍କୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ଜାମୁଝରୀକୁ ଚୂଡ଼ାନ୍ତ କରାଯାଇଛି। ଚନ୍ଦକା ମେଣ୍ଢାଶାଳ ନିକଟ ଜାମୁଝରୀ ମୁକ୍ତାକାଶ ଜେଲ୍ ନିକଟରେ ୨ ଏକର ଜାଗାରେ ପ୍ରଥମଥର ପାଇଁ ନିର୍ମାଣ ହେବ ପ୍ଲେସ୍ ଅଫ୍ ସେଫ୍ଟି ହୋମ୍। ଏଥିରେ ସମୁଦାୟ ୫୦ଜଣ ପିଲାଙ୍କ ପାଇଁ ବ୍ୟବସ୍ଥା ରହିବ। ସେମାନଙ୍କ ପାଇଁ ଏଠାରେ ସୁଲଭ ଶୌଚାଳୟ, ପାଠାଗାର, ମେଡିକାଲ, ପଢିବା ଘର, ଜିମ୍, ଖେଳପଡିଆ ଓ ଅନ୍ୟାନ୍ୟ ଟ୍ରେନିଂର ସୁବିଧା ରହିବ। ଯେଉଁମାନଙ୍କର ବୟସ ୧୬ରୁ ୧୮ବର୍ଷ ହୋଇଥିବ ଅଥବା ଧରାପଡ଼ିବା ସମୟରେ ୧୮ବର୍ଷ ଅତିକ୍ରମ କରିଥିବ, ଜଘନ୍ୟ ଅପରାଧ କରିଥିବେ କିମ୍ବା ଛାଡ଼ିବାକୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ମନା କରିଥିବେ, ସେମାନେ ଏହି ହୋମ୍‌ରେ ୨୧ବର୍ଷ ପର୍ଯ୍ୟନ୍ତ ରହିବେ। ଏହି ସମୟ ମଧ୍ୟରେ ଯଦି ବ୍ୟବହାରରେ ପରିବର୍ତ୍ତନ ନ ହେଲା, ସେମାନଙ୍କୁ ପୁଣି ଜୁଭେନାଇଲ୍ ଜଷ୍ଟିସ ବୋର୍ଡରେ ହାଜର କରାଯାଇ ସାଧାରଣ ଜେଲକୁ ପଠାଇ ଦିଆଯିବ।

ଏନେଇ ଜେଲ ଡିଜି ସତ୍ୟଜିତ ମହାନ୍ତି କହିଛନ୍ତି, ପ୍ଲେସ୍ ଅଫ୍ ସେଫ୍ଟି ହୋମ୍‌ରେ ଜେଲ ପରିବେଶ ରହିବ ନାହିଁ। ୧୬ ବର୍ଷରୁ ୧୮ ବର୍ଷ ମଧ୍ୟରେ ଜଘନ୍ୟ ଅପରାଧ ଘଟାଇଥିବା ପିଲା ଏଠାରେ ରହିବେ। ଏହା ନିର୍ମାଣ ହେଲେ ଓଡିଶାର ପ୍ରଥମ ହେବ। ଚାଇଲ୍ଡ ଲାଇନ୍ ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି, ସୁଧାରଗୃହର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। କାରଣ ପିଲାମାନଙ୍କୁ ସେଠାରେ ଜେଲ ପରିବେଶ ଭଳି ରଖାଯାଉଥିବାରୁ ସେମାନେ ମୁକୁଳିବା ପରେ ପୁଣି ଅପରାଧ ଘଟାଉଛନ୍ତି। ତେଣୁ ପିଲାମାନଙ୍କ ମନ ଓ ହୃଦୟରେ ପରିବର୍ତ୍ତନ ଆଣିବା ଉଚିତ। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କାଉନ୍‌ସେଲିଂ ଆଦି ବ୍ୟବସ୍ଥା କରିବା କଥା। ଯେଉଁମାନେ ଦାୟିତ୍ୱ ନେଉଛନ୍ତି ସେମାନେ ବାଳ ଅପରାଧୀଙ୍କ ସହ ବାପା ମା’ଙ୍କ ପରି ବ୍ୟବହାର କରିବା ଦରକାର। ପ୍ଲେସ୍ ଅଫ ସେଫ୍ଟି ହୋମ୍‌ରେ ଏଥିପ୍ରତି ଗୁରୁତ୍ୱ ଦିଆଯିବା ଜରୁରୀ ବୋଲି ସେ କହିଛନ୍ତି।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
- ଲେନିନ୍



## ସଂକ୍ଷେପରେ

### ଜଳିଗଲା ଘର ସହ ଗୁହାଳ: ଗୃହକର୍ତ୍ତା ଗୁରୁତର

**ନିଶ୍ଚିନ୍ତକୋଇଲି,୯।୯(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ତିଲକଣା ପଞ୍ଚାୟତ ମହମ୍ମଦପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଗନ୍ଧର୍ବ ମଲିକଙ୍କ ବ୍ୟାପକ କ୍ଷତି ଘଟିଛି। ତାଙ୍କ ଘର ସହ ଗୁହାଳ ଜଳିଯାଇଛି। ଫଳରେ ଘରର ସମସ୍ତ ଆସବାବପତ୍ରସହ ଗୋଟିଏ ଛେଳି ଜୀବନ୍ତ ଦଗ୍ଧ ହୋଇଛି। ଜର୍ସି ଗାଈ ଓ ଅନ୍ୟ ୪ଟି ଛେଳି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ଗନ୍ଧର୍ବ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ଗନ୍ଧର୍ବଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ସମେତ ବିଜେଡି ନେତା ରମେଶ ଚନ୍ଦ୍ର ସ୍ୱାଇଁ ଦାବି କରିଛନ୍ତି। ସେହିପରି ବ୍ଲକ ଅଧୀନ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ନୃସିଂହ ଚରଣ ସାହୁଙ୍କ ୩ ବଖରା ଘର ଜଳିଯାଇଛି।

### ନୂଆ ମୋଟର ଯାନ ଆଇନ ସମ୍ପର୍କରେ ସଚେତନତା

**ଟିଗିରିଆ,୯।୯(ଡି.ଏନ.ଏ.):** ଟିଗିରିଆ ଥାନା ପୋଲିସ ପକ୍ଷରୁ ସୋମବାର ନୂଆ ମୋଟରଯାନ ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। ବିନ୍ଧାଣିମା ବୁଢ଼ୀ ମଙ୍ଗଳା ମନ୍ଦିର ସମ୍ମୁଖସ୍ଥ ଛକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କଟକ ଜିଲା ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ରାଧାବିନୋଦ ପାଣିଗ୍ରାହୀ ଯୋଗଦେଇ ବିଭିନ୍ନ ଯାନବାହନ ଚାଳକ ଏବଂ ଯାତ୍ରୀଙ୍କୁ ଯାନବାହନ ଚଳାଚଳ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ଏ ସମ୍ପର୍କିତ ଲିଫଲେଟ ମଧ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଆଠଗଡ଼ ଡିଏସପି ଆଲୋକ ରଞ୍ଜନ ରାୟ, ଏଏସଆଇ ପ୍ରଶାନ୍ତ କାନୁନ୍‌ଗୋ, ରତ୍ନାକର ପ୍ରଧାନ ଏବଂ ଦେବେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଥାନା ଅନ୍ତର୍ଗତ ବାଣେଶ୍ୱରପଡ଼ାଛକ ନିକଟରେ ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥ ଦେଇ ଯାତାୟାତ କରୁଥିବା ଦୁଇ ଓ ଚାରିଚକିଆ ଯାନ ଚାଳକଙ୍କୁ ସଚେତନ କରାଇଥିଲେ। ମୋଟର ଯାନ ଆଇନ ମାନୁଥିବା ଚାଳକଙ୍କୁ ପ୍ରଶଂସା କରାଯିବା ସହ ଚକଲେଟ ଦିଆଯାଇଥିଲା।

### ରାମଜେଠମଲାନୀଙ୍କ ବିୟୋଗରେ ଓକିଲ ସଂଘର ଶୋକ

**ବଡ଼ମ୍ବା,୯।୯(ଡି.ଏନ.ଏ.):** ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଜେଠମଲାନୀ ଓ ବଡ଼ମ୍ବା ମୋହରୀର ସଂଘ ବରିଷ୍ଠ କର୍ମକର୍ତ୍ତା ଅବ୍ୟକ୍ତାନନ୍ଦ ଚୌଧୁରୀଙ୍କ ବିୟୋଗରେ ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ସୋମବାର ଶୋକସଭା ଅନୁଷ୍ଠିତ ହୋଇଛି। ଏଥିସହିତ ଦିନିକିଆ କାର୍ଯ୍ୟବନ୍ଦ କରାଯାଇଛି। ସଂଘ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପରେ ମୋହିରର ଚୌଧୁରୀଙ୍କ ମାଣିଆବନ୍ଧ ସ୍ଥିତ ବାସଭବନରେ ସଂଘ କର୍ମକର୍ତ୍ତା ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ ବୋଲି ସଂଘ ସମ୍ପାଦକ ପରେଶ ମହାନ୍ତି ସୂଚନା ଦେଇଛନ୍ତି।

# ବଡ଼ବନ୍ଧିଆଣୀ ରାସ୍ତା ଉପରେ ୪ ଫୁଟର ପାଣି

**ଟିଗିରିଆ,୯।୯(ଡି.ଏନ.ଏ.)**

ମହାନଦୀରେ ଆସିଛି ଦ୍ୱିତୀୟ ବନ୍ୟା। ଏହି ବନ୍ୟାରେ ସୋମବାର ଟିଗିରିଆ ବ୍ଲକର ଦୁଇ ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ହୁଲୁହୁଲା ନାଳଦେଇ ପ୍ରବାହିତ ବନ୍ୟାଜଳ ଶହଶହ ହେକ୍ଟର ଧାନଚାଷ ଜମିକୁ ବୁଡ଼ାଇଛି। ଟିଗିରିଆ ଓ ବାଙ୍କୀ ସୀମାରେ ରହିଥିବା ବଡ଼ବନ୍ଧିଆଣୀ ରାସ୍ତା ସମ୍ପୂର୍ଣ୍ଣ ବୁଡ଼ିବା ସହ ଏହା ଉପରେ ପ୍ରାୟ ସାଢ଼େ ୪ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଛି। ଫଳରେ ୪ କିଲୋମିଟର ଦୂରତା ବିଶିଷ୍ଟ ଏହି ରାସ୍ତାରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ସେହିପରି ଅପରାହ୍ନରେ ଚଷାଆଁରା-ପାଇକିଆରା ସଂଯୁକ୍ତ ରାସ୍ତା ଉପରେ ପ୍ରାୟ ୨ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଚଷାଆଁରା-ତେନ୍ତୁଳିଆ ରାସ୍ତା ବନ୍ୟାଜଳରେ ଉବୁଟୁବୁ ହୋଇଛି। ଏହି ବନ୍ୟାଜଳ ଏବେ ବିନ୍ଧାଣିମାଠାରେ ଥିବା ଗାଇନାଳ ପୋଲ ତଳେ ପ୍ରବାହିତ ହେଉଛି। ସକାଳ ସୁଦ୍ଧା ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବା ସମ୍ଭାବନା ରହିଛି। ବନ୍ୟାଜଳ ଗାଇନାଳ ପୋଲ ଉପରେ ପ୍ରବାହିତ ହେଲେ ନଦୀକୂଳବର୍ତ୍ତୀ ଟିଗିରିଆ ବ୍ଲକର ଗଦାଧରପୁର, ବଡ଼ନାଉପୁଟ, ହାଟମାଳ ସହିତ ବାଙ୍କୀ ଉତ୍ତର କୁଳାଟର ବନ୍ଦାଳ, ବାଉଁଶପୁଟ ଏବଂ ସୁବର୍ଣ୍ଣପୁରର ପଞ୍ଚାୟତର ଜନସାଧାରଣ ଜଳବନ୍ଦୀ ହେବା ଆଶଙ୍କା ପ୍ରକାଶ ପାଇଛି। ସନ୍ଧ୍ୟାସୁଦ୍ଧା ଟିଗିରିଆ ବ୍ଲକର ସୋମପଡ଼ା, ପୁରୁଣାଟିଗିରିଆ, ବଡ଼ନାଉପୁଟ, ହାଟମାଳ, ଗଦାଧରପୁର ଆଦି ପଞ୍ଚାୟତର ଶହଶହ ହେକ୍ଟର ଧାନଚାଷ ସହିତ ପନିପରିବା ଫସଲରେ ପାଣି ପଶିଛି।



ବନ୍ୟାରେ ବୁଡ଼ିଯାଇଥିବା ୨ ରାସ୍ତା



**ମହାନଦୀରେ ଦ୍ୱିତୀୟ ବନ୍ୟା**

- ପାଣି ଘେରରେ ଶହ ଶହ ହେକ୍ଟର ଧାନ ଓ ପରିବା ଫସଲ
- ଟିଗିରିଆ ଓ ବାଙ୍କୀ ଅଞ୍ଚଳର ବହୁ ଗାଁ ଜଳମଗ୍ନ

### ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ

**ନରସିଂହପୁର,୯।୯(ଡି.ଏନ.ଏ.)**

ନରସିଂହପୁର ବ୍ଲକ ଅଧୀନ କାନପୁର ଗୋପାଳଜୀଉ ମନ୍ଦିର ପରିସରରେ ସୋମବାର ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ମୁଖ୍ୟଅତିଥି, ମୁଖ୍ୟବକ୍ତା ଆଠଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଆଲୋକ ରଞ୍ଜନ ରାୟ ଓ ସମ୍ମାନିତ ଅତିଥି ନରସିଂହପୁର ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ। ଉତ୍ସବରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବସନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ନରେଶ ଚନ୍ଦ୍ର ସାହୁ ମଞ୍ଚର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାବିତ କୁଳମଣି ମିଶ୍ର, ଅରୁପମା ଦାସ, କାନପୁର ସଙ୍ଗୀତ ବିଦ୍ୟାଳୟର ଗୁରୁ ମାଧବଚନ୍ଦ୍ର ପଲେଇ, ଶିଷ୍ୟ ବିପିନି ସାହୁଙ୍କୁ ଅତିଥି ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଉତ୍ସବରେ ୬୦ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଏସ୍‌ପି ପାଣିଗ୍ରାହୀ ୧୬ ବରିଷ୍ଠ ନାଗରିକଙ୍କୁ ପରିଚୟ ପ୍ରଦାନ କରିଥିଲେ। କୁନିକୁନି ପିଲାଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଉକ୍ତ କଳାକାରଙ୍କୁ ଝୁଲଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶରତଚନ୍ଦ୍ର ଖଟୁଆ, ବୈକୁଣ୍ଠ ସାହୁ, ସଞ୍ଜୟ ଡାଲୁଆ, କିଶୋର ଚନ୍ଦ୍ର ସାହୁଙ୍କ ସମେତ ମଞ୍ଚର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଆନ୍ତର୍ଜାତିକ ସାକ୍ଷରତା ଦିବସ



ଆନ୍ତର୍ଜାତିକ ସାକ୍ଷରତା ଦିବସରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଆଠଗଡ଼,୯।୯(ସ୍ୱ.ପ୍ର.)**

ଆଠଗଡ଼ ବ୍ଲକ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ମେଘା ସେକ୍ଟରରେ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଛି। ରାଜନଗର ପଞ୍ଚାୟତ ବନଖଣ୍ଡି ଏବଂ ରାଧାଗୋବିନ୍ଦପୁର ଗ୍ରାମରେ ମେଘା ସେକ୍ଟର ଅଧୀନ ଗାଁ କଲ୍ୟାଣ ସମିତି ସମୂହ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଗାଁ କଲ୍ୟାଣ ସମିତି ସଭ୍ୟାସଭ୍ୟ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ମେଘା ସେକ୍ଟରର ବରିଷ୍ଠ ସ୍ୱାସ୍ଥ୍ୟ ପରିଦର୍ଶକ ମହମ୍ମଦ ଅସଲମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ମୌଳିକ ଅଧିକାର। ଶିକ୍ଷା ଓ କୌଶଳ ଦ୍ୱାରା ନିଜର ଏବଂ ଦେଶର ଉନ୍ନତି ଅବଶ୍ୟମ୍ଭାବୀ। ତେଣୁ ପ୍ରତ୍ୟକ ବ୍ୟକ୍ତି ମହିଳା ହୁଅନ୍ତୁ କିମ୍ବା ପୁରୁଷ ସମସ୍ତେ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ବନଖଣ୍ଡି ଗ୍ରାମ ମୁରବୀ ମଧୁସୁଦନ ସାହୁ, ରାଧାଗୋବିନ୍ଦପୁର ପୂର୍ବତନ ସରପଞ୍ଚ ଅଶୋକ ରାଉତ ଓ ମନୋଜ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ପ୍ରତ୍ୟେକ ବ୍ୟକ୍ତି ବୁଝିବା ଉଚିତ ବୋଲି କହିଥିଲେ। ଧାଇପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ୱାସ୍ଥ୍ୟକର୍ମୀ ପୁଷ୍ପାଞ୍ଜଳି ପ୍ରଧାନ, ବିଜୟ ଜେନା, ଅଙ୍ଗନୱାଡ଼ି କର୍ମୀ ମଧୁସ୍ମିତା ପ୍ରଧାନ, ମମତା ପଣ୍ଡା, ପ୍ରଗତି ବେହେରା, କାଳି ଦେଇ, ଆଶାକର୍ମୀ ବନିତା ରାଉତ ଓ ବାସନ୍ତୀ ବର୍ମା ପରିଚାଳନାରେ ସହଯୋଗ କରିଥିଲେ। ଉଭୟ ଗ୍ରାମରେ ଶୋଭାଯାତ୍ରା ମାଧ୍ୟମରେ ସାକ୍ଷରତା ସମ୍ପର୍କରେ ଜନସଚେତନା ସୃଷ୍ଟି କରାଯାଇଥିଲା।

### ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସାଲେପୁର,୯।୯(ଡି.ଏନ.ଏ.)**

ସାଲେପୁର ଥାନା ତଥା ଜପକୁଦ ଫାଣ୍ଡି ଅଧୀନ ମାଳଶାସନ ପଞ୍ଚାୟତ ଲେଖନପୁର ଗ୍ରାମର ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେହେଲେ ଗ୍ରାମର ଶରତଚନ୍ଦ୍ର ମଲ୍ଲିକଙ୍କ ପୁଅ ନନୁ(୨୩)ଓରଫ୍ ବିଜନ। କୌଣସି କାରଣରୁ ଘର ଠାରୁ କିଛି ଦୂରରେ ଥିବା ଏକ ବେଲଗଛରେ ନନୁ ରଶିଲଗାଇ ଆତ୍ମହ୍ୟା କରିଥିଲେ। ଏନେଇ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ନଂ-୧୫/୧୯ ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ ସୂଚନା ଦେଇଛନ୍ତି।

### ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ ଶୋକସଭା

**ନରସିଂହପୁର,୯।୯(ଡି.ଏନ.ଏ.)**

ଆଇନଜୀବୀ ରାମଜେଠମଲାନୀଙ୍କ ବିୟୋଗରେ ନରସିଂହପୁର ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ସୋମବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସରୋଜ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ତ୍ରିଲୋଚନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସୂର୍ଯ୍ୟନାରାୟଣ ପାତ୍ର, ନରନାରାୟଣ ବାରିକ, ରବୀନ୍ଦ୍ରନାଥ ସାହୁ, ଭୂପେନ ଦାଶଙ୍କ ସମେତ ସଂଘର ସମସ୍ତ ଅଇନଜୀବୀ ଉପସ୍ଥିତି ଥିଲେ।



ନରସିଂହପୁର ବ୍ଲକ କାନପୁର ଗୋପାଳଜୀଉ ମନ୍ଦିର ପରିସରରେ ବରିଷ୍ଠ ନାଗରିକ ମଞ୍ଚର ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇ କଳା ପ୍ରଦର୍ଶନ କରିଥିବା କୁନି କଳାକାରମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ଗଣେଶ କୋଠଘର ଉଦ୍‌ଘାଟିତ

**ସାଲେପୁର,୯।୯(ଡି.ଏନ.ଏ.)**

ସାଲେପୁର ବ୍ଲକ କଟରପା ପଞ୍ଚାୟତ ଲଙ୍ଗୁଳି ମହାପୁରୁଷ ପୀଠ ପରିସରରେ ଗଣେଶ କୋଠଘର ଉଦ୍‌ଘାଟିତ ହୋଇଛି। ନାରାୟଣ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ କୋଠଘରକୁ ଉଦ୍‌ଘାଟନ କରିଥିଲେ। କଟରପା ସରପଞ୍ଚ ତିଲୋତ୍ତମା ପତି, ସମିତିସଭ୍ୟା ବିଷ୍ଣୁପ୍ରିୟା ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ତାପସ ବେହେରା, ଅଚ୍ୟୁତାନନ୍ଦ ଶତପଥୀ, ପ୍ରଦୀପ୍ତ ଦାସ, ବିଳାସ ମହାନ୍ତି, ହେମନ୍ତରାମ ବେହେରା, ରଞ୍ଜନ କୁମାର ଭୋଇ, ପୀତାମ୍ବର ମଲ୍ଲିକ ଓ କୁନିଆ ବେହେରାଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ।



ଗଣେଶ କୋଠଘରକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ବାଙ୍କୀ,୯।୯(ସ୍ୱ.ପ୍ର.)**

ବିଦ୍ୟୁତ୍ ଆଘାତରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଗ୍ରାମର ଦିଲୀପ କୁମାର ସାହୁ(୩୨)। ସକାଳେ ଦିଲୀପ ତାଙ୍କ ଘର ଆଗରେ ଥିବା ଏକ ଦୋକାନର ଲୁହା ପାଇପ୍‌ରେ ହାତ ମାରି ଦେଇଥିଲେ। ଫଳରେ ସେଥିରେ ବିଦ୍ୟୁତ୍ ଥିବାରୁ ଦିଲୀପ ଆଘାତ ପାଇ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହା ଦେଖି ପରିବାର ଲୋକେ ଓ ଗ୍ରାମର କେତେଜଣ ଯୁବକ ତାଙ୍କୁ ଅଟୋଯୋଗେ ବାଙ୍କୀ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ମୃତଦେହ ଜବତ କରିଥିଲା। ପରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ଦିଲୀପଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ଦିଲୀପଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଗଣ୍ଡଗୋଳ ମାମଲାରେ ଜଣେ କୋର୍ଟଚାଲାଣ

**ସାଲେପୁର,୯।୯(ଡି.ଏନ.ଏ.)**

ସାଲେପୁର ପୋଲିସ୍ ଏକ ଗଣ୍ଡଗୋଳ ମାମଲାରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମନୋହରପୁର ଗ୍ରାମର ରବୀନ୍ଦ୍ର ବେହେରା। ସୂଚନା ଅନୁସାରେ, ପିକୋଳ ପଞ୍ଚାୟତ ସାଇଗଡ଼ା ଗ୍ରାମର ଆଶିଷ ସିଂହ ମନୋହରପୁର ରାସ୍ତାଦେଇ ଘରକୁ ଯାଉଥିବା ବେଳେ ରବୀନ୍ଦ୍ର କୌଣସି କାରଣରୁ ତାଙ୍କ ସହିତ ଗଣ୍ଡଗୋଳ କରିବା ସହ ଆକ୍ରମଣ କରିଥିଲେ। ଏନେଇ ଆଶିଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ. ୨୨୮/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଗ୍ରାମାଞ୍ଚଳ ଏସ୍‌ପିଙ୍କ ଦ୍ୱାରା ଟ୍ରାଫିକ୍ ସଚେତନତା



ଗ୍ରାମାଞ୍ଚଳ ଏସ୍‌ପି ଲୋକଙ୍କୁ ସଚେତନତା ଲିଫ୍‌ଲେଟ୍ ବାଣ୍ଟୁଛନ୍ତି।

**ନରସିଂହପୁର,୯।୯(ଡି.ଏନ.ଏ.)**

ନରସିଂହପୁର ଅଞ୍ଚଳରେ ସୋମବାର କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ପହଞ୍ଚି ନୂଆ ଟ୍ରାଫିକ ନିୟମ ଉପରେ ଜନସାଧାରଣଙ୍କୁ ସଚେତନ କରାଇଛନ୍ତି। କାର୍ଯ୍ୟକ୍ରମରେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ନରସିଂହପୁରରୁ କଟକ ବହୁ ଦୂର ହେଉଥିବାରୁ ଲୋକେ ଡ୍ରାଇଭିଂ ଲାଇସେନ୍ସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ଏସ୍‌ପି ପାଣିଗ୍ରାହୀଙ୍କୁ ଅବଗତ କରାଯାଇଥିଲା। ଏସ୍‌ପି ପାଣିଗ୍ରାହୀ କଟକ ଜିଲାପାଳ ଓ ଆର୍‌ଟିଓଙ୍କୁ ଅବଗତ କରାଇ ନରସିଂହପୁର ଅଞ୍ଚଳ ପାଇଁ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। କ୍ଲବ ଛକ, ହାଟଛକ, ପଞ୍ଚମୁଖୀ ଛକରେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ ସଂଘ ପକ୍ଷରୁ ପାଣିଗ୍ରାହୀଙ୍କୁ ଅନୁରୋଧ କରାଯାଇଥିଲା। ଆଗାମୀ ଦିନରେ ନରସିଂହପୁର ଅଞ୍ଚଳରେ ଥିବା ସମସ୍ତ ପେଟ୍ରୋଲ ପମ୍ପରେ ହେଲମେଟ୍ ପିନ୍ଧୁ ନ ଥିବା ଓ ଡ୍ରାଇଭିଂ ଲାଇସେନସ୍ ନ ଥିବା ଲୋକଙ୍କୁ ତେଲ ମିଳିବ ନାହିଁ ବୋଲି ସଚେତନ କରିବାକୁ ଏସ୍‌ପି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ପେଟ୍ରୋଲ ପମ୍ପ ମାଲିକାମାନେ ଲୋକଙ୍କୁ ସଚେତନ କରାଇବାକୁ ଏସ୍‌ପି କହିଥିଲେ।

## ସତ୍ୟମେବ ଜୟତେ ପରିବାରର ବାର୍ଷିକ ଉତ୍ସବ

**ସାଲେପୁର,୯।୯ (ଡି.ଏନ.ଏ.)**

ସାଲେପୁର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସତ୍ୟମେବ ଜୟତେ ପରିବାରର ନବମ ବାର୍ଷିକ ଉତ୍ସବ ସପନପୁରସ୍ଥିତ ଶାରଳା ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ମମତା ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ଡ. ଆଲୋକ ସାହୁ ଯୋଗଦେଇ ଯୁବସମାଜ ନିଜ ପରିବାର ସହ ସମାଜର ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ହେବାକୁପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ. ଅଭୟ ନାୟକ, ସମ୍ମାନିତ ଅତିଥି ଡ. ସୁସୀଲ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସତ୍ୟମେବ ଜୟତେ ପରିବାରର ସଭାପତି ପଣ୍ଡିତ ବିନୟ ଭୂଷଣ ମିଶ୍ର ବେଦମନ୍ତ୍ର ପାଠକରିଥିବା ବେଳେ ସମ୍ପାଦକ ମାନସ ରଞ୍ଜନ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ମୁରୁଜ, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଟେଷ୍ଟପେପର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅମିତ ସାହୁ, ପ୍ରିୟଦର୍ଶିନୀ ପ୍ରଧାନ, ଶୁଭମ୍ ଦାଶ, ଅର୍ଚ୍ଚନା ପଣ୍ଡା, ଇପ୍‌ସିତା ପ୍ରିୟଦର୍ଶିନୀ, ଅର୍ପିତା ପ୍ରିୟଦର୍ଶିନୀ, ଅଞ୍ଜନା ମହାନ୍ତି, ରତୁପୂର୍ଣ୍ଣ ସାହୁ, ଡେଜି ରାଉତଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ। ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସତ୍ୟମେବ ଜୟତେ ପରିବାରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

- ଲେନିନ୍



## ସଂକ୍ଷେପରେ

### ଗଣେଶ ମେଢ଼ ଭସାଣି ବେଳେ ଉତ୍ତେଜନା

**କଟକସଦର, ୯।୯(ଡି.ଏନ୍.ଏ.):** କନ୍ଦରପୁର ଥାନା ଅନ୍ତର୍ଗତ ଆୟତପୁର ଗଣେଶ ମେଢ଼ ଭସାଣି ବେଳେ ରବିବାର ରାତିରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାତି ୧୦ଟା ହୋଇଯାଇଥିବାରୁ ବାଜା ବଜାଇବାକୁ ପୋଲିସ ପକ୍ଷରୁ ବାରଣ କରାଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକମାନେ ପୋଲିସକୁ ଗାଳିଗୁଲଜ କରିବା ଆରମ୍ଭ କରିଦେଇଥିଲେ। ମାତ୍ର ପୋଲିସ ସ୍ୱେଚ୍ଛାସେବୀମାନଙ୍କ ସହାୟତାରେ ପରିସ୍ଥିତିକୁ ଆୟତ୍ତକୁ ଆଣିଥିଲା। ଗାଳିଗୁଲଜ କରିଥିବା ଯୁବକମାନଙ୍କ ନାମରେ ଥାନାରେ ୧୦୦/୧୯ ନମ୍ବରରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

### କୁକୁଡ଼ା ଫାର୍ମ ପୋଡ଼ି ଘଟଣା: ଜଣେ ଗିରଫ

**କଟକସଦର, ୯।୯(ଡି.ଏନ୍.ଏ.):** ଝାରକଟା କୁକୁଡ଼ା ଫାର୍ମ ପୋଡ଼ି ଘଟଣାରେ ଜଣେ ଅଭିଯୁକ୍ତ ଚନ୍ଦନ ଖଟୁଆ(୨୬)ଙ୍କୁ ୪୨ମୌଜା ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ କଟକସଦର ଥାନାରେ ୩୮୪/୧୯ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ସୂଚନା ଅନୁଯାୟୀ ୨ତାରିଖ ରାତିରେ ପାଟଣା ଗ୍ରାମର ବିକ୍ରମ ଦାସଙ୍କ କୁକୁଡ଼ା ଫାର୍ମରେ ୩/୪ଜଣ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଏନେଇ ବିକ୍ରମ ଥାନାରେ ଏତଲା ଦେବା ସହ କେତେଜଣ ଅଭିଯୁକ୍ତଙ୍କ ନାମ ମଧ୍ୟ ପୋଲିସ ଆଗରେ ପ୍ରକାଶ କରିଥିଲେ। ଅଭିଯୁକ୍ତ ଜଣଙ୍କ ଝାରକଟା ଗ୍ରାମର ବୋଲି ତଦନ୍ତକାରୀ ଅଧିକାରୀ ହୃଷୀକେଶ ରଥ କହିଥିଲେ।

### ନାଗରିକ ସମ୍ବର୍ଦ୍ଧନା ଉତ୍ସବ

**କଟକ ଅଫିସ,୯।୯:** ସିଡିଏସ୍ଥିତ ସେଣ୍ଟ୍ରାଲ ମାର୍କେଟ କମ୍ପ୍ଲେକ୍ସ ଶପ୍‌କିପର ଆସୋସିଏଶନ ପକ୍ଷରୁ ସୋମବାର ନାଗରିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଇକୋର୍ଟ ବାର ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି, ରାଜ୍ୟ ଆଇନଜୀବୀ ପରିଷଦର ସଭ୍ୟ ସୌରଚନ୍ଦ୍ର ମହାପାତ୍ର, ଖବରଦାତା ଡ. ସତ୍ୟ ରାୟ, ସାମାଜିକ କର୍ମୀ ପାବକ କାନୁନ୍‌ଗୋ, ସଂଯୁକ୍ତା ସାହୁ, ଆଇନଜୀବୀ ଗଦାଧର ସାହୁ, ବିଦ୍ୟାଧର ପ୍ରଧାନ, ବୀମାବିହାର ଉନ୍ନୟନ କମିଟି ସଭାପତି ଗିରିଜା ପଟ୍ଟନାୟକ, ସମ୍ପାଦକ ସୁଦ୍ଧେନ୍ଦୁ ଶେଖର ରାଉତରାୟ ଓ ବରିଷ୍ଠ ନାଗରିକ ସୁଧାକର ପତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଆସୋସିଏଶନ ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ ଓ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ସମେତ ଅନୁଷ୍ଠାନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ରାମ ଜେଠମାଲାନିଙ୍କ ବିୟୋଗରେ ଶୋକସଭା

**କଟକ ଅଫିସ,୯।୯:** ବିଶିଷ୍ଟ ଆଇନଜୀବୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମ ଜେଠମାଲାନିଙ୍କ ବିୟୋଗରେ ସୋମବାର ହାଇକୋର୍ଟ ବାର୍‌ରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବାର୍ ଉପସଭାପତି ପୀୟୂଷ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ସଞ୍ଜୟ କୁମାର ଦାଶ, ଯୁଗ୍ମ ସମ୍ପାଦକ ଯତେଶ୍ୱର ନାୟକ, ସହକାରୀ ସମ୍ପାଦକ ପଦ୍ମାଳୟା ମହାପାତ୍ର, ସହକାରୀ ସମ୍ପାଦକ(ପାଠାଗାର) ସୋମନାଥ ଶତପଥୀ, କାର୍ଯ୍ୟକାରୀ ସଭ୍ୟ ମାନସୀ ଦାସ, ଅଧିରାଜ ମହାନ୍ତି, ସୁଜିତ୍ କୁମାର ଦାସ, ଦେବାଶିଷ ମିଶ୍ର, ବିଭୂଦ ବାରିକ, ମାନସ ରଞ୍ଜନ ନାୟକଙ୍କ ସହ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ପୋଲିସ

**କଟକ ଅଫିସ, ୯।୯**

ଦୀର୍ଘବର୍ଷ ଧରି ଶାଶୁଘର ଲୋକଙ୍କ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି ଅର୍ଚ୍ଚନା ମହାରଣା। ୧୭ ବର୍ଷ ତଳେ ତାଙ୍କର ବିବାହ ହୋଇଥିବାବେଳେ ପ୍ରଥମ କିଛି ମାସ ସୁଖଶାନ୍ତିରେ ରହିଥିଲେ ସେ। ତେବେ ବାହାଘରର ୭/୮ ମାସ ପରଠାରୁ ତାଙ୍କୁ ପରିବାର ଲୋକେ ନିର୍ଯାତନା ଦେଇଆସୁଛନ୍ତି। ଏ ନେଇ ଅର୍ଚ୍ଚନା ପୂର୍ବରୁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଦାଲତରେ ମାମଲା ଥାଇ ମଧ୍ୟ ପରିବାର ଲୋକେ ତାଙ୍କୁ ଅକଥନୀୟ ଅତ୍ୟାଚାର କରୁଛନ୍ତି। ଗତ ଶନିବାର ଅର୍ଚ୍ଚନାଙ୍କୁ ଦେଢଶୁର ଓ ଯାଆ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ସେ ଆହତ ହୋଇ ଲାଲବାଗ ଥାନାରେ ପହଞ୍ଚିଥିଲେ। ପୋଲିସ ପକ୍ଷରୁ ତାଙ୍କୁ ଡାକ୍ତରଖାନା ନିଆଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏହାପରେ ଅର୍ଚ୍ଚନାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୧୮୯/୧୯) ରୁଜୁ କରିଥିଲା। ହେଲେ ଇତିମଧ୍ୟରେ ୨ଦିନ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅର୍ଚ୍ଚନା ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅର୍ଚ୍ଚନା ଚାନ୍ଦିନୀଚୌକ ଦର୍ଜିସାହିର ଦିଲ୍ଲୀପ ମହାରଣାଙ୍କୁ ବିବାହ କରିଥିଲେ। ବିବାହ ବର୍ଷେ ନ ପୁରୁଣୁ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ଦିଲ୍ଲୀପଙ୍କ ୪ ଭାଇ। ସେମାନଙ୍କ ମଧ୍ୟରୁ ପ୍ରଥମ ଦୁଇ

**ମହିଳାଙ୍କୁ ନିର୍ଯାତନା**

ଭାଇଙ୍କ ମୃତ୍ୟୁ ଘଟିଛି। ତୃତୀୟ, ପଞ୍ଚମ ନମ୍ବର ଭାଇ ଏବଂ ତାଙ୍କ ପରିବାର ଲୋକେ ଅର୍ଚ୍ଚନା ଓ ଦିଲ୍ଲୀପଙ୍କୁ ନିର୍ଯାତନା ଦେଉଛନ୍ତି। ପାରିବାରିକ ଅଶାନ୍ତି କାରଣରୁ ଦିଲ୍ଲୀପ ଅନ୍ୟ ଭାଇମାନଙ୍କଠାରୁ ଅଲଗା ରହି ଆସୁଛନ୍ତି। ଗତ ୪ବର୍ଷ ହେବ ଦିଲ୍ଲୀପ କର୍କଟରୋଗରେ ପୀଡ଼ିତ ଥାଇ ଚିକିତ୍ସିତ ହେଉଛନ୍ତି। ସ୍ୱାମୀଙ୍କ ଅସହାୟତା ଯୋଗୁ ଅର୍ଚ୍ଚନାଙ୍କୁ ପରିବାର ଲୋକେ ନିର୍ଯାତନା ଦେଉଛନ୍ତି। ଏ ନେଇ ଅର୍ଚ୍ଚନା ଓ ଦିଲ୍ଲୀପ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଦାଲତରେ ଅର୍ଚ୍ଚନାଙ୍କ ପକ୍ଷରୁ ଗୋଟିଏ ଘରୋଇ ହିଂସା ମାମଲା ଓ ଦୁଇଟି ମାରପିଟ୍ ମାମଲା ରୁଜୁ ହୋଇଛି। ଏହାପରେ ମଧ୍ୟ ଅର୍ଚ୍ଚନା ଓ ଦିଲ୍ଲୀପଙ୍କୁ ସେମାନେ ମାରପିଟ୍ କରୁଛନ୍ତି। ଅର୍ଚ୍ଚନା ଗୋଟିଏ ବଖରାରେ ରହୁଛନ୍ତି। ଗୋଟିଏ ବଖରାରେ ତାଙ୍କର ଜିନିଷପତ୍ର ରହିଥିବାବେଳେ ସେମାନେ ସେଥିରେ ତାଲା ପକାଇ ଦେଇଛନ୍ତି। ଗତ ଶନିବାର ଦିଲ୍ଲୀପ ଘରେ ନ ଥିବା ସମୟରେ ପରିବାର ଲେକେ ଅର୍ଚ୍ଚନାଙ୍କୁ ମାଡ ମାରି କ୍ଷତାକ୍ତ କରିଥିଲେ। ଏ ନେଇ ସେ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନି। ଏ ସମ୍ପର୍କରେ ଲାଲବାଗ ଥାନାଧିକାରୀ ଆଶୁତୋଷ ମିଶ୍ର କୁହନ୍ତି, ଅର୍ଚ୍ଚନାଙ୍କ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ ହୋଇଛି। ଏହାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କଟକ ସାରଳା ଭବନରେ ଇଣ୍ଡିଆ ଥିଏଟର୍ ଅଲିମ୍ପିଆଡର ସୋମବାର ନବମ ସନ୍ଧ୍ୟାରେ ମଣିପୁର ଡ୍ରାମାଟିକ ୟୁନିୟନ୍ ପକ୍ଷରୁ ମଞ୍ଚସ୍ଥ ନାଟକ 'ସ୍ୱଚ୍ଛ ଭାରତ'ର ଏକ ଦୃଶ୍ୟ।



ପବିତ୍ର ମହରମ୍ ଅବସରରେ ସୋମବାର କଟକ ବକ୍ସିବଜାର ନିକଟରେ ମାନସିକଧାରୀ ମୁସଲମାନ ଶ୍ରଦ୍ଧାଳୁ ପଞ୍ଝାକୁ ଧରି ନିଆଁରେ ଚାଲୁଛନ୍ତି।

## ବିଶ୍ୱନାହାକାଣୀ ବିଦ୍ୟାଳୟକୁ ୩ ଏନ୍‌ଏସ୍‌ଏସ୍ ପୁରସ୍କାର

**ଟାଙ୍ଗୀ(କଟକ), ୯।୯(ଡି.ଏନ୍.ଏ.)**

ଭୁବନେଶ୍ୱରଠାରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏନ୍‌ଏସ୍‌ଏସ୍ ପୁରସ୍କାର ବିତରଣ ଉତ୍ସବରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୩ଟି ପୁରସ୍କାର ଜିତିବାରେ ସକ୍ଷମ ହୋଇଛି। ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ବାଳିକା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ସରୋଜିନୀ ଦେବତାଙ୍କୁ ଗତ ବର୍ଷର ଶ୍ରେଷ୍ଠ ପ୍ରୋଗ୍ରାମ ଅଧିକାରୀ, ସୌଭାଗ୍ୟବତୀ ନାଟିଆ ଓ ଆରତୀ ମଲ୍ଲିକଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ କରାଯାଇଥିବା କଲେଜର ଭାରପ୍ରାପ୍ତ ଅଧକ୍ଷ ତଥା ସେକ୍ରେଟାରୀ ଡ.ସଚ୍ଚିଦାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ବିଭାଗୀୟ ସଚିବ ଚିତ୍ରା ଅରୁମୁଗମ୍ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧୀନରେ ନିଷ୍ଠାପର ତଥା ସ୍ୱେଚ୍ଛାସେବୀ ମନୋଭାବରେ ନିରନ୍ତର ସମାଜସେବା, ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟସେବା ଓ ଗ୍ରାମଗଡ଼ିକରେ ବିଭିନ୍ନ ଜନହିତକର କାର୍ଯ୍ୟ ନିମନ୍ତେ ପୁରସ୍କାର ପ୍ରଦାନ କରାଯାଇଥିଲା।

### ନିଧିପୁରଗଡ଼ାରେ ଦୋକାନୀଙ୍କୁ ହତ୍ୟା ଘଟଣା

## ୭ଦିନ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଖୁଣ୍ଟୁଣୀ,୯।୯(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନିଧିପୁର ଗଡ଼ାଠାରେ ଗଣେଶ ପୂଜା ଦିନ ଦୋକାନୀ ଗୋଲକ ପ୍ରଧାନଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତକୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲ ଅଞ୍ଚଳର ଦିପୁ ଓରଫ ସରୋଜ ସ୍ୱାଇଁ। ଏହି ଘଟଣାରେ ପୂର୍ବରୁ ୩ଜଣଙ୍କୁ ଧରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଦିପୁ ଫେରାର ଥିବାରୁ ଏକ ସ୍ୱତନ୍ତ୍ର ଟିମ କରି ଧରିଥିବା ଆଇଆଇସି ସୁଚିତ୍ରବିର୍ଯ୍ୟ ଦାସ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଚୌଦ୍ୱାର ଥାନା ଅଧୀନ ମାହାଳପଡାର ଦୋକାନୀ ଗୋଲକଙ୍କୁ ପୂର୍ବଶତ୍ରୁତା ନେଇ ଦୀପୁ ସମେତ ୧୨ଜଣ ଯୁବକ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରିଥିଲେ। ଏ ନେଇ ଗୋଲକଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। କିନ୍ତୁ ସେବେଠାରୁ ଦୀପୁ ଅନ୍ୟ ୮ସହଯୋଗୀ ଫେରାର ଥିଲେ। ଗିରଫ ୩ ଅଭିଯୁକ୍ତଙ୍କୁ ପଚରାଉଚୁରା ପରେ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ଖୁଣ୍ଟୁଣୀ ଆଇଆଇସି ଦାସ ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ଏହି ଟିମ କଟକ, ପୁରୀ, ଢେଙ୍କାନାଳ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲା। ଏହି ଖବର ଦୀପୁ ଜାଣିବା ପରେ ସୋମବାର ବାଲେଶ୍ୱରକୁ ଖସିଯିବାକୁ ମଙ୍ଗୁଳି ଛକଠାରେ ଏକ ବସ୍‌କୁ ଅପେକ୍ଷା କରିଥିଲା। ଏହି ସମୟରେ ପୋଲିସ ଟିମ ତୁରନ୍ତ ସେଠାରେ ପହଞ୍ଚି ଦୀପକୁ କାବୁ କରିଥିଲା। ତେବେ ଅନ୍ୟ ୮ ଅଭିଯୁକ୍ତ ମଧ୍ୟ ବାହାରେ ବୁଲୁଥିବାବେଳେ ପୋଲିସ ଧରିବାରେ ଟାଳଟୁଳ ନୀତି କରୁଥିବା ଗୋଲକଙ୍କ ପରିବାର ଲୋକ କହିଛନ୍ତି। ଅପରପକ୍ଷେ ପୋଲିସ ମଧ୍ୟ ତଦନ୍ତ ସମୟରେ ଯାହାର ନାମ ବାହାରୁଛି ସେମାନଙ୍କୁ ଗିରଫ କରାଯାଉଛି ବୋଲି ଥାନାଧିକାରୀ କହିଛନ୍ତି।

## ଟ୍ରାଫିକ୍‌ରେ ଚେକିଂ ବେଳେ ଯୁବକ ଆହତ

**କଟକ ଅଫିସ, ୯।୯**

ମଙ୍ଗଳାବାଗ ଥାନା ଅନ୍ତର୍ଗତ ମେରିଟାଇମ ମ୍ୟୁଜିୟମ ସମ୍ମୁଖରେ ସୋମବାର ପୋଲିସ ପକ୍ଷରୁ ହେଲ୍‌ମେଟ୍ ଚେକିଂ ବେଳେ ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଆହତ ହୋଇଛନ୍ତି। ସେ ସ୍ଥାନୀୟ ଶଗଡିଆ ସାହିର ବିକାଶ ସ୍ୱାଇଁ(୨୪)। ଏଥିରେ ତାଙ୍କର ମୁଣ୍ଡ ଫାଟିଯାଇଛି।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଉକ୍ତ ମ୍ୟୁଜିୟମ ସମ୍ମୁଖରେ ପୋଲିସ ପକ୍ଷରୁ ଚେକିଂ କରାଯାଉଥିଲା। ବିକାଶ ଓ ତାଙ୍କ ବନ୍ଧୁ ବାଇକରେ ଯାଉଥିବାବେଳେ ଚେକିଂ ହେଉଥିବା ଦେଖିବାକୁ ପାଇଥିଲେ। ଫଳରେ ଏହି ଚେକିଂରୁ ବର୍ତ୍ତିବା ପାଇଁ ବିକାଶ ଦ୍ରୁତ ଗତିରେ ଗାଡି ଚଳାଇ ପଳାଇ ଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ କୌଣସି କାରଣବଶତଃ ବିକାଶଙ୍କ ମୁଣ୍ଡ ଫାଟିଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ପୋଲିସର ଚେକିଂକୁ ଶତାଧିକ ଲୋକ ବିରୋଧ କରିଥିଲେ। ଏହି ସମୟରେ ପୋଲିସ ମାଡରେ ତାଙ୍କ ମୁଣ୍ଡ ଫାଟିଥିବା ବିକାଶ କହିଥିଲେ। ପରେ ପୋଲିସ ତାଙ୍କୁ ଆଣି ଏସ୍‌ସିବି ମେଡିକାଲରେ ଚିକିତ୍ସା କରାଇଥିଲା। ଏହାପରେ ବିକାଶ ତାଙ୍କ ବୟାନ ବଦଳାଇବା ସହ ଚେକିଂ ସମୟରେ ନ ଜାଣିପାରି ବ୍ରେକ ମାରି ଗାଡିରୁ ପଡିଯାଇଥିବା କହିଛନ୍ତି। ଏ ନେଇ ମଙ୍ଗଳାବାଗ ଥାନା ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି, ପୋଲିସ ପକ୍ଷରୁ ଚେକିଂ କରାଯାଉଥିଲା। ଏହି ଚେକିଂରୁ ବର୍ତ୍ତିବା ପାଇଁ ପଳାଇ ଯାଉଥିବାବେଳେ ବିକାଶ ଗାଡ଼ିରୁ ପଡ଼ି ଯାଇଥିଲେ।

## ଉଠାଦୋକାନୀ ମହାସଂଘର ସାଧାରଣ ସଭା

**କଟକ ଅଫିସ, ୯।୯**

ଯୋବ୍ରା ମ୍ୟୁଜିୟମସ୍ଥିତ ଆଖଣ୍ଡଳମଣିମନ୍ଦିର ପ୍ରାଙ୍ଗଣରେ ଉଠାଦୋକାନୀ ମହାସଂଘ ପକ୍ଷରୁ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ସୁରେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହରର ପ୍ରତ୍ୟେକ ସାହିବସ୍ତିର ଉଠାଦୋକାନୀ ଏକତ୍ରିତ ହୋଇଥିଲେ। ସରକାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ନ କରି ଉଠାଦୋକାନୀମାନଙ୍କୁ ଉଚ୍ଛେଦ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗକୁ ଆସୁଛି ପାର୍ବଣ ଋତୁ। ଏଣୁ ସହରବାସୀ ପ୍ରତ୍ୟକ୍ଷ ଭାବେ ଉଠାଦୋକାନୀମାନଙ୍କ ଉପରେ ନିର୍ଭର କରନ୍ତି। ଉଠାଦୋକାନୀମାନଙ୍କୁ ପାର୍ବଣ ଋତୁରେ ଯଥାସମ୍ଭବ ଥଇଥାନ କରିବା ପାଇଁ ଜିଲାପାଳଙ୍କ ନିକଟରେ ଏକ ଅଭିଯୋଗପତ୍ର ଦାଖଲ କରାଯିବ। ଏ ନେଇ ଆସନ୍ତା ୧୩ରେ ସହରର ସମସ୍ତ ଉଠାଦୋକାନୀ ଏକତ୍ରିତ ହୋଇ ଗୌରୀଶଙ୍କର ପାର୍କଠାରୁ ବିଶାଳ ପଦଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଭାଜପା ନେତା ସୁନୀଲ ଦ୍ୱିବେଦୀ, ସ୍ମୃତିରଞ୍ଜନ ମିଶ୍ର, ଅନ୍ନଦା ପ୍ରସାଦ ଦାସ, ଉଠାଦୋକାନୀ ସଂଘର ମନୋଜ ବେହେରା, ବାପୁଜୀ କର, ପୃଥ୍ୱୀରାଜ ବେହେରା, ମଣ୍ଟୁ ସାହୁ, ଦିବାକର ସାହୁ, ଉମେଶ ଚନ୍ଦ୍ର ଜେନା, ରତ୍ନାକର ସାହୁ, ରାଜେଶ ପରିଡ଼ା, ପିଣ୍ଟୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସବୁ ଧର୍ମର ଲକ୍ଷ୍ୟ ଈଶ୍ୱରପ୍ରାପ୍ତି

**କଟକ ଅଫିସ, ୯।୯**

ଯେଉଁଭଳି ଭାବେ ସବୁ ନଦୀର ଲକ୍ଷ୍ୟସ୍ଥଳ ସମୁଦ୍ର, ଠିକ୍ ସେହିଭଳି ସବୁ ଧର୍ମର ଗୋଟିଏ ଲକ୍ଷ୍ୟ ଈଶ୍ୱରପ୍ରାପ୍ତି। ତେଣୁ ସବୁ ଧର୍ମକୁ ଲୋକମାନେ ସମ୍ମାନ କରିବା ଉଚିତ। ଆମମାନଙ୍କର ରାଷ୍ଟ୍ର ବିଶ୍ୱଭ୍ରାତୃତ୍ୱକୁ ବଜାୟ ରଖିବା ପାଇଁ ହେବା ଆବଶ୍ୟକ ବୋଲି କଟକ ମାତାମଠସ୍ଥିତ ରାମକୃଷ୍ଣ ମିଶନ୍‌ଠାରେ ବିଶ୍ୱଭ୍ରାତୃତ୍ୱ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ଆର୍ଯ୍ୟାନନ୍ଦ ମହାରାଜ ଯୋଗଦେଇ ଏହା କହିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ୱାମୀ ଅକିଞ୍ଚନାନନ୍ଦ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଖବରଦାତା ସତ୍ୟ ରାୟ ଯୋଗଦେଇଥିଲେ। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ଡ. ମଳୟ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ରଶ୍ମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ସୌମ୍ୟ ମାହାଳି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ରଞ୍ଜନ ମହନ୍ତ ଧନ୍ୟବାଦ ଦେଇଥିଲେ।

## ଦାବି ପୂରଣ ନ ହେଲେ ଡିଜିପି ଅଫିସ ସମ୍ମୁଖରେ ବିକ୍ଷୋଭ

**କଟକ ଅଫିସ, ୯।୯**

ସହର ଏବେ ଅସୁରକ୍ଷିତ। ରାସ୍ତାଘାଟ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ମିଳୁନି। ଦିନ ଦିପ୍ରହରରେ ଚୋରି, ଛିନ୍‌ତାଇ ହେଉଛି। ଏହି ସମୟରେ ପୋଲିସ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିଦେବା ବଦଳରେ ଟ୍ରାଫିକ କଟକଣାର ଆଳ ଦେଖାଇ ଲୋକଙ୍କୁ ଲୁଟୁଛି। ଏପରି ଅଭିଯୋଗ ଉଠାଇ କଟକ ନଗର ଜିଲା କଂଗ୍ରେସ, କଟକ ଜିଲା ସିପିଆଇ, କଟକ ଜିଲା ସିପିଆଇଏମ୍ ଓ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ସଇଦାନି ବଗିଚାଠାରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କଟକ ନଗର ଜିଲା କଂଗ୍ରେସ କମିଟି ସଭାପତି ତଥା ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ



ଖବରଦାତା ସମ୍ମିଳନୀରେ ବିଧାୟକ ମହମ୍ମଦ ମୋକିମ୍ ବକ୍ତବ୍ୟ ଦେଉଛନ୍ତି।

ଆସନ୍ତା ୧୨ରେ ଡିଜିପି ଅଫିସ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଟ୍ରାଫିକ ପୋଲିସ ନିୟମ ଆଳରେ ଜରିମାନା ଆଦାୟ ପ୍ରକ୍ରିୟାକୁ କୋହଳ କରିବାକୁ ଦାବି କରାଯାଇଛି। ପାର୍ବଣ ଋତୁ ଚାଲିଥିବା ହେତୁ କଟକବାସୀଙ୍କ ପାଇଁ କଟକଣା କୋହଳ କରାଯାଉ। ଅନ୍ତତଃ ଜାନୁୟାରୀ ପର୍ଯ୍ୟନ୍ତ ପୋଲିସ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ବୋଲି ସମ୍ମିଳନୀରେ କୁହାଯାଇଥିଲା। ଟ୍ରାଫିକରେ ଚେକିଂ ଯୋଗୁ ରାସ୍ତା ଭିଡ଼ ହେଉଥିବା ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ କଟକରୁ ଉଠି ଯାଉଥିବା ସରକାରୀ କାର୍ଯ୍ୟାଳୟଗୁଡ଼ିକ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ କଟକ ଜିଲା ସିପିଆଇ ସମ୍ପାଦକ ଅମରେନ୍ଦ୍ର ମହାନ୍ତି, କଟକ ଜିଲା ସିପିଆଇଏମ୍ ସମ୍ପାଦକ ବଦ୍ରିନାରାୟଣ ଦାସଙ୍କ ସମେତ ଓଡ଼ିଶା ସୁରକ୍ଷା ସେନାର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଖୁଦୁରୁକୁଣୀଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ ପାଇଁ ସୋମବାର କଟକ ଚୌଧୁରୀ ବଜାର ଦେଇ ପୁରୀଘାଟ ଦେବୀଗଡ଼ାକୁ ଶୋଭାଯାତ୍ରାରେ ନିଆଯାଉଛି।

## ମା'ତାରିଣୀ ଯୁବକ ସଂଘର ବାର୍ଷିକ ଉତ୍ସବ

**ଚୌଦ୍ୱାର, ୯।୯(ଡି.ଏନ୍.ଏ.)**

ମା' ତାରିଣୀ ଯୁବକ ସଂଘ ପକ୍ଷରୁ ଚାରିଦିନ ବ୍ୟାପୀ ଚାଲିଥିବା ଚତୁର୍ଥ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ ସଂଘର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲା ଯୋଜନା କମିଟି ସଦସ୍ୟ ଶୁଭେନ୍ଦୁ ସାମଲ, ପୂର୍ବତନ କାଉନସିଲର କରୁଣାକର ସାହୁ, ମନୋଜ କୁମାର ମହାନ୍ତି, ସୁବ୍ରତ ସାମଲ, ସାମାଜିକ କର୍ମୀ ଦିଲୀପ କୁମାର ଛତାର, ଆଞ୍ଚଳିକ ସାମ୍ବାଦିକ ସଂଘ ସଭାପତି ସତ୍ୟବ୍ରତ ଦାସ, ନରେଶ କୁମାର ସାହୁ, ଖବରଦାତା ଆଲୋକ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବରେ ଯୁବକ ସଂଘ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମା' ତାରିଣୀ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ବିରଞ୍ଚି ଦାସ, ଅଭିରାମ ଭୂୟାଁ, ରବୀନ୍ଦ୍ର ପ୍ରଧାନ, ସମ୍ପାଦକ ରାଜା ଭଦ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସଂଘର ସଭାପତି କମଳାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ଖୋଳିଦେଲା ଜନସ୍ୱାସ୍ଥ୍ୟ ବିଭାଗ

**କଟକ ଅଫିସ, ୯।୯**

ସହରରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ବିଭିନ୍ନ ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ପୂଜା ନିମନ୍ତେ ମେଢ, ତୋରଣ ଓ ଲାଇଟ୍ ସାଜସଜା କାର୍ଯ୍ୟ ଜୋରସୋର ଚାଲିଛି। ତେବେ ସହରର ରାସ୍ତାକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଛି। ମରାମତି ପାଇଁ ଜାଇକା ପକ୍ଷରୁ ବିଭିନ୍ନ ସ୍ଥାନରେ ରାସ୍ତାକୁ ଖୋଳି ଦିଆଯାଇଛି। ଫଳରେ ଖାଲଖମାରେ ଭର୍ତ୍ତି ହୋଇପଡ଼ିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟ ରାସ୍ତା ନଷ୍ଟ କରିବାରେ ଜାଇକାର ସାଥି ଦେଇଛି। ଦଶହରା ଆଉ ମାତ୍ର ଅଳ୍ପଦିନ ବାକି ଥିବାବେଳେ ରାସ୍ତା ମରାମତି ପାଇଁ ପ୍ରଶାସନ ପକ୍ଷରୁ ଆନ୍ତରିକତାର ଅଭାବ ଥିବା ଦେଖିବାକୁ ମିଳୁଛି।



ବାଦାମବାଡ଼ି ଗଣେଶ ମନ୍ଦିରଠାରୁ ଝାଞ୍ଜିରିମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଅଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଲାଇନ ବିଛାଇବା ନିମନ୍ତେ ରାସ୍ତା ଖୋଳାଯାଇଥିଲା। ପାଇପ ଲାଇନ ବିଛାଇବା ପରେ ରାସ୍ତାକୁ ପୋତା ଯାଇଥିଲା। ମାତ୍ର ଠିକ୍ ଭାବେ ଏହାକୁ ପୋତାଯାଇ ନ ଥିବାରୁ ଗାଡ଼ିଗୁଡ଼ିକ ଦବି ଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ସହର ରାସ୍ତାରେ ପାଣି ଜମି ରହୁଥିବାରୁ ଅସୁବିଧାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୁଶାନ୍ତ କୁମାର ଘଡାଇ କହିଛନ୍ତି, ବିଭାଗ ପକ୍ଷରୁ ରାସ୍ତା କଡ଼କୁ ଖୋଳାଯାଇ ପାଇପ ବିଛାଯାଉଛି। ଦିନେ ଦୁଇଦିନ ଭିତରେ ଏହି କାର୍ଯ୍ୟ ଶେଷ ହେବ। ଯେଉଁ ସ୍ଥାନରେ ଗାତ ହୋଇଥିବା ଅଭିଯୋଗ ହେଉଛି ସେଠାରେ ମାଟି ପକାଯାଇ ପୂରଣ କରାଯାଉଛି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।

- ଲେନିନ୍



■ ସୌଭାଗ୍ୟ ଯୋଜନା ବାଟବଣା

# ବିଦ୍ୟୁତ୍ ସଂଯୋଗ ନ ଥାଇ ଆସୁଛି ବିଲ୍

**ଖୋର୍ଦ୍ଧା ଅଫିସ,୯।୯**

ଖୋର୍ଦ୍ଧା ଜିଲାରେ ସୌଭାଗ୍ୟ ଯୋଜନା ବାଟବଣା ହୋଇପଡ଼ିଛି। ଘରକୁ ବିଦ୍ୟୁତ୍ ସଂଯୋଗ ନ ଦେଇ ସେସୁ ବିଦ୍ୟୁତ୍ ବିଲ୍ ପ୍ରଦାନ କରିଛି। ଗରିବ ଉପଭୋକ୍ତା ବିଦ୍ୟୁତ୍ ନ ଜାଳି ବିଲ୍ କିପରି ଦେବେ ଚିନ୍ତାରେ ପଡ଼ିଛନ୍ତି। ଏଭଳି ଅବ୍ୟବସ୍ଥା ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଭଳି ଜିଲାର ବିଭିନ୍ନ ପଞ୍ଚାୟତରେ ଦେଖିବାକୁ ମିଳିଛି। ଘରେ ବିଦ୍ୟୁତ୍ କିଟ୍ ଲାଗିଛି। ମିଟର ବି ଲଗାଇ ଦିଆଯାଇଛି। ସର୍ଭିସ ତାର ଟାଣିବାକୁ ଗ୍ରାହକଙ୍କୁ ରଖିବାକୁ ଦିଆଯାଇଛି। ହେଲେ ବିଦ୍ୟୁତ୍ ଖୁଣ୍ଟରୁ ଘରକୁ ବିଦ୍ୟୁତ୍ ସଂଯୋଗ ଦିଆଯାଇନାହିଁ। ଆଜିକାଲି କହି ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସମୟ ଗଡାଇ ଚାଲିଛନ୍ତି। ସୌଭାଗ୍ୟ ଯୋଜନାରେ ମାର୍ଚ୍ଚ ୨୯ରୁ ସେପ୍ଟେମ୍ବର ୮ ପର୍ଯ୍ୟନ୍ତ ଅରାଙ୍ଗ ଗାଁର ସୁଷମା ପ୍ରଧାନ ଓ ସତ୍ୟଭାମା ପ୍ରଧାନଙ୍କର ସେପ୍ଟେମ୍ବର ମାସରେ ୪୭୪ଟଙ୍କା ୪୦ପଇସା ବିଦ୍ୟୁତ୍ ବିଲ୍ ଆସିଛି। ସୁଷମା ଓ ସତ୍ୟଭାମା କୁହନ୍ତି, ଲାଇନ ନ ଜାଳି ବିଦ୍ୟୁତ୍ ବିଲ୍ ଆସିଛି। ଲାଇନ୍ ଜାଳିବା ପରେ ଟଙ୍କା ଦେଇ ହେବ କି ନାହିଁ ସନ୍ଦେହ ଉପୁଜିଛି। ସେମାନେ କେଉଁଠାରେ ଅଭିଯୋଗ କରିବେ ମଧ୍ୟ ଜାଣି ପାରୁ ନାହାନ୍ତି। ବିଦ୍ୟୁତ୍ ବିଭାଗ ଏହାର ତୁରନ୍ତ ସମାଧାନ କରିବାକୁ ଦାବି କରିଛନ୍ତି।

### ୩ ବର୍ଷ ପରେ ମିଳିଲା ବିଲ୍

ରାଜୀବ ଗାନ୍ଧୀ ବିଦ୍ୟୁତ୍ କରଣ ଯୋଜନାରେ ୩ବର୍ଷ ପୂର୍ବେ ବିଦ୍ୟୁତ୍ ମିଳିଥିଲା। ବିଦ୍ୟୁତ୍ ସଂଯୋଗ ଦେବା ସମୟରେ ମିଟର ଲାଗିଥିଲା। ହେଲେ ମାସକୁ ମାସ ମିଟର ରିଡିଂ ନ ନେବାରୁ ବିଦ୍ୟୁତ୍ ବିଲ୍ ଆସିଲା ନାହିଁ। ଫଳରେ ଉପଭୋକ୍ତା ଭାବିଲେ ସରକାର ମାଗଣା ବିଦ୍ୟୁତ୍ ଲାଇନ ଯୋଗାଇଲେ। ହେଲେ ୩ବର୍ଷ ପରେ ୧୯ହଜାର, ୨୦ ହଜାର ଟଙ୍କାର ବିଦ୍ୟୁତ୍ ବିଲ୍ ଆସିଛି। ୩ବର୍ଷ ପରେ ବିଦ୍ୟୁତ୍ ବିଲ୍ ଦେଲେ ଏତେ ଟଙ୍କା ଗରିବ ଉପଭୋକ୍ତା କେଉଁଠୁ ଦେବେ । ଯଦି ସେମାନେ ସ୍ୱଚ୍ଛଳ ବର୍ଗର ହୋଇଥାନ୍ତେ ଦେଶ ସ୍ୱାଧୀନର ୬୮ ବର୍ଷ ପରେ ବି ସେମାନଙ୍କର ଘରେ କାହିଁକି ବିଦ୍ୟୁତ୍ ନ ଥିଲା। ଉଇଲକିନଗର ଗ୍ରାମର ବ୍ରଜ ମୋହନ ପ୍ରଧାନ କୁହନ୍ତି, ଗ୍ରାହକଙ୍କୁ ହନ୍ତସନ୍ତ କରି ବିଦ୍ୟୁତ୍ ବିଭାଗ କ'ଣ ଲାଭ ପାଉଛି। ଗରିବ ଲୋକଙ୍କୁ ସରକାର ସହାୟତାର ହାତ ବଢ଼ାଇଥିବାବେଳେ ବିଦ୍ୟୁତ୍ ବିଭାଗ ହଇରାଣ କରୁଛନ୍ତି। ମୋର ବହୁ ଟଙ୍କା ବିଦ୍ୟୁତ୍ ବିଲ୍ ଆସିଛି। ବିଦ୍ୟୁତ୍ ବିଲ୍ ଉପରେ ବିଦ୍ୟୁତ୍ ବିଭାଗ ଗରିବ ଲୋକଙ୍କୁ ସୁହାଇବା ପରି ପଦକ୍ଷେପ ନେଉ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଖୋର୍ଦ୍ଧା ସେସୁର ନିର୍ବାହୀ ଯନ୍ତ୍ରୀ ମନୋଜ ଦାସ କୁହନ୍ତି, ସୌଭାଗ୍ୟ ଯୋଜନାରେ ଯେଉଁମାନଙ୍କୁ ସଂଯୋଗ ଦିଆ ନ ଯାଇ ବିଦ୍ୟୁତ୍ ବିଲ୍ ଦିଆଯାଇଛି ସେଗୁଡିକ ତଦନ୍ତ କରି କାଟି ଦିଆଯିବ। ଏହା ସହ ଉକ୍ତ କଞ୍ଜୁମରମାନଙ୍କୁ ବିଦ୍ୟୁତ୍ ସଂଯୋଗ ଦିଆଯିବ। ସେହିପରି ରାଜୀବ ଗାନ୍ଧୀ ବିଦ୍ୟୁତୀକରଣ ଯୋଜନାରେ ୩ ବର୍ଷ ପରେ ଆସିଥିବା ବିଦ୍ୟୁତ୍ ବିଲ୍‌କୁ ରିଭାଇଜ କରି ସେମାନଙ୍କର ସମସ୍ୟାକୁ ସମାଧାନ କରାଯିବାକୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ଦିଲୀପ ଶ୍ରୀଚନ୍ଦନଙ୍କୁ ଗାଁ ଗଛ ପୁରୁଷ ସମ୍ମାନ ପ୍ରଦାନ କରାଯାଉଛି ।

# ଦିଲୀପଙ୍କୁ 'ଗାଁ ଗଛ ପୁରୁଷ' ସମ୍ମାନ

**ଖୋର୍ଦ୍ଧା ଅଫିସ,୯।୯:**

ଖୋର୍ଦ୍ଧାର ପୂର୍ବତନ ବିଧାୟକ ତଥା ପ୍ରେରଣା ଇଣ୍ଟର ନ୍ୟାଶନାଲ ଗ୍ରୀନ ଆର୍ମିର ଚିଫ୍ କମାଣ୍ଡର ଦିଲୀପ ଶ୍ରୀଚନ୍ଦନଙ୍କୁ ରବିବାର ଜଙ୍କିଆ ପଲ୍ଲୀ ଉତ୍ସବରେ ଗାଁ ଗଛ ପୁରୁଷ ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରୀଚନ୍ଦନଙ୍କୁ ସମ୍ମାନିତ କରିଥିଲେ। ଚାରାରୋପଣ ଓ ପରିବେଶର ସୁରକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଦିଲୀପଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### କୃଷ୍ଣପ୍ରସାଦରେ ୨ ସାପ ଉଦ୍ଧାର



**କୃଷ୍ଣପ୍ରସାଦ,୯।୯(ଡି.ଏନ.ଏ.)**-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କୃଷ୍ଣପ୍ରସାଦ ସେବା ସମବାୟ ସମିତି ଲିଃ କାର୍ଯ୍ୟାଳୟ ମଧ୍ୟରୁ ସୋମବାର ବନ ବିଭାଗ ଦ୍ୱାରା ଏକ ସାପ ଉଦ୍ଧାର କରାଯାଇଛି। ସେହିଭଳି ସାନଅଁଳ ଗ୍ରାମର ହାଡିବନ୍ଧୁ ମାଝିଙ୍କ ଘରେ ରହିଥିବା ଏକ ନାଗସାପକୁ ମଧ ଉଦ୍ଧାର କରାଯାଇଛି । ଘର ମଧରେ ନାଗସାପ ରହୁଥିବା ଜାଣି ହାଡିବନ୍ଧୁ ସ୍ନେକ୍ ହେଲ୍‌ପ ଲାଇନକୁ ଫୋନ୍ କରିଥିଲେ ମଧ୍ୟ ତାହା ସମ୍ଭବ ନ ହେବାରୁ ବନ ବିଭାଗ ସହିତ ଯୋଗାଯୋଗ କରିଥିଲେ । ଚିଲିକା ନୂଆପଡା ବନାଞ୍ଚଳ ଅଧିକାରୀ ଗଙ୍ଗାଧର ସାହୁଙ୍କ ନେତୃତ୍ୱରେ ପାରିକୁଦ ବନରକ୍ଷୀ ସୁଜିତ୍ କୁମାର ବେହେରା ଦୁଇଟି ସ୍ଥାନକୁ ଯାଇ ସାପ ୨ଟିକୁ ଧରିଥିଲେ। ସାପଦ୍ୱୟଙ୍କୁ ସିଆଳ ଗ୍ରାମ୍ୟ ଜଙ୍ଗଲରେ ଛାଡ଼ିଦିଆଯାଇଥିବା ବନ ବିଭାଗ ତରଫରୁ ସୂଚନା ମିଳିଛି ।

### ଲୁଟ୍ ଅଭିଯୋଗ: ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୯।୯:** ଲୁଟ୍ ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ତରତୁଆର ସଲିମ୍ ଖାଁ ଓରଫ ରାଜୁ(୨୮)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ତାଙ୍କୁ ଖୋର୍ଦ୍ଧା ସବଜେଲକୁ ପଠାଇ ଦିଆ ଯାଇଥିବା ପୋଲିସ କହିଛି। ସୂଚନାଥାଉ କି, ୫୭ନଂ. ଜାତୀୟ ରାଜପଥରେ ରାଜୁ ବିଭିନ୍ନ ଗାଡିକୁ ଅଟକାଇ ମାରପିଟ୍ କରିବା ସହ ଲୁଟ୍ କରୁଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୭୭/୧୯)ରୁଜୁ ହୋଇଥିଲା।

### ଜୋତା, ମୋବାଇଲ ରଖିବା ନେଇ ଭକ୍ତ ହଟହଟା

**ପୁରୀ ଅଫିସ, ୯।୯ :** ଶ୍ରୀମନ୍ଦିର ମେଘନାଦ ପାଚେରି ଚାରିପଟୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପଟେ ବ୍ୟାରିକେଡ୍ ଦ୍ୱାରା ଆବୃତ୍ତ କରିଦିଆଯାଇଛି। ଜୋତା ଓ ମୋବାଇଲ ଫୋନ୍ କଣ୍ଟେନରକୁ ବାହାରେ ରଖାଯାଇଛି। ଫଳରେ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ନିଜ ଜୋତା ଓ ମୋବାଇଲ ଫୋନ୍ ରଖିବା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଅନେକ ଭକ୍ତଙ୍କୁ ଏଥିପାଇଁ ହଟହଟା ହେବାକୁ ପଡ଼ିଥିଲା। ଫଳରେ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅସ୍ଥାୟୀ ଭାବେ ରହିଥିବା ସରକାରୀ କଣ୍ଟେନର ପାଖକୁ ଅନେକ ଭକ୍ତ ଆସି ଜୋତା, ମୋବାଇଲ କେଉଁଠି ରଖିବେ ବୋଲି ପଚାରୁଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ କେବଳ ଗାଲିଚାଟିଏ ପକାଇ କାମ ସାରିଦେଇଛି। ମାତ୍ର ଭକ୍ତମାନେ କେଉଁଠି ଜୋତା, ମୋବାଇଲ ରଖିବେ ସେନେଇ କୌଣସି ବ୍ୟବସ୍ଥା କରିନାହିଁ ବୋଲି ଭୁବନେଶ୍ୱରରୁ ଆସିଥିବା ସୁବାସ ଦାଶ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଶ୍ରୀମନ୍ଦିର ପାଖରେ ଘରୋଇ ଜୋତାଷ୍ଟାଣ୍ଡ ଥିଲା। ପ୍ରଶାସନ ପକ୍ଷରୁ ଲକ୍ଷ୍ମୀବଜାର ପାଖରେ ଜୋତା ଓ ମୋବାଇଲ କଣ୍ଟେନର ବ୍ୟବସ୍ଥା ହୋଇଥିଲା। ସିଂହଦ୍ୱାର ଫାଣ୍ଡି, ସୂଚନାକେନ୍ଦ୍ର ଉଚ୍ଛେଦ ପରେ ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟକୁ ଉଠାଇ ନିଆଯାଇଛି। ଅନ୍ୟପଟେ ଘରୋଇ ଜୋତାଷ୍ଟାଣ୍ଡକୁ ଉଚ୍ଛେଦ କରାଯାଇଛି। ତେଣୁ ଶ୍ରଦ୍ଧାଳୁମାନଙ୍କୁ ହଇରାଣ ହେବାକୁ ପଡୁଛି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।

### ଡିଏଚ୍‌ଏଚ୍ ଅନ୍ଧାରରେ

**ଖୋର୍ଦ୍ଧା ଅଫିସ,୯।୯:** ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍)ର ଚତୁଃପାର୍ଶ୍ୱରେ ଆଲୋକ ବ୍ୟବସ୍ଥା କରାଯାଇ ନ ଥିବାରୁ ଚୋରି ହେଉଥିବା ଅଭିଯୋଗ ହେଉଛି। ଫଳରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଚିକିତ୍ସାଳୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଓପାଫ୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ଅର୍ଗାନାଇଜେଶନ୍ ଅଫ୍ ପ୍ୟାରେଣ୍ଟ୍ ଆସୋସିଏଶନ୍ସ ଫୋରମ୍(ଓପାଫ୍)ର ଦ୍ୱିତୀୟ ବାର୍ଷିକ ଉତ୍ସବ ସୋମବାର ଇଉ୍‌କଲ୍ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଓପାଫ୍‌ର ସଭାପତି ଡ. ଗଗନ ବିହାରୀ ରାଉତ ସଭାପତିତ୍ୱ କରି ଘରୋଇ ବିଦ୍ୟାଳୟଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ଯଥାଶୀଘ୍ର ରେଗୁଲେଶନ୍ ଆକ୍ଟ ପ୍ରଣୟନ କରାଯାଉ ବୋଲି ସରକାରଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ୨୦୧୯ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ସାରା ରାଜ୍ୟରେ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ମୀରା ଉପାସନା, ଶାଳିନୀ ଶୀତଲ୍ ଓ ଦଶମ ପରୀକ୍ଷାରେ ସାଇ ଉଦିତ୍ ରାଉତ୍, ଶାଶ୍ୱତୀ ପ୍ରତିପନ୍ନା, ରଶ୍ମିରଞ୍ଜନ ପାଢ଼ୀ, ଜ୍ୟୋତିଶ୍ରୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କମଳାକାନ୍ତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ରବି ଦାସ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ବିଭିନ୍ନ ପ୍ରତିଯୋଗିତାରେ ଯଥା ସାଧାରଣଜ୍ଞାନ, ଚିତ୍ରାଙ୍କନ, ନାଚ ଓ ଶ୍ରୁତଲିଖନରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଓପାଫ୍‌ର କାର୍ଯ୍ୟକାରୀ ସଭାପତି ସଂଯୁକ୍ତା ପାଣିଗ୍ରାହୀ, ଉପସଭାପତି ମଧୁସୂଦନ ବିଶ୍ୱାଳ, ପ୍ରଫେସର ସୁରେନ୍ଦ୍ରନାଥ ରଥ, ଯୁଗ୍ମ ସମ୍ପାଦକ ଅମରେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମ୍ପାଦକ ମୀତାରାଣୀ ସାହୁ ଧନ୍ୟବାଦ ଦେଇଥିଲେ।





ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜଣେ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରୁଛନ୍ତି ।

## କାର କାଚ ଭାଙ୍ଗି ନେଇଗଲେ ଲାପଟପ

**କଟକ ରୋଡ,୯।୯(ଡି.ଏନ୍.ଏ.)**

ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ସୋମବାର ରାତିରେ ଏକ କାର କାଚ ଭାଙ୍ଗି କେହି ଦୁର୍ବୃତ୍ତ ଲାପଟପ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୮ଟା ରେ ଏହି ଥାନା ଅଧୀନ ବମିଖାଲ ଅଞ୍ଚଳରେ ରହୁଥିବା ପ୍ରତୀକ ପାରେଖ ଚିନ୍ତାମଣିଶ୍ୱର ଛକରେ ଥିବା ପେଟ୍ରୋଲ ପମ୍ପ ନିକଟକୁ ଆସିଥିବା ବେଳେ ତାଙ୍କ କାର କାଚ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏହା ସହ କାରରେ ଥିବା ଲାପଟପ ସହ ବ୍ୟାଗ ଚୋରି ହୋଇଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ପ୍ରତୀକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୨୪୮/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉ କି, ଗତ ଅଗଷ୍ଟ ୧୦ରେ ଯାତ୍ରୀ ନିବାସ ନିକଟରେ ଥିବା ଏକ ହୋଟେଲକୁ ଜଣେ ଠିକାଦାର ଆସିଥିବା ବେଳେ ତାଙ୍କ କାର କାଚ ଭାଙ୍ଗି ଲୁଟ୍ ହୋଇଥିବା ନେଇ ଠିକାଦାର ଅଭିଯୋଗ କରିଥିଲେ।

# ଶଳାଙ୍କୁ ଛୁରାମାଡ଼ କରି ଜେଲ ଗଲେ ଭିଣୋଇ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ଖୁଦୁରୁକୁଣୀ ଭାରକୁ କେନ୍ଦ୍ରକରି ବଚସା ପରେ ଶଳାଙ୍କୁ ଛୁରାମାଡ କରିବା ଘଟଣାରେ ଭିଣୋଇଙ୍କୁ ପୋଲିସ ଗିରଫ କରିକୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳର ସରୋଜ ବାରିକ। ସେ କ୍ୟାପିଟାଲ ଥାନା ୟୁନିଟ-୧ ଅଞ୍ଚଳରେ ରହୁଥିଲେ। ସୂଚନା ମୁତାବକ, ବାଙ୍କୀ ଥାନା ଅଞ୍ଚଳର ପ୍ରାଶନ୍ତ ବାରିକ ଖୁଦୁରୁକୁଣୀ ଭାର ଧରି ଭଉଣୀଙ୍କ ଘରକୁ ରବିବାର ଆସିଥିଲା। କୌଣସି କଥାକୁ କେନ୍ଦ୍ରକରି ଶଳା ଓ ଭିଣୋଇଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଥିଲା। ଏଥିରେ ଭିଣୋଇ ଉତ୍କ୍ଷିପ୍ତ ହୋଇ ଶଳାଙ୍କ ଛାତିକୁ ଏକ ଛୁରାରେ ଆକ୍ରମଣ କରୁଥିବା ବେଳେ ସେ ହାତରେ ଅଟକାଇ ଥିଲେ। ଫଳରେ ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହେବା ସହ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ଥାନାରେ ପ୍ରଶାନ୍ତ ଅଭିଯୋଗ କରିବା ପରେ ପୋଲିସ ୩୧୮/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ପୂର୍ବଶତ୍ରୁତାରୁ ବୋମାମାଡ଼ ଘଟଣା, ୨ ଗିରଫ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଞ୍ଚଳରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଦୋକାନ ଆଗରେ ବୋମାମାଡ କରିବା ଘଟଣାରେ ସମ୍ପୃକ୍ତ ଆଉ ୨ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଲିଆ ସାହି ଅଞ୍ଚଳର ରାକେଶ କୁମାର ତରେଇ ଓ ସିଆରପି ଛକ ମୁଣ୍ଡାସାହି ଅଞ୍ଚଳର ଅଲି ଆବ୍ରାହିମ। ଏହି ଘଟଣାରେ ପୂର୍ବରୁ ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସୂଚନା ମୁତାବକ, ଏହି ଥାନା ଅଧୀନ ତାରିଣୀ ନଗର ଅଞ୍ଚଳରେ ବିଶ୍ୱନାଥ ପ୍ରଧାନ ସପରିବାର ରହିବା ସହ ଏକ କବାଡିଆ ଦୋକାନ କରି ପରିବାର ଭରଣ ପୋଷଣ କରନ୍ତି। ଗତ ୨୦୧୮ରେ ଏକ ମାମଲାରେ ବିଶ୍ୱନାଥ ସମ୍ପୃକ୍ତ ଅଭିଯୁକ୍ତ ଟକିଙ୍କ ନାମରେ ସାକ୍ଷୀ ଦେଇଥିଲେ। ଫଳରେ ଅଭିଯୁକ୍ତ ଟିକିଙ୍କ ସହଯୋଗୀମାନେ ପ୍ରତିଶୋଧ ପରାୟଣ ହୋଇଉଠିବା ସହ ଛକାପଞ୍ଝା ଲାଗିରହିଥିଲା। ଗତ ୨୧ ତାରିଖ ରାତି ସାଢେ ୯ଟାବେଳେ ବିଶ୍ୱନାଥଙ୍କୁ ଭୟଭୀତ କରିବା ସହ ତାଙ୍କ ଦୋକାନ ସମ୍ମୁଖକୁ ବୋମାମାଡ କରି ଫେରାର ହୋଇଯାଇଥିଲେ। ଏହି ଘଟଣାରେ ବିଶ୍ୱନାଥଙ୍କର କୌଣସି କ୍ଷୟକ୍ଷତି ହୋଇ ନ ଥିବାବେଳେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପୋଲିସକୁ ଜଣାଇଥିଲେ। ପୋଲିସ ପହଁଚି ବିଶ୍ୱନାଥଙ୍କ ଅଭିଯୋଗକ୍ରମେ ୩୭୬/୧୮ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ଜାମିନ ଆବେଦନ ଖାରଜ ହେବାରୁ ୨ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୯।୯(ବ୍ୟୁରୋ)**

କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ୟୁନିଟ-୧ ଜିଇଡି ବସ୍ତି ଅଞ୍ଚଳର ବିଶାଲ ନାୟକ (୨୨)। ସୂଚନାଯୋଗ୍ୟ, ରବିବାର ଅପରାହ୍ନରେ ନାବଳିକା ଜଣଙ୍କ ଦୋକାନକୁ ସଉଦା ଆଣିବାକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ବିଶାଲ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ଟାଣି ନେଇ ତାଙ୍କ ସହ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ନାବାଳିକା ଜଣକ କୌଶଳକ୍ରମେ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ସେମାନେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୧୭/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# କଠିନ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ



ରାସ୍ତା ସଫେଇ କରାଯାଉଛି।

**ଯାଁଳା,୯।୯(ଡି.ଏନ୍.ଏ.):**

ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତର ରାଧାଚରଣପୁର ଗ୍ରାମରେ ସୋମବାର କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗମ୍ବର ରାଉତ ଯୋଗଦେଇ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଲୋକମାନଙ୍କୁ ବୁଝାଇବା ରାସ୍ତା ସଫେଇ କରିଥିଲେ। ଅତିଥିଭାବେ ଜଟଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସୁଦେବ ମାହାରି, ଗ୍ରାମ୍ୟ ଜଳ ଓ ପରିମଳ ସଂସ୍ଥାର ଯନ୍ତ୍ରୀ ବାସୁଦେବ ଶତପଥୀ ଯୋଗଦେଇଥିଲେ। ଯାଁଳା ପଞ୍ଚାୟତ ସରପଞ୍ଚ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବହୁ ମହିଳା ଗୋଷ୍ଠୀ ଓ ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

■ ଡ୍ରେନ ନିର୍ମାଣରେ ଅନିୟମିତତା ଅଭିଯୋଗ

# ବେଗୁନିଆ ବଜାର କମିଟି ପକ୍ଷରୁ ରାସ୍ତାରୋକୋ

**ବେଗୁନିଆ,୯।୯(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବେଗୁନିଆ ବଜାରରେ ଡ୍ରେନ ନିର୍ମାଣ ନିମ୍ନମାନ ଓ ଅଙ୍କାବଙ୍କା ହୋଇଥିବା ଅଭିଯୋଗ ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ଜନ କଲ୍ୟାଣ ପ୍ରତିଷ୍ଠାନର ସଦସ୍ୟ ଓ ବଜାର କମିଟି ବ୍ୟବସାୟୀମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଏହାର ପ୍ରତିବାଦରେ ସୋମବାର ବ୍ୟବସାୟୀମାନେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବେଗୁନିଆ ବଜାରରେ ପ୍ରାୟ ଏକ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦୁଇ ଦିନ କାର୍ଯ୍ୟ ବନ୍ଦ ରହିବା ସହ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଥାଉକି, ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ବେଗୁନିଆ ବଜାର ଦେଇ ଯାଇଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଦୁଇ ଲେନ ରାସ୍ତା ପାଇଁ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁ ରହିଛି। କାର୍ଯ୍ୟ ଆରମ୍ଭରୁ ଠିକାଦାର ନିମ୍ନମାନର ଢଳେଇ ଡ୍ରେନକୁ ଅଙ୍କାବଙ୍କା କରି ଗଢି ତୋଲିଥିଲେ। ଫଳରେ ବହୁ ବ୍ୟବସାୟୀଙ୍କୁ ଦୋକାନ ଭାଙ୍ଗିବାକୁ ପଡିଥିଲା। କାର୍ଯ୍ୟରେ ତାଳମେଳ ରହୁ ନ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜପଥ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ ତଦାରଖ କରୁ ନ ଥିବା ଅଭିଯୋଗ କରିଥିଲେ। ଏ ନେଇ ଗତ ଜୁଲାଇ ୧୫ ରେ ଜନ କଲ୍ୟାଣ ପ୍ରତିଷ୍ଠାନର ସଦସ୍ୟ ଓ ବଜାର କମିଟି ବ୍ୟବସାୟୀମାନେ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହା ସହ ମୁଖ୍ୟମନ୍ତ୍ରୀ ଓ ଜାତୀୟ ରାଜପଥ ବିଭାଗକୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା।



ବେଗୁନିଆ ବଜାରରେ ଜେସିବି ରଖି ରାସ୍ତା ଅବରୋଧ କରାଯାଇଛି।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
-ଲେନିନ୍



## ସଂକ୍ଷେପରେ

### କଲେଜ ଛାତ୍ରୀ ଅପହରଣ ଘଟଣାରେ ଜଣେ ଗିରଫ

ଗୋପ, ୯।୯(ଡି.ଏନ୍.ଏ.): ଗୋପ ଥାନା ଅଧୀନ ଏକ ଗ୍ରାମର ଜନୈକ କଲେଜ ଛାତ୍ରୀଙ୍କୁ ଅପହରଣ ଘଟଣାରେ ଗୋପ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହେଲେ କେଉତୁଙ୍ଗା ଗ୍ରାମର କାର୍ତ୍ତିକ ପ୍ରଧାନ। କୌଣସି କାରଣକୁ ନେଇ ଛାତ୍ରୀଙ୍କ ପରିବାର ସହ ଫିଲୁ ପ୍ରଧାନଙ୍କର ଝଗଡ଼ା ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଜୁଲାଇ ୨ ତାରିଖ ସନ୍ଧ୍ୟାରେ ଛାତ୍ରୀ ଜଣଙ୍କ ତାଙ୍କ ମା'ଙ୍କ ସହିତ ବାଡ଼ିରେ ଥିବାବେଳେ ୩ଜଣ ଯୁବକ ତାଙ୍କୁ ଅପହରଣ କରିନେଇଥିଲେ। ପରେ ଗାପ ଥାନାରେ ଛାତ୍ରୀଙ୍କ ମା' ଲିଖିତ ଅଭିଯୋଗ କରିବାରୁ ଏନେଇ ୯୪/୧୯ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। କାର୍ତ୍ତିକଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବାବେଳେ ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁଙ୍କୁ ପଚାରିବାରେ ଛାତ୍ରୀ ଅପହରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି କହିଥିଲେ।

### ଚାନ୍ଦା ଆଦାୟ ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ

କଣାସ, ୯।୯(ସ୍ୱ.ପ୍ର.):କଣାସ ବ୍ଲକର ଗାଁ ଗହଳି ଓ ମୁଖ୍ୟ ରାସ୍ତା ମାନଙ୍କ ମଧ୍ୟରେ ବିଭିନ୍ନ ପର୍ବ ପର୍ବାଣି ପାଇଁ ଯୋରଜବରଦସ୍ତି ଚାନ୍ଦା ଆଦାୟ କରାଯାଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛି ଦିନ ତଳେ ଗଣେଷ ପୂଜା ଉତ୍ସବ ପାଇଁ ଗାଁ ଗହଳି ରାସ୍ତା ମାନଙ୍କରେ ଯୁବକମାନେ ଚାନ୍ଦା ଆଦାୟ କରୁଥିବା ବେଳେ ବର୍ତ୍ତମାନ ଖୁଦୁରୁକୁଣୀ ଓଷା ପାଇଁ ଯୁବତୀମାନେ ବିଭିନ୍ନ ରାସ୍ତାରେ ଚନ୍ଦା ଆଦାୟ କରୁଛନ୍ତି। ମୁଖ୍ୟତଃ ନୂଆ ଜଗନ୍ନାଥ ସଡକ, କଣାସ ଡେଲାଙ୍ଗ ରାସ୍ତା, କଣାସ ଗଡିଶାଗୋଦା ରାସ୍ତା, କଣାସ ଗୋଲବାଇ ରାସ୍ତା, କଣାସ ମନ୍ଦାରବସ୍ତ ରାସ୍ତାରେ ଚାନ୍ଦା ଆଦାୟ କାର୍ଯ୍ୟ ଚାଲୁରହିଛି। ପୋଲିସ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହେଉଛି।

### କଲେଜର ପ୍ରତିଷ୍ଠା ଦିବସ

ନିମାପଡ଼ା,୯।୯(ଡି.ଏନ୍.ଏ.): ନିମାପଡ଼ାସ୍ଥିତ ସ୍ୱାଧୀନ ମହାବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କଠିନ ପରିଶ୍ରମ ଓ ନିଷ୍ଠାର ସହ କାର୍ଯ୍ୟ କଲେ ସୁଫଳ ମିଳିବ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ସାମ୍ବାଦିକ ଦୋଳଗୋବିନ୍ଦ ପଣ୍ଡା ଯୋଗଦେଇ ଶିକ୍ଷା ହେଉଛି ମଣିଷ ବିକାଶର ମାପକାଠି, ଶିକ୍ଷା ବିନା ମଣିଷ ସ୍ୱାବଲମ୍ବି ହୋଇପାରିବ ନାହିଁ ବୋଲି କହିଥିଲେ। ଅତିଥିଭାବେ ସ୍ୱାସ୍ଥ୍ୟ ବିଭାଗ ନର୍ସିଂର ନିର୍ଦ୍ଦେଶକ ସୁଶୀଲ କର, ସିନେତାରକା ଅଶ୍ରୁମୋଚନ ମହାନ୍ତି, ସନ୍ତୋଷ ବିଶ୍ୱାଳ, ବିଭୁ ମିଶ୍ର, ବିଶ୍ୱଭୂଷଣ ପଣ୍ଡା, ଲିକୁନ ଚୌଧୁରୀ, ସ୍ମରଣିକା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ବଳ, ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ସ୍ୱାଧୀନ ସାହୁ, ପରିଚାଳନା କମିଟି ସଭାପତି ଅଶୋକ ସାହୁ, ସମ୍ପାଦକ ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାର ଉତରୋତ୍ତର ଉନ୍ନତି କାମନା କରିଥିଲେ। ପ୍ରଫେସର ଇଂ. ମାନସ କୁମାର ଦାଶ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ବର୍ଷାରେ ବୁଡ଼ିଲା ଧାନକ୍ଷେତ: ଚିନ୍ତାରେ ଚାଷୀ

ସାକ୍ଷୀଗୋପାଳ, ୯।୯(ଡି.ଏନ୍.ଏ.): ଲଘୁଚାପ ଜନିତ ଲଗାଣ ବର୍ଷାରେ ସତ୍ୟବାଦୀ ତହସିଲର ବିଭିନ୍ନ ମୌଜାରେ ରହିଥିବା ଖାଲୁଆ ଜମିରେ ବର୍ଷାପାଣି ଲହଡି ମାରୁଛି। ଏକ ସପ୍ତାହ ହେଲା ଧାନକ୍ଷେତ ବୁଡି ରହିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇ ଏବେ ଚିନ୍ତାରେ ପଡିଛନ୍ତି। ଚାଷ ଜମିରେ ଜମିରହିଥିବା ଉଦ୍‌ବୃତ୍ତ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ବିଭିନ୍ନ ଖଲାସୀ ନାଳରେ ବାତ୍ୟା ସମୟରୁ ଭାଙ୍ଗି ପଡିଥିବା ଛୋଟବଡ ଗଛ ଓ ତାଳପତ୍ର ପଡି ରହିବା ସହିତ ବିଲାତି ଦଳ ଜମି ରହିଛି। ଚାଷ ପାଇଁ ହଳ, ତଳିରୁଆ ଆଦି କାମରେ ଚାଷୀମାନେ ବିପୁଳ ଅର୍ଥ ବ୍ୟୟ କରିଥିଲେ। ମାତ୍ର ଧାନ ଫସଲ ଏବେ ପଚିଶଢ଼ି ନଷ୍ଟ ହୋଇଗଲାଣି। ଅଲଗୁମ, ନରେନ୍ଦ୍ରପୁର, ବନପୁର, ମଧୁବନ, ଶୁକଳ, ଦାଶବିଦ୍ୟାଧରପୁର, ସାଣରା, ମୂଳଅଲସା, ବଳପୁର, ସୁଆଁଲୋ ଆଦି ମୌଜାର ପ୍ରାୟ ୪ ହଜାର ଏକରରୁ ଅଧିକ ଖାଲୁଆ ଜମିରେ ଖରିଫ ଧାନଚାଷ ନଷ୍ଟ ହୋଇଥିବାରୁ କ୍ଷୟକ୍ଷତିର ତଦନ୍ତ କରି ଚାଷୀମାନଙ୍କୁ ସହାୟତା ଯୋଗଇ ଦେବାକୁ ଦାବି ହୋଇଛି।

■ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ

# 'କାଳିଶି ଲାଗିଲା ପରି ଆସେନି କବିତା'

ପୁରୀ ଅଫିସ, ୯।୯:

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ଏକାଦଶ ସାରସ୍ୱତ ସମାରୋହ ସୋମବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ପରିଷଦର ସଭାପତି ସାହିତ୍ୟିକ ପ୍ରତିମା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ଡ. ସୌଭାଗ୍ୟ ମିଶ୍ର ଯୋଗଦେଇ କହିଲେ, କାଳିଶି ଲାଗିଲା ପରି କବିତା ଆସେନାହିଁ ବରଂ ଏହା କବିତ୍ୱର କଷଟିରେ ସଂଶୋଧିତ ହୋଇଥାଏ। ମୁଖ୍ୟବକ୍ତା ଭାବେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ପ୍ରାଚୀନତା ଓ ଶାସ୍ତ୍ରୀୟତା ସମ୍ପର୍କରେ ମତ ଦେଇ କହିଲେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ମାନ୍ୟତା ଲାଭ କରିବା ପରେ ଏହାର ଗୌରବ ବୃଦ୍ଧି ପାଇଛି। ଭାରତୀୟ ଭାଷା ମଧ୍ୟରେ ଓଡ଼ିଆର ସ୍ୱତନ୍ତ୍ରତା ରହିଛି। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସାତ ପାହାଚ' ଏବଂ ମିନତୀ ପଟ୍ଟନାୟକଙ୍କ ଶିଶୁଗଳ୍ପ ପୁସ୍ତକ 'ମୁଁ କିଏ' ଉନ୍ମୋଚିତ ହୋଇଥିଲା। ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ସାରସ୍ୱତ, ଚଳଚ୍ଚିତ୍ର ଅଭିନେତା ରବି ନାରାୟଣ ତ୍ରିପାଠୀଙ୍କୁ ସଂସ୍କୃତି ଏବଂ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତିଙ୍କୁ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ବଳରାମ ଦାସ ମୁଖପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ସଙ୍ଗୀତ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ସତ୍ୟନାରାୟଣ ମିଶ୍ର ବିବରଣୀ ପାଠ, ଉପସଭାପତି ପ୍ରଫେସର ଅଦ୍ୱୈତ ଚରଣ ଧଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ୟାମ ପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଦାଶ ଧନ୍ୟବାଦ ଦେଇଥିଲେ। କବିତା ପାଠୋତ୍ସବରେ କବି ଆର୍ତ୍ତତ୍ରାଣ ମାନସିଂ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ କବି ଉମାକାନ୍ତ ମହାପାତ୍ର ଯୋଗଦେଇଥିଲେ। କ୍ରିଷ୍ଣା ମହାପାତ୍ର, ମଞ୍ଜୁଶ୍ରୀ ମିଶ୍ର, ବିଜୟଲକ୍ଷ୍ମୀ ସାହୁ ଏହାକୁ ସଂଯୋଜନା ଏବଂ ଅର୍ଜୁନ ପରମଗୁରୁ, ଆଲୋକ ପ୍ରଧାନ, ହେମାଙ୍ଗିନୀ ମହାନ୍ତି ସହଯୋଗ କରିଥିଲେ।





ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ସାତ ପାହାଚ'କୁ ଉନ୍ମୋଚନ କରୁଛନ୍ତି ।

■ ମୁଖପତ୍ର 'ସାତ ପାହାଚ' ଉନ୍ମୋଚିତ

■ ପ୍ରଫୁଲ୍ଲ ମିଶ୍ର, ରବି ତ୍ରିପାଠୀ, ବୀରେନ୍ଦ୍ର ମହାନ୍ତି ସମ୍ମାନିତ

## ଜୋତା, ମୋବାଇଲ ରଖିବା ନେଇ ଭକ୍ତ ହଟହଟା

ପୁରୀ ଅଫିସ, ୯।୯ :

ଶ୍ରୀମନ୍ଦିର ମେଘନାଦ ପାଚେରି ଚାରିପଟୁ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପଟେ ବ୍ୟାରିକେଡ଼ ଦ୍ୱାରା ଆବୃତ୍ତ କରିଦିଆଯାଇଛି। ଜୋତା ଓ ମୋବାଇଲ ଫୋନ୍ କଣ୍ଟେନରକୁ ବାହାରେ ରଖାଯାଇଛି। ଫଳରେ ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ନିଜ ଜୋତା ଓ ମୋବାଇଲ ଫୋନ୍ ରଖିବା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଅନେକ ଭକ୍ତଙ୍କୁ ଏଥିପାଇଁ ହଟହଟା ହେବାକୁ ପଡ଼ିଥିଲା। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅସ୍ଥାୟୀ ଭାବେ ରହିଥିବା ସରକାରୀ କଣ୍ଟେନର ପାଖକୁ ଅନେକ ଭକ୍ତ ଆସି ଜୋତା, ମୋବାଇଲ କେଉଁଠି ରଖିବେ ବୋଲି ପଚାରୁଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ କେବଳ ଗାଲିଚାଟିଏ ପକାଇ କାମ ସାରିଦେଇଛି। ମାତ୍ର ଭକ୍ତମାନେ କେଉଁଠି ଜୋତା, ମୋବାଇଲ ରଖିବେ ସେନେଇ କୌଣସି ବ୍ୟବସ୍ଥା କରିନାହିଁ ବୋଲି ଭୁବନେଶ୍ୱରରୁ ଆସିଥିବା ସୁବାସ ଦାଶ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଭବତାରଣ ସାହୁଙ୍କୁ ପଚାରିବାରେ ଏଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି।



ବଡ଼ଦାଣ୍ଡରେ ମୋବାଇଲ ଓ ଜୋତା ରଖିବା ପାଇଁ ଭକ୍ତମାନେ ହଟହଟା ହେଉଛନ୍ତି ।

## ବିପଦସଙ୍କୁଳ ଅବସ୍ଥାରେ ନେତପୁର ଗାର୍ଡ ୱାଲ୍

ଗୋପ, ୯।୯(ଡି.ଏନ୍.ଏ.)

ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ଚାରି ବର୍ଷ ତଳେ ଗୋପ-ବାଲିଘାଇ ରାସ୍ତାର ବହୁ ପ୍ରତୀକ୍ଷିତ ନେତପୁର ସେତୁଟି ସାଧାରଣ ଲୋକଙ୍କ ଲାଗି ଖୋଲିଥିଲା। ମାତ୍ର ସେତୁର ଦୁଇ ପାର୍ଶ୍ୱରେ ଥିବା ଗାର୍ଡ଼ ୱାଲ୍ କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁ ଭୁଶୁଡ଼ିବା ଆଶଙ୍କା ଦେଖାଦେଇଛି। ବିପଦସଙ୍କୁଳ ଅବସ୍ଥାରେ ଥିବା ଏହି ଗାର୍ଡ଼ ୱାଲ୍ ମରାମତି ଲାଗି ପୂର୍ତ୍ତ ବିଭାଗ ଯନ୍ତ୍ରୀମାନଙ୍କୁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ। ପ୍ରକାଶ ଯେ, ଗୋପ-ବାଲିଘାଇ ରାସ୍ତାର ଏହି ନେତପୁର ସେତୁ ନିର୍ମାଣ ଲାଗି ଦୀର୍ଘ ୨୦ ବର୍ଷ ଧରି ଦାବି ହୋଇ ଆସୁଥିଲା। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ହସ୍ତକ୍ଷେପ ପରେ ସେତୁ ନିର୍ମାଣ ସମ୍ଭବପର ହୋଇଥିଲା। ଏହି ପୁରାତନ ଗୋପ-ବାଲିଘାଇ ରାସ୍ତାଟି ସିଧାସଳଖ କଟକରୁ ପୁରୀ ଯାତ୍ରୀମାନଙ୍କୁ ଯିବା ଆସିବା ଲାଗି ସୁବିଧା ହେଉଥିବାବେଳେ ଦୈନନ୍ଦିନ ଏହି ରାସ୍ତାରେ ଶହ ଶହ ଗାଡ଼ି ମୋଟର ଯିବା ଆସିବା କରିଥାଏ। ମାତ୍ର ସେତୁ ନିର୍ମାଣ ସମୟରେ ନିମ୍ନମାନର କାର୍ଯ୍ୟ ଯୋଗୁ ସେତୁର ଗୋଟିଏ ସ୍ଥାନ ଭୁଶୁଡ଼ି ପଡ଼ିଥିବାବେଳେ ଏବେ ସେତୁର କେତେକ ସ୍ଥାନରେ ଫାଟ ସୃଷ୍ଟି ହେବା ମଧ ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆସୁଥିବାବେଳେ ଦୁଇ ମାସ ହେବ ସେତୁର ଦୁଇ ପାର୍ଶ୍ୱରେ ନିର୍ମାଣାଧୀନ ଗାର୍ଡ଼ ୱାଲ ଫାଟିକରି ଆଁ କରିଛି। ଏ ସମ୍ପର୍କରେ ଗୋପ ପୂର୍ତ୍ତ ବିଭାଗ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ ଗାର୍ଡ଼ ୱାଲ୍ ଫାଟିବା ନେଇ ଅଭିଯୋଗ ଆସିଛି। ଖୁବ୍ ଶୀଘ୍ର ଏହାକୁ ମରାମତି କରାଯିବ ବୋଲି ସେ କହିଥିଲେ।



ନେତପୁର ସେତୁର ଗାର୍ଡୱାଲ ଫାଟି ଆଁ କରିଛି ।

### ଶିଶୁ ଶିବିରରେ ସ୍ଲୋଗାନ ଲେଖା ପ୍ରତିଯୋଗିତା

ପୁରୀ ଅଫିସ, ୯।୯:

ଘୋଡ଼ାବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୪ର୍ଥ, ୫ମ ଓ ୬ଷ୍ଠ ଶ୍ରେଣୀର ଛାତ୍ରୀ ଛାତ୍ରଙ୍କୁ ନେଇ ଏକ ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକ ଘରୋଇ ସଂସ୍ଥା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କ୍ରମେ ଚଳଚ୍ଚିତ୍ର ପ୍ରଦର୍ଶନ ସହ ଜ୍ଞାନ ଓ ସ୍ଲୋଗାନ ଲେଖା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାସ୍ତାଘାଟ ଓ ନିଜ ଘର ପରିସର ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସଂସ୍ଥା ପକ୍ଷରୁ ପ୍ରଫେସର ସରିତା ପ୍ରଧାନ ଆହ୍ୱାନ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଜିଲାସ୍ତରୀୟ ଶିଳ୍ପୀ, ବୁଣାକାର ସମାବେଶ

ବଳଙ୍ଗା,୯।୯(ଡି.ଏନ୍.ଏ.)

ବଳଙ୍ଗାସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ସୋମବାର ଜିଲାସ୍ତରୀୟ ଶିଳ୍ପୀ ଓ ବୁଣାକାରଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଳଙ୍ଗା ପଞ୍ଚାୟତର ସରପଞ୍ଚ ଅଜିତ୍ କୁମାର ଦଳାଇ ଯୋଗଦେଇ ଶିଳ୍ପୀ ଓ ବୁଣାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟନାଥ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟଅତିଥି ଭାବେ କୃପାସିନ୍ଧୁ ଦତ୍ତ, ଜମ୍ବେଶ୍ୱର ବେହେରା, ପ୍ରିୟ ରଞ୍ଜନ ଦଳାଇ, ସରୋଜିନୀ ଦାସ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ଏହାସହ ବୁଣାକାରମାନେ ନିଜ ନିଜର ସୁବିଧା ଅସୁବିଧା ସମ୍ପର୍କରେ ଅତିଥିମାନଙ୍କୁ ଜଣାଇଥିଲେ। ଶେଷରେ ଶରତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

### କାକଟପୁରକୁ ଏନ୍ଏସି ଘୋଷଣା ଦାବି

ପୁରୀ ଅଫିସ, ୯।୯:

ଓଡ଼ିଶା ସରକାରଙ୍କ ପକ୍ଷରୁ ରାଜ୍ୟର କେତୋଟି ଅଞ୍ଚଳକୁ ସହରାଞ୍ଚଳ ମାନ୍ୟତା ପ୍ରଦାନ ପାଇଁ ଏନ୍ଏସି ଘୋଷଣା ପ୍ରସ୍ତାବ ରହିଛି। ପୁରୀ ଜିଲା କାକଟପୁରକୁ ଏନ୍ଏସି ଘୋଷଣା କରାଯିବାର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ପଟ୍ଟନାୟକ କହିଛନ୍ତି, କାକଟପୁରରେ ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ପୀଠସ୍ଥଳୀ, ପୁଣ୍ୟତୋୟା ପ୍ରାଚୀ ନଦୀ, ପୁରାଣ ପ୍ରସିଦ୍ଧ ବିଶ୍ୱାମିତ୍ର ଋଷିଙ୍କ ଆଶ୍ରମ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନବକଳେବର ଦାରୁ ସନ୍ଧାନର କେନ୍ଦ୍ର ପବିତ୍ର ଦେଉଳି ମଠ, ଐତିହ୍ୟ ସଂସ୍କୃତିସମ୍ପନ୍ନ ସ୍ଥାନ ବୋଇତକୁଦ, ବଙ୍ଗୋପସାଗର କୂଳରେ ଥିବା ଅସ୍ତରଙ୍ଗର ଜାହାନିଆଁ ପର୍ଯ୍ୟଟନ କେନ୍ଦ୍ର ଏବଂ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କକୁ ପ୍ରମୁଖ ମାର୍ଗ ରହିଛି। ପ୍ରତିଦିନ ସହସ୍ରାଧିକ ଶ୍ରଦ୍ଧାଳୁ ମା' ମଙ୍ଗଳାଙ୍କ ଦର୍ଶନ ପାଇଁ ଆସିଥାନ୍ତି। କାକଟପୁର ବଜାର ହେଉଛି ଆଖପାଖ ୪୦ଟି ପଞ୍ଚାୟତବାସୀଙ୍କ ଏକମାତ୍ର ସହରାଞ୍ଚଳ ତଥା ଦୈନନ୍ଦିନ ବ୍ୟବସାୟର ପେଣ୍ଠସ୍ଥଳୀ। କାକଟପୁରକୁ ଏନ୍ଏସି ଘୋଷଣା କରାଯିବାକୁ ପ୍ରଶାସନ ପକ୍ଷରୁ ୨୦୧୨ ଅକ୍ଟୋବର ୧୧ରେ ସୀମା ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ଅଦ୍ୟାବଧି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କାକଟପୁର ନିକଟବର୍ତ୍ତୀ କଟକଣା ଓ ବାଜପୁର ଅଞ୍ଚଳର ଜନବସତିକୁ ନେଇ ଲୋକସଂଖ୍ୟା ଅନୁପାତରେ ଏନ୍ଏସି ଗଠନ ଲାଗି କାକଟପୁର ସମସ୍ତ ସର୍ତ୍ତ ପୂରଣ କରୁଛି। ତେଣୁ କାକଟପୁରକୁ ଏନ୍ଏସି ଘୋଷଣା କରିବା ଲାଗି ପଟ୍ଟନାୟକ ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟରେ ଦୃଢ ଦାବି କରିଛନ୍ତି। କାକଟପୁର ବିଧାୟକ ତଥା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଜିଲାପାଳ ବଳୱନ୍ତ ସିଂଙ୍କ ପାଖକୁ ମଧ ଅନୁରୂପ ଦାବିପତ୍ର ପଠାଇଥିବା ସେ କହିଛନ୍ତି।

### ଆଶ୍ରମ ଅନ୍ତେବାସୀଙ୍କୁ ଖାଦ୍ୟ, ଖେଳ ଉପକରଣ ପ୍ରଦାନ

ପୁରୀ ଅଫିସ, ୯।୯:

ଇନର ହୁଇଲ ଶ୍ରୀଜଗନ୍ନାଥ ଧାମ କ୍ଲବ ପକ୍ଷରୁ ବଳିଆପଣ୍ଡାରେ ଥିବା ଖ୍ରୀଷ୍ଟଜ୍ୟୋତି ଆଶ୍ରମର ମାନସିକ ବିକାରଗ୍ରସ୍ତ ଅନ୍ତେବାସୀଙ୍କୁ ଖାଦ୍ୟ ଓ ବିଭିନ୍ନ ଖେଳ ଉପକରଣ ଦିଆଯାଇଛି। ଅନ୍ତେବାସୀଙ୍କୁ ବିସ୍କୁଟ, ଫଳ, ଚକୋଲେଟ ଆଦି ବଣ୍ଟାଯିବା ସହ କ୍ୟାରମ, ଲୁଡୁ, ରିଂ ବଲ୍, ଚେସ୍ ଇତ୍ୟାଦି ଖେଳ ଉପକରଣ ପ୍ରଦାନ କରାଯାଇଛି। ଏହି ଅବସରରେ କ୍ଲବ ସଭାପତି ଝରଣା ନାୟକ, ସମ୍ପାଦିକା ନିରୂପମା ଷଡ଼ଙ୍ଗୀ, ସହସମ୍ପାଦିକା ଦୀପ୍ତିମୟୀ ଦାସ, ପୁଷ୍ପା ପାତ୍ର, ବିଜୟଲକ୍ଷ୍ମୀ ଦେବୀ, ସୁନୀତା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ବିଶ୍ୱାସ ହେଉଛି ସଂସ୍କୃତିର ଅଂଶବିଶେଷ

ପୁରୀ ଅଫିସ, ୯।୯:

ଲୋକ ସଂସ୍କୃତି ଗବେଷଣା ପରିଷଦ ଆନୁକୂଲ୍ୟରେ ସୋମବାର ସପ୍ତମ ଜାତୀୟ ପାଠଚକ୍ର ଓ ଆମ ଲୋକାଚାର ଗ୍ରନ୍ଥର ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଡ. ଦୁର୍ଗାମାଧବ ନନ୍ଦ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ ଲୋକ ବିଶ୍ୱାସ ହେଉଛି ସଂସ୍କୃତି ଅଂଶବିଶେଷ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଧ୍ରୁବଚରଣ ନାୟକ, ଅର୍ଥ ବିଭାଗର ଅତିରିକ୍ତ ସଚିବ ଡ. କ୍ଷେତ୍ରବାସୀ ମାନସେଠ, ପ୍ରଫେସର ଅନନ୍ତ କୁମାର ଜେନା ମଞ୍ଚାସୀନ ଥିଲେ। ପ୍ରଫେସର ନଳିନୀକାନ୍ତ ପାଣିଗ୍ରାହୀ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁରର ଉପସଚିବ ଡ. କୁଳମଣି ଓଝା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମଠ ଉଚ୍ଛେଦ ପରେ ବି ନୀରବି ଯାଇନି ନାମ ସଂକୀର୍ତ୍ତନ

ପୁରୀ ଅଫିସ, ୯।୯:

ସୁପ୍ରିମ୍‌କୋର୍ଟଙ୍କ ଆମିକସ୍ କ୍ୟୁରୀଙ୍କ ସବୁଜ ସଙ୍କେତ ପରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ ଜୋରଦାର ଚାଲିଛି। ଠାକୁରଙ୍କ ଆସ୍ଥାନ ସ୍ଥଳୀକୁ ଛାଡ଼ି ସୋମବାର ବଡ଼ ଆଖଡ଼ା ମଠର ବଳକା ଅଂଶ ଭଙ୍ଗାଯାଇଛି। ଫଳରେ ରାମାନନ୍ଦ ସମ୍ପ୍ରଦାୟ ଦ୍ୱାରା ସ୍ଥାପିତ ୫ଶହ ବର୍ଷର ଏହି ପ୍ରାଚୀନ ମଠ ମାଟିରେ ମିଶିଯାଇଛି। ମଠ ମହନ୍ତ ଏବଂ ଅନ୍ତେବାସୀଙ୍କୁ ନିଳାଦ୍ରୀ ଭକ୍ତ ନିବାସରେ ରଖାଯାଇଛି। ତେବେ ଏଥିଯୋଗୁ ନାମ ସଂକୀର୍ତ୍ତନ ବନ୍ଦ ହୋଇଯାଇନାହିଁ। ଠାକୁରଙ୍କ ଆସ୍ଥାନ ସ୍ଥଳୀ ନିକଟରେ ପ୍ରତିଦିନ ଭଳି ସୋମବାର ନାମ ସଂକୀର୍ତ୍ତନ ଚାଲିଥିବା ଦେଖିବାକୁ ମିଳିଥିଲା। ନାଗା ସାଧୁ ରଘୁନାଥ ଦାସ କହିଛନ୍ତି, ଦୀର୍ଘ ୨୦ବର୍ଷ ଧରି ପ୍ରତିଦିନ ସକାଳ ୮ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ନାମ ସଂକୀର୍ତ୍ତନ କରାଯାଇଆସୁଛି। ସମାଜର କଲ୍ୟାଣ ଲାଗି ନାମ ସଂକୀର୍ତ୍ତନ, ଭଜନ ଆଦି କରାଯାଇଥାଏ। ମହାପ୍ରଭୁଙ୍କ ପାଦଦେଶରେ ବସି ତାଙ୍କ ଗୁଣଗାନ କରିବାରେ ଅପୂର୍ବ ଆନନ୍ଦ ମିଳେ। ଏଣୁ ମଠ ଉଚ୍ଛେଦ ଦ୍ୱାରା ଆମ କାର୍ଯ୍ୟ କୌଣସି ବାଧା ସୃଷ୍ଟି ହୋଇନାହିଁ।



ମଠ ଉଚ୍ଛେଦ ପରେ ବି ନାମ ସଂକୀର୍ତ୍ତନ ଜାରି ରହିଛି ।

■ ଗଣମାଧ୍ୟମ ଆଗରେ ମୁହଁ ଖୋଲିବାରୁ ଉପେକ୍ଷା

# ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଲେ ଶିବାନୀ

ପୁରୀ ଅଫିସ, ୯।୯:

ବିଭିନ୍ନ ସମସ୍ୟା ନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିବା ଜଣେ କୁସ୍ତି ଖେଳାଳିଙ୍କୁ ମହଙ୍ଗା ପଡ଼ିଛି। ଭଲ ପ୍ରଦର୍ଶନ ସତ୍ତ୍ୱେ ଆୟୋଜକ କମିଟି ତାଙ୍କୁ ଜାଣିଶୁଣି ହରାଇ ଦେଇଛନ୍ତି ବୋଲି ସୋମବାର ସମ୍ପୃକ୍ତ କୁସ୍ତି ଖେଳାଳି ଶିବାନୀ ଜେନା ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ରବିବାର କଟକର ବାରବାଟୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୩ବର୍ଷରୁ କମ୍ ପ୍ରତିଯୋଗିତାରେ ପୁରୀର ୬ଜଣ ଖେଳାଳି ଭାଗ ନେଇଥିଲେ। ପୂର୍ବରୁ ଗତ ଜୁଲାଇ ୨୬ତାରିଖରେ ରାଜସ୍ଥାନରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ଏହି ଖେଳାଳିମାନେ ଅଂଶଗ୍ରହଣ କରିଥିଲେ। ତେବେ ଫେରିବା ବେଳେ ପାଖରେ ଟିକଟ ନ ଥିବାରୁ ପୁରୀ ରେଳଷ୍ଟେଶନରେ ହଟହଟା ହୋଇଥିଲେ। ଏ ନେଇ ରାଜ୍ୟ କୁସ୍ତି ସଂଘର ଅବହେଳାକୁ ଦାୟୀ କରି ଖେଳାଳିମାନେ ଗଣମାଧ୍ୟମ ଆଗରେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସଂଘ ବିରୋଧରେ ଗଣମାଧ୍ୟମରେ ଖବର ପରିବେଷଣ ଯୋଗୁ ସଂଘ କର୍ମକର୍ତ୍ତା କ୍ଷୁବ୍ଧ ହୋଇପଡ଼ିଛନ୍ତି। ଉକ୍ତ ୬ଖେଳାଳି ବାରବାଟୀରେ ପହଞ୍ଚିବା ପରେ ରାଜ୍ୟ ସଂଘର ଜନୈକ ଉଚ୍ଚପଦସ୍ଥ ସଦସ୍ୟ ଗାଳିଗୁଲଜ କରିବା ସହ ତମେମାନେ ଏଠାରେ ଅଂଶଗ୍ରହଣ କରିପାରିବ ନାହିଁ ବୋଲି କହିଥିଲେ। ପରେ ଉନ୍ନତମାନର ଖେଳ ପ୍ରଦର୍ଶନ ସତ୍ତ୍ୱେ ମୋତେ ଜାଣିଶୁଣି ହରାଇ ଦିଆଗଲା ବୋଲି ଶିବାନୀ ଅଭିଯୋଗ କରିଛନ୍ତି।

୯ ଥର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ଶିବାନୀଙ୍କୁ ସଂଘ ଅଣଦେଖା କରୁଥିବାରୁ ବହୁ କ୍ରୀଡ଼ାପ୍ରେମୀ ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ କହିଛନ୍ତି, କ୍ରୀଡ଼ାର ବିକାଶରେ ପୁରୀ ଜିଲାର ବିଶେଷ ଅବଦାନ ରହିଛି। ମାତ୍ର ଏହି ଜିଲାର ଖେଳାଳିଙ୍କୁ ବିଭିନ୍ନ ପ୍ରତିଯୋଗିତାରେ ଅଣଦେଖା କରାଯାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ଉଚିତ। ଅନ୍ୟପକ୍ଷେ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବୀନ୍ଦ୍ର ଶଙ୍କର ପ୍ରତିହାରୀ କହିଛନ୍ତି, ଘଟଣା ସମ୍ପର୍କରେ ଶିବାନୀ ମୋ ସହ ଯୋଗାଯୋଗ କରିଥିଲେ। ଏ ନେଇ ମୁଁ ସଂଘ ସମ୍ପାଦକ ଏବଂ ସେମାନଙ୍କ ସାଥିରେ ଯାଇଥିବା କୋଚ୍‌ଙ୍କ ସହିତ ଆଲୋଚନା କରିଛି। ଖେଳରେ କୌଣସି ପ୍ରିୟାପ୍ରୀତି ହୋଇ ନ ଥିବା ସମ୍ପୃକ୍ତ କୋଚ୍ କହିଥିଲେ। ବିପକ୍ଷ ଖେଳାଳି ଜଣେ ଜାତୀୟସ୍ତରୀୟ ପ୍ରତିଯୋଗୀ ଏବଂ ସେ ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ ବୋଲି ରଥ ପ୍ରକାଶ କରିଛନ୍ତି।



ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ଶିବାନୀ ଜେନା ଓ ଅନ୍ୟମାନେ ।